# ଧରିତ୍ରୀ DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ଗୁରୁବାର, ଏପ୍ରିଲ ୧୬/୨୦୨୬ (୧୬ ପୃଷ୍ଠା) | Bhubaneswar, Thursday, April 16/2026 | Page 16 | ₹ 7.00

୫୨ଶ ଭାଗ ୧୪୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 141 | ମୂଲ୍ୟ₹୭/-




**ଶେଷ ହେଲା ଅପେକ୍ଷା**

ଅକ୍ଷୟ କୁମାରଙ୍କ ବହୁ ପ୍ରତୀକ୍ଷିତ ହିନ୍ଦୀ ଫିଲ୍ମ 'ଭୂତ୍ ବଙ୍ଗଲା' ଚଳିତ ମାସ ୧୭ରେ ରିଲିଜ ହେବ।

**୧୫**

**୧୬**

**ବ୍ୟାଡ୍‌ମିଣ୍ଟନ ତାରକା ଆକ୍ସେଲସେନ୍‌ଙ୍କ ଅବସର**

ଦୁଇଥରର ଅଲିମ୍ପିକ୍ ଓ ୱାର୍ଲ୍ଡ ଚାମ୍ପିୟନ ଡେନ୍‌ମାର୍କର ମହାନ୍ ବ୍ୟାଡ୍‌ମିଣ୍ଟନ ଖେଳାଳି ଭିକ୍ଟର ଆକ୍ସେଲସେନ୍ ବୁଧବାର ତାଙ୍କ ଅବସର ଘୋଷଣା କରିଛନ୍ତି।



# ସିବିଏସ୍‌ଇ ଦଶମ ପାସ୍ ହାର ୯୩.୭୦%



ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷାଫଳ ବୁଧବାର ପ୍ରକାଶ ପାଇବା ପରେ ଭୁବନେଶ୍ୱର ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ଛାତ୍ରୀଛାତ୍ରମାନେ ଖୁସି ମନାଇ ସେଲ୍‌ଫି ଉଠାଉଛନ୍ତି। (ଫଟୋ-ବିକାଶ ନାୟକ)

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ବୁଧବାର ୨୦୨୬ର ଦଶମ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶ କରିଛି। ପ୍ରାୟ ୨୫ ଲକ୍ଷ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସାମଗ୍ରିକ ଭାବେ ୯୩.୭୦% ପିଲା କୃତକାର୍ଯ୍ୟ ହୋଇଛନ୍ତି। ଏଥର ମଧ୍ୟ ଝିଅମାନଙ୍କ ପାସ୍ ହାର ପୁଅଙ୍କ ତୁଳନାରେ ଅଧିକ ରହିଛି। ପିଲାମାନଙ୍କ ମଧ୍ୟରେ ଅନୁଚିତ ପ୍ରତିଯୋଗିତା ରୋକିବା ପାଇଁ ସିବିଏସ୍‌ଇ ପକ୍ଷରୁ କୌଣସି 'ଟପ୍ପର ଲିଷ୍ଟ' କିମ୍ବା 'ମେରିଟ୍ ଲିଷ୍ଟ' ଜାରି କରାଯାଇ ନାହିଁ। ତଥାପି ପ୍ରତି ବିଷୟରେ ସର୍ବାଧିକ ନମ୍ବର ରଖିଥିବା ଶ୍ରେଷ୍ଠ ୦.୧% ଛାତ୍ରୀଛାତ୍ରଙ୍କୁ ବୋର୍ଡ ପକ୍ଷରୁ 'ମେରିଟ ସାର୍ଟିଫିକେଟ' ପ୍ରଦାନ କରାଯିବ। ଏହି ସାର୍ଟିଫିକେଟଗୁଡ଼ିକ ଡିଜିଲକର ମାଧ୍ୟମରେ ଉପଲବ୍ଧ ହେବ। ଯେଉଁ ପିଲାମାନେ ନିଜ ମାର୍କରେ ସନ୍ତୁଷ୍ଟ ନାହାନ୍ତି ଏବଂ ଏଥିରେ ଉନ୍ନତି ଆଣିବାକୁ ଚାହୁଁଛନ୍ତି, ସେମାନଙ୍କ ପାଇଁ ଦ୍ୱିତୀୟ ପର୍ଯ୍ୟାୟ ବୋର୍ଡ ପରୀକ୍ଷା ଆୟୋଜନ କରାଯିବ। ଏହି ପରୀକ୍ଷା ଆସନ୍ତା ମେ ୧୫ରୁ ଆରମ୍ଭ ହେବାକୁ ଯାଉଛି। ଯେଉଁମାନେ କୌଣସି ବିଷୟରେ ଅକୃତକାର୍ଯ୍ୟ ହୋଇଛନ୍ତି, ସେମାନଙ୍କ ପାଇଁ ଖୁବ୍‌ଶୀଘ୍ର ସପ୍ଲିମେଣ୍ଟାରି ବା କମ୍ପାର୍ଟମେଣ୍ଟାଲ ପରୀକ୍ଷା ଆୟୋଜନ କରାଯିବ। ପରୀକ୍ଷା ଫଳରେ ଭୁବନେଶ୍ୱର ରିଜିଅନ (ଓଡ଼ିଶା, ପଶ୍ଚିମବଙ୍ଗ ଏବଂ ଛତିଶଗଡ଼) ବେଶ୍ ଭଲ ପ୍ରଦର୍ଶନ କରିଛି, ଯାହାର ପାସ୍ ହାର ରହିଛି ୯୪.୬୭%। ଏହା ଜାତୀୟ ହାରାହାରି ପାସ୍ ପ୍ରତିଶତ (୯୩.୭୦%) ଠାରୁ ୦.୯୭% ଅଧିକ। ଦେଶର ସମସ୍ତ ସିବିଏସ୍‌ଇ ରିଜିଅନ ମଧ୍ୟରେ ଭୁବନେଶ୍ୱର ୧୧ଶ ସ୍ଥାନରେ ରହିଛି। ତେବେ ପୂର୍ବ ବର୍ଷ ପରି ଏଥର ମଧ୍ୟ ତ୍ରିଭେନ୍ଦ୍ରମ (୯୯.୭୯%) ଏବଂ ବିଜୟୱାଡା (୯୯.୭୯%) ସର୍ବୋଚ୍ଚ ସ୍ଥାନରେ ରହିଛନ୍ତି। କୌଣସି ଛାତ୍ରୀଛାତ୍ର ନିଜ ମାର୍କରେ ସନ୍ତୁଷ୍ଟ ନ ଥିଲେ, ସେମାନେ ଗୁରୁବାରଠାରୁ ପୁନଃ ଯାଞ୍ଚ ପାଇଁ ଆବେଦନ କରିପାରିବେ।

- **ପୁଅଙ୍କ ତୁଳନାରେ ଝିଅ ଅଧିକ ସଫଳ**
- **ଆଜିଠୁ ପୁନଃ ମାର୍କ ଯାଞ୍ଚ ଆବେଦନ**

ଭୁବନେଶ୍ୱର,୧୫।୪
(ସୁଚିସ୍ମିତା ସାହୁ)

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ(ସିବିଏସ୍‌ଇ) ଦ୍ୱାରା ପରିଚାଳିତ ଦଶମ ପରୀକ୍ଷାଫଳ ବୁଧବାର ପ୍ରକାଶ ପାଇଛି। ସର୍ବ ଭାରତୀୟସ୍ତରରେ ଦଶମ ପାସ୍ ହାର ୯୩.୭୦% ରହିଥିବାବେଳେ ଭୁବନେଶ୍ୱର ରିଜିଅନ(ଓଡ଼ିଶା, ପଶ୍ଚିମବଙ୍ଗ ଓ ଛତିଶଗଡ଼)ରେ ପାସ୍ ହାର ୯୪.୬୭% ରହିଛି। ଚଳିତ ବର୍ଷ ଦଶମ ପାସ୍ ହାର ଗତବର୍ଷ ତୁଳନାରେ ୦.୦୪% ଅଧିକ ରହିଛି। ସେହିପରି ଏଥର ମଧ୍ୟ ପୁଅଙ୍କ ଅପେକ୍ଷା ଝିଅମାନେ ଆଗରେ ରହିଛନ୍ତି। ଛାତ୍ରୀଙ୍କ ପାସ୍ ହାର ୯୪.୯୯% ରହିଥିବାବେଳେ ଛାତ୍ରଙ୍କ ପାସ୍‌ହାର ୯୨.୬୯% ଏବଂ ଟ୍ରାନ୍ସଜେଣ୍ଡର ୮୭.୫୦% ରହିଛି। ଦଶମ ବୋର୍ଡ ପରୀକ୍ଷା ପାଇଁ ପଞ୍ଜୀକୃତ ହୋଇଥିବା ମୋଟ ୨୪ ଲକ୍ଷ ୮୩ ହଜାର ୪୭୯ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୨୪ ଲକ୍ଷ ୭୧ ହଜାର ୭୭୭ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୨୩ ଲକ୍ଷ ୧୬ ହଜାର ୮ ଜଣ ଛାତ୍ରୀଛାତ୍ର ସଫଳତାର ସହିତ ଉତ୍ତୀର୍ଣ୍ଣ ହୋଇଛନ୍ତି। ୨୦୨୫ରେ ଦଶମ ବୋର୍ଡ ପରୀକ୍ଷା ପାଇଁ ୨୩ ଲକ୍ଷ ୮୫ ହଜାର ୭୯ ଜଣ ଛାତ୍ରୀଛାତ୍ର ପଞ୍ଜୀକୃତ କରିଥିଲେ। ସେଥିମଧ୍ୟରୁ ୨୩ ଲକ୍ଷ ୭୧ ହଜାର ୯୩୯ ଜଣ ଛାତ୍ରୀଛାତ୍ର ☞ପୃଷ୍ଠା-୪

## ଓଡ଼ିଶାରେ ପାସ୍ ହାର ୯୩.୬୬%

ଓଡ଼ିଶାରେ ଦଶମରେ ପାସ୍ ହାର ୯୩.୬୬ % ରହିଛି। ଦଶମ ଶ୍ରେଣୀ ପରୀକ୍ଷା ପାଇଁ ମୋଟ ୬୫,୨୦୪ ଜଣ ଛାତ୍ରୀଛାତ୍ର ପଞ୍ଜୀକୃତ କରିଥିବାବେଳେ ୬୪,୯୦୦ଜଣ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରେ ୩୪,୫୧୨ଜଣ ଛାତ୍ର ରହିଥିବାବେଳେ ୩୦,୩୮୮ଜଣ ଛାତ୍ରୀ ପରୀକ୍ଷା ଦେଇଥିଲେ। ମୋଟ ୬୦, ୭୮୮ଜଣ ପରୀକ୍ଷାରେ ପାସ୍ କରିଥିବାବେଳେ ସେମାନଙ୍କ ମଧ୍ୟରେ ୨୮,୮୧୭ ଜଣ ଛାତ୍ରୀ ଏବଂ ୩୧,୯୭୧ ଜଣ ଛାତ୍ର ରହିଛନ୍ତି। ଚଳିତ ବର୍ଷ ଦଶମରେ ଛାତ୍ରୀଙ୍କ ପାସ୍ ହାର ୯୪.୮୩% ରହିଥିବାବେଳେ ଛାତ୍ରଙ୍କ ପାସ୍ ହାର ୯୨.୬୦% ରହିଛି।

# ଫୁଲବାଣୀରେ ହାଜତ ମୃତ୍ୟୁ

## ପୋଲିସ ବିରୋଧରେ ଅଭିଯୋଗ ଆଣିଲେ ପରିବାର

ଫୁଲବାଣୀ,୧୫।୪
(ରାକେଶ କୁମାର ରାଉତ)

କନ୍ଧମାଳ ଜିଲା ଫୁଲବାଣୀରେ ବୁଧବାର ହାଜତ ମୃତ୍ୟୁ ଅଭିଯୋଗ ହୋଇଛି। କୋର୍ଟ ଚାଲାଣର ୨୪ ଘଣ୍ଟା ନ ପୂରୁଣୁ ସର୍କଲ ଜେଲରେ ଅଭିଯୁକ୍ତ ଯୁବକ ଗୁରୁତର ହୋଇ ମେଡିକାଲ ଆସିବା ଓ ପରେ ତାଙ୍କର ମୃତ୍ୟୁ ହୋଇଥିବାରୁ ଉତ୍ତେଜନା ଦେଖାଦେଇଛି। ପରିବାର ଲୋକେ ଏଥିପାଇଁ ଫୁଲବାଣୀ ଆଦର୍ଶ ଥାନା ପୋଲିସକୁ ଦାୟୀ କରିଛନ୍ତି। ପୋଲିସ ଧମକ ଦେଉଥିବା ସେମାନେ ଏସ୍‌ପିଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଅନ୍ୟପଟେ ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ବୋଲି ପୋଲିସ କହିଛି। ସୂଚନାଥାଉକି ଅଭିଯୁକ୍ତମାନଙ୍କୁ କୋର୍ଟ ଦୋଷୀ ସାବ୍ୟସ୍ତ କରିବା ପୂର୍ବରୁ ହାଜତରେ ପୋଲିସ ଜେରା ବେଳେ ନିଷ୍ଠୁର ମାଡ଼ ମାରିଲହୁଲୁହାଣ କରିଦେଉଛି। ଫଳରେ କିଏ ହାଜତରେ ପ୍ରାଣ ହାରିଦେଉଛନ୍ତି ତ କିଏ ହସ୍ପିଟାଲରେ। ତାମିଲନାଡୁରେ ବାପପୁଅଙ୍କୁ ହାଜତରେ ପିଟି ମାରିବା ଅଭିଯୋଗରେ ମଦୁରାଇ ଜିଲା କୋର୍ଟ ୯ ପୋଲିସଙ୍କୁ ମୃତ୍ୟୁଦଣ୍ଡ ଦେଇଛନ୍ତି। ଏହି ଘଟଣାର ଚର୍ଚ୍ଚା ନ ଥମୁଣୁ ପୁଣି ଏକ ହାଜତ ମୃତ୍ୟୁ ଅଭିଯୋଗ ଫୁଲବାଣୀରେ ହୋଇଛି।

ମିଳିଥିବା ସୂଚନା ଅନୁସାରେ, ଫୁଲବାଣୀ ଆଦର୍ଶ ଥାନା ପୋଲିସ ଚୋରି ଅଭିଯୋଗରେ ପେଞ୍ଜି ସାହିର ହେରନ ନାୟକ (୨୨) ଓ ଅନ୍ୟ ଜଣେ ନାବାଳକଙ୍କୁ ଗତ ୧୩ ତାରିଖରେ ଘରୁ ଉଠାଇ ଆଣିଥିଲା। ଗତ ମଙ୍ଗଳବାର ହେରନଙ୍କୁ କୋର୍ଟ ଚାଲାଣ କରିଥିଲା। ତାଙ୍କୁ ଜାମିନ୍ ନ ମିଳିବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଥିଲା । ବୁଧବାର ସକାଳେ ହେରନ ଅସୁସ୍ଥ ହେବାରୁ ତାଙ୍କୁ ତୁରନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ପୂର୍ବାହ୍ନ ୧୦ଟାରେ ହେରନଙ୍କ ମୃତ୍ୟୁ ଘଟିଥିଲା। ପରିବାର ଲୋକେ ଖବର ପାଇ ମେଡିକାଲରେ ପହଞ୍ଚିବା ପରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ମାରପିଟ କରିବା ଯୋଗୁ ପୁଅର ମୃତ୍ୟୁ ହୋଇଛି ବୋଲି ସେମାନେ ଅଭିଯୋଗ କରିବା ☞ପୃଷ୍ଠା-୪

# ଇରାନ୍‌ରେ ମୁନିର, ସାଉଦି ଆରବରେ ଶରିଫ୍

## ଆମେରିକା-ଇରାନ୍ ୨ୟ ପର୍ଯ୍ୟାୟ ଶାନ୍ତି ଆଲୋଚନା ପାଇଁ କୂଟନୈତିକ ଉଦ୍ୟମ

ତେହରାନ୍/ରିୟାଦ,୧୫।୪



ତେହରାନ୍ ବିମାନବନ୍ଦରରେ ଆସିମ ମୁନିରଙ୍କୁ ସ୍ୱାଗତ କରୁଛନ୍ତି ଇରାନ୍ ବହିର୍ବ୍ୟାପାର ମନ୍ତ୍ରୀ ଅବ୍ବାସ ଆରାଘଚି ଏବଂ ସାଉଦିଆରବ ଗସ୍ତରେ ଥିବା ଶେହବାଜ ଶରିଫ୍।

ପାକିସ୍ତାନର ସର୍ବୋଚ୍ଚ ସାମରିକ ଅଧିକାରୀ ଫିଲ୍ଡ ମାର୍ଶାଲ ଆସିମ ମୁନିର ବୁଧବାର ଇରାନ୍‌ରେ ପହଞ୍ଚିଥିବାବେଳେ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ ସାଉଦି ଆରବ ଗସ୍ତ କରିଛନ୍ତି। ଆମେରିକା ଓ ଇରାନ୍ ମଧ୍ୟରେ ଘୋଷିତ ୧୪ ଦିନିଆ ଅସ୍ତ୍ରବିରତି ଅବଧି ଆସନ୍ତା ସପ୍ତାହରେ ଶେଷ ହେବ। ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌ରେ ଆମେରିକୀୟ ନୌସେନାର କଡ଼ା ପ୍ରହରା ଜାରି ରହିଥିବାବେଳେ ତେହରାନ୍ ମଧ୍ୟ ନିଜ ନିୟନ୍ତ୍ରଣ ହରାଇବାକୁ ଚାହୁଁନାହିଁ। ଏପରି କି ଆଣବିକ କାର୍ଯ୍ୟକ୍ରମକୁ ନେଇ ଇରାନ୍ ଜିଦରେ ଅଟଳ ରହିଛି। ଫଳରେ ସିଜ୍‌ଫାୟାର ଅବଧି ଶେଷ ହେବା ପରେ ପୁନର୍ବାର ଯୁଦ୍ଧ ଆଶଙ୍କା ଉପୁଜିଛି। ତେଣୁ ପାକିସ୍ତାନ ନିଜ ମଧ୍ୟସ୍ଥ ଭୂମିକାକୁ ଅଧିକ ମଜଭୁତ କରି ଶାନ୍ତି ଆଲୋଚନାରୁ ଏକ ନିର୍ଣ୍ଣାୟକ ନିଷ୍କର୍ଷ ବାହାର କରି କୂଟନୈତିକ ମଞ୍ଚରେ ସଫଳତା ପ୍ରତିପାଦିତ କରିବାକୁ ଜୋର୍‌ଦାର ଉଦ୍ୟମ ଚଳାଇଛି। ପାକିସ୍ତାନ ସେନା ପକ୍ଷରୁ କୁହାଯାଇଛି ଯେ, ଚିଫ୍ ଅଫ୍ ଆର୍ମି ଷ୍ଟାଫ୍ (ସିଏଏସ୍) ଆସିମ ମୁନିର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳର ☞ପୃଷ୍ଠା-୪

# ସ୍କୁଲ ମୁଖ୍ୟ ଫାଟକ କାନ୍ଥ ଭୁଶୁଡ଼ି ୨ ଛାତ୍ରୀ ମୃତ



ଭୁଶୁଡ଼ି ପଡ଼ିଥିବା ସ୍କୁଲ ମୁଖ୍ୟ ଫାଟକ କାନ୍ଥ।

- **ଆର୍‌ଡିସି ତଦନ୍ତ ନିର୍ଦ୍ଦେଶ ଦେଲେ ମୁଖ୍ୟମନ୍ତ୍ରୀ**
- **ଛାତ୍ରୀଙ୍କ ପରିବାରକୁ ୩ ଲକ୍ଷ ଲେଖାଏ ସହାୟତା**

ପାରଳାଖେମୁଣ୍ଡି/ଆର. ଉଦୟଗିରି,୧୫।୪
(ଗିରିଧାରୀ ପରିଚ୍ଛା/ମନୋଜ ପାଢ଼ୀ)

ଗଜପତି ଜିଲା ନୂଆଗଡ଼ ବ୍ଲକ ରୁବୁଡିସିଂ ଗ୍ରାମର ସରକାରୀ ପ୍ରାଥମିକ ସ୍କୁଲ ମୁଖ୍ୟ ଫାଟକ କାନ୍ଥ ବୁଧବାର ଭୁଶୁଡ଼ି ୨ ଛାତ୍ରୀଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ରୁବୁଡିସିଂର ଚତୁର୍ଥ ଶ୍ରେଣୀ ଛାତ୍ରୀ ଇଡନ୍ତି ରଇତ(୯) ଓ ପଞ୍ଚମ ଶ୍ରେଣୀ ଛାତ୍ରୀ ବେକିଲେସ ରଇତ(୧୦)। ବିଦ୍ୟାଳୟ ଛୁଟି ପରେ ଛାତ୍ରୀମାନେ ଖେଳୁଥିବା ସମୟରେ ଏହି ଅଘଟଣ ଘଟିଛି । ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଖବର ପାଇବା ମାତ୍ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨ ଛାତ୍ରୀଙ୍କ ପରିବାରକୁ ୩ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିବା ସହ ଘଟଣାର ଆର୍‌ଡିସି ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏଭଳି ଦୁର୍ଘଟଣା ପାଇଁ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଗ୍ରାମବାସୀ ଦାୟୀ କରିଛନ୍ତି। ଗ୍ରାମବାସୀ କହିଛନ୍ତି, ସ୍କୁଲର ମରାମତି ଓ ନିର୍ମାଣାଧୀନ କାର୍ଯ୍ୟ ସମୟରେ କର୍ତ୍ତୃପକ୍ଷ ଠିକାଦାରଙ୍କୁ ସ୍କୁଲ ପରିସରକୁ ଇଟା, ଗୋଡ଼ି, ବାଲି ନେଇ ରଖିବାକୁ ଅନୁମତି ଦେଇଥିଲେ। ଠିକାଦାର ସ୍କୁଲ ଫାଟକ ଦେଇ ଟ୍ରାକ୍ଟର ଯାତାୟାତ କରାଇବାରୁ କାନ୍ଥ ଦୁର୍ବଳ ହୋଇଯାଇଥିଲା। ଫଳସ୍ୱରୂପ ଏପରି ଦୁଃଖଦ ଘଟଣା ଘଟିଲା ବୋଲି ସେମାନେ ପ୍ରକାଶ କରିଛନ୍ତି। ଏହାର ନିରପେକ୍ଷ ତଦନ୍ତ କରିବାକୁ ସେମାନେ ଦାବି କରିଛନ୍ତି।

ଖବରରୁ ଜଣାପଡ଼ିଛି, ଆର. ଉଦୟଗିରି ଥାନା ଅନ୍ତର୍ଗତ ରୁବୁଡିସିଂ ଗ୍ରାମର ବିଲିୟମ୍ ରଇତଙ୍କ ଝିଅ ଇଡନ୍ତି ଓ ବିନୋଦ ରଇତଙ୍କ ଝିଅ ବେକିଲେସ୍ ରୁବୁଡିସିଂ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ☞ପୃଷ୍ଠା-୪

# ଶ୍ରୀମନ୍ଦିରରେ ଖୁବ୍‌ଶୀଘ୍ର ସ୍ଲଟ୍ ବୁକିଂ ବ୍ୟବସ୍ଥା: ଆଇନ ମନ୍ତ୍ରୀ

ଭୁବନେଶ୍ୱର,୧୫।୪
(ରବିନାରାୟଣ ଜେନା)

**ପ୍ରସ୍ତୁତ ହେବ ସ୍ୱତନ୍ତ୍ର 'ହୋଲ୍ଡିଂ ଏରିଆ'**

ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନକୁ ଅଧିକ ସରଳ ଓ ସୁଗମ କରାଯିବ। ଏଥିପାଇଁ ଧାଡ଼ି ଦର୍ଶନ ସହିତ ଖୁବ୍‌ଶୀଘ୍ର ସ୍ଲଟ୍ ବୁକିଂ ବ୍ୟବସ୍ଥା ଆରମ୍ଭ ହେବ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ମନ୍ତ୍ରୀ ହରିଚନ୍ଦନ ଗଣମାଧ୍ୟମକୁ ବୁଧବାର କହିଛନ୍ତି, ମହାପ୍ରଭୁଙ୍କ ନୀତିକାନ୍ତି ଓ ଦର୍ଶନ ବ୍ୟବସ୍ଥାକୁ ଅଧିକ ସରଳ କରିବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ଏହି କ୍ରମରେ ଶ୍ରଦ୍ଧାଳୁମାନେ ନିଜର ସମୟ ଅନୁଯାୟୀ ସ୍ଲଟ୍ ବୁକ୍ କରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିପାରିବେ। ଶ୍ରୀମନ୍ଦିର ପ୍ରଶାସନ ସହ ଆଲୋଚନା ପରେ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ, ଉଭୟ ଧାଡ଼ି ଦର୍ଶନ ଓ ସ୍ଲଟ୍ ବୁକିଂ ବ୍ୟବସ୍ଥା ଏକାସାଙ୍ଗେ ଜାରି ରହିବ। ସ୍ଲଟ୍ ବୁକ୍ କରି ଶ୍ରଦ୍ଧାଳୁମାନେ ନିର୍ଦ୍ଦିଷ୍ଟ ସମୟରେ ଆସି ମହାପ୍ରଭୁଙ୍କ ଦର୍ଶନ କରିପାରିବେ। ଏଥିପାଇଁ ସ୍ୱତନ୍ତ୍ର ହୋଲ୍ଡିଂ ଏରିଆ ପ୍ରସ୍ତୁତ କରାଯିବ। ପ୍ରଥମେ ପରୀକ୍ଷାମୂଳକ ଭାବେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ। ଶ୍ରୀମନ୍ଦିର ପରିଚାଳନା କମିଟିରେ ଆଲୋଚନା ପରେ ବିଧିବଦ୍ଧ ଭାବେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ଏଥିସହିତ ନାଟମଣ୍ଡପକୁ ଏୟାର କଣ୍ଡିଶନିଂ କରିବାର ପ୍ରକ୍ରିୟା ମଧ୍ୟ ଖୁବ୍‌ଶୀଘ୍ର ଆରମ୍ଭ କରାଯିବ। ଧାଡ଼ି ଦର୍ଶନକୁ ସୁଗମ କରିବା ପାଇଁ ପ୍ରସ୍ତୁତ ରାମ୍ପ୍ ଶୀଘ୍ର ଲାଗୁ କରାଯିବ। ମନ୍ଦିରରେ ଏକା ସମୟରେ ସାଢ଼େ ୪ରୁ ୫ ହଜାର ଶ୍ରଦ୍ଧାଳୁ କିଭଳି ଦର୍ଶନ କରିପାରିବେ ସେଥିପାଇଁ ସମସ୍ତ ଦିଗକୁ ଦୃଷ୍ଟିରେ ରଖି ଅନେକ ଯୋଜନା କରାଯାଉଛି।

ମନ୍ତ୍ରୀ କହିଛନ୍ତି, ଦେଶର ଅନ୍ୟ ମନ୍ଦିର ଭଳି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିର ନୁହେଁ। ସେସବୁ ସ୍ଥାନରେ ସକାଳୁ ଠାକୁରଙ୍କ ଦର୍ଶନ ଥରେ ଆରମ୍ଭ ହେଲେ ଅନବରତ ଚାଲିଥାଏ। ତେଣୁ ଶ୍ରଦ୍ଧାଳୁଙ୍କ ଭିଡ଼ ନିୟନ୍ତ୍ରଣାଧୀନ ହୋଇପାରିଥାଏ। ମାତ୍ର ମହାପ୍ରଭୁଙ୍କର ବହୁ ନୀତିକାନ୍ତି ଓ ପହୁଡ଼ ମଧ୍ୟ ରହିଛି। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ବୈଦିକ ସମାଜର ସ୍ୱରୂପ






ପଶ୍ଚିମବଙ୍ଗର ହାଓଡାରେ ବଙ୍ଗାଳୀ ନବବର୍ଷ ଅବସରରେ ହିନ୍ଦୁ ଭକ୍ତମାନେ ରୀତିନୀତି ପାଳନ କରୁଛନ୍ତି। (ଫଟୋ: ଗାର୍ଡିଆନ୍)

# ଯୁଦ୍ଧ ଶୀଘ୍ର ଶେଷହେବ: ଟ୍ରମ୍ପ୍



ଡୋନାଲ୍ଡ ଟ୍ରମ୍ପ୍

ଦୁବାଇ/ୱାଶିଂଟନ୍,୧୫।୪(ରଏଟର୍ସ/ଏ.ପି.)

ଇରାନ୍ ବିରୋଧୀ ଯୁଦ୍ଧ ଶୀଘ୍ର ଶେଷ ହୋଇପାରେ ବୋଲି ବୁଧବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି। ଏପରି କି ବିଶ୍ୱ ଆଗାମୀ ଦୁଇଦିନରେ ଏକ ଅଦ୍ଭୁତ କଥା ଦେଖିବାକୁ ପାଇବ ବୋଲି ସେ ସୂଚନା ଦେଇଛନ୍ତି। ଆମେରିକୀୟ ନୌସେନା ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ଦେଇ ଇରାନୀୟ ବନ୍ଦରଗୁଡ଼ିକୁ ପ୍ରବେଶ କରିବାକୁ ଜାହାଜଗୁଡ଼ିକର ପଥ ଅବରୋଧ କରି ରଖିଥିବାବେଳେ ପାକିସ୍ତାନ ମଧ୍ୟସ୍ଥତାରେ ଇସ୍‌ଲାମାବାଦରେ ପୁଣି ଥରେ ଶାନ୍ତି ଆଲୋଚନା ହେବାକୁ ଯାଉଛି। ଏଭଳି ସମୟରେ ଟ୍ରମ୍ପ୍‌ଙ୍କ ଉପରୋକ୍ତ ମନ୍ତବ୍ୟ ଆଶ୍ୱସ୍ତି ଆଣିଦେଇଛି।

ଇସ୍‌ଲାମାବାଦରେ ୨୧ ଘଣ୍ଟିଆ ଶାନ୍ତି ଆଲୋଚନାରୁ କୌଣସି ନିଷ୍କର୍ଷ ନ ବାହାରିବାରୁ ହର୍ମୁଜ ପ୍ରଣାଳୀରେ ଆମେରିକା ଓ ଇରାନ୍ ମଧ୍ୟରେ ଛକାପଞ୍ଝା ଜାରି ରହିଛି। ଏଥିଯୋଗୁ ଅଶୋଧିତ ତୈଳ ପରିବହନରେ ଅଚଳାବସ୍ଥା ଲାଗି ରହିଥିବାରୁ କ୍ରୁଡ୍ ମୂଲ୍ୟ ବଢ଼ିଚାଲିଛି। ଇତିମଧ୍ୟରେ ଚାଇନା ଓ ରୁଷିଆ ହର୍ମୁଜ୍‌କୁ ନେଇ ଆମେରିକା ଉପରେ ଖୋଲାଖୋଲି ଅସନ୍ତୋଷ ବ୍ୟକ୍ତ କରିସାରିଛନ୍ତି। ରୁଷିଆ ବହିର୍ବ୍ୟାପାର ମନ୍ତ୍ରୀ ସର୍ଗେଇ ଲାଭ୍ରୋଭ୍ ବେଜିଂ ଗସ୍ତ କରି ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍‌ଙ୍କ ସହ ପଶ୍ଚିମ ଏସିଆ ସଂଘର୍ଷ ଉପରେ ଆଲୋଚନା କରିଛନ୍ତି। ସେପଟେ ଇସ୍‌ଲାମାବାଦରେ ଆମେରିକା ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କ ନେତୃତ୍ୱରେ ପୁନର୍ବାର ଶାନ୍ତି ଆଲୋଚନା କରିବା ପାଇଁ ପ୍ରସ୍ତୁତି ଚାଲିଛି। ଏଭଳି ସ୍ଥିତିରେ ଟ୍ରମ୍ପ୍ ଏକ ନ୍ୟୁଜ୍ ଚ୍ୟାନେଲକୁ କହିଛନ୍ତି, ଅସ୍ତ୍ରବିରତି ଅବଧି ଆସନ୍ତା ସପ୍ତାହରେ ଶେଷ ହେବାକୁ ଯାଉଛି। ଏହା ୨ ସପ୍ତାହ ପାଇଁ ଉଦ୍ଦିଷ୍ଟ ଥିଲା। ତେବେ ଆଗକୁ ଏହି ଅବଧି ବୃଦ୍ଧି କରିବାକୁ ସେ ଚାହୁଁନାହାନ୍ତି। ଚାଇନା ଇରାନ୍‌କୁ ଆଉ ଅସ୍ତ୍ର ଯୋଗାଇବ ନାହିଁ ବୋଲି ସହମତି ପ୍ରକାଶ କରିଥିବା ଟ୍ରମ୍ପ୍ କହିଛନ୍ତି। ସେହିପରି ପାକିସ୍ତାନ, ଇରାନ୍ ଓ ଅନେକ ଗଲ୍ଫ ରାଷ୍ଟ୍ର ମଧ୍ୟ ଚଳିତ ସପ୍ତାହରେ ନେଗୋସିଏଟିଂ ଟିମ୍ ଆଲୋଚନାକୁ ଫେରିବେ ବୋଲି କହିଛନ୍ତି।

## ୨୭୦ ବିଲିୟନ୍ ଡଲାର କ୍ଷତିପୂରଣ ମାଗିଲା ଇରାନ୍

ତେହରାନ୍,୧୫।୪

ଆମେରିକା ଓ ଇସ୍ରାଏଲ୍‌ର ମିଳିତ ଏୟାର ଷ୍ଟ୍ରାଇକ୍‌ରେ ଇରାନ୍‌କୁ ବିପୁଳ କ୍ଷତି ସହିବାକୁ ପଡ଼ିଛି। ମଧ୍ୟପ୍ରାଚ୍ୟ ସଂଘର୍ଷ ବନ୍ଦ କରିବା ପାଇଁ ଉଦ୍ୟମ ଜାରି ରହିଥିବାବେଳେ ଇରାନ୍ ନିଜ କ୍ଷତିଗ୍ରସ୍ତ ଭିତ୍ତିଭୂମି ସଜାଡ଼ିବାକୁ ୨୭୦ ବିଲିୟନ୍ ଆମେରିକୀୟ ଡଲାର କ୍ଷତିପୂରଣ ଦାବି କରିଛି।

ଜାତିସଂଘରେ ଇରାନୀୟ ପ୍ରତିନିଧି କହିଛନ୍ତି, ୫ ଆଞ୍ଚଳିକ ରାଷ୍ଟ୍ର ବାହାରିନ୍, ସାଉଦି ଆରବ, କାତାର, ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଏବଂ ଜୋର୍ଡାନ୍ ଏହି କ୍ଷତିପୂରଣ ଦେବା ଜରୁରୀ। କାରଣ ସେମାନଙ୍କ ଭୂଖଣ୍ଡକୁ ବ୍ୟବହାର କରି ଆମେରିକା ଓ ଇସ୍ରାଏଲ୍ ଇରାନ୍ ଉପରେ ଆକ୍ରମଣ କରିଥିଲେ। ପ୍ରାଥମିକ ଆକଳନରୁ ଜଣାପଡ଼ିଛି ଯେ, ଫେବୃଆରୀ ୨୮ରେ ଇରାନ୍‌ବିରୋଧରେ ଆମେରିକା-ଇସ୍ରାଏଲ୍ ଯୁଦ୍ଧ ଆରମ୍ଭ କରିବା ପରଠୁ ଅଦ୍ୟାବଧି ତେହରାନ୍‌ର ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ୨୭୦ ବିଲିୟନ୍ ଡଲାର କ୍ଷତି ହୋଇଛି। ରୁଷିଆର ଆର୍‌ଆଇଏ ନୋଭୋଷ୍ଟି ନ୍ୟୁଜ୍ ଏଜେନ୍ସିକୁ ଇରାନ୍ ସରକାରଙ୍କ ମୁଖପାତ୍ର ଫତେମେହ ସାକ୍ଷାତ୍‌କାର ଦେବାବେଳେ ଏହି ବିଷୟ ଉଲ୍ଲେଖ କରିଛନ୍ତି।

ସେହିପରି ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ ଅବରୋଧ କରାଯାଇଥିବାରୁ ଜାହାଜ ଚଳାଚଳ ବନ୍ଦ ରହିଛି। ଏଥିଯୋଗୁ ଇରାନ୍ ନିଜ ପ୍ରାପ୍ୟ ପାଇବାରୁ ବଞ୍ଚିତ ହୋଇଛି। ଏଥିପାଇଁ ମଧ୍ୟ କ୍ଷତିପୂରଣ ମିଳିବା ଉଚିତ ବୋଲି ତେହରାନ୍ ଦାବି କରିଛି। ସରକାରଙ୍କ ପକ୍ଷରୁ କୁହାଯାଇଛି, ତୈଳ ଓ ଗ୍ୟାସ୍ ଫାସିଲିଟି, ପେଟ୍ରୋକେମିକାଲ କମ୍ପାନୀ, ଷ୍ଟିଲ୍ ପ୍ଲାଣ୍ଟ, ଆଲୁମିନିୟମ୍ ଫ୍ୟାକ୍ଟ୍ରି, ବ୍ରିଜ୍, ବନ୍ଦର, ରେଳ ନେଟ୍‌ୱର୍କ, ପାୱାର ପ୍ଲାଣ୍ଟ, ସ୍କୁଲ, ହସ୍ପିଟାଲ, ବାସଗୃହ ଆଦି ଯୁଦ୍ଧରେ ନଷ୍ଟଭ୍ରଷ୍ଟ ହୋଇଯାଇଛି।

## ଭାଇସ୍-ଚେୟାରପର୍ସନ କମିଟି ପୁନର୍ଗଠନ କଲେ ରାଜ୍ୟ ସଭା ଅଧ୍ୟକ୍ଷ

ନୂଆଦିଲ୍ଲୀ,୧୫।୪(ପି.ଟି.)

### ପ୍ୟାନେଲରେ ସସ୍ମିତ ପାତ୍ର, ଦୀନେଶ ଶର୍ମା

ଉପରାଷ୍ଟ୍ରପତି ତଥା ରାଜ୍ୟ ସଭା ଅଧ୍ୟକ୍ଷ ସି.ପି. ରାଧାକ୍ରିଷ୍ଣନ୍ ବୁଧବାର ଗୃହର ଚେୟାରପର୍ସନ କମିଟିର ପୁନର୍ଗଠନ କରିଛନ୍ତି। ଏଥିରେ ସସ୍ମିତ ପାତ୍ର ଓ ଦୀନେଶ ଶର୍ମାଙ୍କୁ ସ୍ଥାନ ମିଳିଛି। ଉକ୍ତ ପ୍ୟାନେଲରେ ଫାଙ୍ଗ୍‌ନୋନ୍ କୋନ୍ୟାକ, ଏମ୍. ଥାମ୍ବିଦୁରାଇ, ଫୁଲୋ ଦେବୀ ନେତମ୍ ଓ ଘନଶ୍ୟାମ ତିୱାରୀଙ୍କୁ ମଧ୍ୟ ରଖାଯାଇଥିବା ଏକ ସରକାରୀ ବିଜ୍ଞପ୍ତିରୁ ଜଣାପଡ଼ିଛି।

ରାଜ୍ୟ ସଭା ଉପାଧ୍ୟକ୍ଷ ପଦ ପାଇଁ ଏପ୍ରିଲ ୧୭ରେ ନିର୍ବାଚନ ହେବ। ହରିବଂଶ ନାରାୟଣ ସିଂ ଏହି ପଦ ପାଇଁ ପୁନଃ ମନୋନୀତ ହୋଇପାରନ୍ତି। ଲଗାତର ୨ ଥର ଉପାଧ୍ୟକ୍ଷ ଥିବା ହରିବଂଶ ଗତ ୯ରେ ଅବସର ନେଇଥିଲେ। ନିକଟରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ହରିବଂଶଙ୍କୁ ଉଚ୍ଚ ସଦନକୁ ପୁନଃ ମନୋନୀତ କରିଛନ୍ତି।

## ସ୍କୁଲରେ ଗୁଳିକଲେ ଛାତ୍ର: ୪ ମୃତ

ଆଙ୍କାରା,୧୫।୪(ଏ.ପି.)

ତୁର୍କୀର ଏକ ସ୍କୁଲରେ ବୁଧବାର ଜଣେ ଛାତ୍ର ଗୁଳି ଚଳାଇବାରୁ ୪ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୨୦ ଆହତ ହୋଇଛନ୍ତି। ତୁର୍କୀ ସ୍କୁଲରେ ୨ ଦିନ ଭିତରେ ଏହା ହେଉଛି ଦ୍ୱିତୀୟ ଘଟଣା। କାହରାମନମରାସ୍ ପ୍ରାଦେଶିକ ଗଭର୍ନର ମୁକେରେମ୍ ଉନ୍‌ଲଉର୍ କହିଛନ୍ତି, ଗୁଳି ଚଳାଇଥିବା ଛାତ୍ର ଜଣକ ମଧ୍ୟ ପ୍ରାଣ ହରାଇଛନ୍ତି। ସେ ତାଙ୍କ ବାପା(ଅବସରପ୍ରାପ୍ତ ପୋଲିସ ଅଫିସର)ଙ୍କ ୫ଟି ବନ୍ଧୁକ ଓ ୭ ଗୁଳି ଧରି ସ୍ଥାନୀୟ ସ୍କୁଲକୁ ଯାଇଥିଲେ। ତାଙ୍କ ଗୁଳିମାଡ଼ରେ ୩ ଛାତ୍ରୀଛାତ୍ର ଓ ଜଣେ ଶିକ୍ଷକଙ୍କ ମୃତ୍ୟୁ ଘଟିଛି। ଗୁଳିକାଣ୍ଡ ପଛର କାରଣ ସ୍ପଷ୍ଟ ହୋଇନାହିଁ। ଏହାର ଦିନକ ପୂର୍ବରୁ ସାନ୍‌ଲିଉର୍ଫା ପ୍ରଦେଶର ଏକ ସ୍କୁଲରେ ଜଣେ ପୂର୍ବତନ ଛାତ୍ର ଗୁଳି ଚଳାଇବାରୁ ୧୬ ଜଣ ଆହତ ହୋଇଥିଲେ।

## ସମ୍ରାଟ ବିହାର ମୁଖ୍ୟମନ୍ତ୍ରୀ

ପାଟନା,୧୫।୪

### ଜେଡିୟୁର ବ୍ରିଜେନ୍ଦ୍ର ଯାଦବ, ବିଜୟ ଚୌଧରୀ ଉପମୁଖ୍ୟମନ୍ତ୍ରୀ



ସମ୍ରାଟ ଚୌଧରୀ

ଭାଜପା ନେତା ସମ୍ରାଟ ଚୌଧରୀ ବୁଧବାର ବିହାରର ୨୪ତମ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ଏଥିସହ ରାଜ୍ୟରେ ପ୍ରଥମ ଥର ପାଇଁ ଭାଜପା ନେତୃତ୍ୱାଧୀନ ସରକାର ଗଠନ ହୋଇଛି। ଲୋକ ଭବନରେ ରାଜ୍ୟପାଳ ସୟେଦ ଆତା ହୁସେନ ସମ୍ରାଟଙ୍କ ସହ ୨ ଉପମୁଖ୍ୟମନ୍ତ୍ରୀଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ନୀତୀଶ କୁମାରଙ୍କ ସଂଯୁକ୍ତ ଜନତା ଦଳ (ଜେଡିୟୁ)ର ବ୍ରିଜେନ୍ଦ୍ର ପ୍ରଦାସ ଯାଦବ ଓ ବିଜୟ କୁମାର ଚୌଧରୀଙ୍କୁ ଉପମୁଖ୍ୟମନ୍ତ୍ରୀ ପଦ ମିଳିଛି। ଶପଥ ଗ୍ରହଣ ଉତ୍ସବରେ ଜେଡିୟୁ ମୁଖ୍ୟ ନୀତୀଶ, କେନ୍ଦ୍ରମନ୍ତ୍ରୀ ଜେ.ପି. ନଡ୍ଡା, ଚିରାଗ ପାଶ୍ୱାନ ଏବଂ ଏନ୍‌ଡିଏର ଅନ୍ୟ ନେତାମାନେ ଉପସ୍ଥିତ ଥିଲେ।

## ମୋ କାର୍ ଯାଞ୍ଚ ଉଦ୍ୟମ କରୁଥିଲେ କେନ୍ଦ୍ରୀୟ ବଳ: ମମତା

ଇସ୍‌ଲାମପୁର,୧୫।୪

କେନ୍ଦ୍ରୀୟ ବଳ ବୁଧବାର ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ କାର୍ ଯାଞ୍ଚ ପାଇଁ ଉଦ୍ୟମ କରିଥିବା ସେ ଅଭିଯୋଗ ଆଣିଛନ୍ତି। ଏଥିସହ ଭାଜପା ନେତାମାନଙ୍କ ଗାଡ଼ିକୁ ସେମାନେ କାହିଁକି ଚେକ୍ କରୁନାହାନ୍ତି ବୋଲି ମମତା ପ୍ରଶ୍ନ କରିଛନ୍ତି। ଉତ୍ତର ଦିନାଜପୁର ଜିଲା ଇସ୍‌ଲାମପୁରରେ ଟିଏମ୍‌ସିର ଏକ ନିର୍ବାଚନୀ ପ୍ରଚାର ସଭାକୁ ସମ୍ବୋଧିତ କରି ମମତା କହିଛନ୍ତି, କୋଲକାତା ନିକଟ ଡମ୍ ଡମ୍ ଏୟାରପୋର୍ଟରେ ସେ ଥିବାବେଳେ କେନ୍ଦ୍ରୀୟ ବଳ ତାଙ୍କ କାର୍ ଯାଞ୍ଚ କରିବାକୁ ଉଦ୍ୟମ କରିଥିଲା। କେନ୍ଦ୍ରୀୟ ବଳ ଯବାନଙ୍କୁ ସେ କହିଥିଲେ, ଯଦି ଟିଏମ୍‌ସିର ସବୁ ନେତାଙ୍କ ଗାଡ଼ି ଯାଞ୍ଚ କରୁଛ ତେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଓ ଭାଜପାର ଅନ୍ୟ ନେତାମାନଙ୍କ ଗାଡ଼ି କାହିଁକି ଯାଞ୍ଚ କରୁନ। ଯଦି ସତ୍‌ସାହସ ଅଛି ତେବେ ମୋ ଗାଡ଼ିକୁ ପ୍ରତିଦିନ ଯାଞ୍ଚ କର। ସେମାନଙ୍କୁ କାର୍ ଯାଞ୍ଚ କରିବାକୁ ମମତା ଅନୁମତି ଦେଇଥିଲେ, କିନ୍ତୁ ସେମାନେ ସେଠାରୁ ପଳାଇଯାଇଥିଲେ ବୋଲି ସେ କହିଛନ୍ତି। ପ୍ରକାଶଯେ, ପଶ୍ଚିମବଙ୍ଗ ନିର୍ବାଚନର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଆସନ୍ତା ୨୩ରେ ହେବ। ଏହା ପୂର୍ବରୁ ଯାନବାହାନଗୁଡ଼ିକୁ ଯାଞ୍ଚ କରିବା ପାଇଁ ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଛନ୍ତି।

ଚିନ୍ତା ଓ ଚେତନାର
Celebrating Golden Jubilee Years 50
୪୯ତମ ବୈଶାଖୀ
49th BAISHAKHI
ଓଡ଼ିଆ ନବବର୍ଷର ଅନନ୍ୟ ମହୋତ୍ସବ
ଓଡ଼ିଶା ତଥା ଦେଶର କୋଣ ଅନୁକୋଣରୁ ପ୍ରତିଷ୍ଠିତ ଓ ନୂତନ, ପାରମ୍ପରିକ ଓ ଶାସ୍ତ୍ରୀୟ ନୃତ୍ୟ ସଙ୍ଗୀତ ଦଳ ଏହି ମହୋତ୍ସବର ପ୍ରତିଦିନ ସନ୍ଧ୍ୟାରେ ସେମାନଙ୍କର କଳା-ନୈପୁଣ୍ୟ ପ୍ରଦର୍ଶନ କରିବେ।
ଚିନ୍ତା ଓ ଚେତନା ରାଷ୍ଟ୍ରୀୟ ସମ୍ମାନ ବିଭିନ୍ନ କ୍ଷେତ୍ରରେ କୃତବିଦ୍ୟମାନଙ୍କୁ ପ୍ରଦାନ କରାଯିବ (ବିଗତ ଦୁଇ ବର୍ଷର)।
ଓଡ଼ିଶାର ଅସ୍ମିତାକୁ ବିଶ୍ୱବିଦିତ କରିବାରେ ଚିନ୍ତା ଓ ଚେତନାର ଓଡ଼ିଆ ନବବର୍ଷ ମହୋତ୍ସବ ୪୯ ତମ ବୈଶାଖୀ ଏକ ସ୍ୱତନ୍ତ୍ର ମହକରେ ଆପଣମାନଙ୍କୁ ଭିଜାଇଦେବ।
ପ୍ରତିଦିନ ସନ୍ଧ୍ୟାରେ ଦେଶ ଓ ରାଜ୍ୟର ବିଭିନ୍ନ କ୍ଷେତ୍ରର ଖ୍ୟାତନାମା ବ୍ୟକ୍ତିବିଶେଷ ଅତିଥି ଭାବେ ଯୋଗ ଦେଉଛନ୍ତି।
ଅପ୍ରେଲ ୧୫ ରୁ ୧୮ ତାରିଖ ପ୍ରତିଦିନ ସନ୍ଧ୍ୟା ୬ଟା
ସ୍ଥାନ : ରବୀନ୍ଦ୍ର ମଣ୍ଡପ, ଭୁବନେଶ୍ୱର
ପ୍ରତିଦିନ ସନ୍ଧ୍ୟାର ସ୍ୱତନ୍ତ୍ର ଆକର୍ଷଣ
ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦିବ୍ୟ ପହଣ୍ଡି ଓ ଆରତି
ନବବର୍ଷର ଶୁଭେଚ୍ଛା ସହ ସମସ୍ତଙ୍କୁ ସାଦର ନିମନ୍ତ୍ରଣ
ଅପେକ୍ଷାରେ
ଚିନ୍ତା ଓ ଚେତନାର ବୈଶାଖୀ ପରିବାର
ଧରିତ୍ରୀ OrissaPOST OCPL Odisha Coal and Power Limited Odisha LIVE ଛପନଭୋଗ CHHAPANBHOGA MARUTI REPRINT ଓଡ଼ିଆ ସଂସ୍କୃତି ପ୍ରେମୀ ଓ କଳାକାର ବୃନ୍ଦ

No. 10001/47/2627
ଅଂଶୁଘାତ ସତର୍କତା
ଲକ୍ଷଣ
- ପ୍ରବଳ ଝାଳ ବୋହିବା
- ମୁଣ୍ଡ ବୁଲାଇ ଅନ୍ଧାର ଦିଶିବା ଓ ବାନ୍ତି ଲାଗିବା
- ପ୍ରବଳ ଶୋଷ ଲାଗିବା
- ମାଂସପେଶୀ ଟାଣି ହେବା
- ଚର୍ମ ଶୁଷ୍କ, ଲାଲ୍ ଓ ଉତ୍ତପ୍ତ ହେବା
- ଅଚେତ ହେବା କିମ୍ବା ବାତ ମାରିବା

ସତର୍କତା
- ଦିନ ୧୧ଟା ରୁ ୩ଟା ମଧ୍ୟରେ ଖରା ତାତି ଅଧିକ ଥାଏ। ଏହି ସମୟ ମଧ୍ୟରେ ବାହାରକୁ ଯାଆନ୍ତୁ ନାହିଁ। ଜରୁରୀ କାମ ଥିଲେ ବାହାରକୁ ଯିବା ପୂର୍ବରୁ ଯଥେଷ୍ଟ ପାଣି ପିଅନ୍ତୁ ଓ ସାଥିରେ ଛତା, ଚପଲ ଓ ପିଇବା ପାଣି ନିଅନ୍ତୁ
- ଧଳା ରଙ୍ଗର ଢ଼ିଲା ପୋଷାକ, ଛତା ଓ ଜୋତା ବ୍ୟବହାର କରନ୍ତୁ
- ମଝିରେ ମଝିରେ ଛାଇରେ ବିଶ୍ରାମ ନିଅନ୍ତୁ
- ଖରାରେ କଠିନ ପରିଶ୍ରମ କରନ୍ତୁ ନାହିଁ/ ଅଧିକ ଦୂର ଚାଲନ୍ତୁ ନାହିଁ
- କୌଣସି ପ୍ରକାର ମାଦକ ଦ୍ରବ୍ୟ ସେବନ କରନ୍ତୁ ନାହିଁ



ପ୍ରତିକାର
- ଅଂଶୁଘାତ ଆକ୍ରାନ୍ତଙ୍କୁ ଖୋଲା ଓ ଥଣ୍ଡା ଯାଗାକୁ ନେଇଯାଆନ୍ତୁ, ଓ.ଆର୍.ଏସ୍./ ଚିନି ଲୁଣ ସର୍ବତ/ ସାଦାପାଣି ପିଆନ୍ତୁ
- ପୋଷାକ ଯଥାସମ୍ଭବ ଖୋଲି ଦିଅନ୍ତୁ
- ମୁଣ୍ଡ ଧୋଇ ଦିଅନ୍ତୁ, ଓଦା କପଡ଼ାରେ ପୋଛନ୍ତୁ
- ରୋଗୀକୁ ପଙ୍ଖା/ କୁଲର/ ଏସି ପବନରେ ଶୁଆଇ ଦିଅନ୍ତୁ ଓ ପାଣି ସିଞ୍ଚନ କରନ୍ତୁ
- ଅବସ୍ଥାରେ ଉନ୍ନତି ନହେଲେ ତୁରନ୍ତ ଡ଼ାକ୍ତରଖାନା ନେଇ ଚିକିତ୍ସା କରାନ୍ତୁ

ବୟସ୍କ ତଥା ଅସୁସ୍ଥ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ଅଂଶୁଘାତର ଆଶଙ୍କା ଅଧିକ
OIPR-10001/10003/2/26-27/0004
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha @HFWOdisha http://www.health.odisha.gov.in/




ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଭୁବନେଶ୍ୱର ଚନ୍ଦ୍ରଶେଖରପୁରସ୍ଥିତ ରେଳ ଅଡିଟୋରିୟମରେ ବୁଧବାର ଅନୁଷ୍ଠିତ 'ନାରୀ ଶକ୍ତି ବନ୍ଦନ' କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦସ୍ତଖତ ଅଭିଯାନରେ ସାମିଲ ହୋଇଛନ୍ତି। **(ରିପୋର୍ଟ: ପୃଷ୍ଠା-୭)**

# ସୋସିଆଲ ମିଡିଆରେ ଫସାଇ ୧୮୦ ନାବାଳିକାଙ୍କୁ ଯୌନ ଶୋଷଣ

- ଅମରାବତୀର ଯୁବକ ଗିରଫ
- ଅଶ୍ଳୀଳ ଭିଡିଓ କରି ବ୍ଲାକମେଲ୍ କରୁଥିଲେ
- ତଦନ୍ତ ପାଇଁ ଏସ୍ଆଇଟି ଗଠିତ

**ସୋସିଆଲ ମିଡିଆର ମାୟାଜାଲରେ ଫସାଇ ପ୍ରାୟ ୧୮୦ ନାବାଳିକାଙ୍କୁ ଯୌନ ଶୋଷଣ କରିବା ଓ ସେମାନଙ୍କ ଅଶ୍ଳୀଳ ଭିଡିଓ ଶୁଟିଂ କରିବା ଭଳି ଏକ ସାଂଘାତିକ ଘଟଣା ଏବେ ସମଗ୍ର ଦେଶରେ ଚର୍ଚ୍ଚାର ବିଷୟ ହୋଇଛି। ଏହିଘଟଣାରେ ମହାରାଷ୍ଟ୍ରର ଅମରାବତୀ ପୋଲିସ ୧୯ ବର୍ଷୀୟ ଅଭିଯୁକ୍ତ ଆୟାନ ଅହମ୍ମଦଙ୍କୁ ଗିରଫ କରିଛି। ତାଙ୍କ ନିକଟରୁ ୩୫୦ରୁ ଅଧିକ ଅଶ୍ଳୀଳ ଭିଡିଓ ଜବତ ହୋଇଛି, ଯାହାକୁ ବ୍ଲାକମେଲିଂ ପାଇଁ ଅସ୍ତ୍ର ଭାବେ ବ୍ୟବହାର କରାଯାଉଥିଲା। ପୋଲିସ ଆୟାନଙ୍କ ସହଯୋଗୀ ଉଜେର ଖାନ୍‌ଙ୍କୁ ୧୦୦ରୁ ଉର୍ଦ୍ଧ୍ୱ ଅଶ୍ଳୀଳ ଭିଡିଓ ଭାଇରାଲ କରିବା ଅଭିଯୋଗରେ ଗିରଫ କରିଛି। ସୋସିଆଲ ମିଡିଆର ଅପବ୍ୟବହାର କିପରି କୋମଳମତି ପିଲାଙ୍କ ପାଇଁ ବିପଦ ସାଜିଛି, ଏହି ଘଟଣା ବଡ଼ ଉଦାହରଣ ପାଲଟିଛି। ଏହି ଘଟଣାର ଭୟାବହତାକୁ ଦେଖିଲେ ଅଭିଭାବକମାନେ ନିଜ ସନ୍ତାନଙ୍କ ଡିଜିଟାଲ ଗତିବିଧି ଉପରେ ନଜର ରଖିବା କେତେ ଜରୁରୀ ତାହା ପୁଣି ଥରେ ପ୍ରମାଣିତ ହୋଇଛି।**

ଅମରାବତୀ,୧୫।୪

ସୋସିଆଲ ମିଡିଆ ସ୍ନାପ୍‌ଚାଟ୍ ଏବଂ ହ୍ୱାଟ୍ସଆପ୍ ଜରିଆରେ ସମ୍ପର୍କ ବଢ଼ାଇବା ପରେ ଯୁବତୀ ଓ ନାବାଳିକାମାନଙ୍କୁ ଯୌନଶୋଷଣ କରାଯାଇଛି। ଏହାସହ ଯୌନକ୍ରିୟାର ଭିଡିଓ ଉତ୍ତୋଳନ କରି ସେମାନଙ୍କୁ ବ୍ଲାକ୍‌ମେଲିଂ କରାଯାଇଛି। ଏପରିକି ଶତାଧିକ ଅଶ୍ଳୀଳ ଭିଡିଓ ସୋସିଆଲ ମିଡିଆରେ ପ୍ରଘଟ କରାଯାଇଛି। ଏଭଳି ଘଟଣା ଘଟିଛି ମହାରାଷ୍ଟ୍ରର ଅମରାବତୀ ଜିଲାରେ। ଏହି ଘଟଣାରେ ସେଠାକାର ପୋଲିସ ମଙ୍ଗଳବାର ଜଣେ ୧୯ ବର୍ଷୀୟ ଯୁବକକୁ ଗିରଫ କରିଛି। ସେ ହେଲେ ଆୟାନ ଅହମ୍ମଦ ତନଭୀର ଅହମ୍ମଦ। ଏହି ସମ୍ବେଦନଶୀଳ ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଅମରାବତୀ ଗ୍ରାମାଞ୍ଚଳ ଏସ୍‌ପି ବିଶାଲ ଆନନ୍ଦ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍ଆଇଟି) ଗଠନ କରିଛନ୍ତି। ଏହି ଟିମ୍‌ରେ ୧୧ ଜଣ ପୋଲିସ ଅଧିକାରୀ ଏବଂ ୩୬ ଜଣ କନ୍‌ଷ୍ଟେବଲ ରହିଛନ୍ତି। ଜଣେ ସହକାରୀ ପୋଲିସ ଅଧୀକ୍ଷକ (ଏଏସ୍‌ପି) ଏହି ତଦନ୍ତର ନେତୃତ୍ୱ ନେଉଛନ୍ତି। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ଅଧିକାଂଶ ପୀଡ଼ିତା ନାବାଳିକା।

☞ପୃଷ୍ଠା-୧୩

# ଜାତୀୟ ମହିଳା ସଂରକ୍ଷଣ ବିଲ୍‌କୁ ବିଜେଡିର ସମର୍ଥନ

## ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ନବୀନଙ୍କ ଅନୁରୋଧ

### ସୀମା ପୁନଃ ନିର୍ଦ୍ଧାରଣକୁ ନେଇ ସ୍ୱତନ୍ତ୍ର ଅଧିବେଶନ ଡକାଯାଉ

ଭୁବନେଶ୍ୱର,୧୫।୪(ସୁନିତ୍ ମିଶ୍ର)

ମହିଳା ସଂରକ୍ଷଣ ଓ ମହିଳା ସଶକ୍ତୀକରଣ କ୍ଷେତ୍ରରେ ସାରା ଦେଶରେ ବିଜୁ ପଟ୍ଟନାୟକ ଜଣେ ଅଗ୍ରଦୂତ ଥିଲେ। ବିଜେଡି ସବୁବେଳେ ବିଧାନସଭା ଓ ପାର୍ଲାମେଣ୍ଟରେ ମହିଳାମାନଙ୍କ ପ୍ରତିନିଧିତ୍ୱ ବୃଦ୍ଧି ପାଇଁ ସଂଗ୍ରାମ କରିଆସିଛି। ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକରେ ମହିଳାମାନଙ୍କ ପାଇଁ ୫୦ ପ୍ରତିଶତ ସଂରକ୍ଷଣ ବିଜେଡି ବହୁ ପୂର୍ବରୁ କରିଛି। ମହିଳାଙ୍କ ସଶକ୍ତୀକରଣ ପାଇଁ ଆସୁଥିବା ଜାତୀୟ ବିଧେୟକକୁ ବିଜେଡି ପୂର୍ଣ୍ଣ ସମର୍ଥନ ଦେବ ବୋଲି ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଛନ୍ତି। ଅନ୍ୟପଟେ ସମ୍ବିଧାନର ପ୍ରସ୍ତାବିତ ୧୩୧ତମ ସଂଶୋଧନ ବିଲ୍ ୨୦୨୬ ସୀମା ପୁନଃ ନିର୍ଦ୍ଧାରଣ ବିଲ୍ ଯଦି ଓଡ଼ିଶାର ରାଜନୈତିକ ଅଧିକାର କ୍ଷୁଣ୍ଣ ନ କରେ ତେବେ ଏହି ବିଲ୍‌କୁ ସ୍ୱାଗତ କରାଯିବ ବୋଲି ମଧ୍ୟ ନବୀନ କହିଛନ୍ତି।

ସୀମା ପୁନଃ ନିର୍ଦ୍ଧାରଣ ବିଷୟକୁ ନେଇ ଆସନ୍ତା ୪୮ ଘଣ୍ଟା ମଧ୍ୟରେ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖି ନବୀନ ପଟ୍ଟନାୟକ ଅନୁରୋଧ କରିଛନ୍ତି। ବୁଧବାର ଲେଖିଥିବା ଚିଠିରେ ନବୀନ କହିଛନ୍ତି, ସମ୍ବିଧାନର ପ୍ରସ୍ତାବିତ ୧୩୧ତମ ସଂଶୋଧନ ବିଲ୍ ୨୦୨୬ ସୀମା ପୁନଃ ନିର୍ଦ୍ଧାରଣ ବିଲ୍ ଦ୍ୱାରା ଲୋକ ସଭା ଆସନ ସଂଖ୍ୟାରେ ବ୍ୟାପକ ପରିବର୍ତ୍ତନ ଘଟିବ। ଲୋକ ସଭା ସଦସ୍ୟ ସଂଖ୍ୟା ୫୪୩ରୁ ବୃଦ୍ଧି ପାଇ ୮୫୦ ହେବ। ବର୍ତ୍ତମାନ ଓଡ଼ିଶାର ଲୋକ ସଭା ଆସନ ସଂଖ୍ୟା ୨୧ ରହିଛି, ଯାହା ମୋଟ୍ ଆସନ ସଂଖ୍ୟାର ୩.୯%। ମାତ୍ର ଉପରୋକ୍ତ ସଂଶୋଧନ ବିଲ୍ ଯଦି ପାରିତ ହୁଏ, ତେବେ ରାଜ୍ୟରେ ଲୋକ ସଭା ଆସନ ସଂଖ୍ୟା ୨୯କୁ ବୃଦ୍ଧି ପାଇବ। ଏହାଦ୍ୱାରା ଆନୁପାତିକ ହାରରେ ମୋଟ୍ ଆସନ ସଂଖ୍ୟାର ୩.୯% ହାର ୩.୪%କୁ ହ୍ରାସ ଘଟିବ। ନୂତନ ସଂଶୋଧନ ଦ୍ୱାରା ଓଡ଼ିଶାର ରାଜନୈତିକ ପ୍ରତିନିଧିତ୍ୱ ଜାତୀୟସ୍ତରରେ ୧୫% ହ୍ରାସ ହେବା ସମ୍ଭାବନା ରହିଛି, ଯାହାକି ଚିନ୍ତାଜନକ ବିଷୟ। ଜନସଂଖ୍ୟା ନିୟନ୍ତ୍ରଣରେ ଓଡ଼ିଶା ଏକ ଆଗୁଆ ରାଜ୍ୟ। ମାନବ ସମ୍ବଳର ବିକାଶରେ ମଧ୍ୟ ଓଡ଼ିଶା

☞ପୃଷ୍ଠା-୧୩

# ଡିଲିମିଟେଶନ୍ ବିରୋଧରେ ଭୋଟ ଦେବେ ବିପକ୍ଷ

ଏପ୍ରିଲ ୧୬ରେ ଆରମ୍ଭ ହେବାକୁ ଥିବା ବର୍ଦ୍ଧିତ ବଜେଟ ଅଧିବେଶନରେ କେନ୍ଦ୍ର ସରକାର ମହିଳାଙ୍କୁ ୩୩% ସଂରକ୍ଷଣ ସଂକ୍ରାନ୍ତ ନାରୀ ଶକ୍ତି ବନ୍ଦନ ଅଧିନିୟମରେ ସଂଶୋଧନ ଆଣିବାକୁ ଯାଉଛନ୍ତି। ମହିଳା ସଂରକ୍ଷଣ ସଂଶୋଧନ ବିଧେୟକ ୨୦୨୩ ସେପ୍ଟେମ୍ବରରେ ସଂସଦରେ ପାରିତ ହୋଇଥିବାବେଳେ ୨୦୨୯ ଲୋକ ସଭା ନିର୍ବାଚନ ପୂର୍ବରୁ ଏହାକୁ କାର୍ଯ୍ୟକାରୀ କରାଇବା ପାଇଁ ସମ୍ବିଧାନରେ ସଂଶୋଧନ ଆଣିବାକୁ ପଡୁଛି। ଏଥିସହ ଲୋକ ସଭାରେ ବର୍ତ୍ତମାନ ୫୪୩ ଆସନ ରହିଥିବାବେଳେ ଏହାକୁ ୮୫୦କୁ ବୃଦ୍ଧି କରାଯିବାକୁ ସରକାର ପ୍ରସ୍ତାବ ରଖିଛନ୍ତି। ଏହାକୁ ବାସ୍ତବ ରୂପ ଦେବା ପାଇଁ ୨୦୧୧ ଜନଗଣନା ତଥ୍ୟ ଆଧାରରେ ନିର୍ବାଚନମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ (ଡିଲିମିଟେଶନ୍) କରାଯିବ। ଏଥିନିମନ୍ତେ ସରକାର ସମ୍ବିଧାନ ସଂଶୋଧନ କରିବାକୁ ଯାଉଛନ୍ତି। ତେବେ ବିରୋଧୀ ଦଳଗୁଡ଼ିକ ଉକ୍ତ ବିଲ୍ ବିରୋଧରେ ଭୋଟ ଦେବେ ବୋଲି ବୁଧବାର ଘୋଷଣା କରିଛନ୍ତି। କଂଗ୍ରେସ ଅଧ୍ୟକ୍ଷ ତଥା ରାଜ୍ୟ ସଭାର ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେଙ୍କ ବାସଭବନରେ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ଏନେଇ ରଣନୀତି ସ୍ଥିର କରାଯାଇଛି। ସେହିପରି ଡିଲିମିଟେଶନ୍ ଯୋଗୁ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକ ଲୋକ ସଭାରେ କମ୍ ଆସନ ପାଇବେ ଏବଂ ଆନୁପାତିକ ଦୃଷ୍ଟିରୁ ଉପଯୁକ୍ତ ପ୍ରତିନିଧିତ୍ୱରୁ ବଞ୍ଚିତ ହେବେ ବୋଲି ଆଶଙ୍କା କରୁଛନ୍ତି। ତେଣୁ ତାମିଲନାଡୁ, କେରଳ, କର୍ଣ୍ଣାଟକ, ତେଲଙ୍ଗାନା ଭଳି ଅଣଭାଜପା ଶାସିତ ରାଜ୍ୟର ସରକାର ଏହାକୁ ଦୃଢ଼ ବିରୋଧ କରୁଛନ୍ତି। ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ପ୍ରସ୍ତାବିତ ଡିଲିମିଟେଶନ୍ ପ୍ରକ୍ରିୟା ପ୍ରତିବାଦରେ ଗୁରୁବାର ରାଜ୍ୟବ୍ୟାପୀ 'କଳାପତାକା ବିକ୍ଷୋଭ' କରିବାକୁ ଘୋଷଣା କରିଛନ୍ତି। କେନ୍ଦ୍ର ସରକାର ତାମିଲନାଡୁର ସ୍ୱର ନ ଶୁଣିଲେ ବହୁମୂଲ୍ୟ ଦେବେ ବୋଲି ଷ୍ଟାଲିନ୍ ବୁଧବାର ଚେତାବନୀ ଦେଇଛନ୍ତି।




ବିରୋଧୀ ଦଳଗୁଡ଼ିକ ପକ୍ଷରୁ ବୁଧବାର କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ନୂଆଦିଲ୍ଲୀସ୍ଥିତ ବାସଭବନରେ ବୈଠକ ପରେ ଖବରଦାତାମାନଙ୍କୁ ସୂଚନା ଦିଆଯାଉଛି। **(ଫଟୋ: ଚମନ ଗୌତମ)**

- ଆଜିଠୁ ପାର୍ଲାମେଣ୍ଟର ସ୍ୱତନ୍ତ୍ର ଅଧିବେଶନ
- ଖାର୍ଗେଙ୍କ ବାସଭବନରେ ବିରୋଧୀଙ୍କ ରଣନୀତି
- ତାମିଲନାଡୁରେ କଳାପତାକା ବିକ୍ଷୋଭ ଆଜି

ନୂଆଦିଲ୍ଲୀ/ଚେନ୍ନାଇ,୧୫।୪(ପି.ଟି./ଏଜେନ୍ସି)

ସଂସଦରେ ଗୁରୁବାରଠାରୁ ୩ ଦିନିଆ ସ୍ୱତନ୍ତ୍ର ଅଧିବେଶନ ଆରମ୍ଭ ହେବାକୁ ଯାଉଥିବାବେଳେ ଏହାର ଅବ୍ୟବହିତ ପୂର୍ବରୁ ବିରୋଧୀ ଦଳଗୁଡ଼ିକର ନେତାମାନେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ନୂଆଦିଲ୍ଲୀସ୍ଥିତ ସରକାରୀ ବାସଭବନରେ ଏକାଠି ହୋଇଛନ୍ତି। ବୈଠକ ଶେଷରେ ସ୍ଥିର ହୋଇଥିବା ରଣନୀତିସମ୍ପର୍କରେ ଖାର୍ଗେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଖାର୍ଗେ କହିଛନ୍ତି, ବିରୋଧୀ ମହିଳା ସଂରକ୍ଷଣକୁ ବିରୋଧ କରୁନାହାନ୍ତି। କିନ୍ତୁ ଏହାକୁ ଆଳକରି ସରକାର ଆଣିବାକୁ ଯାଉଥିବା ସମ୍ବିଧାନ ସଂଶୋଧନ ବିଧେୟକର ଡିଲିମିଟେଶନ୍ ପ୍ରକ୍ରିୟାକୁ ବିରୋଧ କରୁଛନ୍ତି। ତେଣୁ ଉକ୍ତ ବିଲ୍ ବିରୋଧରେ ମିଳିତ ଭାବେ ମତଦାନ କରିବେ ବୋଲି ସେମାନେ ନିଷ୍ପତ୍ତି ନେଇଛନ୍ତି।

ଉକ୍ତ ବୈଠକରେ ଇଣ୍ଡିଆ ବ୍ଲକ୍‌ର ଅନେକ ଦଳର ନେତା ସାମିଲ ହୋଇଥିଲେ। ଏନେଇ ଖାର୍ଗେ ଆହୁରି କହିଛନ୍ତି, ସରକାର ଉକ୍ତ ବିଲ୍‌କୁ ଯେପରି ଢଙ୍ଗରେ ଆଣୁଛନ୍ତି ତାକୁ ନେଇ ଆମର ଆପତ୍ତି ରହିଛି। ମହିଳା ସଂରକ୍ଷଣ ସଂକ୍ରାନ୍ତ ସମ୍ବିଧାନ ସଂଶୋଧନ ପ୍ରସ୍ତାବ ପଛରେ ରାଜନୈତିକ ଉଦ୍ଦେଶ୍ୟ ରହିଛି। କେବଳ ବିରୋଧୀଙ୍କୁ ଦମନ କରିବା ପାଇଁ ସରକାର ଏସବୁ କରୁଛନ୍ତି। ଭାଜପା ନେତୃତ୍ୱାଧୀନ ସରକାର ଡିଲିମିଟେଶନ୍ ଉପରେ ଟ୍ରିକ୍ କରୁଛନ୍ତି। ତେଣୁ ସମସ୍ତ ଦଳ ଏହାକୁ ମିଳିତ ଭାବେ ବିରୋଧ କରିବାକୁ ଏକାଠି ହୋଇଛୁ। କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି, ଡିଲିମିଟେଶନ୍ କମିଶନ ଯେପରି ଭାବେ କାର୍ଯ୍ୟ କରୁଛନ୍ତି, ସେଥିରୁ କମିଶନ ଶାସକ ଦଳର ହାସବାରିସି ସାଜିଥିବା ସ୍ପଷ୍ଟ ହେଉଛି। ମହିଳା ସଂରକ୍ଷଣ କାର୍ଯ୍ୟକାରୀ ହେବା ଉଚିତ। କିନ୍ତୁ ସୀମା ପୁନଃ ନିର୍ଦ୍ଧାରଣକୁ ଆମେ ସମ୍ପୂର୍ଣ୍ଣ ବିରୋଧ କରୁଛୁ।

ବୈଠକରେ ଖାର୍ଗେଙ୍କ ସହ କଂଗ୍ରେସ ନେତା ରାହୁଲ ଗାନ୍ଧୀ, ଡିଏମ୍‌କେର ଟି.ଆର୍. ବାଲୁ, ଆର୍‌ଜେଡିର ତେଜସ୍ୱୀ ଯାଦବ, ତୃଣମୂଳ କଂଗ୍ରେସ(ଟିଏମ୍‌ସି)ର ସାଗରିକା ଘୋଷ, ଶିବସେନା ୟୁବିଟି ନେତା ସଞ୍ଜୟ ରାଉତ୍ ଓ ଅରବିନ୍ଦ ସାୱନ୍ତ, ଏନ୍‌ସିପି-ଏସ୍‌ସିପିର ସୁପ୍ରିୟା ସୁଲେ, ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ସିପିଆଇ

☞ପୃଷ୍ଠା-୧୩

# ୮.୪୭ ଲକ୍ଷ ଟଙ୍କାର ଜାଲ୍‌ନୋଟ ଜବତ, ୨ ଗିରଫ



ଜବତ ୫୦୦ଟଙ୍କିଆ ୧୬୯୫ଟି ଜାଲ୍ ନୋଟ।

ସୋନପୁର,୧୫।୪(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସହରସ୍ଥିତ ଏସ୍‌ବିଆଇ ମୁଖ୍ୟ ଶାଖା ସମ୍ମୁଖରେ ପୋଲିସ ଚଢ଼ାଉ କରି ବିପୁଳ ପରିମାଣର ଜାଲନୋଟ ଜବତ କରିଛି। ଏଥିରେ ଏକ ର୍‌ୟାକେଟ୍ କାମ କରୁଛି। ପଡୋଶୀ ଜିଲା ବରଗଡ଼ ଓ ପଡୋଶୀ ରାଜ୍ୟ ଛତିଶଗଡ଼କୁ ମଧ୍ୟ ଏହି ଅପରାଧର ଚେର ଲମ୍ବିଛି। ୨ ଜଣ ଯୁବକ ଏକ ସ୍କର୍ପିଓରେ ଆସି ଜାଲ୍‌ନୋଟ କାରବାର କରୁଥିବା ସୁବର୍ଣ୍ଣପୁର ପୋଲିସକୁ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା। ସୋନପୁର ଟାଉନ ପୋଲିସ ଆଇଆଇସି ଯାଦବ ବାଗଙ୍କ ନେତୃତ୍ୱରେ ମଙ୍ଗଳବାର ବିଳମ୍ବିତ ରାତିରେ ପୋଲିସ ଟିମ୍ ସହରରେ ପାଟ୍ରୋଲିଂ କରୁଥିଲେ। ଏକ କଳାରଙ୍ଗର ସ୍କର୍ପିଓ କ୍ଲାସିକ୍ ଏସ୍ ୧୧(ନଂ.ଓଡି୩୪ଜେଡ-୧୯୧୯)କୁ ଏସ୍ଆଇ ଅନିଲ ବେହେରା ଅଟକାଇଥିଲେ। ତନଖି ସମୟରେ ଗାଡିରେ ଥିବା ନୀଳ ରଙ୍ଗର ବ୍ୟାଗ୍‌ରୁ ୫୦୦ଟଙ୍କିଆ ଜାଲ୍ ନୋଟ ବଣ୍ଡଲ ମିଳିଥିଲା ବୋଲି ଏସ୍‌ପି ନାରାୟଣ ନାୟକ ବୁଧବାର ଜିଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏସ୍‌ପି କହିଛନ୍ତି ଏହା ଜାଲ୍ ନୋଟ ବୋଲି ଖାଲି ଆଖିରେ ଦେଖିଲେ ଜଣା ପଡିଯାଉଛି। ସେହିପରି ସବୁ ନୋଟର କ୍ରମିକ ନଂ ୦୦ ୦୦ ୦୦ ଥିଲା। ଗଣତି ପରେ ୫୦୦ଟଙ୍କିଆ ମୋଟ ୧୬୯୫ଟି ଜାଲ୍

☞ପୃଷ୍ଠା-୧୩




# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ବାଦି ପାଲା ପରିବେଷଣ, ସ୍ଥାନ: ଭୁବନେଶ୍ୱର ମହାନଗର ନିଗମର ୪ନଂ ୱାର୍ଡର ସୁନ୍ଦରାପାଟଣ ଓ ରୁଦ୍ରପୁର ଗ୍ରାମର ମା' ଗେହ୍ଲା ଦେବୀଙ୍କ ପୀଠସ୍ଥଳୀ, ସମୟ: ରାତି ୭ଟା।
- ବାଦି ପାଲା ପରିବେଷଣ, ସ୍ଥାନ: ଜଗନ୍ନାଥପୁର ପଞ୍ଚାୟତର ମହାନ୍ତି ପାଟଣାସ୍ଥିତ ମା' ବନଦୁର୍ଗାଙ୍କ ପୀଠସ୍ଥଳୀ ନିକଟ ପାଲା ମଣ୍ଡପ, ସମୟ: ରାତି ୭ଟା।
- ଶ୍ରୀ ନୀଳକଣ୍ଠେଶ୍ୱର ଦେବ ରାମଲୀଳା ପ୍ରଚାର ସମିତି ଆନୁକୂଲ୍ୟରେ ରାମ ନାଟକ 'ମହିରାବଣ ବଧ', ସ୍ଥାନ: ବାଲିଅନ୍ତାର ବେଣୁପୁରସ୍ଥିତ ରାମଲୀଳା ପଡ଼ିଆ, ସମୟ: ରାତି ୧୧ଟା।
- ଉତ୍କଳ ରତ୍ନ ଫାଉଣ୍ଡେଶନ୍ ପକ୍ଷରୁ ୩ୟ ବାର୍ଷିକ ଉତ୍ସବ 'ରତ୍ନଶୋଭା ୨୦୨୬' କାର୍ଯ୍ୟକ୍ରମ, ସ୍ଥାନ: ଜୟଦେବ ବିହାର, ସମୟ: ସନ୍ଧ୍ୟା ୬ଟା।
- ସଞ୍ଚାରି ଟ୍ରଷ୍ଟ ପକ୍ଷରୁ ୩ୟ ସମକ୍ଷ ନୃତ୍ୟ ଏବଂ ସଂଗୀତ ଉତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ମା' ତାରିଣୀ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ତାରିଣୀ ମନ୍ଦିର, ୨ୟ ପୋଷ୍ଟାଲ୍ କଲୋନୀ ନିକଟ, ବୀର ସୁରେନ୍ଦ୍ର ସାଏ ନଗର, ସମୟ: ରାତି ୮ଟା।

## କଟକ

- ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ୍ ପକ୍ଷରୁ ଇଭୋଲ୍ୟୁଶନ ଅଫ୍ ଲ' ଥ୍ରୁ ଦି ଜଜ୍‌ମେଣ୍ଟସ ଅଫ୍ ଡ. ଜଷ୍ଟିସ ବି.ଆର୍. ଷଡ଼ଙ୍ଗୀ, ସ୍ଥାନ: ହାଇକୋର୍ଟ ବାର୍ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା ୪୫।

## ପୁରୀ

- ଶୀତଳ ବାଙ୍ଗ ଚିକିତ୍ସା ଶିବିର, ସ୍ଥାନ: ପୌରସଦନ, ସମୟ: ମଧ୍ୟାହ୍ନ ୧୨ଟା।
- ଅଷ୍ଟପ୍ରହରୀ ନାମ ସଂକୀର୍ତ୍ତନ ଉତ୍ସବ, ସ୍ଥାନ: ମାତା ଗୋସେଇଁ ଲେନ୍, ସମୟ: ସକାଳ ୮ଟା।
- ନାରୀଶକ୍ତି ବନ୍ଦନ ଶୋଭାଯାତ୍ରା, ସ୍ଥାନ: ସୁଭାଷ ବୋଷ ଛକ, ସମୟ: ସକାଳ ୮ଟା।

## ବାଲେଶ୍ୱର

- ଶ୍ରୀ ରାଧା ବେଣୁମାଧବ ସେବାଧାମ ମନ୍ଦିରର ବାର୍ଷିକ ଉତ୍ସବ ଅବସରରେ ଭାଗବତ ସପ୍ତାହ ଆରମ୍ଭ, ସ୍ଥାନ: ଧର୍ମଦ୍ୱାର, ଘଣ୍ଟୁଆ, ବାଲିଆପାଳ, ସମୟ: ସକାଳ ୭ଟା।
- ଆମରଣ ଅନଶନ, ସ୍ଥାନ : କମର୍ଦ୍ଧା ଥାନା, ଭୋଗରାଇ, ସମୟ : ସକାଳ ୯ଟା ।
- ବାଲେଶ୍ୱର ବୈଶାଖୀ ମହୋତ୍ସବର ସପ୍ତମ ସନ୍ଧ୍ୟା, ସ୍ଥାନ : ଆଇଟିଆଇ ପଡିଆ, ବାଲେଶ୍ୱର , ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ

- ନାରୀଶକ୍ତି ବନ୍ଦନ ପଦଯାତ୍ରା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଟାଉନ ହଲ୍, ଭଦ୍ରକ, ସମୟ: ସକାଳ ୮ଟା ୩୦।
- ନାରୀଶକ୍ତି ବନ୍ଦନ କାର୍ଯ୍ୟକ୍ରମ, ସ୍ଥାନ: ଦୀନଦୟାଲ ଭବନ, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।

## ମୟୂରଭଞ୍ଜ

- ଆମେ-୮୦ ପକ୍ଷରୁ ଜଳଛତ୍ର, ସ୍ଥାନ: ପୂର୍ତ୍ତ ବିଭାଗ ଅଫିସ ସମ୍ମୁଖ କଚେରିରୋଡ୍, ବାରିପଦା, ସମୟ: ସକାଳ ୯ଟା।
- ଢାବୁଲ ତାମ୍‌ସା, ସ୍ଥାନ: ତସରଡ଼ା, ହାଟଛକ, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ନିଆଁପାଟ,ସ୍ଥାନ:ଛୋଟରାୟପୁର ଶିବ ମନ୍ଦିର, ମୋରଡ଼ା,ସମୟ:ଅପରାହ୍ନ ୫ଟା।
- ବଳାଙ୍ଗୀ ମହୋତ୍ସବ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ବୁଢ଼ାବଳଙ୍ଗ, ଟିପଟ ଓ ଇଟାଯେଡ଼ି ନଦୀ ସଙ୍ଗମସ୍ଥଳ, ବାରିପଦା: ସମୟ: ସନ୍ଧ୍ୟା ୬ଟା।
- ଚଇତି ପର୍ବର ତୃତୀୟ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ମାଣିଦା ପଡ଼ିଆ, ରାସଗୋବିନ୍ଦପୁର, ସମୟ:ସନ୍ଧ୍ୟା ୭ଟା।

## ବ୍ରହ୍ମପୁର

- ଏଆଇସିସିର ଖବରଦାତା ସମ୍ମିଳନୀ, ସ୍ଥାନ: କଂଗ୍ରେସ ଅଫିସ, ସମୟ: ମଧ୍ୟାହ୍ନ ୧୨ଟା।

## ଗଞ୍ଜାମ

- ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଆରମ୍ଭ, ସ୍ଥାନ: ସାନଖେମୁଣ୍ଡି ବ୍ଲକ ପାଟପୁର ଗ୍ରାମ(ରାଧାଦେଇପୁର),ସମୟ: ସକାଳ ୮ ଟା।

## ଢେଙ୍କାନାଳ

- କାରୁବାକୀ ମହୋତ୍ସବ ଉଦଯାପନ, ସ୍ଥାନ: ଆର୍ଟ ଆଣ୍ଡ୍ କ୍ରାଫ୍ଟ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୩୦।
- ଶ୍ରୀଜଗନ୍ନାଥ ସଂସ୍କୃତି ଆଲୋଚନାଚକ୍ର, ସ୍ଥାନ: ମହିମା ବହିମେଳା ପରିସର, ମିନି ଷ୍ଟାଡିୟମ, ସମୟ: ସନ୍ଧ୍ୟା ୭ଟା।

## ଜଗତ୍‌ସିଂହପୁର

- ସିଦ୍ଧ ଆଶ୍ରମ ବାର୍ଷିକ ଉତ୍ସବ, ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଜିରାଇଲୋ ପଞ୍ଚାୟତସ୍ଥିତ ନାଉବେଲାରୀ ସିଦ୍ଧ ଆଶ୍ରମ ପରିସର,ଏରସମା, ସମୟ: ଅପରାହ୍ନ ୩ଟା।
- ନୂଆବଜାର କାଠଗୋଲା ପଡ଼ା କମିଟି ପକ୍ଷରୁ ରାମଲୀଳା କାର୍ଯ୍ୟକ୍ରମ, ସ୍ଥାନ: ନୂଆବଜାର, ପାରାଦୀପ, ସମୟ: ରାତି ୮ ଟା।

## କେନ୍ଦ୍ରାପଡ଼ା

- ନାରୀ ଶକ୍ତି ବନ୍ଦନ ଅଧୀନିୟମ ପଦଯାତ୍ରା, ସ୍ଥାନ: ନୂଆ ବସ୍‌ଷ୍ଟାଣ୍ଡ, କେନ୍ଦ୍ରାପଡା ସହର, ସମୟ: ଅପରାହ୍ନ ୩ଟା ।
- ଫକିରାବାଦର ଆଜାଦ କ୍ଲବ ପକ୍ଷରୁ ଫୁଟ୍‌ବଲ ପ୍ରତିଯୋଗିତା, ସ୍ଥାନ: ଟାଉନ ହାଇସ୍କୁଲ ଖେଳ ପଡିଆ, ଖଡିଅଙ୍ଗ, କେନ୍ଦ୍ରାପଡା ସହର, ସମୟ: ଅପରାହ୍ନ ୪ଟା ।
- ଜମ୍ବୁ ଦ୍ୱୀପ ମହୋତ୍ସବ, ମା' ରାମଚଣ୍ଡୀ ପୀଠ, ରାମନଗର, ମହାକାଳପଡା, ସମୟ: ସନ୍ଧ୍ୟା ୬ଟା ।
- ଶ୍ରୀ ବଟମହାପୁରୁଷ ନାଟ୍ୟ ପରିଷଦ ପକ୍ଷରୁ ନାଟକ ଗୁହାରୀ ଶୁଣ ଦୀନବନ୍ଧୁ ପରିବେଷଣ, ସ୍ଥାନ: ଗଜେନ୍ଦ୍ରପୁର, ପଟ୍ଟାମୁଣ୍ଡାଇ, ସମୟ: ସନ୍ଧ୍ୟା ୭ଟା ।

## ଯାଜପୁର

- ଧର୍ମଶାଳା ମହିଳା ଓ ଶିଶୁ ବିକାଶ ପକ୍ଷରୁ ବ୍ଲକସ୍ତରୀୟ ଆଇନ୍ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଧର୍ମଶାଳା ଷ୍ଟାଡିୟମ୍ ପରିସର, ସମୟ: ସକାଳ ୯ଟା।
- ଶ୍ରୀରାମ ଚରିତ ମାନସ ନର୍ବାହ୍ନ ପାରାୟଣ ଓ ପ୍ରବଚନ ମହାଯଜ୍ଞ, ସ୍ଥାନ: ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପାବନୀ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ପଣା ସଂକ୍ରାନ୍ତି ପାଳନ ଅବସରରେ ପ୍ରବଚନ, ସ୍ଥାନ: ଧର୍ମଶାଳା ବ୍ଲକ ଉତ୍ତର ଶାସନସ୍ଥିତ ମା' ଅମରେଶ୍ୱରୀ ପୀଠ, ସମୟ: ସନ୍ଧ୍ୟା ୬ଟା।
- ବ୍ୟାସନଗର ମହତାବନଗରଠାରେ ଶ୍ରୀରାମ ଚରିତ ମାନସ, ସ୍ଥାନ: ମହତାବନଗର ସିଦ୍ଧେଶ୍ୱର ମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ଟା।

## ନୟାଗଡ଼

- ନୀଳମାଧବଙ୍କ ଚନ୍ଦନ ଲାଗି ବେଶର ୪୪ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ପ୍ରାତଃ ୫ଟା ।
- ମା' ଦକ୍ଷିଣକାଳୀଙ୍କ ପଣାଯାତ୍ରାର ୩ୟ ଦିବସରେ ନୀତିକାନ୍ତି ସହ ବିଭିନ୍ନ କାର୍ଯ୍ୟକ୍ରମ, ସ୍ଥାନ:ନୟାଗଡ଼ ପୁରୁଣା ସହରର ମା' ଦକ୍ଷିଣକାଳୀ ମନ୍ଦିର, ସମୟ: ପ୍ରାତଃ ୫ଟା୩୦ରୁ ରାତ୍ର ୧୧ ।

## ନବରଙ୍ଗପୁର

- ମୁଖ୍ୟମନ୍ତ୍ରୀ ଟ୍ରଫି-୨୦୨୬ ଆନ୍ତଃଜିଲା ଚାମ୍ପିୟନଶିପ, ସ୍ଥାନ: ନବରଙ୍ଗପୁର ଷ୍ଟାଡିୟମ, ସମୟ: ସକାଳ ୭ଟା।
- ନାରୀ ଶକ୍ତି ବନ୍ଦନ ଉତ୍ସବ, ସ୍ଥାନ: ନବରଙ୍ଗପୁର, ସମୟ: ସକାଳ ୭ଟା ୩୦।
- ସୁରଭି ଗୋଶାଳା ଉଦ୍‌ଘାଟନ, ସ୍ଥାନ: କେନ୍ଦୁଗୁଡା, ନବରଙ୍ଗପୁର, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ଜିଲା କ୍ରୀଡା ସଂଘ ପକ୍ଷରୁ ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୮ଟା।
- ରାଜ୍ୟ କେନ୍ଦୁପତ୍ର କର୍ମଚାରୀ ସଂଘର ସମାବେଶ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା।
- ଶ୍ରୀଶ୍ରୀ ଗୌର କଥା କାର୍ଯ୍ୟକ୍ରମ, ସ୍ଥାନ : ମହାନ୍ତିପଡ଼ା ସ୍ଥିତ ନିତାଇ ଗୌର ମାତା ମଠ, ସମୟ : ଅପରାହ୍ନ ୩ଟା।
- ଜିଲା କ୍ରୀଡା ସଂଘ ପକ୍ଷରୁ ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୪ଟା।

## ରାଉରକେଲା

- ସିଏମ୍ ଟ୍ରଫି, ୭ମ ଦିବସ, ସ୍ଥାନ: ବିର୍ସା ମୁଣ୍ଡା ଆଥଲେଟିକ୍ ଷ୍ଟାଡିୟମ୍, ସମୟ: ସକାଳ ୭ଟା।
- ଶ୍ରୀଶ୍ରୀ ସୋଲାପୁରୀ ଶିତଳା ମାତା ପୂଜା, ୫ମ ଦିବସ, ସ୍ଥାନ: ରେଳବାଇ କଲୋନୀ, ସମୟ: ସକାଳ ୯ଟା।
- ଚରିତ୍ର ଗଠନରେ ଯୌଥ ପରିବାରର ଭୂମିକା ଶୀର୍ଷକରେ ଆଲୋଚନାଚକ୍ର, ସ୍ଥାନ: ସେକ୍ଟର--୬, ସମୟ: ସକାଳ ୯ଟା।
- ଆର୍‌ଏମ୍‌ସି ପକ୍ଷରୁ ଗୃହଗଣନା ଅଭିଯାନ ଶୁଭାରମ୍ଭ, ସ୍ଥାନ: ଉଦିତ ନଗର, ସମୟ: ପୂର୍ବାହ୍ନ ୧୦ଟା।
- ୫ମ ରାଜ୍ୟ ହକି ପ୍ରତିଯୋଗିତା, ସ୍ଥାନ: ବିର୍ସା ମୁଣ୍ଡା ହକି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।
- ତୋ ବିନା ମୋ ଅଭୂଲା ସ୍ମୃତୀ ଶୀର୍ଷକ ସଙ୍ଗୀତ ସମାରୋହ, ସ୍ଥାନ: ସିଭିକ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା।

## ସୁନ୍ଦରଗଡ଼

- ସୁଭଦ୍ରା ଶକ୍ତି ମହିଳା ସଚେତନତା ଅଭିଯାନ,ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣ,ସମୟ:ସକାଳ ୮ଟା୩୦।
- ବସନ୍ତ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା ନାଟକ କାରାଗାର ପରିବେଷଣ କାର୍ଯ୍ୟକ୍ରମ,ସ୍ଥାନ: ସଂସ୍କୃତି ଭବନ,ସମୟ: ସନ୍ଧ୍ୟା ୬ଟା।

## ବରଗଡ଼

- ସି.ଏମ ଟ୍ରଫି ଜୁନିୟର ଫୁଟବଲ ପ୍ରତିଯୋଗିତା, ସ୍ଥାନ:ଲେଙ୍ଗୁ ମିଶ୍ର ଷ୍ଟାଡିୟମ, ବରଗଡ଼,ସମୟ:ସକାଳ ୭ଟା।
- ସି.ଏମ୍ ଟ୍ରଫି ଜୁନିୟର କବାଡ଼ି ପ୍ରତିଯୋଗିତା, ସ୍ଥାନ:ମାଣ୍ଡୋସିଲ ଯୁକ୍ତ ୨ କଲେଜ, ପାଇକମାଳ, ସମୟ:ସକାଳ ୯ଟା।
- ଷୋହଳ ପ୍ରହରୀ ନାମଯଜ୍ଞର ଉଦ୍‌ଯାପନୀ, ସ୍ଥାନ:ବଗେଇବିରା, ବରଗଡ଼, ସମୟ:ଅପରାହ୍ନ ୫ଟା।

## କଳାହାଣ୍ଡି

- ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ କପ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟନ, ସ୍ଥାନ: ଭବାନୀପାଟଣା ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।
- କଳାହାଣ୍ଡି ଲେଖକ କଳା ପରିଷଦର ବିଷୁବ ମିଳନ ଉଦ୍‌ଯାପନ, ସ୍ଥାନ: ଭବାନୀପାଟଣା ଟାଉନ ହଲ, ସମୟ: ଅପରାହ୍ନ ୪ଟା।

## ବୌଦ୍ଧ

- ମେଗା ସଚେତନତା ଶିବିର ମିଶନ ଶକ୍ତି କାର୍ଯ୍ୟକ୍ରମ,ସ୍ଥାନ: ଟାଉନ ହଲ ବୌଦ୍ଧ,ସମୟ: ସକାଳ ୮ଟା।

## ଦେବଗଡ଼

- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ : ଦେବଗଡ ମଠସାହିସ୍ଥିତ କନକଦୁର୍ଗା ମନ୍ଦିର, ସମୟ : ସନ୍ଧ୍ୟା ୭ଟା।
- ଶ୍ରୀ ସତ୍ୟ ସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତି, ସ୍ଥାନ : ଦେବଗଡ ଶ୍ରୀ ସତ୍ୟସାଇ ମନ୍ଦିର, ସମୟ : ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ : ଦେବଗଡ ପ୍ରଧାନପାଟ ରୋଡ ଶିରିଡ଼ି ସାଇ ମନ୍ଦିର, ସମୟ : ସନ୍ଧ୍ୟା ୭ଟା୩୦।

## ସୁବର୍ଣ୍ଣପୁର

- ମହିଳା ସଶକ୍ତିକରଣ ପାଇଁ ଜିଲାସ୍ତରୀୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ସୁବର୍ଣ୍ଣପୁର ଟାଉନ ହଲ, ସମୟ: ସକାଳ ୮ଟା।

## ନୂଆପଡ଼ା

- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଅବ୍ୟାହତ ଓ ଆଳତି, ସ୍ଥାନ: ବୋଡେନ ବ୍ଲକ ତାରାପୁର ଗାଁ, ସମୟ: ପ୍ରାତଃ ୫ଟା ୧୦ ଓ ସନ୍ଧ୍ୟା ୬ଟା ୧୫।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ଖଡିଆଳ ବ୍ଲକ ମାନମହେଶ୍ୱର ପଞ୍ଚାୟତ ଖୋଲପଥର ଗାଁ, ସମୟ: ସକାଳ ୮ଟା।
- ମା' ସମଲେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ ୪ର୍ଥ ଦିବସ, ସ୍ଥାନ: କୋମନା ବ୍ଲକ କୋନାବିରା ଗାଁ, ସମୟ: ସକାଳ ୯ଟା ଓ ଅପରାହ୍ନ ୩ଟା।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ଉପଲକ୍ଷେ ଭଣ୍ଡାରା କାର୍ଯ୍ୟକ୍ରମ, ସ୍ଥାନ: ଖଡିଆଳ ବ୍ଲକ ଖୋଲପଥର ଗାଁ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଶିବ ମନ୍ଦିର ପ୍ରତିଷ୍ଠା ଓ ଅଷ୍ଟପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ସିଆଳଟି ପଞ୍ଚାୟତ ବେଲରଦନା ଗାଁ, ସମୟ: ଅପରାହ୍ନ ୧ଟା ୩୦।

## ଝାରସୁଗୁଡ଼ା

- ସିଏମ୍ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ:ଓଏସଏପି ମିନି ଷ୍ଟାଡିୟମ, ସମୟ :ସକାଳ ୮ଟା।
- ଆଧ୍ୟାତ୍ମିକ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ :ମନମୋହନ ଖେଳ ପଡ଼ିଆ, ଝାରସୁଗୁଡ଼ା,ସମୟ:ସନ୍ଧ୍ୟା ୬ଟା ୩୦।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଟିକି ଟିକି ମାଛ ମୀନେଇ ମାଛଲୋ
କାହା ପତରରେ ଦେବି;
ନିଜ ଗେରସ୍ତକୁ କବାଟ କିଳିଣ
ଘୋଡ଼ାନାଟ ଦେଖିଯିବି।**

କ୍ଷଣିକ ଆବେଗର ବଶବର୍ତ୍ତୀ ହୋଇ କେତେଜଣ ବ୍ୟକ୍ତି ଅବୈଧ ସମ୍ପର୍କରେ ଲିପ୍ତ ରହୁଥିବା ଦେଖିବାକୁ ମିଳିଥାଏ। ଏହା ଯେ କେବଳ ଅନୈତିକ ତାହା ନୁହେଁ ବରଂ ପାପ କହିଲେ ଅତ୍ୟୁକ୍ତି ହେବନାହିଁ। ସ୍ୱାମୀକୁ ହତାଦର କରି ପରପୁରୁଷ ପ୍ରତି ମନ ବଳାଇ ବସୁଥିବା ଘରଣୀର ମନ୍ଦ ସ୍ୱଭାବ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଟାଣ କରୁଥାଏ ମାଇପ ଆଗେ
ବୁଦ୍ଧି ନ ଆସଇ ପାଇକ ଆଗେ।**

କେତେଜଣ ବ୍ୟକ୍ତି ନିଜ ସ୍ତ୍ରୀ ଉପରେ ଅଯଥା ଟାଣପଣ ଦେଖେଇ ହୋଇଥାନ୍ତି, ବାହାଦୁରି ଦେଖାଇ ବଡ଼ ବଡ଼ କଥା କହିଥାନ୍ତି। ପରନ୍ତୁ ଅନ୍ୟ ଆଗରେ ଟାଣ କରି କଥା କହିବାକୁ ସାହସ ଜୁଟାଇ ପାରି ନ ଥାନ୍ତି। ଅନ୍ୟ ସାମ୍ନାରେ ଭୀରୁତା ପ୍ରଦର୍ଶନ କରୁଥିବା କାପୁରୁଷ ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ବସ୍-ବାଇକ୍ ଧକ୍କା, ୨ ସାଙ୍ଗ ମୃତ

**ଚାନ୍ଦବାଲି,୧୫।୪(କିଷାନ ପାତ୍ର)**

ଭଦ୍ରକ ଜିଲା ଚାନ୍ଦବାଲି ଥାନା ଅଧୀନ ମହୁଲିଆ ଛକ ନିକଟରେ ବୁଧବାର ସନ୍ଧ୍ୟାରେ ବସ୍ ସହ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ୨ ସାଙ୍ଗଙ୍କ ମୃତ୍ୟୁ ଘଟିଛି। ମୃତ ୨ ସାଙ୍ଗ ହେଲେ ସ୍ଥାନୀୟ ବାଲିପାଟଣା ଗାଁର ଗଣେଶ ବେହେରା(୩୯) ଓ ଅମିତ୍ ବେହେରା(୩୯)। ସୂଚନା ଅନୁଯାୟୀ, ଗଣେଶ ଓ ଅମିତ୍ ଏକ ବାଇକ୍‌ରେ ଚାନ୍ଦବାଲିରୁ ଘରକୁ ଫେରୁଥିଲେ। ଚାନ୍ଦବାଲି-ଭଦ୍ରକ ମୁଖ୍ୟରାସ୍ତାର ମହୁଲିଆ ଛକ ନିକଟରେ ଭଦ୍ରକ ପଟୁ ଆସୁଥିବା କରମାଳାଚନ୍ଦ୍ର ନାମକ ଏକ ବସ୍ ସେମାନଙ୍କୁ ସାମ୍ନାପଟୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଯୋଗେ ସେମାନଙ୍କୁ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରେ ଡାକ୍ତର ୨ଜଣଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିଛି।

# ବିକ୍ରମ ପଣ୍ଡାଙ୍କ ଜାମିନ ଶୁଣାଣି ଶେଷ: ରାୟ ସଂରକ୍ଷିତ

**କଟକ,୧୫।୪(କାର୍ତ୍ତିକ ସାହୁ)**

## ଆଇନଜୀବୀ ପୀତବାସ ପଣ୍ଡାଙ୍କ ହତ୍ୟା ଘଟଣା

ଓଡ଼ିଶା ହାଇକୋର୍ଟର ଆଇନଜୀବୀ ପୀତବାସ ପଣ୍ଡାଙ୍କ ହତ୍ୟା ମାମଲାର ଅଭିଯୁକ୍ତ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ଜାମିନ ଆବେଦନ ମାମଲାର ଶୁଣାଣି ବୁଧବାର ଶେଷ ହୋଇଛି। ହାଇକୋର୍ଟର ବିଚାରପତି ଆଦିତ୍ୟ କୁମାର ମହାପାତ୍ର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଛନ୍ତି। ଆଇନଜୀବୀ ପଣ୍ଡା ୨୦୨୫ ଅକ୍ଟୋବର ୬ ରାତିରେ ତାଙ୍କ ଘରକୁ ଫେରୁଥିବାବେଳେ କେତେଜଣ ଦୁର୍ବୃତ୍ତଙ୍କ ଗୁଳିମାଡ଼ର ଶିକାର ହୋଇଥିଲେ। ବ୍ରହ୍ମପୁର ପୋଲିସ ମାମଲାର ତଦନ୍ତ ଆରମ୍ଭକରି ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ସମେତ ତାଙ୍କର କେତେଜଣ ସହଯୋଗୀଙ୍କୁ ଗିରଫ କରିଥିଲା। ଏହାପରେ ବିକ୍ରମ ନିମ୍ନ କୋର୍ଟରେ ଜାମିନ ଆବେଦନ କରିଥିଲେ। ତାଙ୍କ ଜାମିନ ଆବେଦନକୁ ବ୍ରହ୍ମପୁର ତୃତୀୟ ଅତିରିକ୍ତ ଜିଲା ଦୌରାଜଜ୍ ଡିସେମ୍ବର ୧୬ରେ ଖାରଜ କରିଦେଇଥିଲେ। ଫଳରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ବିକ୍ରମଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଅଶୋକ ପରିଜା, ମିଳନ କାନୁନ୍‌ଗୋ ଏବଂ ମୃତ ପୀତବାସ ପଣ୍ଡାଙ୍କ ପରିବାର ପକ୍ଷରୁ ବିଜୟ କୁମାର ରଗଡ଼ ପ୍ରମୁଖ ମାମଲା ପରିଚାଳନା କରୁଛନ୍ତି।

# ଅବଶିଷ୍ଟାଂଶ

## ଫୁଲବାଣୀରେ ହାଜତ ମୃତ୍ୟୁ...

ସହ ଅପରାହ୍ନରେ ଏସ୍‌ପିଙ୍କ କାର୍ଯ୍ୟାଳୟ ପାଖରେ ରୁଣ୍ଡ ହୋଇଥିଲେ । ଘଟଣାର ଉପଯୁକ୍ତ ତଦନ୍ତ ସହ ପରିବାରକୁ କ୍ଷତିପୂରଣ ଦିଆଯାଉ ବୋଲି ଦାବି କରିଥିଲେ। ଏ ନେଇ ଫୁଲବାଣୀ ସଦର ଏସ୍‌ଡିପିଓ ଶୁଭ୍ରଜିତ ବିଶ୍ୱାଳଙ୍କ ସହ ଯୋଗାଯୋଗ କରିବାରୁ ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ବୋଲି କହିଛନ୍ତି। ଘଟଣାର ତଦନ୍ତ ହେବ । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସତ୍ୟାସତ୍ୟ ଜଣାପଡିବ ବୋଲି ସେ କହିଛନ୍ତି । ହେରେନ ଏବଂ ତାଙ୍କ ନାବାଳକ ସହଯୋଗୀ ଗତ ୧୨ ତାରିଖରେ ସାଦା ପୋଷାକରେ ଥିବା ଜଣେ ପୋଲିସ କର୍ମଚାରୀଙ୍କ ବ୍ୟାଗ ଝାମ୍ପି ନେଇଥିଲେ। ସେଥିରେ ୧୦ ହଜାର ଟଙ୍କା ସହ ଅନ୍ୟାନ୍ୟ ସାମଗ୍ରୀ ଥିଲା । ଏ ନେଇ ସମ୍ପୃକ୍ତ ପୋଲିସ ଅଧିକାରୀ ଥାନାରେ ଏତଲା ଦେବାପରେ ପୋଲିସ ଅଭିଯୁକ୍ତଙ୍କୁ ଘରୁ ଉଠାଇ ଥାନାକୁ ଆଣି ପଚାରାଉଚରା କରିଥିଲା। ୧୪ ତାରିଖରେ ଘର ଲୋକଙ୍କ ଉପସ୍ଥିତିରେ ହେରନଙ୍କୁ କୋର୍ଟ ଚାଲାଣ କରାଗଲା। ତାଙ୍କୁ ମାଡ଼ ମରାଯାଇନାହିଁ ବୋଲି ଏସ୍‌ଡିପିଓ କହିଛନ୍ତି। ଅନ୍ୟପକ୍ଷରେ ମେଡିକାଲରେ ଉତ୍ତେଜନା ଯୋଗୁ ବିଳମ୍ବରେ ମୃତଦେହ ବ୍ୟବଚ୍ଛେଦ ହୋଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ହେରନଙ୍କ ନାଁରେ ପୂର୍ବରୁ ଏକାଧିକ ଚୋରି, ଡକାୟତି ମାମଲା ରହିଛି । ଘଟଣାର ତଦନ୍ତ ଚାଲିଛି ବୋଲି ଥାନାଧିକାରୀ ପ୍ରଜ୍ଞା ରୀତାମ୍ବରା ସୂଚନା ଦେଇଛନ୍ତି।

## ଇରାନ୍‌ରେ ମୁନିର, ...

ନେତୃତ୍ୱ ନେଇ ତେହରାନ୍ ଗସ୍ତ କରିଛନ୍ତି। ତାଙ୍କ ଟିମ୍‌ରେ ଗୃହମନ୍ତ୍ରୀ ମୋହସିନ୍ ନକ୍‌ଭି ଏବଂ ବରିଷ୍ଠ ସୁରକ୍ଷା ଅଧିକାରୀମାନେ ରହିଛନ୍ତି। ତେହରାନ୍‌ରେ ପହଞ୍ଚିବା ପରେ ଇରାନୀୟ ବହିର୍ବ୍ୟାପାର ମନ୍ତ୍ରୀ ଅବ୍ବାସ ଆରାଘଚି ପ୍ରତିନିଧି ମଣ୍ଡଳୀକୁ ସ୍ୱାଗତ କରିଥିବାବେଳେ ପରବର୍ତ୍ତୀ ପର୍ଯ୍ୟାୟ ଆଲୋଚନା ଏହି ଗସ୍ତର ଉଦ୍ଦେଶ୍ୟ ବୋଲି ଇରାନ ସରକାର ପରିଚାଳିତ ପ୍ରେସ୍ ଟିଭି ରିପୋର୍ଟ କରିଛି। ସେହିପରି ମଧ୍ୟସ୍ଥତା ଉଦ୍ୟମ ପରିପ୍ରେକ୍ଷୀରେ ସେମାନେ ଗସ୍ତ କରିଥିବା ପାକ୍ ସେନା ମଧ୍ୟ ସ୍ପଷ୍ଟ କରିଛି। ପାକ୍ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ ସାଉଦି ଆରବର ଜେଦ୍ଦାହରେ ପହଞ୍ଚିଛନ୍ତି। ଶରିଫ୍ ସାଉଦି କ୍ରାଉନ୍ ପ୍ରିନ୍ସ ମହମ୍ମଦ ବିନ୍ ସଲମାନଙ୍କ ସହ ଆଲୋଚନା କରିବା କାର୍ଯ୍ୟକ୍ରମ ରହିଛି। ଏହା ପରେ ସେ ତୁର୍କୀ ଓ କାତାର ଗସ୍ତକରି ୧୮ ତାରିଖ ପର୍ଯ୍ୟନ୍ତ ରହିବେ ବୋଲି ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଏପ୍ରିଲ ୨୨ରେ ସିଜ୍‌ଫାୟାର ଅବଧି ଶେଷ ହେବା ପୂର୍ବରୁ ଭବିଷ୍ୟତ କାର୍ଯ୍ୟପନ୍ଥା ଚୂଡ଼ାନ୍ତ କରିବା ପାଇଁ ଉଭୟ ମୁନିର ଓ ଶରିଫ୍‌ଙ୍କ ଉଦ୍ୟମକୁ କୂଟନୈତିକ ଦୃଷ୍ଟିରୁ ଗୁରୁତ୍ୱ ଦିଆଯାଉଛି। ଇତିମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ମଧ୍ୟ ଖୁବ୍‌ଶୀଘ୍ର ଯୁଦ୍ଧ ଶେଷ ହେବ ବୋଲି କହିଛନ୍ତି। ଇତିମଧ୍ୟରେ ଇରାନ୍ ସହ ଆମେରିକାର ଆଲୋଚନା ଚାଲିଥିବା ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଇଛି। ଇରାନ୍ ରାଷ୍ଟ୍ରପତି ମସୌଦ ପେଜେଶ୍କିଆନ୍ ଦ୍ୱିତୀୟ ପର୍ଯ୍ୟାୟ ଶାନ୍ତି ଆଲୋଚନା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି।

## ସ୍କୁଲ ମୁଖ୍ୟ ଫାଟକ କାନ୍ଥ...

ପଢୁଥିଲେ। ସକାଳୁଆ ପାଠପଢ଼ା ଚାଲିଥିବାରୁ ସ୍କୁଲ ଛୁଟି ପରେ ସେମାନେ ଘରକୁ ଆସିଥିଲେ। ଘରେ ବହିବସ୍ତାନି ରଖିଦେଇ ଘର ପାଖ ହୋଇଥିବାରୁ ସ୍କୁଲ ନିକଟକୁ ଉଭୟ ଖେଳିବାକୁ ଯାଇଥିଲେ। ସ୍କୁଲ ମୁଖ୍ୟ ଫାଟକ ନିକଟରେ ଅନ୍ୟପିଲାମାନଙ୍କ ସହ ସେମାନେ ଖେଳୁଥିଲେ। ଏହି ସମୟରେ ହଠାତ୍ ସ୍କୁଲ ପାଚେରି ଭୁଶୁଡି ଇଡନ୍ତି ଓ ବେକିଲେସଙ୍କ ଉପରେ ପଡ଼ିଥିଲା। ଫଳରେ ଉଭୟ ଛାତ୍ରୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିଲା। ଖବରପାଇ ଘଟଣାସ୍ଥଳରେ ଆର. ଉଦୟଗିରି ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଘଟଣାସ୍ଥଳରେ ନୂଆଗଡ଼ ବିଡିଓ ଲୋକନାଥ ଶବର, ବିଇଓ ଆଦିକନ୍ଦ ଗମାଙ୍ଗ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ରେଡକ୍ରସ ପାଣ୍ଠିରୁ ଉଭୟ ଛାତ୍ରୀଙ୍କ ପରିବାରକୁ ୨୦ ହଜାର ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ କରାଯାଇଛି। କେଉଁ ପରିସ୍ଥିତିରେ ଏପରି ଅଘଟଣ ଘଟିଲା, ତଦନ୍ତ କରି ସମସ୍ତ ତଥ୍ୟ ଦେବାକୁ ବିଡିଓ ଶବର ଡିଇଓ ମାୟାଧର ସାହୁଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଡିଇଓ ସାହୁ ସନ୍ଧ୍ୟାରେ ସମ୍ପୃକ୍ତ ସ୍କୁଲକୁ ଯାଇ ସ୍ଥିତି ପରଖିଛନ୍ତି। ପ୍ରଧାନଶିକ୍ଷକ ଶ୍ୱେତ ରଇତଙ୍କୁ ପଚାରିବାରୁ ସେ କହିଛନ୍ତି, ଏହା ସ୍କୁଲର ପୁରୁଣା କାନ୍ଥ ଥିଲା। ସ୍କୁଲ ଛୁଟି ପରେ ସେମାନେ ଘରକୁ ଯାଇ କିଛି ସମୟ ପରେ ଆସି ଏଠାରେ ସ୍କୁଲ କାନ୍ଥ ଉପରେ ଚଢି ଖେଳୁଥିଲେ। ପୁରୁଣା ଦୁର୍ବଳ କାନ୍ଥ ହେତୁ ଏହା ଭୁଶୁଡ଼ି ପଡ଼ି ଏପରି ଘଟଣା ଘଟିଲା ବୋଲି ସେ କହିଛନ୍ତି।

## ସିବିଏସ୍‌ଇ ଦଶମ ...

ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୨୨ ଲକ୍ଷ ୨୧ ହଜାର ୬୩୬ ଜଣ ଛାତ୍ରୀଛାତ୍ର ସଫଳତାର ସହିତ ଉତ୍ତୀର୍ଣ୍ଣ ହୋଇଥିଲ, ଯାହାର ପାସ୍ ହାର ୯୩.୬୬ ରହିଥିଲା। ଚଳିତ ବର୍ଷ ଦଶମ ବୋର୍ଡ ପରୀକ୍ଷାରେ ପ୍ରଥମସ୍ଥାନରେ କେରଳର ତ୍ରିଭେନ୍ଦ୍ରମ୍ ରିଜିଅନ ଏବଂ ଆନ୍ଧ୍ରପ୍ରଦେଶର ବିଜୟୱାଡା ରିଜିଅନ ରହିଛି। ଉଭୟ ରିଜିଅନରେ ପାସ୍ ହାର ୯୯.୭୯% ରହିଛି। ସେହିପରି ତାମିଲନାଡୁର ଚେନ୍ନାଇ ରିଜିଅନ ୯୯.୫୮% ମାର୍କ ରଖି ତୃତୀୟସ୍ଥାନରେ ରହିଛି। ୯୮.୯୧% ସହ ଚତୁର୍ଥସ୍ଥାନରେ ବେଙ୍ଗାଲୁରୁ, ୯୭.୪୫% ସହ ପଞ୍ଚମରେ ଦିଲ୍ଲୀ ୱେଷ୍ଟ ରହିଛି। ତେବେ ଷଷ୍ଠରେ ଦିଲ୍ଲୀ ଇଷ୍ଟ ୯୭.୩୩% ରଖିଥିବାବେଳେ ୯୬.୬୬%ରେ ସପ୍ତମରେ ପୁନେ ରହିଛି। ତେବେ ୧୧ତମ ସ୍ଥାନରେ ଭୁବନେଶ୍ୱର ରିଜିଅନ ଥିବାବେଳେ ପାସ୍ ହାର ୯୪.୬୭% ରହିଛି। ଚଳିତ ବର୍ଷ କେନ୍ଦ୍ରୀୟ ବିଦ୍ୟାଳୟ(କେଭି)୯୯.୫୭% ମାର୍କ ରଖି ଶ୍ରେଷ୍ଠ ପ୍ରଦର୍ଶନ କରିଛି। ଜବାହର ନବୋଦୟ ବିଦ୍ୟାଳୟ(ଜେଏନ୍‌ଭି) ୯୯.୪୨% ମାର୍କ ରଖି ଦ୍ୱିତୀୟ ସ୍ଥାନରେ ରହିଛି। ଅନ୍ୟାନ୍ୟ ସ୍କୁଲ ବର୍ଗ ମଧ୍ୟରେ ଏସ୍‌ଟିଏସ୍‌ଏସ ୯୭.୪୨%, ସରକାରୀ ସ୍କୁଲ ୯୧.୪୩%, ସରକାରୀ ସହାୟତାପ୍ରାପ୍ତ ସ୍କୁଲ ୯୧.୦୧ % ରଖିଥିବା ବେଳେ ବେସରକାରୀ ସ୍କୁଲ ୯୩.୭୭ % ମାର୍କ ରଖି ରେକର୍ଡ କରିଛି।

## ଶ୍ରୀମନ୍ଦିରରେ ଖୁବ୍‌ଶୀଘ୍ର ...

ତେଣୁ ଶ୍ରଦ୍ଧାଳୁଙ୍କ ଭିଡ଼ ଅନେକ ସମୟରେ ବଢ଼ିଯାଉଛି। ପ୍ରତିଦିନ ୪୦ରୁ ୫୦ ହଜାର ପର୍ଯ୍ୟନ୍ତ ଭକ୍ତ ମହାପ୍ରଭୁଙ୍କ ଦର୍ଶନ କରିଥାନ୍ତି। ତେବେ ଆଗାମୀ ଦିନରେ ଶ୍ରଦ୍ଧାଳୁଙ୍କ ଦର୍ଶନ କିଭଳି ଶୃଙ୍ଖଳିତ ହେବ ତାକୁ ନେଇ ବହୁତ କିଛି ପଦକ୍ଷେପ ନିଆଯିବ। ଯଦି ପ୍ରାଥମିକ ପର୍ଯ୍ୟାୟରେ ତାହା ସଫଳ ହେଲା, ତେବେ ତାକୁ ନିୟମିତ ଭାବେ କାର୍ଯ୍ୟକାରୀ କରାଯିବ ବୋଲି ମନ୍ତ୍ରୀ ହରିଚନ୍ଦନ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - କୃଷ୍ଣପକ୍ଷର ଦ୍ୱାଦଶଚନ୍ଦ୍ର କଲ୍ୟାଣକାରକ ଯୋଗୁ ସର୍ବସିଦ୍ଧି ପ୍ରଦାନ କରିବେ। ମାନସିକ ଶାନ୍ତି, ଅର୍ଥପ୍ରାପ୍ତି, ବନ୍ଧୁସମ୍ପର୍କ, ସଭାସମିତି ଓ ଫଳପ୍ରଦ ଆଲୋଚନା ପାଇଁ ବହୁତ ଭଲ। ଉଚ୍ଚବର୍ଗର ବ୍ୟକ୍ତି, ଗୁରୁଜନଙ୍କୁ କେନ୍ଦ୍ରକରି କଳହର ଆଶଙ୍କା ଦେଖାଦେବ। ସାମାଜିକ ସ୍ଥିତି ଓ କର୍ମଦିଗଟି ଭଲ ରହିଲେ ମଧ୍ୟ ପରିଚାଳନା ସମସ୍ୟାରେ ଚିନ୍ତିତ ରହିପାରନ୍ତି।

**ବୃଷ** - ଅନୁକୂଳ ଗ୍ରହସ୍ଥିତି ଆପଣଙ୍କୁ କାର୍ଯ୍ୟସିଦ୍ଧି, ଅଭିଳଷିତ ଦ୍ରବ୍ୟ ପ୍ରାପ୍ତି, ମିତ୍ର ବନ୍ଧୁଙ୍କ ସହାୟତା ପ୍ରଦାନ କରିବ। ଆର୍ଥିକ ଉନ୍ନତି ସହ ବିଳାସ ଉପକରଣ, କର୍ମାରମ୍ଭ ଧାର୍ମିକ ବାତାବରଣ ମଧ୍ୟରେ କରିପାରନ୍ତି। ରାଜନୈତିକ ସ୍ତରରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ସାହିତ୍ୟ ଓ ସଙ୍ଗୀତ, ପ୍ରତିଯୋଗିତା, ସାଂସ୍କୃତିକ କାର୍ଯ୍ୟକ୍ରମରେ ସୁନାମ ଅର୍ଜନ କରିବେ।

**ମିଥୁନ** - କର୍ମଭାବସ୍ଥ ରାଶ୍ୟାଧିପତି ପାରିବାରିକ ସୁଖ ସମୃଦ୍ଧି ସହ ବନ୍ଧୁଙ୍କ ସହ ଭ୍ରମଣ ଓ ନୂତନ ସ୍ଥାନ ପରିଦର୍ଶନ କରାଇବେ। ଦୂରେଇ ଯାଇଥିବା ବନ୍ଧୁ ପାଖେଇବେ ଏବଂ ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ଜମିବ। ଆଜିର ଦୂରଯାତ୍ରା ସମୟରେ ଜାଣିଶୁଣି କେତେକ ଅପରିଚିତ ବ୍ୟକ୍ତି ସମସ୍ୟା ସୃଷ୍ଟି କରିପାରନ୍ତି।

**କର୍କଟ** - ଭାଗ୍ୟ ଏବଂ କର୍ମସ୍ଥାନରେ ଚନ୍ଦ୍ର ଏବଂ ଶୁକ୍ର ରହିଥିବାରୁ ଦିନଟିରେ ମନ ଖୁସି ରହିବ। ଏପରି କି ବନ୍ଧୁ ଗହଣରେ ଆପଣ ପ୍ରଶଂସିତ ହେବେ। କୌଶଳ ପ୍ରୟୋଗ ପୂର୍ବକ କୂଟନୀତି ବଳରେ କାର୍ଯ୍ୟ ସାଧନ କରିପାରନ୍ତି। ସାମାଜିକ ସ୍ତରରେ ସନ୍ଦେହଜନକ ପରିସ୍ଥିତିକୁ ଲକ୍ଷ୍ୟ କରି ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରିବେ ନାହିଁ।

**ସିଂହ** - କର୍ମାଧିପତି ଭାଗ୍ୟସ୍ଥାନରେ ସାମଗ୍ରିକ ସୁଖ, ସ୍ୱାଛନ୍ଦ୍ୟ ମଧ୍ୟରେ କାର୍ଯ୍ୟସିଦ୍ଧିର ଆନନ୍ଦ ପ୍ରଦାନ କରିବେ। ସପ୍ତମସ୍ଥ ରାହୁଙ୍କ ଯୋଗୁ ଖଳ ଲୋକଙ୍କ କଥାକୁ ବିଶ୍ୱାସ କଲେ ଅସୁବିଧା ଭୋଗିବେ। ଶିଳ୍ପ, ବ୍ୟବସାୟରେ ଆଖିଦୃଷ୍ଟିଆ ସଫଳତା ପାଇବେ। ପାରିବାରିକ ଦିଗଟି ଭଲ ରହିବା ସହ ସାମାଜିକ ସ୍ତରରେ ଲୋକସମ୍ପର୍କ ବୃଦ୍ଧି ପାଇବ।

**କନ୍ୟା** - ଅଷ୍ଟମସ୍ଥ ଶୁକ୍ରଜନିତ ଆଜି ଯେଉଁ କାମରେ ହାତଦେବେ କୃତକାର୍ଯ୍ୟ ହେବା କଷ୍ଟକର ହୋଇପାରେ। ପାରିବାରିକ କ୍ଷେତ୍ର, ଜମିଜମା ବ୍ୟବସାୟ, ବିଦ୍ୟୁତ୍, ଇଟାଭାଟି ସମ୍ପର୍କିତ କ୍ଷେତ୍ର ମଧ୍ୟ ବିବାଦୀୟ ରହିବ। ଅବଶ୍ୟ ଅଭାବ ରହିଲେ ମଧ୍ୟ ଆନୁଷଙ୍ଗିକ ସାହାଯ୍ୟ ସହଯୋଗ ପାଇବାରେ କୌଣସି ଅସୁବିଧା ହେବ ନାହିଁ।

**ତୁଳା** - ଆଜିର ଚନ୍ଦ୍ର ଆପଣଙ୍କ ସକାଶେ ଅନୁକୂଳ ବାତାବରଣ ସୃଷ୍ଟି କରି ମାନସିକ ଓ ଶାରୀରିକ ସୁସ୍ଥତା ବଜାୟ ରଖିବ। ଶନି ଏବଂ ମଙ୍ଗଳ ଷଷ୍ଠସ୍ଥାନରେ ରହି ଆପଣଙ୍କ ଅର୍ଥ ଓ ପାରିବାରିକ ସମ୍ପର୍କକୁ କ୍ଷୁଣ୍ଣ କରିପାରନ୍ତି। ବନ୍ଧୁମାନଙ୍କୁ ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଦିନଟିରେ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ ହେବ।

**ବିଛା** - ଲାଭସ୍ଥାନକୁ ଚାରୋଟି ଗ୍ରହ ଅବଲୋକନ କରୁଥିବାରୁ ଆପଣଙ୍କ ସମସ୍ତ ଆଶା ଓ ଅଭିଳାଷ ଅବିଳମ୍ବେ ପୂରଣ ହୋଇଯିବ। ପ୍ରତ୍ୟେକ ସ୍ତରରେ ଆଲୋଚନା ପରିସରରେ ଯୁକ୍ତିଯୁକ୍ତ କଥା କହି ଅନ୍ୟମାନଙ୍କୁ ସନ୍ତୁଷ୍ଟ କରିପାରିବେ। ସାମାଜିକ ସ୍ତରରେ ଲୋକପ୍ରିୟତା କାରଣରୁ ବ୍ୟକ୍ତିବିଶେଷଙ୍କୁ ପ୍ରୀତ କରାଇ ପ୍ରଶଂସିତ ହୋଇପାରନ୍ତି।

**ଧନୁ** - ଭାଗ୍ୟାଧିପ କୋଣଭାବରେ ଉଚ୍ଚସ୍ଥ ଯୋଗୁ ଆପଣଙ୍କ ଉଦ୍ୟମକୁ ସାକାର କରିବା ପାଇଁ ସୁସ୍ଥ ବାତାବରଣ ସୃଷ୍ଟି କରିବେ। ଚନ୍ଦ୍ରଙ୍କ ପ୍ରଭାବରେ ମାନସିକ ସ୍ଥିତି ଭଲ ରହିବା ସାଙ୍ଗକୁ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ବୃହସ୍ପତିଙ୍କ ଯୋଗୁ ବିଶେଷ ଭ୍ରମଣଜନିତ ଅସୁସ୍ଥତା ଅନୁଭବ କରିପାରନ୍ତି। ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ।

**ମକର** - ଆଜିର ଗ୍ରହସ୍ଥିତି ଅପୂରଣୀୟ ଆଶା ଓ ଅଭିଳାଷକୁ ପୂରଣ କରିବାରେ ସମର୍ଥ ହେବ। କିନ୍ତୁ ଅଷ୍ଟମାଧିପତି କେନ୍ଦ୍ରସ୍ଥ ଯୋଗୁ ସମସ୍ୟା ମଧ୍ୟଦେଇ ସମସ୍ତ ଉଦ୍ୟମ ସଫଳ ହେବ । ପିଲାଙ୍କ କଳହକୁ କେନ୍ଦ୍ର କରି ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ବୈବାହିକ କର୍ମ ସମ୍ପାଦନା ପରିପ୍ରେକ୍ଷୀରେ ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହେବାର ସୂଚନା ରହିଛି।

**କୁମ୍ଭ** - ଆଜିର ଗ୍ରହସ୍ଥିତିରେ କାଳସର୍ପଯୋଗ ସଂଘଟିତ ହେଉଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ସତର୍କ ରହିବା ଭଲ। ମାନସିକ ଅସ୍ଥିରତା ପୂର୍ବକ ପରିବାର, ବନ୍ଧୁ, କର୍ମକ୍ଷେତ୍ରରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ। କୌଣସି ନୀଚ ଜାତିର ବ୍ୟକ୍ତି ଶତ୍ରୁତା କରିପାରନ୍ତି। ସାହାଯ୍ୟ ପରିପ୍ରେକ୍ଷୀରେ ନିଜ ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ହଇରାଣ ହେବେ।

**ମୀନ** - ରାଜଯୋଗ ପ୍ରଭାବରେ କାର୍ଯ୍ୟସିଦ୍ଧି ସହ କର୍ମକ୍ଷେତ୍ର, ପାରିବାରିକ ସ୍ଥିତି ଭଲ ରହିବ। ପ୍ରତ୍ୟେକ ଦିଗରୁ ସାହାଯ୍ୟ, ସହଯୋଗ ପାଇ କର୍ମକ୍ଷେତ୍ରରେ ପ୍ରତିଷ୍ଠିତ ହେବେ। ବିବାଦୀୟ ଘଟଣାରେ ବିଜୟଲାଭ ସହ କିମ୍ବା ଅର୍ଥ ପ୍ରାପ୍ତିରେ ଦୃଢ଼ ପଦକ୍ଷେପ ନେଇ କାମ ହାସଲ କରିପାରିବେ। ଦୂରଭ୍ରମଣରେ ସମସ୍ୟାର ସମ୍ମୁଖୀନ ହେବାକୁ ପଡିପାରେ।

ଆଜି ଏପ୍ରିଲ ୧୬ ତାରିଖ, ବୈଶାଖ କୃଷ୍ଣ ଚତୁର୍ଦ୍ଦଶୀ ଗୁରୁବାର, ଅମାବାସ୍ୟାର ନିଶାପାଳନ, ରାଶିନକ୍ଷତ୍ର-ଉତ୍ତରଭାଦ୍ରପଦ/ମୀନ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ଦିବା ଘ.୦୫।୩୧ ଗତେ ଘ.୦୭।୧୧ ମଧ୍ୟେ, ଘ.୧୦।୩୧ ଗତେ ଘ.୦୧।୦୧ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୧।୨୦ ଗତେ ଘ.୦୨।୫୩ ମଧ୍ୟେ ରାହୁକାଳ।




# କୋଡ଼ିଙ୍ଗାମାଳି ଖଣି ଖନନ ନେଇ ଜନଶୁଣାଣିକୁ ବିରୋଧ

## କାରଖାନା ନାହିଁ ତ ଖଣି ନାହିଁ: ଗ୍ରାମବାସୀ

**ରାୟଗଡ଼ା,୧୫।୪(ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ଜିଲା କାଶୀପୁର ଓ କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ ମଧ୍ୟବର୍ତ୍ତୀ ସ୍ଥାନରେ ଥିବା କୋଡ଼ିଙ୍ଗାମାଳିପାହାଡ଼ରେ ଖଣିଖନନ ବୃଦ୍ଧି ପାଇଁ ପ୍ରସ୍ତାବିତ ଜନଶୁଣାଣିକୁ ସ୍ଥାନୀୟ ଗ୍ରାମବାସୀ ବିରୋଧ କରିଛନ୍ତି। ଆସନ୍ତା ୨୯ ତାରିଖରେ ହେବାକୁ ଥିବା ଜନଶୁଣାଣିକୁ ବାତିଲକରିବା ଦାବିରେ ସ୍ଥାନୀୟ ବାସିନ୍ଦା ବୁଧବାର ରାୟଗଡ଼ା ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଏହି ଅବସରରେ ଅତିରିକ୍ତ ଜିଲାପାଳ ନବୀନ ନାୟକ ଓ ଅତିରିକ୍ତ ଏସ୍‌ପି ଅମୂଲ୍ୟ ଧର ପୃଥକ ଭାବରେ ଦାବିପତ୍ର ଗ୍ରହଣ କରିଥିଲେ।

ସୂଚନା ଅନୁଯାୟୀ, ଓଡ଼ିଶା ଖଣି ନିଗମ ପକ୍ଷରୁ ବକ୍ସାଇଟ ଖଣି ଖନନ କ୍ଷମତା ୩.୬ ମେଟ୍ରିକ ଟନ୍‌ରୁ ୬ ମେଟ୍ରିକ ଟନ୍‌କୁ ବୃଦ୍ଧି କରିବା ପାଇଁ ଆସନ୍ତା ୨୯ ତାରିଖରେ ଜନଶୁଣାଣି ହେବ। ତେବେ କୋଡ଼ିଙ୍ଗାମାଳି ଖଣି ନିକଟବର୍ତ୍ତୀ ଗ୍ରାମବାସୀ ଏହାକୁ ତୀବ୍ର ବିରୋଧ କରିଛନ୍ତି। ପୂର୍ବରୁ ୨୫ ବର୍ଷ ଖଣି ଖନନ ହେବ ବୋଲି ଆଶା କରାଯାଉଥିଲା। କିନ୍ତୁ ଖନନ ବଢ଼ିଲେ ୭ ରୁ ୮ ବର୍ଷ ମଧ୍ୟରେ ବକ୍ସାଇଟ ସରିଯିବ। ଅନ୍ୟପକ୍ଷେ କାରଖାନା ନ ଥାଇ ଖଣି ଖନନ କାହିଁକି ବୋଲି ମଧ୍ୟ ସ୍ଥାନୀୟ ବାସିନ୍ଦା ପ୍ରଶ୍ନ ଉଠାଇଛନ୍ତି। କାରଖାନା ନାହିଁ ତ ଖଣି ନାହିଁ ନିୟମ ଲାଗୁ ପାଇଁ ଦାବି ହୋଇଛି। ପ୍ରଭାବିତଙ୍କ ପକ୍ଷରୁ ପୁରୁଷୋତ୍ତମ ହିକକା, ଗୁରୁନାଥ ନାଏକ, ବିଦ୍ୟାଧର ରତ୍ନ ଚୌଧୁରୀ, ସରିତା ମାଣ୍ଡାଙ୍ଗି, କୃଷ୍ଣ ହିକକା, ପୂର୍ଣ୍ଣ ରତ୍ନ ଚୌଧୁରୀ, ସୀତା ହିକକା ପ୍ରମୁଖଙ୍କ ଉପସ୍ଥିତିରେ ଦାବିପତ୍ର ପ୍ରଦାନ କରାଯାଇଛି।

# ଓଡ଼ିଆଙ୍କ ବିକଳ୍ପ ହେବ ଓଡ଼ିଶା ଜନତା କଂଗ୍ରେସ

**ଭୁବନେଶ୍ୱର,୧୫।୪**
**(ରବିନାରାୟଣ ଜେନା)**



ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ବୁଧବାର ଓଡ଼ିଶା ଜନତା କଂଗ୍ରେସ ପାର୍ଟିର ପ୍ରତିଷ୍ଠା ଅବସରରେ ସଭାପତି ମହମ୍ମଦ ମୋକିମଙ୍କ ସହିତ ଅନ୍ୟାନ୍ୟ କର୍ମକର୍ତ୍ତା।

ଓଡ଼ିଶା ରାଜନୀତିରେ ଯୋଗ୍ୟଙ୍କୁ ସୁଯୋଗ ନାହିଁ। ଦଳରେ ରହି ଉଚିତ୍ କଥା କହିଲେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଏହାକୁ ନେଇ ବିଗତ ବର୍ଷରେ ଚିନ୍ତା କରିଥିଲି, ଓଡ଼ିଶାରେ ପରିବର୍ତ୍ତନର ଆବଶ୍ୟକତା ରହିଛି। ସେଥିପାଇଁ ମହାତ୍ମା ଗାନ୍ଧୀଙ୍କ ବିଚାରଧାରା, ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ସାହସ, ବାବାସାହେବ ଆମ୍ବେଡ୍‌କରଙ୍କ ସମ୍ବିଧାନର ସୁଯୋଗ ଏବଂ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ସେବାକୁ ପାଥେୟକରି ନୂଆ ଦଳ ଗଢ଼ିଛି, ଯାହା ଆଜି ସାକାର ହୋଇଛି। ଓଡ଼ିଆଙ୍କ ହକ୍ ପାଇଁ ଓଡ଼ିଶା ଜନତା କଂଗ୍ରେସ ପାର୍ଟି ଏହି ମୁହୂର୍ତ୍ତରୁ ତା'ର ସେବା ଜାରି ରଖିବ। ଆଗାମୀ ଦିନରେ ଓଡ଼ିଆଙ୍କ ପାଇଁ ଏହି ନୂତନ ଆଞ୍ଚଳିକ ଦଳ ନିଶ୍ଚିତଭାବେ ବିକଳ୍ପ ହେବ ବୋଲି ପାର୍ଟିର ପ୍ରତିଷ୍ଠାତା ତଥା ସଭାପତି ମହମ୍ମଦ ମୋକିମ କହିଛନ୍ତି।

ମୋକିମ କହିଛନ୍ତି, ରାଜ୍ୟରେ ସରକାର ପରିବର୍ତ୍ତନ ହେଲା, ହେଲେ ତାଙ୍କରେ କୌଣସି ନୂତନତ୍ୱ ଆସିଲାନାହିଁ। ଛାତ୍ରୀଛାତ୍ରଙ୍କୁ ଉନ୍ନତ ଶିକ୍ଷା ମିଳୁ ନ ଥିବାବେଳେ ଏବେ ବି ଗର୍ଭବତୀ ମା'ମାନେ ଖଟିଆରେ ବୁହା ହୋଇ ଡାକ୍ତରଖାନା ଯାଉଛନ୍ତି। ରାଜ୍ୟରେ ମଦ ବିକ୍ରି ବନ୍ଦ ହେଲାନାହିଁ କି ମହାନଦୀ ପାଣି ସମସ୍ୟାର ସମାଧାନ ହେଲାନି। ରାଜ୍ୟରେ ୨୪ ବର୍ଷର ବିଜେଡି ସରକାର ଏବଂ ୨ ବର୍ଷର ଭାଜପା ସରକାର ଗୋଟିଏ ମୁଦ୍ରାର ଦୁଇପାର୍ଶ୍ୱ ବୋଲି ମୋକିମ କହିଛନ୍ତି। କର୍ମକର୍ତ୍ତାମାନଙ୍କୁ ଉଦ୍‌ବୋଧନ ଦେଇ

### ପ୍ରତିଷ୍ଠା ଦିବସରେ ମୋକିମଙ୍କ ଆହ୍ୱାନ

ସେ କହିଛନ୍ତି, ଏବେ ଆମକୁ ଲୋକେ ସମାଲୋଚନା କରୁଛନ୍ତି ଏବଂ କରିବେ ମଧ୍ୟ। ହେଲେ ଆପଣମାନେ କୌଣସି ଉତ୍ତର ଦିଅନ୍ତୁନାହିଁ, କେବଳ ଶୁଣନ୍ତୁ ଏବଂ ଲୋକଙ୍କ ସେବା ଜାରି ରଖନ୍ତୁ। ଯେତେବେଳେ ଲୋକମାନେ ଆମ ଦଳର ଆଭିମୁଖ୍ୟ ବୁଝିଯିବେ, ସେତେବେଳେ ତା'ର ଜବାବ ଦେବେ। ଯେଉଁମାନେ ବାଟ ଛାଡୁନାହାନ୍ତି ସେମାନଙ୍କୁ ହଟାଇବାକୁ ପଡ଼ିବ। ଯେଉଁ ଦଳ ଓଡ଼ିଆ ଅସ୍ମିତା କହି ସରକାରକୁ ଆସିଛି, ସେହି ଦଳର ମୁଖ୍ୟମନ୍ତ୍ରୀ ଗୃହରେ ମହିଳାମାନଙ୍କ ଉପରେ ବଢ଼ିଚାଲିଥିବା ନିର୍ଯାତନାର ରିପୋର୍ଟ ଦେଉଛନ୍ତି। ହେଲେ ଶାସନରେ କୌଣସି ପରିବର୍ତ୍ତନ ଆସୁନାହିଁ। ଆମ ଦଳ ଆସନ୍ତା ପଞ୍ଚାୟତ ଏବଂ ମ୍ୟୁନିସିପାଲିଟି ନିର୍ବାଚନରେ ପ୍ରାର୍ଥୀ ଦେବ ବୋଲି ସେ କହିଛନ୍ତି। ଏହି ଅବସରରେ ବିଧାୟିକ ସୋଫିଆ ଫିର୍ଦ୍ଦୋସ ଏହି ନୂତନ ଆଞ୍ଚଳିକ ଦଳର ଭବିଷ୍ୟତ ବହୁତ ଉଜ୍ଜ୍ୱଳ ବୋଲି କହିଛନ୍ତି। ହିନ୍ଦୁ, ମୁସ୍‌ଲିମ୍, ଶିଖ୍, ଇସାଇ ଓ ମହିମା ଅଲେଖ ଧର୍ମାଲମ୍ବୀ ସାଧୁମାନେ ମନ୍ତ୍ର ଉଚ୍ଚାରଣ କରି ପ୍ରତିଷ୍ଠା ଦିବସକୁ ଆରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ପ୍ରଦୀପ ପ୍ରଧାନ, ମନୋଜ ଜେନା, ମଧୁ ମହାନ୍ତି ପ୍ରମୁଖଙ୍କ ସହ ୩୦ ଜିଲାର କର୍ମକର୍ତ୍ତା ଯୋଗଦେଇଥିଲେ। ଏହି ଅବସରରେ ପାର୍ଟିର ଦଳୀୟ ଆଭିମୁଖ୍ୟ ସମ୍ପର୍କିତ ଏକ ପୁସ୍ତିକା ଉନ୍ମୋଚନ ହୋଇଥଲା।

# ଏକର ପ୍ରତି ୨୦ କୋଟି ଦାବିକଲେ ଗ୍ରାମବାସୀ



ଜମି ହରାଇବାକୁ ଥିବା ସ୍ଥାନୀୟ ବ୍ୟକ୍ତି ନିଜର ଦାବି ଉପସ୍ଥାପନ କରୁଛନ୍ତି।

**ପାଟଣା,୧୫।୪(ବୀର କିଶୋର ଦାଶ)**

- ପ୍ରସ୍ତାବିତ ମେଗା ଷ୍ଟିଲ୍ ପ୍ଲାଣ୍ଟ ପାଇଁ ୬ଷ୍ଠ ଗ୍ରାମସଭା
- ଯମୁନାପୋଷି ପଞ୍ଚାୟତର ବିଭିନ୍ନ ଗ୍ରାମରେ ବିରୋଧ ପ୍ରଦର୍ଶନ

କେନ୍ଦୁଝର ଜିଲା ପାଟଣା ତହସିଲ ଅଞ୍ଚଳରେ ପ୍ରସ୍ତାବିତ ମେଗା ଷ୍ଟିଲ୍ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ବୁଧବାର ପୂର୍ବାହ୍ନରେ ଚେମଣା ପଞ୍ଚାୟତ ବଳିଆପଶି ଗ୍ରାମ ଦରବାର ଚତୁରୀ ନିକଟରେ ୬ଷ୍ଠ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀଙ୍କ ପକ୍ଷରୁ ୫ ଜଣ ୪୫ ଦଫା ବିଶିଷ୍ଟ ଦାବି ସମ୍ବଳିତ ଦାବିପତ୍ର ପ୍ରଶାସନ ନିକଟରେ ଉପସ୍ଥାପନକରି ସେମାନେ ଏକର ପ୍ରତି ୨୦ କୋଟି ଟଙ୍କା ଦାବି କରିଥିଲେ।

ଶିଳ୍ପ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ବଳିଆପଶି ଗ୍ରାମର ୧୧୫ଟି ଖାତାରୁ ୨୫୨ ପ୍ଲଟ୍ ୭୬.୮୯୦ଏକର ଘରୋଇ ଜମି ସହ ୭୨.୦୫ ଏକର ସରକାରୀ ଜମି ଅଧିଗ୍ରହଣ ହେବାର ଯୋଜନା ରହିଛି। ଏନେଇ ଆୟୋଜିତ ଗ୍ରାମସଭାରେ ଚେମଣା ସରପଞ୍ଚ ହେମଲତା ନାୟକଙ୍କ ଅଧ୍ୟକ୍ଷତାରେ ଅତିରିକ୍ତ ଜିଲାପାଳ ତଥା ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ରବୀନ୍ଦ୍ର ପ୍ରଧାନ, ପାଟଣା ତହସିଲଦାର ଅଶ୍ୱିନୀ ନାଏକ, ବିଡିଓ ମାନସ ଦଣ୍ଡପାଟ, ଇଡ୍‌କୋର ଜମି ଅଧିଗ୍ରହଣ ଅଧିକାରୀ ଜୟକୃଷ୍ଣ ପାତ୍ର ପ୍ରମୁଖ ଉପସ୍ଥିତ ରହି ଲୋକଙ୍କଠାରୁ ମତାମତ ଗ୍ରହଣ କରିଥିଲେ। ଗ୍ରାମବାସୀଙ୍କ ପକ୍ଷରୁ ଶଶିଭୂଷଣ ନାଏକ, ଲକ୍ଷ୍ମୀପ୍ରିୟା ନାଏକ, ସୁଜାତା ନାଏକ, ଧ୍ରୁବ ନାଏକ, ସନାତନ ନାଏକ ୪୫ଟି ଦାବି ସମ୍ବଳିତ ଦାବି ରଖି ମତାମତ ଦେଇଥିଲେ। ବଳିଆପଶି ଗ୍ରାମଟି ଆଦିବାସୀ ବହୁଳ ହୋଇଥିବାରୁ ଏଠାରେ ପୂର୍ବରୁ ଜମି କିଣାବିକା ହୋଇନାହିଁ। ଫଳରେ ଜମି ବିକ୍ରୟ ମୂଲ୍ୟ ନିମ୍ନସ୍ତରରେ ରହିଛି। ତେଣୁ କେନ୍ଦୁଝର ବଜାର ଉପରେ ଥିବା ଜମି ମୂଲ୍ୟ ଆଧାରରେ ଜମିର ଦରକୁ ବୃଦ୍ଧି କରିବାକୁ ଗ୍ରାମର ଧ୍ରୁବ ନାଏକ ଦାବି କରିଥିଲେ। ଅତିରିକ୍ତ ଜିଲାପାଳ ପ୍ରଧାନ କହିଛନ୍ତି, ଲୋକଙ୍କ ଦାବିଗୁଡ଼ିକୁ ସରକାରଙ୍କୁ ଅବଗତ କରାଇବୁ। ଅନ୍ୟପକ୍ଷେ ପଡ଼ୋଶୀ ଯମୁନାପୋଷି ପଞ୍ଚାୟତ ଅଧୀନ ଚିଲିଦା, କୋଡଖମଣ, ଗୋଡ଼ିପୋଖରୀ, ବରୁଡିପୋଷି ଗ୍ରାମରେ ଜିନ୍ଦଲ ପୋସ୍କା ପ୍ରତିରୋଧ ମଞ୍ଚ ତରଫରୁ ଘନଶ୍ୟାମ ମହାନ୍ତ, ଶତ୍ରୁଘ୍ନ ନାଏକ, ଲକ୍ଷ୍ମଣ ମହାନ୍ତ, ଇନ୍ଦ୍ରମଣି ମହାନ୍ତ, ପଙ୍କଜ ଦେହୁରୀ ପ୍ରମୁଖ ପ୍ରତିବାଦକରି ବଳ ପୂର୍ବକ ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ତୀବ୍ର ବିରୋଧ କରିଥିଲେ। ମଞ୍ଚର ସମ୍ପାଦକ ବେଣୁଧର ସର୍ଦ୍ଦାର ଜିନ୍ଦଲ ପୋସ୍କା ସହ ସରକାର ଏମ୍‌ଓୟୁ ବାତିଲ କରନ୍ତୁ। ନଚେତ୍ ଯେଉଁ ଅପ୍ରୀତିକର ପରିସ୍ଥିତି ଉପୁଜିବ, ସେଥିପାଇଁ ପ୍ରଶାସନ ଦାୟୀ ରହିବ ବୋଲି ଚେତାବନୀ ଦେଇଛନ୍ତି। ଶାନ୍ତିଶୃଙ୍ଖଳା ପାଇଁ ବରିଷ୍ଠ ପୋଲିସ ଅଧିକାରୀଙ୍କ ସମେତ ବିଭିନ୍ନ ଥାନା ଅଧିକାରୀ ଓ ପୋଲିସ ଫୋର୍ସ ମୁତୟନ ହୋଇଥିଲେ।

# ମେ' ୧ରୁ ଜୁଲାଇ ୩୧ ଯାଏ ଭିତରକନିକା ବନ୍ଦ

**ରାଜନଗର,୧୫।୪**
**(ଭାସ୍କର ରାଉତରାୟ)**

ଭିତରକନିକା ଜାତୀୟ ଉଦ୍ୟାନ ମେ' ୧ ରୁ ଜୁଲାଇ ୩୧ ତାରିଖ ଯାଏ ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରହିବ। ଭିତରକନିକା ବଉଳା କୁମ୍ଭୀରଙ୍କ ଶ୍ରେଷ୍ଠ ପ୍ରଜନନସ୍ଥଳୀ ଭାବେ ପ୍ରସିଦ୍ଧି ଲାଭ କରିଛି। ମେ'ରୁ ଜୁଲାଇ ପର୍ଯ୍ୟନ୍ତ ବଉଳା କୁମ୍ଭୀର ପ୍ରଜନନ ସମୟରେ ଅଣ୍ଡା ଦେବାକୁ ନିରାପଦ ସ୍ଥାନ ଠାବ ସହ ବସାକରି ଅଣ୍ଡା ଦେଇଥାନ୍ତି। ଜୁଆର ମାଡୁନଥିବା ସ୍ଥାନ ଅର୍ଥାତ୍ ସ୍ଥଳଭାଗରେ କୁମ୍ଭୀର ବସାକରି ଅଣ୍ଡା ଦେଇଥାଏ। ଏହି ସମୟରେ ମା' କୁମ୍ଭୀର ଅଧିକ ହିଂସ୍ର ହୋଇପଡ଼ିଥାଏ। ବଉଳା କୁମ୍ଭୀର ପର୍ଯ୍ୟଟକଙ୍କୁ ଆକ୍ରମଣ କରିବା ଆଶଙ୍କା ଥିବାରୁ ଭିତରକନିକା ବନ୍ଦ ରଖାଯିବ ବୋଲି ଡିଏଫ୍‌ଓ ଭରଦରାଜ ଗାଁଓଙ୍କର ସୂଚନା ଦେଇଛନ୍ତି।




କେତେକ କହନ୍ତି- ଯୀଶୁଖ୍ରୀଷ୍ଟଙ୍କ ମୁଖ- ନିଃସୃତବାଣୀ କୁଆଡେ ଜାଲିଆତି କଥା ଏବଂ ଶ୍ରୀକୃଷ୍ଣ ମଧ୍ୟ କୁଆଡେ କବିଙ୍କର କଳ୍ପନା। ଆମ୍ଭେମାନେ କିନ୍ତୁ ଏହି ଜାଲିଆତି ପାଇଁ ଭଗବାନଙ୍କୁ କୃତଜ୍ଞତା ଜଣାଉଛୁ ଏବଂ କବି- କଳ୍ପନାକୁ ପ୍ରଣତି ଜଣାଉଛୁ।-ଶ୍ରୀଅରବିନ୍ଦ

-ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା, ଚନ୍ଦ୍ରକ୍ଷୟ, ନିଶିପାଳନ ଓ ହଳ ନିଷେଧ



# ବୈଦିକ ସମାଜର ସ୍ୱରୂପ



ଦେବଦତ୍ତ ପଟ୍ଟନାୟକ

ଖ୍ରୀଷ୍ଟପୂର୍ବ ୧୫୦୦ରୁ ୧୦୦୦ ମଧ୍ୟରେ ସିନ୍ଧୁନଦୀର ଉପନଦୀ ସପ୍ତ-ସିନ୍ଧୁ କୂଳରେ ବୈଦିକ ଲୋକେ ବସବାସ କରୁଥିଲେ, ଯାହା ଏବେ ପଞ୍ଜାବ ନାମରେ ଜଣାଶୁଣା। ଏହା ହେଉଛି ଋକ୍-ବୈଦିକ ସମାଜ। ପଶୁପାଳକ ଜୀବନଠାରୁ ଆରମ୍ଭ କରି ସ୍ଥାୟୀ କୃଷିଭିତ୍ତିକ ସାମାଜିକ ବ୍ୟବସ୍ଥା ପର୍ଯ୍ୟନ୍ତ, ଏହି ସମାଜ ଦୀର୍ଘ ଅସମାନ ପରିବର୍ତ୍ତନକୁ ଦର୍ଶାଏ। ସମୟକ୍ରମେ କ୍ଷମତା, ସ୍ଥିତି, ସମ୍ପତ୍ତି ଓ ପ୍ରଭାବକୁ ନେଇ ସାମାଜିକ ପଦାନୁକ୍ରମ କିଭଳି ସୃଷ୍ଟି ହୋଇଛି ତାହାକୁ ମଧ୍ୟ ଏହି ସମାଜ ସୂଚିତ କରେ। ଋକ୍‌ବେଦର ସ୍ତୋତ୍ରଗୁଡ଼ିକ ଗୋଟିଏ ସାମାଜିକ ସ୍ଥିତିକୁ ବର୍ଣ୍ଣନା କରିନାହିଁ; ବରଂ ସେଗୁଡ଼ିକ ସ୍ଥାନାନ୍ତର, ସଂଘର୍ଷ, ବସ୍ତି ସ୍ଥାପନ ଏବଂ ବିଭେଦକୁ ଦର୍ଶାଇଛି। ଏଥିରେ ବର୍ଣ୍ଣିତ ଗ୍ରାମ, ସଂଗ୍ରାମ, ଅରଣ୍ୟ, ଗବିଷ୍ଟି ଏବଂ ଯଅ ଭଳି ଶାବ୍ଦିକ ଅବଧାରଣା ଏହି ପରିବର୍ତ୍ତନକୁ ଠିକ୍ ଭାବେ ବୁଝିବାରେ ଆମକୁ ସାହାଯ୍ୟ କରେ।

ପୁରାତନ ଋକ୍-ବୈଦିକ ଅର୍ଥ ବ୍ୟବସ୍ଥା ଦୃଢ଼ ଭାବେ ପଶୁପାଳନଭିତ୍ତିକ ଥିଲା। ପଶୁ ଥିଲେ ସମ୍ପଦର ମୁଖ୍ୟ, ବିନିମୟର ପ୍ରମୁଖ ବସ୍ତୁ ଏବଂ ସଂଘର୍ଷର ମୂଳ କାରଣ। ଗବିଷ୍ଟି ହେଉଛି ଋକ୍‌ବେଦର ଏକ ସଂସ୍କୃତ ଶବ୍ଦ, ଯାହାର ଆକ୍ଷରିକ ଅର୍ଥ ହେଉଛି 'ଗୋ ଅନ୍ୱେଷଣ', କିନ୍ତୁ ଏହାକୁ 'ଗୋ ପାଇଁ ଯୁଦ୍ଧ' ବର୍ଣ୍ଣନାରେ ବ୍ୟବହାର କରାଯାଏ। ଏହା ଦର୍ଶାଏ ଯେ, ପ୍ରାରମ୍ଭରୁ ଯେଉଁ ସଂଘର୍ଷ ହେଉଥିଲା ତାହା କୌଣସି ଅଞ୍ଚଳ ପାଇଁ ନୁହେଁ, ବରଂ ପଶୁଧନ ଲୁଟ୍‌ପାଟକୁ ନେଇ ଘଟୁଥିଲା। ଏଭଳି ଏକ ପଶୁପାଳକ ସମାଜରେ ସାମାଜିକ ସମ୍ପର୍କ ଏତେ ଦୃଢ଼ ନ ଥିଲା। ଏହି କ୍ରମରେ, ପରେ ଜାଣିବାକୁ ମିଳିଲା ଯେ, ଗ୍ରାମ ଶବ୍ଦ ବିଶେଷକରି ଗୋଟିଏ ଗାଁକୁ ବୁଝାଉ ନ ଥିଲା। ବରଂ ପରେ ଜଣାପଡ଼ିଲା ଯେ, ଏହା ଗୋଟିଏ ଗୋଷ୍ଠୀର ଲୋକଙ୍କ ସ୍ଥାନାନ୍ତର, ଏକ ଯୁଦ୍ଧରେ ଲିପ୍ତ ଗୋଷ୍ଠୀ କିମ୍ବା ପଶୁ ଓ ସମ୍ପର୍କୀୟଙ୍କୁ ନେଇ ସଙ୍ଗଠିତ ବଂଶଗତ ଗୋଷ୍ଠୀକୁ ସୂଚିତ କରୁଥିଲା।

ଗ୍ରାମ ଓ ଅରଣ୍ୟ ମଧ୍ୟରେ ଅନ୍ତର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଅରଣ୍ୟ ସାଧାରଣତଃ ଜଙ୍ଗଲ କିମ୍ବା ସାମାଜିକ ନିୟନ୍ତ୍ରଣ ବାହାରେ ଥିବା ଅଣଚାଷ ଅଞ୍ଚଳକୁ ବୁଝାଏ। ଏହା ବିପଦ, ଅବ୍ୟବସ୍ଥା ଏବଂ ଅଣ-ଆର୍ଯ୍ୟ ଅଞ୍ଚଳକୁ ଦର୍ଶାଏ। ଗ୍ରାମରୁ ଅରଣ୍ୟକୁ ସ୍ଥାନାନ୍ତର ମୁଖ୍ୟତଃ ବିସ୍ତାର ଓ ମୁକାବିଲାକୁ ସୂଚିତ କରେ। ସ୍ଥାନୀୟ ପ୍ରତିରୋଧ କାରଣରୁ ପଶୁପାଳକ ଗୋଷ୍ଠୀଗୁଡ଼ିକ ଜଙ୍ଗଲକୁ ବିତାଡ଼ିତ ହେବା ପରେ ସେଠାରେ ସେମାନେ ବସତି ସ୍ଥାପନ କଲେ ଏବଂ କୃଷି ସେମାନଙ୍କର ମୁଖ୍ୟ ବୃତ୍ତି ହୋଇଗଲା। ଏଭଳି ସ୍ଥାନୀୟ ପ୍ରତିରୋଧ ଏକ ପରିବର୍ତ୍ତନକୁ ଦର୍ଶାଇଥିଲା, ଯେଉଁଥିରେ ଲୋକେ ଏତେତେଣେ ନ ଯାଇ ସ୍ଥାୟୀ ବସତି ସ୍ଥାପନ କରିଥିଲେ। ଏହାବ୍ୟତୀତ ପଶୁପାଳକରୁ କୃଷିଭିତ୍ତିକ ଜୀବନ ଆରମ୍ଭ ହୋଇଥିଲା।



ଋକ୍‌ବେଦ ଯଅ କିମ୍ବା ବାର୍ଲି ସମ୍ପର୍କରେ ବର୍ଣ୍ଣନା କରି ସ୍ପଷ୍ଟ ଭାବେ କୃଷିକୁ ପ୍ରତିପାଦିତ କରିଛି। ଯଅ ଥିଲା ପୌଷ୍ଟିକ କୃଷି ଉତ୍ପାଦ ଏବଂ ଏହାକୁ ଧର୍ମୀୟକ୍ରିୟାରେ ଖାଦ୍ୟ ଭାବେ ବ୍ୟବହାର କରାଯାଉଥିଲା। ଏଣୁ ସେତେବେଳେ ଏକ ବ୍ୟବସ୍ଥିତ ଚାଷ ବ୍ୟବସ୍ଥା ଥିଲା ବୋଲି ସୂଚନା ମିଳେ। ସ୍ତୋତ୍ରରେ ମଧ୍ୟ ବର୍ଷା, ନଦୀ ଏବଂ ଉର୍ବର ମାଟି ସମ୍ପର୍କରେ ବର୍ଣ୍ଣନା ରହିଛି, ଯାହା ଫସଲ ଉପରେ ସମାଜର ନିର୍ଭରଶୀଳତାକୁ ନିଶ୍ଚିତ କରେ। କୃଷି ଉତ୍ପାଦନର ଯୋଜନା ଏବଂ ଶସ୍ୟ ଭଣ୍ଡାରରୁ ଜଣାପଡ଼େ ଯେ, ଯାଯାବର ପଶୁପାଳକ ଗୋଷ୍ଠୀ ବଦଳରେ ଏକ ସ୍ଥାୟୀ ବସତିର ସାମାଜିକ ବ୍ୟବସ୍ଥା ରହିଥିଲା। କୃଷି ବିସ୍ତାର ହେବାରୁ ଗୋ ବଦଳରେ ଜମି ସାମାଜିକ ଜୀବନର ମୁଖ୍ୟ ପାଲଟିଗଲା।

ଆର୍ଥିକ ପରିବର୍ତ୍ତନ ସଂଘର୍ଷ ଓ ରାଜନୀତିକୁ ନୂଆ ରୂପ ଦେଲା। ସଂଗ୍ରାମ ଅର୍ଥ ସଙ୍ଗଠିତ ଯୁଦ୍ଧ। ଏହା ଆରମ୍ଭ ହେବା ପରେ ଯାହା ଗବିଷ୍ଟି ବା ଗୋ ପାଇଁ ଯୁଦ୍ଧ ଦୂରେଇଗଲା। ପଶୁଧନ ଲୁଟ୍‌ପାଟକୁ ନେଇ ଯେଉଁ ଛୋଟ ଧରଣର ସଂଘର୍ଷ ହେଉଥିଲା, ତାହା ଆଉ ରହିଲା ନାହିଁ। ବିଶେଷକରି ଜମି, ସମ୍ବଳ ଏବଂ ବର୍ଦ୍ଧିତ ଜନସଂଖ୍ୟା ନିୟନ୍ତ୍ରଣକୁ କେନ୍ଦ୍ରକରି ଅଧିକ ବ୍ୟବସ୍ଥିତ ଯୁଦ୍ଧ ପ୍ରକାଶ ପାଇଲା। ଜମି ମୂଲ୍ୟବାନ୍ ହେଲା, ରାଜନୈତିକ କ୍ଷମତା ଅଧିକ ଆଞ୍ଚଳିକଭିତ୍ତିକ ହେବାରେ ଲାଗିଲା। ଫଳରେ ମୁଖିଆମାନେ ବିଭିନ୍ନ ସ୍ଥାନକୁ ଯାଇ ଯୁଦ୍ଧ କରୁଥିବା ଗୋଷ୍ଠୀଙ୍କ ନେତୃତ୍ୱ ନ ନେଇ ବସତି ସ୍ଥାପନ କରି ରହୁଥିବା ଜନସମୁଦାୟଙ୍କ ଜମି ଓ ବଳକା ଶସ୍ୟକୁ ନିୟନ୍ତ୍ରଣ କରିବା ସକାଶେ କାର୍ଯ୍ୟ କଲେ। ଏହିପରି ଭାବେ ଜଣେ ମୁଖିଆ ବ୍ୟକ୍ତି ଶାସକ ହୋଇପାରିଥିଲେ। କୃଷି ଉତ୍ପାଦ ସେମାନଙ୍କୁ ଅଧିକ ସ୍ଥାୟୀ ଓ ଶକ୍ତିଶାଳୀ କରିଥିଲା। ବସତି ସ୍ଥାପନ ଏବଂ ବଳକା ସମ୍ପତ୍ତିରୁ ସାମାଜିକ ଭେଦଭାବ ବା ଅସମାନତା ସୃଷ୍ଟି ହୋଇ ବଢ଼ିବାରେ ଲାଗିଲା। ଯେଉଁମାନେ ଜଙ୍ଗଲ ଜମି ସଫା କରି ଦଖଲ କଲେ ଏବଂ ଜଳଉତ୍ସକୁ ନିୟନ୍ତ୍ରଣ କଲେ, ସେମାନେ ଅନ୍ୟମାନଙ୍କଠାରୁ ଅଧିକ ଶସ୍ୟ ଉତ୍ପାଦନ କରିପାରିଲେ। ଯେଉଁସବୁ ଗୋଷ୍ଠୀ ହାରିଗଲେ, ସେମାନେ ଜଙ୍ଗଲରେ ଦାସ ଭାବେ ରହିଲେ ଏବଂ ଧୀରେ ଧୀରେ ଗୌଣ ସ୍ଥିତିକୁ ଚାଲିଗଲେ। ଫଳରେ ଆରମ୍ଭ ହୋଇଥିବା ଜାତିଗତ ଏବଂ ରାଜନୈତିକ ବିଭେଦୀକରଣ କ୍ରମଶଃ ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ଦୃଢ଼ ହେଲା।

କୃଷି ବିସ୍ତାର ହେବା ସହ ଧର୍ମୀୟ ପଦାନୁକ୍ରମ ମଧ୍ୟ ସାମ୍ନାକୁ ଆସିଲା। କୃଷି ବର୍ଷା, ଉର୍ବରତା ଏବଂ ଶସ୍ୟ ସୁରକ୍ଷା ଉପରେ ନିର୍ଭରଶୀଳ ଥିଲା। ଫଳରେ ଧର୍ମୀୟ କର୍ମକାଣ୍ଡ ସହ ଜଡ଼ିତ ବ୍ୟକ୍ତିଙ୍କ କ୍ଷମତା ବୃଦ୍ଧି ପାଇଲା ଏବଂ ଜ୍ଞାନ ବଳରେ ବ୍ରାହ୍ମଣ କ୍ଷମତାଶାଳୀ ବ୍ୟକ୍ତି ରୂପରେ ଉଭାହେଲେ। ଏହାଦ୍ୱାରା ଅଧିକ ଖାଦ୍ୟଶସ୍ୟ ଉତ୍ପାଦନ କରୁଥିବା ବ୍ୟକ୍ତିଙ୍କ ହାତରୁ କ୍ଷମତା କ୍ରମଶଃ ପୂଜକ ଗୋଷ୍ଠୀଙ୍କ ହାତକୁ ଯିବାରେ ଲାଗିଲା, ଯଦ୍ୱାରା ସେମାନଙ୍କ ସାମାଜିକ ସ୍ଥିତି ଦୃଢ଼ ହେଲା। ଧର୍ମୀୟ ରୀତିନୀତି ବିଚାର ସାମାଜିକ ବ୍ୟବସ୍ଥାକୁ ଏକ ଐଶ୍ୱରୀୟ ବ୍ୟବସ୍ଥା ଭାବେ ପ୍ରତିପାଦନ କରି ସାମାଜିକ ପଦାନୁକ୍ରମକୁ ସିଦ୍ଧ କଲା।

ସମୟକ୍ରମେ ଗ୍ରାମର ରୂପାନ୍ତରୀକରଣ ପ୍ରକାଶ ପାଇଛି। ଯାଯାବର ପଶୁପାଳକ ଗୋଷ୍ଠୀ ସ୍ଥାୟୀ ଭାବେ ଗ୍ରାମରେ ରହିଲେ। ଏହି ପରିବର୍ତ୍ତନ ଏକ କୃଷିପ୍ରଧାନ ସମାଜର ଏକ ବଳିଷ୍ଠ ପ୍ରମାଣ। ଗ୍ରାମ ସୃଷ୍ଟି ହେବା ପରେ ନିୟମ, ନେତୃତ୍ୱ ଏବଂ ଶ୍ରମ ସମନ୍ୱୟର ଆବଶ୍ୟକତା ପଡ଼ିଲା। ସାମାଜିକ ଭୂମିକା ଅଧିକ ନିଶ୍ଚିତ ହେଲା ଏବଂ ବୃତ୍ତିଗତ ବିଭେଦ ଦୃଢ଼ ହେବାରେ ଲାଗିଲା। କ୍ରମଶଃ ଏହା ବଂଶଗତ ହୋଇଗଲା।

ପୁରୁଷ ସୂକ୍ତ ଏହି ବିଚାରର ପରିପକ୍ୱ ସ୍ଥିତିକୁ ପ୍ରକାଶ କରେ। ଏହା ପୁରାତନ ଋକ୍‌ବୈଦିକ ସମାଜ ସମ୍ପର୍କରେ ବର୍ଣ୍ଣନା କରିନାହିଁ, ବରଂ ପଦାନୁକ୍ରମଭିତ୍ତିକ ବୈଶ୍ୱିକ ବ୍ୟବସ୍ଥାର ଏକ ସାଙ୍କେତିକ ଦୃଷ୍ଟିକୋଣ ଉପସ୍ଥାପନ କରିଛି। ଆର୍ଥିକ ଏବଂ ସାମାଜିକ ଅସମାନତାକୁ ବୈଚାରିକ ଭାବରେ କିଭଳି ସ୍ଥାୟୀ ଏବଂ ସ୍ୱାଭାବିକ କରାଯାଇଥିଲା, ସେ ସମ୍ପର୍କରେ ଏହି ସ୍ତୋତ୍ରରେ ବର୍ଣ୍ଣନା ରହିଛି। ତେବେ ଋକ୍‌ବୈଦିକ ସମାଜରେ ଘଟିଥିବା ପରିବର୍ତ୍ତନ ଯୋଗୁ ଲିଙ୍ଗଗତ ସମ୍ପର୍କ ମଧ୍ୟ ପ୍ରଭାବିତ ହୋଇଥିଲା। ବଳକା ଜମି ଓ ସମ୍ପତ୍ତି ହାସଲ କରିବା ପ୍ରକ୍ରିୟା ପୈତୃକ ଅଧିକାରକୁ ମଜଭୁତ କରିଥିଲା। ଧର୍ମୀୟ କ୍ରିୟା ଏବଂ ରାଜନୈତିକ କ୍ଷମତା ଅଧିକ ପୁରୁଷପ୍ରାଧାନ୍ୟ ହୋଇଗଲା ଏବଂ ପରିବାର ଓ ଗୋଷ୍ଠୀ ମଧ୍ୟରେ ପଦାନୁକ୍ରମ ସୁଦୃଢ଼ ହେଲା। ମୋଟ ଉପରେ ଋକ୍-ବୈଦିକ ସମାଜ ଗ୍ରାମର ରୂପାନ୍ତରୀକରଣ କରି ଏବଂ ଅଧିକ ଯଅ ଉତ୍ପାଦନ କରି ସ୍ଥାୟୀ କୃଷିଭିତ୍ତିକ ବସତି ଆଡ଼କୁ ଗତି କରିଥିଲା। ରାଜନୈତିକ ଅଧିକାର ଆଞ୍ଚଳିକ ହୋଇଥିଲା ଏବଂ ଧର୍ମୀୟ କ୍ରିୟାରୁ ଅସମାନତା ଗଭୀର ହୋଇଥିଲା। ସାମାଜିକ ପଦାନୁକ୍ରମ ହଠାତ୍ ସୃଷ୍ଟି ହୋଇ ନଥିଲା, ବରଂ ଏହା ଆର୍ଥିକ ପରିବର୍ତ୍ତନ, ସ୍ଥାନୀୟ ବିସ୍ତାର, ସାମାଜିକ ଅସମାନତା ଏବଂ ବୈଚାରିକ ସୁଦୃଢ଼ୀକରଣର ଏକ ସମ୍ମିଳିତ ପରିଣାମ।

-devduttofficial@gmail.com

# ଦଶାବତାର ଓ ବିବର୍ତ୍ତନବାଦ



ଶ୍ୟାମା ପ୍ରସାଦ ମିଶ୍ର

ଡାରୱିନଙ୍କ ବିବର୍ତ୍ତନବାଦ ଏବଂ ହିନ୍ଦୁ ଧର୍ମର ବିଷ୍ଣୁଙ୍କ ଦଶାବତାର ମଧ୍ୟରେ ଥିବା ସାମ୍ୟ ନେଇ ଆଲୋଚନା କଲେ ଆମେ ଏକ ଅଦ୍ଭୁତ ସାଂସ୍କୃତିକ ଓ ବୈଜ୍ଞାନିକ ସମ୍ମିଳନ ଦେଖିପାରୁ। ଚାର୍ଲସ ଡାରୱିନ ତାଙ୍କ ବିବର୍ତ୍ତନବାଦ ସିଦ୍ଧାନ୍ତରେ କହିଥିଲେ ଯେ ପୃଥିବୀର ସମସ୍ତ ପ୍ରାଣୀ ଧୀରେ ଧୀରେ ସରଳ ରୂପରୁ ଜଟିଳ ରୂପକୁ ବିକଶିତ ହୋଇଛନ୍ତି। ଏହା ଏକ ପ୍ରାକୃତିକ ପ୍ରକ୍ରିୟା, ଯେଉଁଥିରେ ପରିବେଶ ଓ ଚୟନ ପ୍ରକ୍ରିୟା (ପ୍ରାକୃତିକ ଉଦ୍‌ବରଣ) ମୁଖ୍ୟ ଭୂମିକା ଗ୍ରହଣ କରେ।

ହିନ୍ଦୁ ଧର୍ମରେ ବିଷ୍ଣୁଙ୍କ ଦଶାବତାରକୁ ବିଚାର କଲେ ମଧ୍ୟ ଏକ ଉନ୍ନତିର କ୍ରମ ସ୍ପଷ୍ଟ ଦେଖାଯାଏ। ଦଶାବତାରର ପ୍ରଥମ ଅବତାର 'ମତ୍ସ୍ୟ' (ମାଛ) ଯାହା ଜଳରେ ବସବାସ କରେ। ଏହା ପ୍ରାଣୀଜୀବନର ଅୟମାରମ୍ଭ ଜଳରୁ ହେବାକୁ ସୂଚିତ କରେ, ଯାହା ଡାରୱିନଙ୍କ ବିବର୍ତ୍ତନବାଦ (ପ୍ରଥମେ ଜେଲି ଭଳି ଜଳଚର ଜୀବ ସୃଷ୍ଟି)ସହ ସମ୍ପୃକ୍ତ। ଦ୍ୱିତୀୟ ଅବତାର 'କୂର୍ମ' (କଚ୍ଛପ) ଯାହା ଜଳ ଓ ଭୂମି ଉଭୟରେ ବାସ କରେ ଏହା ଜଳରୁ ଭୂମିକୁ ଜୀବନର ପରିବର୍ତ୍ତନକୁ ଦର୍ଶାଏ।

ତୃତୀୟ ଅବତାର 'ବରାହ' (ଶୂକର) ଭୂମିରେ ବସବାସ କରୁଥିବା ପ୍ରାଣୀଙ୍କୁ ସୂଚିତ କରେ। ଏହା ପରେ 'ନରସିଂହ' ଅବତାର ଆସେ, ଯାହା ଅର୍ଦ୍ଧ ମନୁଷ୍ୟ ଓ ଅର୍ଦ୍ଧ ପଶୁ, ଏହା ପଶୁରୁ ମନୁଷ୍ୟରେ ପରିବର୍ତ୍ତନର ଏକ ମଧ୍ୟବର୍ତ୍ତୀ ଅବସ୍ଥାକୁ ପ୍ରତୀକିତ କରେ। ପରବର୍ତ୍ତୀ ଅବତାର 'ବାମନ' ଛୋଟ ବା ଗେଡା ମନୁଷ୍ୟର ଏକ ରୂପକୁ ଦର୍ଶାଏ, ଯାହା ମନୁଷ୍ୟର ପ୍ରାରମ୍ଭିକ ଅବସ୍ଥାକୁ ଇଙ୍ଗିତ କରେ।

ତା'ପରେ 'ପରଶୁରାମ' ଅବତାରରେ ଏକୋଇଶ ବାର ନିଃକ୍ଷେତ୍ରୀୟ କରିବା ଏବଂ ପ୍ରଭୁ ରାମଚନ୍ଦ୍ରଙ୍କ ସହ ଯୁଦ୍ଧରେ ପରାସ୍ତ ହୋଇ ପରଶୁରାମଙ୍କ ଅସ୍ତ୍ର ତ୍ୟାଗ ଏକ ଗଭୀର ଗାମ୍ଭୀର୍ଯ୍ୟବୋଧକୁ ଇଙ୍ଗିତ ତଥା ପ୍ରତୀକିତ କରେ; ଅର୍ଥାତ୍ ପରଶୁରାମ ହେଲେ ମନୁଷ୍ୟର ଏପରି ଏକ ରୂପ, ଯେଉଁଠାରେ ସେ ଅମାପ ଶକ୍ତିର ଅଧିକାରୀ ହେଲେ ବି ତାହାର ବିବେକାନୁମୋଦିତ ପ୍ରୟୋଗ କରିବାରେ ବିଫଳ ହୋଇ ରାମଚନ୍ଦ୍ରଙ୍କ ସଂସ୍ପର୍ଶରେ ଆସିବା ପରେ ତାଙ୍କର ଜ୍ଞାନ ଉଦୟ ହେବା ମନୁଷ୍ୟର ଉନ୍ନତ ଚିନ୍ତାଧାରାର ପ୍ରଗତିକୁ ସୂଚାଏ। 'ରାମ', 'କୃଷ୍ଣ' ଭଳି ଅବତାରମାନେ ମନୁଷ୍ୟର ନୈତିକ, ସାମାଜିକ ଓ ସାଂସ୍କୃତିକ ଉନ୍ନତିକୁ ପ୍ରକାଶ କରନ୍ତି। ଇନ୍ଦ୍ରପ୍ରସ୍ଥରେ ଏକ ଭବ୍ୟ ଭବନର ନିର୍ମାଣ ଯେଉଁଠି ଦୁର୍ଯ୍ୟୋଧନ ଚଟାଣକୁ ପୁଷ୍କରିଣୀ ବୋଲି ଭ୍ରମିତ ହୋଇଥିଲା, ତାହା ମାନବୀୟ ସାଂସ୍କୃତିକ ପରିବେଶର ଅଗ୍ରଗତିର ସୂଚନା ଦିଏ। ବୌଦ୍ଧ ଅବତାର ଧର୍ମର ସଂସ୍କାର ନିମନ୍ତେ ଅଭିପ୍ରେତ ଥିବା ଜଣାଯାଏ। ଶେଷରେ 'କଳ୍କି' ଅବତାର ଭବିଷ୍ୟତର ଉନ୍ନତ ମନୁଷ୍ୟ ସମାଜକୁ ଅଧିକ ଉନ୍ନତତର କରିବା ନିମନ୍ତେ ମ୍ଳେଚ୍ଛ ସଂହାର ନୁହେଁ, ବରଂ ମ୍ଳେଚ୍ଛର ସଂହାର କରିବା ନିମନ୍ତେ ବିଶ୍ୱ ନାୟକଙ୍କ ଯୋଜନା କଥା ପ୍ରଦର୍ଶନ କରେ। କାରଣ ମ୍ଳେଚ୍ଛ ସଂହାର କଲେ, ଆମ ଭିତରୁ ଜଣେ ମଧ୍ୟ ବଞ୍ଚି ରହିବ ନାହିଁ, ଯେହେତୁ ଆମ ସମସ୍ତଙ୍କ ମଧ୍ୟରେ ରାଗ, ହିଂସା, ଦ୍ୱେଷ ଓ ମ୍ଳେଚ୍ଛ ଭରି ରହିଛି । ଅତଏବ ସେ ଦିବ୍ୟ ଦ୍ରଷ୍ଟା ଆମ ଭଳି ଅକିଞ୍ଚନଙ୍କ ଉଦ୍ଧାର ନିମନ୍ତେ ବଦ୍ଧପରିକର ଥିବା ସୂଚିତ କରେ। ଏହି କ୍ରମକୁ ଦେଖିଲେ ଦଶାବତାର ଏକ ସରଳ ଜୀବରୁ ଉନ୍ନତ ମନୁଷ୍ୟ ପର୍ଯ୍ୟନ୍ତ ଯାତ୍ରା ଦୃଶ୍ୟମାନ ହୁଏ।

ଏଥିରୁ ଜଣାଯାଏ ଯେ ଦଶାବତାର ଧାରଣା ଡାରୱିନଙ୍କ ବିବର୍ତ୍ତନବାଦ ସହ ମେଳ ଖାଏ ଏବଂ ଡାରୱିନ ତତ୍ତ୍ୱ, ଦଶାବତାର ପୃଷ୍ଠଭୂମିରେ ସୃଷ୍ଟ ଏକ ତତ୍ତ୍ୱ ବୋଲି ଜଣାଯାଏ। କିନ୍ତୁ ଏଥିରେ ନୂତନ ବୈଜ୍ଞାନିକ ସିଦ୍ଧାନ୍ତ ଥିବା କଥା ଅସ୍ୱୀକାର୍ଯ୍ୟ ନୁହେଁ। କାରଣ ଦଶାବତାର ଏକ ଧାର୍ମିକ ଓ ପୌରାଣିକ ବିଶ୍ୱାସ, ଯେଉଁଥିରେ ନୀତି, ଧର୍ମ ଓ ସାମାଜିକ ସନ୍ଦେଶ ରହିଛି; ଯେତେବେଳେ ବିବର୍ତ୍ତନବାଦ ଏକ ପୂର୍ଣ୍ଣ ବୈଜ୍ଞାନିକ ଧାରଣା।

ସଂକ୍ଷେପରେ କହିଲେ, ବିଷ୍ଣୁଙ୍କ ଦଶାବତାର ଓ ଡାରୱିନଙ୍କ ବିବର୍ତ୍ତନବାଦ ମଧ୍ୟରେ ଥିବା ସାମ୍ୟ ଆମକୁ ଜଣାଏ ଯେ ପୁରାତନ ଭାରତୀୟ ଚିନ୍ତନ ମଧ୍ୟ ପ୍ରକୃତି ଓ ଜୀବନର ଉନ୍ନତିକୁ ଗୂଢ଼ ଭାବରେ ଅନୁଭବ କରିଥିଲା। ଏହି ଦୁଇ ଧାରଣା ଭିନ୍ନ ପଥରେ ଚାଲିଥିଲେ ମଧ୍ୟ ଜୀବନର ଅବିରତ ପରିବର୍ତ୍ତନର ସତ୍ୟକୁ ଉଜାଗର କରେ। ଏଥିରୁ ଜଣା ପଡ଼େ ସନାତନ ଧର୍ମର ମହନୀୟତା ଏବଂ ବୈଜ୍ଞାନିକ ଚିନ୍ତାଧାରା ସମ୍ପନ୍ନ ବିଚାର ବୋଧ।

**ଶିକ୍ଷକ, ଉପେନ୍ଦ୍ର ଭଞ୍ଜ ଉଚ୍ଚ ବିଦ୍ୟାଳୟ, ଭଞ୍ଜନଗର, ଗଞ୍ଜାମ**
**ମୋ: ୯୦୯୦୫୦୭୯୫୫**

## ଏଇ ଭାରତରେ

ବୟସ ଏକ ସଂଖ୍ୟା ଏବଂ ଏହା ଇଚ୍ଛାଶକ୍ତି ଆଗରେ ନିଷ୍ପ୍ରଭ ବୋଲି ପ୍ରମାଣ କରିଛନ୍ତି ମହାରାଷ୍ଟ୍ରର ଅନସୂୟା ବାଇ ୱାଡେକର। ଛତ୍ରପତି ସମ୍ଭାଜି ନଗର ଜିଲା ମର୍ସାଭାଲି ଗାଁର ଏହି ମହିଳାଙ୍କ ବୟସ ଏବେ ୮୬। ସେ ସ୍କୁଲ୍ ଦୁଆରମୁହଁ ମାଡ଼ିନାହାନ୍ତି। କିନ୍ତୁ ଏହି ବୟସରେ ପଢ଼ା ଆରମ୍ଭକରି ସେ ସାକ୍ଷର ହୋଇପାରିଛନ୍ତି। ଏବେ ସେ ପଢ଼ିଲେଖି ପାରୁଛନ୍ତି। ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ ଦ୍ୱାରା ଆୟୋଜିତ ସାକ୍ଷରତା ପରୀକ୍ଷାରେ କାଗଜ ପେନ୍‌ସିଲ ଧରି ଏକ ଶ୍ରେଣୀ କୋଠରିର କାଠ ବେଞ୍ଚ୍ ଉପରେ ସେ ବସିଥିବା ଦୃଶ୍ୟ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ପିଲାଦିନେ ଝିଅଙ୍କୁ ପଢ଼ାଇବା ପାଇଁ ପରିବାର ପକ୍ଷରୁ କୌଣସି ଗୁରୁତ୍ୱ ଦିଆଯାଉ ନ ଥିବାରୁ ଅନସୂୟାଙ୍କ ପାଇଁ ସ୍କୁଲ ଯିବା ସ୍ୱପ୍ନ ହୋଇ ରହିଯାଇଥିଲା। ସେ କୁହନ୍ତି, ପରିଣତ ବୟସରେ ସେ ତାଙ୍କର ସେହି ସ୍ୱପ୍ନ ସାକାର କରିପାରିଥିବାରୁ ବହୁତ ଖୁସି। ଅନସୂୟାଙ୍କ ଆଗ୍ରହକୁ ଲକ୍ଷ୍ୟକରି ତାଙ୍କ ଗାଁ ଆଖପାଖର ବହୁ ବୟସ୍କ ମହିଳା ସାକ୍ଷରତା କାର୍ଯ୍ୟକ୍ରମରେ ଭାଗନେବାକୁ ବାହାରି ଆସିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

### ୧୬ ଏପ୍ରିଲ ୧୯୭୭

- ନିଖିଳ ଭାରତ କଂଗ୍ରେସ କମିଟିର ଜନୈକ ସଦସ୍ୟ ତଥା ବିହାର ପ୍ରଦେଶ କଂଗ୍ରେସ କମିଟିର ପୂର୍ବତନ ସାଧାରଣ ସମ୍ପାଦକ ଦେଓ ନାରାୟଣ ଯାଦବଙ୍କ କଂଗ୍ରେସ ଦଳରୁ ଇସ୍ତଫା ଦେଇ ଗଣତାନ୍ତ୍ରିକ କଂଗ୍ରେସରେ ଯୋଗଦାନ।
- ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀ ତଥା ହରିଆନାର ପୂର୍ବତନ ମୁଖ୍ୟମନ୍ତ୍ରୀ ବଂଶୀଲାଲ କଂଗ୍ରେସ ଦଳରୁ ୬ ବର୍ଷ ପାଇଁ ବହିଷ୍କୃତ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 7 | | | | 8 | | | 2 |
| 4 | | | | | 7 | 5 | 1 | |
| | | | | | | | 9 | |
| 8 | | | 3 | | 2 | | | |
| | | | | 1 | | 6 | | |
| | | 3 | 4 | | 5 | | 8 | |
| 3 | | | | | | | 5 | 4 |
| 5 | | | 6 | | | 3 | 2 | 9 |
| | | | | | | | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 9 | 1 | 6 | 8 | 3 | 2 | 7 | 4 |
| 2 | 8 | 7 | 5 | 9 | 4 | 1 | 3 | 6 |
| 3 | 6 | 4 | 1 | 7 | 2 | 9 | 5 | 8 |
| 6 | 7 | 5 | 4 | 1 | 9 | 8 | 2 | 3 |
| 1 | 4 | 8 | 2 | 3 | 7 | 5 | 6 | 9 |
| 9 | 3 | 2 | 8 | 5 | 6 | 4 | 1 | 7 |
| 7 | 5 | 3 | 9 | 2 | 8 | 6 | 4 | 1 |
| 8 | 2 | 6 | 3 | 4 | 1 | 7 | 9 | 5 |
| 4 | 1 | 9 | 7 | 6 | 5 | 3 | 8 | 2 |

ଗତକାଲିର ଉତ୍ତର

# ଦେଣନେଣରେ ନିରାପଦ ବିକଳ୍ପ



ଡ. ତପନ କୁମାର ପାଳ

ଇସ୍ଲାମାବାଦରେ ଆମେରିକା-ଇରାନ୍ ଭିତରେ ଯୁଦ୍ଧ ପ୍ରଶମିତ ନିମିତ୍ତ ବୈଠକ ବିଫଳ ହୋଇଛି। ଆପଣ ହୁଏତ ପଚାରିପାରନ୍ତି ଯେ ଏ ଖବର ସହ ମୋ ଶୀର୍ଷକର ସମ୍ପର୍କ କ'ଣ ରହିଛି ? ବାସ୍ତବ କଥା ହେଉଛି କେବଳ ଭାରତୀୟ ବଜାରରେ ନୁହେଁ, ବିଶ୍ୱ ଅର୍ଥନୀତି, ପ୍ରତିପତ୍ତି ଓ ଆର୍ଥିକ ଆଧିପତ୍ୟରେ ସୁନାର ସ୍ଥାନ କାଳେ କାଳେ ସ୍ୱତନ୍ତ୍ର ଓ ଅନନ୍ୟ ହୋଇ ରହିଛି। ସମଗ୍ର ବିଶ୍ୱ ବଜାରରେ ପ୍ରତିବର୍ଷ ଭାରତ ଅନେକ କୁଇଣ୍ଟାଲ ସୁନା ବାହାରରୁ ଆମଦାନୀ କରିଥାଏ। ତେବେ ବିଶ୍ୱର ଯେକୌଣସି ବଡ଼ ଶକ୍ତି ସହ ଅନ୍ୟ ଦେଶର ଯୁଦ୍ଧ ଆରମ୍ଭ ହୋଇଗଲେ ସୁନାର ବଜାର ମୂଲ୍ୟ ଉଚ୍ଚା ନୀଚା ହୋଇଥାଏ। ତେବେ ଭାରତରେ ସୁନା କେବଳ ଗହଣା ଭାବେ ସମସ୍ତଙ୍କର ଆଦରଣୀୟ ହୋଇ ନ ଥାଏ। ସବୁଠାରୁ ବଡ଼କଥା ହେଉଛି ଅସୁବିଧା, ଆବଶ୍ୟକତା ସମୟରେ ସୁନା ହେଉଛି ଘରର ସବୁଠାରୁ ନିର୍ଭରଯୋଗ୍ୟ ସହାୟକ ଓ ମଜଭୁତ ଆର୍ଥିକ ସମ୍ପତ୍ତି। ଏହି କାରଣ ପାଇଁ ଅନେକ ଭାରତୀୟ ପରିବାର ସୁନାରେ ନିବେଶ କରିଥାନ୍ତି। ସୁନା ଏକ ପ୍ରକାର ପ୍ରମୁଖ ସହାୟକ ସଞ୍ଚୟ କହିଲେ ଅତ୍ୟୁକ୍ତି ହେବନାହିଁ। ଜଣଙ୍କର ବା ଗୋଟିଏ ପରିବାରର କୌଣସି ଆବଶ୍ୟକତା ବା ଦୁଃସ୍ଥିତି ପଡ଼ିଲେ ସୁନା ବ୍ୟାଙ୍କରେ ବନ୍ଧକ ରଖି ହେଉ ବା ହାତ ଉଧାରି ସୁଧ ଲଗାଉଥିବା ଲୋକମାନଙ୍କ ପାଖରେ ସୁନା ରଖି ନିରାପଦରେ କିଛି ଟଙ୍କା ଅଣାଯାଇଥାଏ। ତେବେ ମୋର ଆଜିର ଛୋଟିଆ ଆଲୋଚନାଟି ହେଉଛି ଜଣେ ଗୋଲ୍‌ଡ ଓଭର ଡ୍ରାଫ୍ଟ ମାଧ୍ୟମରେ କିପରି ବ୍ୟାଙ୍କରୁ ପଇସା ଉଠାଇପାରିବ ଏବଂ ଏହାର ନିରାପଦ ଦେଣନେଣ ବ୍ୟବସ୍ଥାଟି କ'ଣ ?

ଯୁଗେ ଯୁଗେ ସୁନାର ମୂଲ୍ୟ ପ୍ରାୟତଃ ଚଢ଼ା ରହିଥାଏ। କେତେବେଳେ କେମିତି ବିଶ୍ୱ ଅର୍ଥନୀତି ଉଠପଡ଼କୁ ଦେଖି କିଛି ମୂଲ୍ୟ କମିଥାଏ, କିନ୍ତୁ ସୁନାର ମୂଲ୍ୟ କ୍ରମାଗତ ଭାବେ ଯେ ବଢ଼ିଚାଲିଛି ଏହା ଯେ କେହି ଅନୁଭବ କରିବେ। ମୋର ଆଜିର ଆଲୋଚନାଟି ହେଉଛି ବ୍ୟାଙ୍କିଙ୍ଗ୍ ସେବାରେ ଗୋଲ୍‌ଡ ଓଭର ଡ୍ରାଫ୍ଟ ସୁବିଧା ସମ୍ପର୍କରେ। କୌଣସି ବ୍ୟାଙ୍କ ହେଉ ବା ଅର୍ଥନୈତିକ ସଂସ୍ଥା ଜଣଙ୍କ ସୁନାକୁ ବନ୍ଧକରେ ରଖି ଗୋଲ୍‌ଡ ଓଭର ଡ୍ରାଫ୍ଟ ବ୍ୟବସ୍ଥା ଅନୁଯାୟୀ ଏକ ବିଧିବଦ୍ଧ ଭାବେ ଓଭର ଡ୍ରାଫ୍ଟ ଖାତା ଖୋଲିଥାଆନ୍ତି, ଯେଉଁଥିରେ ନିର୍ଦ୍ଧାରିତ ପରିମାଣର ଅର୍ଥ ମଞ୍ଜୁର ହୋଇଥାଏ। ତେବେ ଏଇଠି ଆଉ ଟିକିଏ ସ୍ପଷ୍ଟ କରିରଖୁଛି ଆପଣଙ୍କର ଅନୁମୋଦିତ ହୋଇଥିବା ବା ମଞ୍ଜୁର ହୋଇଥିବା ସମସ୍ତ ଅର୍ଥ ଏକାଥରକେ ନେବା ଜରୁରୀ ନୁହେଁ। ଏଠାରେ ମୁଁ ଏକ ଉଦାହରଣରେ ଏହି ଓଭର ଡ୍ରାଫ୍ଟ ବ୍ୟବସ୍ଥାର ପରିଚାଳନା ସମ୍ପର୍କରେ ଆଉ ଟିକିଏ ସରଳ ଭାବରେ ବୁଝାଉଛି। ଧରନ୍ତୁ ଆପଣଙ୍କର ଯେତିକି ପରିମାଣର ସୁନା ବ୍ୟାଙ୍କକୁ ନେଇଛନ୍ତି ଆପଣଙ୍କୁ ବ୍ୟାଙ୍କ ମନେକରନ୍ତୁ ୫ ଲକ୍ଷ ଟଙ୍କାର ଓଭର ଡ୍ରାଫ୍ଟର ଅନୁମତି ଦେଇଛି। ଯଦି ଆପଣ ସମ୍ପୂର୍ଣ୍ଣ ଅର୍ଥରାଶି ବା ୫ ଲକ୍ଷ ଟଙ୍କା ଏକକାଳୀନ ନ ଉଠାଇବା ପାଇଁ ଚାହାନ୍ତି କେବଳ ସର୍ବନିମ୍ନ ଭାବେ ୫୦ ହଜାର ଟଙ୍କା ଉଠାଇବାକୁ ଚାହୁଁଥିବେ, ଏ କ୍ଷେତ୍ରରେ ଗୋଲ୍‌ଡ ଓଭର ଡ୍ରାଫ୍ଟର ସ୍ୱତନ୍ତ୍ର ବିଶେଷତ୍ୱ ଅନୁଯାୟୀ ଆପଣଙ୍କୁ କେବଳ ଉଠାଇଥିବା ୫୦ହଜାର ଟଙ୍କା ଉପରେ ହିଁ ସୁଧ ପରିଶୋଧ କରିବାକୁ ପଡ଼ିବ।



ଅନେକଙ୍କ ଭିତରେ ପ୍ରଶ୍ନ ଉଠେ ସତରେ କ'ଣ ଗୋଲ୍‌ଡ ଓଭର ଡ୍ରାଫ୍ଟ ବ୍ୟବସ୍ଥା ଲାଭଜନକ ଓ ନିରାପଦ ? ଏହା ନିଶ୍ଚିନ୍ତ ଯେ ଆପଣ ଯେତେ ଟଙ୍କା ବ୍ୟାଙ୍କରୁ ଉଠାଇବାକୁ ଚାହିଁଲେ କେବଳ ସେତିକ ଟଙ୍କା ଉପରେ ହିଁ ବ୍ୟାଙ୍କ ଆପଣଙ୍କଠାରୁ ସୁଧ ଗ୍ରହଣ କରିବ। ପରବର୍ତ୍ତୀ ସମୟରେ ଆପଣଙ୍କର ସୁବିଧା ଅସୁବିଧା ଦେଖି ନିୟମିତ ବ୍ୟବଧାନରେ ସମୟର ଆବଶ୍ୟକତା ପୂରଣ ପାଇଁ ବାରମ୍ବାର ଟଙ୍କା ଉଠାଇପାରିବେ। ସେହିପରି କୌଣସି ସୂତ୍ରରୁ ଅର୍ଥ ଆସୁଥିଲେ ତା'ର ପରିଚାଳନା ସହଜ ହୁଏ ଏବଂ ଜରୁରୀ ପରିସ୍ଥିତିରେ ଆପଣଙ୍କୁ ତୁରନ୍ତ ଅର୍ଥ ବ୍ୟାଙ୍କଠାରୁ ମିଳିବାର ବଡ଼ ସୁଯୋଗ ପାଇଥାନ୍ତି।

ବ୍ୟାଙ୍କରେ ସୁନା ବନ୍ଧକ ରଖି ଟଙ୍କା ଆଣିବା ସମ୍ପର୍କରେ ଅନ୍ୟ ଏକ ବ୍ୟବସ୍ଥା ରହିଛି, ଯାହାକୁ ପାରମ୍ପରିକ ଗୋଲ୍‌ଡ ଲୋନ୍ ବ୍ୟବସ୍ଥା କୁହାଯାଇଥାଏ। ତେବେ ସାଧାରଣ ସୁନାଋଣରେ ଗୋଟିଏ ଥରରେ ସମସ୍ତ ଅର୍ଥରାଶି ମିଳିଯାଉଥିବାବେଳେ ଏବଂ ସେହି ସମୁଦାୟ ଅର୍ଥରାଶି ଉପରେ ଆପଣଙ୍କୁ ସୁଧ ଦେବାକୁ ପଡ଼ିଥାଏ। ହୁଏତ ଆପଣ ସେ ଟଙ୍କାକୁ କାର୍ଯ୍ୟରେ ଲଗାଇପାରନ୍ତି ବା ନ ହେଲେ ଆପଣଙ୍କ ଆକାଉଣ୍ଟରେ ତାହା ପଡ଼ି ରହିଥାଏ। ଏହା ହେଉଛି ପାରମ୍ପରିକ ଗୋଲ୍‌ଡ ଲୋନ୍। ତେବେ ଆମେ ଆଲୋଚନା କରୁଥିବା ଗୋଲ୍‌ଡ ଓଭର ଡ୍ରାଫ୍ଟ ସର୍ଭିସ୍‌ରେ କିନ୍ତୁ ସୁବିଧା ସ୍ୱତନ୍ତ୍ର ଓ ଅଲଗା। ଗୋଲ୍‌ଡ ଓଭର ଡ୍ରାଫ୍ଟ ସେବା ସବୁଠାରୁ ନିରାପଦ ଓ ଶ୍ରେଷ୍ଠ ବିକଳ୍ପ କୁହାଯାଏ। ଏହି କ୍ଷେତ୍ରରେ ଯେ ଯେଉଁମାନେ ବାରମ୍ବାର କିଛି ଅର୍ଥରାଶି ଆବଶ୍ୟକ କରିଥାନ୍ତି ସେମାନଙ୍କ ପାଇଁ ଏହା ସୁବିଧାଜନକ। ବଡ଼କଥା ହେଉଛି ଏହା ଏକ ଏପରି ବିଶ୍ୱାସଯୋଗ୍ୟ ଉପାୟ ଯାହା ଆପଣଙ୍କୁ ସୁନାର ଉଚିତ ବ୍ୟବହାର କରିବା ପାଇଁ ସୁଯୋଗ ଦେଇଥାଏ। ତେବେ ଏଇଠି ସୁନା ବନ୍ଧକ ରଖୁଥିବା ଗ୍ରାହକ ଜଣଙ୍କ ଏକ ସ୍ୱତନ୍ତ୍ର ସୁବିଧା ପାଇଥାନ୍ତି। ତାହା ହେଉଛି ଅନ୍ୟ ଋଣ ସୁବିଧା ଭଳି ଆପଣଙ୍କୁ ଏ କ୍ଷେତ୍ରରେ ଅନାବଶ୍ୟକ ସୁଧ ଦେବାକୁ ପଡ଼ି ନ ଥାଏ। ଗୋଲ୍‌ଡ ଓଭରଡ୍ରାଫ୍ଟ ସେବା ଜଣଙ୍କ ପରିବାରର ସ୍ୱର୍ଣ୍ଣିମ ଅର୍ଥନୀତିର ଏକ ମଜଭୁତ ଓ ନିରାପଦ ବ୍ୟବସ୍ଥା। ଆଜିକାଲି ଅନେକ ଘରୋଇ ବ୍ୟାଙ୍କ, ବିଦେଶୀ ବ୍ୟାଙ୍କ ଓ ରିଜର୍ଭ ବ୍ୟାଙ୍କର ଅନୁମୋଦନ ନ ପାଇଥିବା ଆର୍ଥିକ ସଂସ୍ଥାଗୁଡ଼ିକ ସୁନା ରଖି ବନ୍ଧକ ବାବଦ ଟଙ୍କା ଦେଉଛନ୍ତି। ଏ କ୍ଷେତ୍ରରେ ନିବେଶକରିବା ପୂର୍ବରୁ ଆପଣ ଭଲ ଭାବେ ବୁଝିନିଅନ୍ତୁ। କାରଣ ଏପରି ଅନେକ ଠକ ଓ ମିଛ ପ୍ରମାଣପତ୍ର ଲୋକଙ୍କୁ ଦେଖାଇ ସୁନା ବନ୍ଧକ ରଖି ପରବର୍ତ୍ତୀ ସମୟରେ ଚମ୍ପଟ ମାରିବାର ଅଭିଯୋଗ ମଧ୍ୟ ଅନେକ ରହିଛି। ଅନେକ ଲୋକ ସୋସିଆଲ ମିଡିଆରୁ ବୁଝି ବ୍ୟାଙ୍କିଙ୍ଗ ସେବା ସମ୍ପର୍କରେ କିଛି ତଥ୍ୟ ପାଉଥିଲେ ମଧ୍ୟ ସୁନା ପରି ଆପଣଙ୍କର ଜୀବନର ମୂଲ୍ୟବାନ୍ ପରିଶ୍ରମର ଏତେବଡ଼ ସମ୍ପତ୍ତିକୁ କିଭଳି ସୁରକ୍ଷିତ ଭାବେ ରଖି ନିଜ ତତ୍କାଳ କର୍ମ ଚଳେଇବା ପାଇଁ ଅର୍ଥ ଉଠାଉଥିବାରୁ ଏ କ୍ଷେତ୍ରରେ ଆଦୌ ତରବର ନ ହୋଇ ବା କାହାର କାନକୁହା କଥା ନ ଶୁଣି କେବଳ ବଡ଼ ବଡ଼ ସରକାରୀ ଅନୁବନ୍ଧିତ ବ୍ୟାଙ୍କରେ ସୁନା ରଖନ୍ତୁ ନଚେତ୍ ଆପଣଙ୍କର ମୂଲ୍ୟବାନ ସମ୍ପତ୍ତି ଅକାରଣରେ ହଡ଼ପ ହୋଇଯିବ। ଓଡ଼ିଆରେ ଏକ ପ୍ରାଚୀନତମ କଥା ଅଛି 'ଦୁଃଖୀ ସଞ୍ଚିଥିଲା ଧନ, ମୂଷା କଲା ଜଳପାନ'।

**ଏସ୍‌ବିଆଇ ଷ୍ଟାଫ୍ କଲୋନି, ଦେଉଳସାହି, ତୁଳସୀପୁର, କଟକ**
**ମୋ:୭୯୭୮୭୯୬୩୩**

## ପାଠକ ଶ୍ରେଷ୍ଠ ବିଚାରକ

### ନାରୀ କେତେ ସୁରକ୍ଷିତ

**ମହାଶୟ,**

ଭୁବନେଶ୍ୱର ଏବେ ମହିଳାଙ୍କ ପାଇଁ ଅସୁରକ୍ଷିତ ହୋଇପଡ଼ିଲାଣି। ନିକଟରେ ସ୍ପଷ୍ଟ ଦିବାଲୋକରେ ଜଣେ ଭଦ୍ର ମହିଳା ଅଫିସ ସାରି ସ୍କୁଟିରେ ଘରକୁ ଫେରୁଥିଲେ। ଏହି ସମୟରେ ବଡ଼ଗଡ଼ ରାସ୍ତାରେ ୨ ଜଣ ଅସାମାଜିକ ଯୁବକ ତାଙ୍କୁ ଜାଣିଶୁଣି ଧକ୍କା ଦେଇ ସେମାନେ ସେଠାରୁ ଫେରିଯାଇଥିଲେ। ମହିଳା ଜଣଙ୍କୁ ସ୍ଥାନୀୟ ବ୍ୟକ୍ତିମାନେ ଉଦ୍ଧାର କରିବା ସମୟରେ ସେହି ୨ ଯୁବକ ପୁନର୍ବାର ଉକ୍ତ ସ୍ଥାନକୁ ଆସି ମହିଳା ଜଣଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରି ଫେରାର ହୋଇଯାଇଥିଲେ। ଏଥିରୁ ଯାହା ଅନୁମାନ କରାଯାଏ, ପୋଲିସ ବିଭାଗ ବୋଧହୁଏ ଚିରନିଦ୍ରାରେ ଶୋଇ ରହିଛି। ରାଜଧାନୀ ଆଜି ମହିଳାମାନଙ୍କ ପାଇଁ କେତେ ସୁରକ୍ଷିତ ଏଥିରୁ ପ୍ରମାଣିତ ହୋଇପଡୁଛି। ଦୈନନ୍ଦିନ ଅପହରଣ, ବଳାତ୍କାର ଏବଂ ନିର୍ଯାତନାର ଖବର ମିଳୁଛି। ସରକାରଙ୍କର ଏହା କ'ଣ ନାରୀ ସୁରକ୍ଷା ଯୋଜନା ବୋଲି କୁହାଯିବ ! ମହିଳାମାନେ ଏକୁଟିଆ ଘରୁ ବାହାରିବା ପାଇଁ ଡରିଲେଣି। ତେଣୁ ନାରୀମାନଙ୍କୁ ସୁରକ୍ଷା ଯୋଗାଇଦେବାକୁ ଏକ କଠୋର ଆଇନ ଏବଂ ଦଣ୍ଡବିଧାନ ପ୍ରଣୟନ କରାଯିବାର ଆବଶ୍ୟକତା ରହିଛି।

**-ଧର୍ମରାଜ ପଟ୍ଟନାୟକ, ଶହୀଦ୍‌ନଗର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ପ୍ରବୋଧିବି ଏହି କପୋତ
ସାନ୍ତ୍ୱନା ହେବ ପ୍ରାପତ,
ଝିଲ୍ଲୀ ଚିରଇ କାତର-ରୋଦନ
ମୋ ବିନା ତା'ର କେ ନାହିଁ
ସେ ତ ମୋ ପଥେ ରହିଛି ଚାହିଁ ।
-(ବିଶ୍ୱର ଆହ୍ୱାନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

**ସମୂହ ହନୁମାନ ଚାଳିଶା ପାଠ ଓ ମହାଯଜ୍ଞ**

ଅସ୍ତରଙ୍ଗ(ମମତା ଜେନା): କାକଟପୁର ବ୍ଲକ କଣ୍ଟାପଡ଼ା ପଞ୍ଚାୟତର ପତିସାହି ଗ୍ରାମରେ ଥିବା ସତ୍ୟ ମହାବୀରଙ୍କ ପୀଠରେ ଚତୁର୍ଥ ବାର୍ଷିକ ସମୂହ ହନୁମାନ ଚାଳିଶା ପାଠ ଓ ମହାଯଜ୍ଞ ପୂଜକ ବିରଞ୍ଚି ନାରାୟଣ ଦାଶ(ନିଲୁ ଭାଇନା)ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ବହୁ ଦୂରଦୂରାନ୍ତରୁ ଶ୍ରଦ୍ଧାଳୁମାନେ ଯୋଗଦେଇ ନିଜ ପରିବାରର ସୁଖ ମନାସି ପ୍ରଭୁ ସତ୍ୟ ମହାବୀରଙ୍କ ନିକଟରେ ହନୁମାନ ଚାଳିଶା ପାଠ କରିଥିଲେ। ଏହି ମହାଯଜ୍ଞରେ ସ୍ଥାନୀୟ ଗ୍ରାମବାସୀ ସହଯୋଗ କରିଥିଲେ।




୧୫।୦୪।୨୦୨୬

| | |
|---|---|
| ୬,୫୦,୮୩୦ ଟଙ୍କା | |
| ସୁନା | ୧.୦୫୦ ଗ୍ରାମ୍ |
| ରୁପା | ୧୫.୫୦୦ ଗ୍ରାମ୍ |

# ୪ ଦ୍ୱାରରେ ଲଗାଯିବ ବ୍ୟାଗେଜ୍ ସ୍କାନର ମେଶିନ

ପୁରୀ,୧୫।୪(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ କିଭଳି କଡ଼ାକଡ଼ି କରାଯାଇପାରିବ ସେନେଇ ଶ୍ରୀମନ୍ଦିର ସୁରକ୍ଷା ସବ୍‌କମିଟି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସୁରକ୍ଷା ସବ୍‌କମିଟିର ଅଧ୍ୟକ୍ଷ ଡ. ଗିରିଶ୍ ମୁର୍ମୁଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଏହି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ପ୍ରତୀକ ସିଂ, ଶ୍ରୀମନ୍ଦିର ସୁରକ୍ଷା ପ୍ରଶାସକ ହେମନ୍ତ କୁମାର ପାଢ଼ୀ ଏବଂ ଶ୍ରୀମନ୍ଦିର ଅଧିକାରୀଙ୍କ ସହିତ ପରିଚାଳନା କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ। ବୈଠକରେ ଶ୍ରୀମନ୍ଦିରର ୪ ଦ୍ୱାରରେ ବ୍ୟାଗେଜ୍ ସ୍କାନର୍ ମେଶିନ ଲଗାଯିବ ବୋଲି ନିଷ୍ପତ୍ତି ହୋଇଛି।

ଏସ୍‌ପି ସିଂ କହିଛନ୍ତି, ବିଶେଷକରି ଆଗାମୀ ଦିନରେ କିଭଳି ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ ଅତ୍ୟାଧୁନିକ ଟେକ୍ନୋଲୋଜି ସାହାଯ୍ୟରେ ବ୍ୟବସ୍ଥିତ କରାଯାଇପାରିବ ସେନେଇ ଆଲୋଚନା ହୋଇଥିଲା। ଶ୍ରୀମନ୍ଦିର ୪ ଦ୍ୱାରରେ ବ୍ୟାଗେଜ୍ ସ୍କାନର ମେଶିନ୍ ଲଗାଯିବା ପାଇଁ ନିଷ୍ପତ୍ତି ହୋଇସାରିଥିବା ବେଳେ ଖୁବ୍‌ଶୀଘ୍ର ଏହା କାର୍ଯ୍ୟକାରୀ କରାଯିବ। ଏନେଇ ପୋଲିସ କର୍ମଚାରୀଙ୍କୁ ମଧ୍ୟ ପ୍ରଶିକ୍ଷଣ ଦିଆଯାଉଛି। ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡ଼ାଣକୁ ରୋକିବା ପାଇଁ ଆଣ୍ଟି ଡ୍ରୋନ୍ ସିଷ୍ଟମ କାର୍ଯ୍ୟକାରୀ କରାଯିବ। ପୋଲିସ ବିଭାଗ ପକ୍ଷରୁ ଆଣ୍ଟି ଡ୍ରୋନ୍ ପାଇଁ ବରାଦ ଦିଆଯାଇଥିବାବେଳେ ଏହା ଆସିବା ପରେ ଖୁବ୍‌ଶୀଘ୍ର କାର୍ଯ୍ୟକାରୀ କରାଯିବ ବୋଲି ଏସ୍‌ପି ସିଂ ସୂଚନା ଦେଇଛନ୍ତି।




ବୈଠକରେ ସବ୍‌କମିଟିର ଅଧ୍ୟକ୍ଷ ଡ. ଗିରିଶ୍ ମୁର୍ମୁ, ଏସ୍‌ପି ପ୍ରତୀକ ସିଂଙ୍କ ସମେତ ପରିଚାଳନା କମିଟି ସଦସ୍ୟମାନେ।

**ଶ୍ରୀମନ୍ଦିର ସୁରକ୍ଷା ନେଇ ସବ୍‌କମିଟି ବୈଠକ**

ଶ୍ରୀମନ୍ଦିର ସୁରକ୍ଷା ପ୍ରଶାସକ ହେମନ୍ତ କୁମାର ପାଢ଼ୀ କହିଛନ୍ତି, ପ୍ରତ୍ୟେକ ଲୋକଙ୍କ ଗତିବିଧି ଉପରେ ନଜର ରଖିବା ପାଇଁ ଅତ୍ୟାଧୁନିକ କ୍ୟାମେରା ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଅଗ୍ନିକାଣ୍ଡ ଘଟଣାକୁ ରୋକିବା ପାଇଁ ଫାୟାର ଫାଇଟିଙ୍ଗ ବ୍ୟବସ୍ଥା କିଭଳି କରାଯାଇପାରିବ ସେନେଇ ଆଲୋଚନା ହୋଇଥିଲା। ଡ୍ରୋନ୍ ଉଡ଼ାଣ ରୋକିବାକୁ ଆଣ୍ଟି ଡ୍ରୋନ୍ ଲଗାଯିବ। ସେହିପରି ମହାପ୍ରଭୁଙ୍କ ନୀତି ସମୟରେ ଯେପରି ଭକ୍ତମାନେ ଅପେକ୍ଷା କରିବେ ନାହିଁ ସେନେଇ ମହାପ୍ରଭୁଙ୍କ ନୀତି ସମ୍ପର୍କରେ ଭକ୍ତମାନଙ୍କୁ ଜଣାଇବା ନିମନ୍ତେ ଡିସ୍‌ପ୍ଲେ ବ୍ୟବସ୍ଥା ହୋଇଛି। ଫଳରେ ଭକ୍ତ ନୀତି ସମ୍ପର୍କରେ ଜାଣିପାରିବେ, ଲୋକମାନେ ଘଣ୍ଟା ଘଣ୍ଟା ଧରି ଠିଆହେବେ ନାହିଁ। ଏଥିସହ ସୁରକ୍ଷା ସମ୍ପର୍କରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରାଯାଇଛି। ଶ୍ରୀମନ୍ଦିର ସୁରକ୍ଷା ସବ୍‌କମିଟିର ଅଧ୍ୟକ୍ଷ ଡ. ଗିରିଶ୍ ଚନ୍ଦ୍ର ମୁର୍ମୁ ବୈଠକ ପୂର୍ବରୁ ପ୍ରଥମେ ଶ୍ରୀମନ୍ଦିର ଭିତର ଏବଂ ଚାରି ଦ୍ୱାରରେ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଥିଲେ।

# ସାକ୍ଷୀଗୋପାଳ କଲେଜ ଛକରେ ବୋମାମାଡ଼, ୩ ଯୁବକ ଅଟକ

ସାକ୍ଷୀଗୋପାଳ,୧୫।୪ (ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର/ଭରତ ରାଉତ)

ସାକ୍ଷୀଗୋପାଳ କଲେଜ ଛକରେ କେତେଜଣ ଯୁବକ ବୋମାମାଡ଼ କରିଥିବା ଜଣାପଡ଼ିଛି। ବୋମାମାଡ଼ରେ କାହାର କିଛି କ୍ଷୟକ୍ଷତି ହୋଇ ନ ଥିବା ବେଳେ ଗୋଟିଏ କାର୍‌ର କାଚ କ୍ଷତିଗ୍ରସ୍ତ ହୋଇଛି। ଖବରପାଇ ସାକ୍ଷୀଗୋପାଳ ଥାନାଧିକାରୀ ସୌମ୍ୟରଞ୍ଜନ ମହାଳିକ ଏକ ପୋଲିସ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏହି ଘଟଣାରେ ପୋଲିସ ୩ ଯୁବକଙ୍କୁ ଅଟକ ରଖିଛି। ସୂଚନାଯୋଗ୍ୟ, ୩/୪ଜଣ ଯୁବକ ନିଶାସକ୍ତ ଅବସ୍ଥାରେ ଉକ୍ତ ହୋଟେଲ୍‌କୁ ଖାଇବା ପାଇଁ ଆସିଥିଲେ। ଖାଇବା ସମୟରେ କୌଣସି କାରଣରୁ ହୋଟେଲ ମାଲିକ ଓ ସେଠାରେ ଖାଉଥିବା ଅନ୍ୟମାନଙ୍କ ସହ କଥା କଟାକଟି ହୋଇଥିଲା। ପରେ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଉକ୍ତ ଯୁବକଙ୍କୁ ହୋଟେଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ହୋଟେଲ ପରିସରରୁ ବାହାରକୁ ବାହାର କରାଯାଇଥିଲା। ଏହାର କିଛି ସମୟ ଅର୍ଥାତ୍ ୩୦ ମିନିଟ୍ ପରେ ଉକ୍ତ ଯୁବକମାନେ ଉକ୍ତ ହୋଟେଲକୁ ବୋମାମାଡ଼ କରିଥିଲେ। ଏ ସମ୍ପର୍କରେ ହୋଟେଲ ପକ୍ଷରୁ ସତ୍ୟବାଦୀ ଥାନାରେ ଏକ ଅଭିଯୋଗ କରାଯାଇଛି। ବୋମାମାଡ଼ କରିଥିବା ଯୁବକମାନେ ପିପିଲି ଅଞ୍ଚଳର ହୋଇଥିବା ବେଳେ ୩ ଯୁବକଙ୍କୁ ଅଟକ ରଖି ତଦନ୍ତ କରାଯାଉଛି ବୋଲି ଥାନାଧିକାରୀ ମହାଳିକ ସୂଚନା ଦେଇଛନ୍ତି।




ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ମହାପ୍ରଭୁଙ୍କୁ ଦର୍ଶନ କରି ଫେରୁଛନ୍ତି।

## ସଂକ୍ଷେପରେ

### ଐତିହାସିକ ପଣା ଯାତ୍ରା ଅନୁଷ୍ଠିତ

ପୁରୀ,୧୫।୪(ଅଜିତ୍ କୁମାର ମହାନ୍ତି): ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ କୃଷ୍ଣପ୍ରସାଦ ବ୍ଲକ ତିତିପ ପଞ୍ଚାୟତ ଦେଉଳପଡ଼ା ଠାରେ ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଠାରୁ ଐତିହାସିକ ପଣାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ଠାରୁ ପଣାଯାତ୍ରା ପଡିଆକୁ ଠାକୁରଙ୍କ ଆଗମନ ହୋଇଛି। ୩୫ ମୌଜା ପଣା ଯାତ୍ରା ପରିଚାଳନା କମିଟି ଆନୁକୂଲ୍ୟରେ ୭୯ତମ ପଣା ଯାତ୍ରା ଉତ୍ସବ ମହାଆଡ଼ମ୍ବର ସହିତ ଆୟୋଜନ କରାଯାଇଛି। ବୁଧବାର ପୂର୍ବତନ ମନ୍ତ୍ରୀ ତଥା ବିଜୁ ଜନତା ଦଳ ବରିଷ୍ଠ ନେତା ସଞ୍ଜୟ କୁମାର ଦାସବର୍ମା ପଣାଯାତ୍ରା ପଡ଼ିଆକୁ ଗସ୍ତ କରି କୃଷ୍ଣପ୍ରସାଦ ବ୍ଲକର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ବାବା କମଳେଶ୍ୱର ଦେବଙ୍କୁ ଦର୍ଶନ କରି ଆଶୀର୍ବାଦ ଲାଭ କରିଛନ୍ତି। ଦାସବର୍ମା ବାବା କମଳେଶ୍ୱର ଦେବଙ୍କୁ ଦର୍ଶନ କରି କୃଷ୍ଣପ୍ରସାଦ ଅଞ୍ଚଳବାସୀଙ୍କ ମଙ୍ଗଳ କାମନା କରିଛନ୍ତି। ଦାସବର୍ମା କହିଛନ୍ତି ବିଶ୍ୱାସ, ପରମ୍ପରା ଏବଂ ଆସ୍ଥାର ଏହି ଭବ୍ୟ ଉତ୍ସବକୁ ସୁନ୍ଦର ଭାବରେ ଆୟୋଜନ କରିଥିବା କୃଷ୍ଣପ୍ରସାଦ ବ୍ଲକ ୩୫ ମୌଜା ପରିଚାଳନା କମିଟିର କର୍ମକର୍ତ୍ତା ଏବଂ ଅଞ୍ଚଳବାସୀଙ୍କୁ ସାଧୁବାଦ ଜଣାଇଛନ୍ତି। ଏହି ଗସ୍ତ ସମୟରେ ପୁରୀ ଜିଲା ପରିଷଦ ଅଧ୍ୟକ୍ଷାଙ୍କ ପ୍ରତିନିଧି ବିଦ୍ୟାଧର ସ୍ୱାଇଁ, କୃଷ୍ଣପ୍ରସାଦ ବ୍ଲକ ଜିଲା ପରିଷଦ ସଦସ୍ୟ ଲକ୍ଷ୍ମୀଧର ସାହୁ, କୃଷ୍ଣପ୍ରସାଦ ବ୍ଲକ ବିଜୁ ଜନତା ଦଳ ସଭାପତି ପଦ୍ମ ଚରଣ ଜେନା, ରାମଲେଙ୍କା ପଞ୍ଚାୟତ ସମିତି ସଭ୍ୟାଙ୍କ ପ୍ରତିନିଧି ଦିଲ୍ଲିପ କୁମାର ରଣସିଂହ, ସମାଜସେବୀ ଟୁକୁ ମାଝୀ, ଶ୍ୟାମ ମାହାପାତ୍ର ଓ ସୁରେନ୍ଦ୍ର ନାଥ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

### ଅରକ୍ଷିତ କାଣ୍ଡି ଅନୁସୂଚିତ ଜାତି ପୁରୀ ଜିଲା ଉପସଭାପତି

ଅସ୍ତରଙ୍ଗ,୧୫।୪(ମମତା ଜେନା): କାକଟପୁର ନିର୍ବାଚନମଣ୍ଡଳୀର ଯୁବନେତା ଅରକ୍ଷିତ କାଣ୍ଡି ପୁରୀ ଜିଲା କଂଗ୍ରେସ କମିଟିର ଅନୁସୂଚିତ ଜାତି ଉପସଭାପତି ଭାବେ ମନୋନୀତ ହୋଇଛନ୍ତି । ଏହି ପଦ ପାଇବା ପରେ ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳୀୟ ସଂଗଠନକୁ ସୁଦୃଢ଼ କରିବା ସହ ନେତା ରାହୁଲ ଗାନ୍ଧୀ, ପିସିସି ସଭାପତି ଭକ୍ତ ଚରଣ ଦାସ, କାକଟପୁର ବିଧାୟକ ପ୍ରାର୍ଥୀ ବିଶ୍ୱଭୂଷଣ ଦାସ, ବ୍ଲକ ସଭାପତି ଅବଧୂତ ସ୍ୱାଇଁଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଇଛନ୍ତି।

### ଦ ବେଲର ପ୍ରତିଷ୍ଠା ଦିବସ ପାଳିତ

ପୁରୀ,୧୫।୪(ଅଜିତ୍ କୁମାର ମହାନ୍ତି): ପବିତ୍ର ପଣା ସଂକ୍ରାନ୍ତି ଅବସରରେ ପୁରୀ ଜିଲା ସ୍ୱେଚ୍ଛାସେବୀ ସଙ୍ଗଠନ ସାମୁଖ୍ୟ ଦ ବେଲ୍‌ର ୫ମ ପ୍ରତିଷ୍ଠା ଦିବସ ପାଳିତ ହେଇଯାଇଛି। ଏହି ଅବସରରେ ଅନୁଷ୍ଠାନ ତରଫରୁ 'ଏକ ସୁରକ୍ଷିତ ପରିବେଶ ପାଇଁ ଆମେ ସମସ୍ତେ' ଶୀର୍ଷକ ସଚେତନତା ମୂଳକ ଇ ପୋଷ୍ଟର୍ ଉନ୍ମୋଚିତ ହୋଇଥିଲା। ଭାରତ ଯୋଗ କେନ୍ଦ୍ର ପରିସରରେ ଥିବା ଏକଲବ୍ୟ ପାଠଶାଳା ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପଢୁଥିବା ଛାତ୍ରୀଛାତ୍ରଙ୍କୁ ଅନୁଷ୍ଠାନ ତରଫରୁ ଫଳ, କେକ, ପଣା ଓ ମହାପ୍ରସାଦ ବଣ୍ଟନ କରାଯାଇଥିଲା। ଅନୁଷ୍ଠାନର ଅଧ୍ୟକ୍ଷ ସିଦ୍ଧାର୍ଥ ରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଦ ବେଲ୍ ଓମେନ୍ସ କ୍ଲବ, ୟୁଥ୍ କ୍ଲବ୍, ସିନିୟର ସିଟିଜେନ୍ସ କ୍ଲବ ସଦସ୍ୟା, ସଦସ୍ୟଙ୍କ ସହିତ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସାଧାରଣ ସମ୍ପାଦକ ରାଜକିଶୋର ପାତ୍ର ଓ ସୁକାନ୍ତ କୁମାର ପଣ୍ଡା ପରିଚାଳନା କରିଥିଲା ବେଳେ ଏକଲବ୍ୟ ଅନୁଷ୍ଠାନର ମୁଖ୍ୟ ପରିଚାଳକ ଉମେଶ ଚନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲେ।

# ଇଣ୍ଡୋ-ନର୍‌ୱେ ଟିମ୍‌ର କ୍ଷେତ୍ର ପରିଦର୍ଶନ



ଇଣ୍ଡୋ-ନର୍‌ୱେ ଟିମ୍‌ର ପ୍ରତିନିଧିମାନେ ବୁଧବାର କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ କରୁଛନ୍ତି।

ପୁରୀ/କୋଣାର୍କ,୧୫।୪ (ଅଜିତ୍ କୁମାର ମହାନ୍ତି/ଜ୍ୟୋତିରାଜ ମହାନ୍ତି)

ଇଣ୍ଡୋ-ନର୍‌ୱେ ଟିମ୍‌ର ପ୍ରତିନିଧିମାନେ ବୁଧବାର ପୁରୀ ଜିଲା ଗସ୍ତ କରିବା ସହ ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରିଛନ୍ତି। ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଜ୍ଞାନ ଓ ବୈଷୟିକ ଜ୍ଞାନ ଚିତ୍ରା ଅରୁମୁଗମଙ୍କ ନେତୃତ୍ୱରେ ଆସିଥିବା ଏହି ଟିମ୍‌କୁ ଜିଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ସ୍ୱାଗତ କରିଥିଲେ। ଇଣ୍ଡୋ-ନର୍‌ୱେ ସହଯୋଗିତାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପକୁ ଟିମ୍‌ର ପ୍ରତିନିଧିମାନେ ଅନୁଧ୍ୟାନ କରିବା ସହ ଦାୟିତ୍ୱରେ ଥିବା ଅଧିକାରୀ, କର୍ମଚାରୀଙ୍କ ସହ ବାର୍ତ୍ତାଳାପ କରିଥିଲେ। ପ୍ରଥମେ ନୂଆନଇ ବାଲୁଖଣ୍ଡଠାରେ ସି' ମାଉଥ୍ ସ୍ଥାନରେ ପହଞ୍ଚି ମୃତ୍ତିକା କ୍ଷୟ ରୋକିବା ଓ ଜଳର ତାପମାତ୍ରା ନିୟନ୍ତ୍ରଣ କରିବା ପ୍ରକଳ୍ପ ଯାହାକି ଏକ କେସ୍ ଷ୍ଟଡିକୁ ନିରୀକ୍ଷଣ କରିବା ପରେ ଇକୋ ରିଟ୍ରିଟ ପରିଦର୍ଶନ କରିଥିଲେ। ଚନ୍ଦ୍ରଭାଗା ଏଫ୍‌ଏଲ୍‌ସି ବା ମତ୍ସ୍ୟ ଅବତରଣ କେନ୍ଦ୍ରକୁ ଅନୁଧ୍ୟାନ କରିବା ସହ ଚିଙ୍ଗୁଡ଼ି ଯାଆଁଳ ହାଚେରି ସମ୍ପର୍କରେ ପଚାରି ବୁଝିଥିଲେ ଓ ପରେ କୋଣାର୍କ ମନ୍ଦିର ପରିଦର୍ଶନ କରିଥିଲେ। ଏହି ଗସ୍ତ ସମୟରେ ନର୍‌ୱେ ପ୍ରତିନିଧିମଣ୍ଡଳୀ, ବିଜ୍ଞାନ ଓ ବୈଷୟିକ ଅତିରିକ୍ତ ସଚିବ ପୂଜା ମିଶ୍ର, ଉପନିର୍ଦ୍ଦେଶକ ଡ. ଏଚ୍.କେ ଦାସ, ଏସିଏଫ୍ ଅଶୋକ କୁମାର ବେହେରା, ଜଳସେଚନ ଅଧୀକ୍ଷଣ ଯନ୍ତ୍ରୀ ଅମିୟ ସେଠ୍, ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜକାନ୍ତ ପ୍ରଧାନ, ଜିଲା ମତ୍ସ୍ୟ ଅଧିକାରୀ ଅଜୟ କୁମାର ବସ୍ତିଆ, ସାମୁଦ୍ରିକ ମତ୍ସ୍ୟ ଅଧିକାରୀ ରମେଶ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଅର୍କଶ୍ରୀ ପକ୍ଷରୁ ୩୯ତମ ବିଷୁବମିଳନ

କୋଣାର୍କ,୧୫।୪(ଜ୍ୟୋତିରାଜ ମହାନ୍ତି): କୋଣାର୍କ ନାଟ୍ୟମଣ୍ଡପ ପରିସରରେ ଅର୍କଶ୍ରୀ ପକ୍ଷରୁ ୩୯ତମ ବିଷୁବ ମିଳନ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓଡ଼ିଆ ନବବର୍ଷକୁ ସ୍ୱାଗତ କରାଯିବା ସହ ବାଲୁକେଶ୍ୱର ମହାଦେବଙ୍କ ନିକଟରେ ପଣାଭୋଗ କରାଯାଇଥିଲା। ଅର୍କଶ୍ରୀ ସମ୍ପାଦକ ଉମେଶ ଚନ୍ଦ୍ର ସ୍ୱାଇଁଙ୍କ ସଂଯୋଜନା ଓ ସୋଲାରର ସମ୍ପାଦକ ହରିଶ୍ଚନ୍ଦ୍ର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ସମାଜସେବୀ ରମାକାନ୍ତ ସାହୁ, ଅବସରପ୍ରାପ୍ତ ମଣ୍ଡଳ ଶିକ୍ଷାଧିକାରୀ ଦିଲୀପ କୁମାର ଜେନା, କାଳୀମନ୍ଦିର କମିଟି ସଭାପତି ଦୁଃଶାସନ ନାୟକ, ଶୋଭନୀୟ ଶିକ୍ଷାଶ୍ରମର ଅଧ୍ୟକ୍ଷା ବିଦ୍ୟୁଲତା ଶତପଥୀ, ମନୋରମା ମିଶ୍ର, ସୁଲୋଚନା ପ୍ରଧାନ, ଗୋଟିପୁଅ ଗୁରୁ ଜୟକୃଷ୍ଣ ନାୟକ, କୋଣାର୍କ ସାହିତ୍ୟ ସଂସଦ ସମ୍ପାଦକ ରବୀନ୍ଦ୍ରନାଥ ବାହିନୀପତି, ସମାଜସେବୀ ରବୀନ୍ଦ୍ର କୁମାର ପରିଡ଼ା, ପ୍ରକାଶ ପାତ୍ର, କୋଣାର୍କ ନାଟ୍ୟମଣ୍ଡପ ସମ୍ପାଦକ ଶିବାଶିଷ ପ୍ରଧାନ ଓ ଶିକ୍ଷାବିତ୍ କାମଦେବ ବିଶ୍ୱାଳ ପ୍ରମୁଖ ଯୋଗଦେଇ ସୌରମାସର ଆରମ୍ଭ ମହାବିଷୁବ ସଂକ୍ରାନ୍ତି ଓ ଓଡ଼ିଆ ନବବର୍ଷ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ କବିତାପାଠ ଓ ନୂତନ ପଞ୍ଜିକା ପଠନ ହୋଇଥିଲା। କୋଣାର୍କ ଶୋଭନୀୟ ଶିକ୍ଷାଶ୍ରମର ଛାତ୍ରୀ ତଥା ଶିଶୁ କଳାକାର ସାଇଶ୍ରୀ ଦାଶଙ୍କ ଆକର୍ଷଣୀୟ ଓଡ଼ିଶୀ ନୃତ୍ୟ ପରିବେଷଣ ସମସ୍ତଙ୍କୁ ବିମୋହିତ କରିଥିଲା। ସ୍ୱେଚ୍ଛାସେବୀ ସୁଷମା ପ୍ରଧାନ ଓ ରାନୁ ରାଓ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଜୁନ୍ ପହିଲାରୁ ବେଳାଭୂମିରେ କୃଷି ଓ ଲୋକମେଳା

ପୁରୀ,୧୫।୪(ଅଜିତ୍ କୁମାର ମହାନ୍ତି): ପୁରୀରେ ଆୟୋଜିତ ହେବାକୁ ଥିବା ୨୪ତମ ଜାତୀୟ ଲୋକମେଳା ଓ ୧୭ତମ କୃଷିମେଳା ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ ବୁଧବାର ବୀରହରେକୃଷ୍ଣପୁରସ୍ଥିତ ମା' ବିରଜାଇ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଛି। ଲୋକମେଳାରେ ଭାରତର ୨୫ ରାଜ୍ୟରୁ ପ୍ରାୟ ୮୦୦ ଲୋକନୃତ୍ୟ ଯୋଗଦେଉଥିବା ବେଳେ ଉଭୟ ଦେଶ ଓ ରାଜ୍ୟ ସରକାରଙ୍କ କୃଷି, ମତ୍ସ୍ୟ ଓ ପଶୁପାଳନ, ପାଣିପାଗ ବିଭାଗ କୃଷିମେଳାରେ ଯୋଗଦେବେ। ବୈଠକରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ, ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ଭାଜପା ଜିଲା ସଭାପତି ଦେବେନ୍ଦ୍ର ନାଥ ତରାଇ, ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଭାତ କୁମାର ମହାପାତ୍ର, ଓଡ଼ିଆ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ, ପୂର୍ବତନ ନଗରପାଳ ଗୌରହରି ପ୍ରଧାନ, ଉପାଧ୍ୟକ୍ଷ ଭରତ କୁମାର ନାୟକ, ସାଧାରଣ ସମ୍ପାଦକ ରାଜେଶ ମହାନ୍ତି, ଡ. କୈଳାସ ଚନ୍ଦ୍ର ଚିକାୟତରାୟ, ଡ. ବଦ୍ରି ମିଶ୍ର, କୋଷାଧ୍ୟକ୍ଷ ନାରାୟଣ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ମା'ମଙ୍ଗଳାଙ୍କୁ ଦର୍ଶନ କରି ଆଶିଷ ଭିକ୍ଷା କଲେ ଆଇନମନ୍ତ୍ରୀ



ଅସ୍ତରଙ୍ଗ,୧୫।୪(ମମତା ଜେନା): କାକଟପୁର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କୁ ରାଜ୍ୟ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସରକାରୀ ଗସ୍ତରେ ଆସି ମା'ମଙ୍ଗଳାଙ୍କୁ ଦର୍ଶନ କରିଥିଲେ। ତତ୍‌ସହିତ ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ଉପଜିଲାପାଳ ରାଜକିଶୋର ଜେନା, କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ଉପାଧ୍ୟକ୍ଷ ସ୍ୱାଧୀନ ନାୟକ, ଏସ୍‌ଟି ସେଲ୍‌ର ଅଧ୍ୟକ୍ଷ ବାଇଧର ମଲ୍ଲିକ, ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, କାକଟପୁର ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ, ରତିକାନ୍ତ ବେହେରା, କାଳନ୍ଦୀ ଦୀକ୍ଷିତ, କୈଳାଶ ଚନ୍ଦ୍ର ନାୟକ, ଦଇତାପତି ନିଯୋଗର କର୍ମକର୍ତ୍ତା ରାମକୃଷ୍ଣ ଦାସ ମହାପାତ୍ର, ମଙ୍ଗଳା ମନ୍ଦିରର ବରିଷ୍ଠ ସେବାୟତ ତୁଷାର ରଞ୍ଜନ ଦୀକ୍ଷିତ, କମଳଲୋଚନ ଦୀକ୍ଷିତ ପ୍ରମୁଖ ଆଇନମନ୍ତ୍ରୀଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ୍ ଆଲୋଚନା କରିବା ପରେ ଓବିସିସି ପକ୍ଷରୁ ମନ୍ଦିର ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଥିଲେ। ଖୁବ୍‌ଶୀଘ୍ର ମଙ୍ଗଳା ମନ୍ଦିରକୁ ନୂଆ ରୂପରେଖ ଦିଆଯିବ ବୋଲି ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତରରେ ଆଇନ ମନ୍ତ୍ରୀ କହିଛନ୍ତି। ଦେଉଳିମଠ ଠାରେ ଦଇତାପତି ନିଯୋଗର ବନ୍ଧୁମିଳନ କାର୍ଯ୍ୟକ୍ରମରେ ଯୋଗଦେଇ ଦାରୁ ବିଗ୍ରହ ପାଇଁ ଲିମ୍ବ ବୃକ୍ଷ ରୋପଣ କରିଥିଲେ।

# ଆଗାମୀ ପିଢ଼ି ପାଇଁ ବାସୁଦେବ ମହାପାତ୍ର ମାର୍ଗଦର୍ଶକ

ପୁରୀ,୧୫।୪(ଅଜିତ୍ କୁମାର ମହାନ୍ତି)

ଚକ୍ରତୀର୍ଥ ମାର୍ଗସ୍ଥିତ ୟୁଥ୍ ହଷ୍ଟେଲ ସମ୍ମିଳନୀ କକ୍ଷଠାରେ ପଣ୍ଡିତ ବାସୁଦେବ ମହାପାତ୍ର ସ୍ମୃତି ସ୍ମାରକୀ ଆନୁକୂଲ୍ୟରେ ଓଡ଼ିଆ ନବବର୍ଷ ପାଳିତ ହୋଇଛି। ପ୍ରାରମ୍ଭରେ ବିଜୟ କୁମାର ପଣ୍ଡା ଶ୍ରୀଜଗନ୍ନାଥଙ୍କ ଭଜନ ପରିବେଷଣ କରିଥିଲେ। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସତ୍ୟବାଦୀ ଓଡ଼ିଆ ବିଶ୍ୱବିଦ୍ୟାଳୟ କୁଳପତି ସତ୍ୟନାରାୟଣ ଆଚାର୍ଯ୍ୟ କହିଛନ୍ତି, ଉତ୍ତର ପିଢ଼ି ପାଇଁ ପଣ୍ଡିତ ବାସୁଦେବ ମହାପାତ୍ର ଥିଲେ ଆଦର୍ଶ ସହ ଆଧ୍ୟାତ୍ମିକ ପୃଷ୍ଠଭୂମିର ମାର୍ଗଦର୍ଶକ। ଉତ୍କଳୀୟ ଓଡ଼ିଆ ନବବର୍ଷ ଆମ ଓଡ଼ିଆଙ୍କ ପାଇଁ ଗର୍ବ ଓ ଗୌରବର ଉତ୍ସବ। ଆମ ଐତିହ୍ୟ, ସଂସ୍କୃତି ଓ ପରମ୍ପରା ଆମକୁ ବୁଦ୍ଧିମନ୍ତ କରିଛି।

ମୁଖ୍ୟବକ୍ତା ଭାବେ ସୂଚନା ଓ ଲୋକସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଯୋଗଦେଇ କହିଛନ୍ତି, ଓଡ଼ିଆ ନବବର୍ଷ ଓଡ଼ିଆ ଲୋକଙ୍କ ଉତ୍ସବ ବୋଲି ଭାବିବା ଉଚିତ। ସ୍ମୃତି ସ୍ମାରକୀ ସଭାପତି ବିନୟ ନୃସିଂହ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନ୍ୟତମ ଅତିଥିଭାବେ ବରିଷ୍ଠ ଅଧିବକ୍ତା ରଚିତା ରାଉତରା, ଶିକ୍ଷାବିତ୍ କ୍ରିଷ୍ଣା ମହାପାତ୍ର, ଶିକ୍ଷାବିତ୍ ହରିହର ମହାପାତ୍ର, ସାମ୍ବାଦିକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ମଞ୍ଚାସୀନ ଥିଲେ। ଆୟୋଜିତ ଆଲୋଚନାଚକ୍ରରେ ଅଧିବକ୍ତା ସୁଦେଷ୍ଣା ପଣ୍ଡା, ତ୍ରିବିକ୍ରମ ମହାପାତ୍ର, ପ୍ରଫେସର ଶରତ ଚନ୍ଦ୍ର ସାହୁ, ସର୍ବାଣୀ ଦାସ, ବିପିନ ବିହାରୀ ଦଳେଇ, ସଞ୍ଜିତା ରଥ, କମଳିନୀ ପାଣିଗ୍ରାହୀ, ପ୍ରଭାସିନୀ ମିଶ୍ର, ଉମାକାନ୍ତ ମହାପାତ୍ର, ସୌମ୍ୟରଞ୍ଜନ ମଲ୍ଲିକ, ପୌର୍ଣ୍ଣମାସୀ ଦେବୀ, ସତ୍ୟଭାମା ନାୟକ, ପୂଜା ପ୍ରଧାନ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଜ୍ୟୋର୍ତିର୍ବିଦ୍ ମୀନକେତନ ପଞ୍ଚଯୋଶୀଙ୍କର ଆଧ୍ୟାତ୍ମିକ ପୁସ୍ତକ ସୁଦେଶାବ୍ରତ ଅତିଥିଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା।

## ଲିଟିଲ୍ ଷ୍ଟାର ଗ୍ରୁପ୍ ପକ୍ଷରୁ ବ୍ୟକ୍ତିତ୍ୱ ବିକାଶ କର୍ମଶାଳା

ନିମାପଡ଼ା,୧୫।୪(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ାର ଅଗ୍ରଣୀ ଶିଶୁ ବିକାଶ ଅନୁଷ୍ଠାନ ଲିଟିଲ୍ ଷ୍ଟାର ଗ୍ରୁପ ପକ୍ଷରୁ ୨୪ତମ ବ୍ୟକ୍ତିତ୍ୱ ବିକାଶ କର୍ମଶାଳା ଓ ସାହିତ୍ୟ ପତ୍ରିକା 'ମୋ ଆଶା'ର ଉନ୍ମୋଚନ ସମାରୋହ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ପ୍ରଣବ ସ୍ୱାଇଁ, ଡ. ରବୀନ୍ଦ୍ରନାଥ ପାଢ଼ୀ, ରମେଶ ଚନ୍ଦ୍ର ସ୍ୱାଇଁ, ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସଞ୍ଜୟ ପ୍ରଧାନ, ଶିକ୍ଷକ ବିଦ୍ୟାଧର ସାହୁ, ଲିଟିଲ୍ ଷ୍ଟାର ଗ୍ରୁପ୍‌ର ସମ୍ପାଦକ ସୁମନ୍ତ ମହାରଣା ପ୍ରମୁଖ ଯୋଗଦେଇ ପିଲାଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାର ବିକାଶ କରି ସେମାନଙ୍କ ବ୍ୟକ୍ତିତ୍ୱର ପରାକାଷ୍ଠାକୁ ବୃଦ୍ଧି କରିବା ଦିଗରେ ଗୁରୁତ୍ୱାରୋପ କରିଥିଲେ। ଶିଶୁମାନେ ଗୀତ, ସଙ୍ଗୀତ, ବକ୍ତୃତା, ଗଳ୍ପ କଥନ, କବିତା ଆବୃତ୍ତି ଆଦି କ୍ଷେତ୍ରରେ ସେମାନଙ୍କର ପ୍ରତିଭା ପ୍ରଦର୍ଶନ କରିଥିଲେ। ଅନୁଷ୍ଠାନ ପକ୍ଷରୁ ପ୍ରକାଶିତ ସାହିତ୍ୟ ପତ୍ରିକା 'ମୋ ଆଶା'ର ଗ୍ରୀଷ୍ମସଂଖ୍ୟା ଅତିଥିଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା। ଶିଶୁଶିଳ୍ପୀ ଶୁଭମ୍ ମିଶ୍ର ଓ ସ୍ୱୟଂସ୍ନିଗ୍ଧା ମହାନ୍ତିଙ୍କୁ ଗ୍ରୁପ ପକ୍ଷରୁ ସମ୍ମାନିତ ଓ ପୁରସ୍କୃତ କରାଯାଇଥିଲା।




ଅତିଥିମାନେ ସାହିତ୍ୟ ପତ୍ରିକା 'ମୋ ଆଶା'କୁ ଉନ୍ମୋଚନ କରୁଛନ୍ତି।

# ସିଂହଦ୍ୱାର ଥାନାରେ ଜଗନ୍ନାଥ ସେନାର ଏତଲା

**ବାହାର ରତ୍ନଭଣ୍ଡାରରୁ ୩ ରତ୍ନ ନିଖୋଜ ପ୍ରସଙ୍ଗ**

ପୁରୀ,୧୫।୪(ଅଜିତ୍ କୁମାର ମହାନ୍ତି)

ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ବାହାର ରତ୍ନଭଣ୍ଡାରରୁ ୩ଟି ରତ୍ନ ନିଖୋଜ ଓ ହଡ଼ପ ବିରୋଧରେ ସିଂହଦ୍ୱାର ଥାନାରେ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଅଭିଯୋଗ କରାଯାଇଛି। ତଦନ୍ତ ନ କରି ଚୋରିକୁ ଶ୍ରୀମନ୍ଦିର ପ୍ରଶାସନ କାହିଁକି ଘଷ୍ଟ ଘୋଡ଼ାଉଛି ବୋଲି ଶ୍ରୀଜଗନ୍ନାଥ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି। ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ସିବିଆଇରେ ଏତଲା ଦିଆଯିବ ବୋଲି ସେ କହିଛନ୍ତି।

ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଅଭିଯୋଗରେ ଦର୍ଶାଯାଇଛି, ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଜଷ୍ଟିସ୍ ବିଶ୍ୱନାଥ ରଥଙ୍କ ନେତୃତ୍ୱରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ରତ୍ନଭଣ୍ଡାରର ଗଣତିମଣତି ଜାରି ରହିଛି। ଏହି ସମୟରେ ବାହାର ରତ୍ନଭଣ୍ଡାରରୁ ୩ଟି ରତ୍ନ ନିଖୋଜ ଥିବା ଜଷ୍ଟିସ୍ ରଥ ବିଭିନ୍ନ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ବିଭିନ୍ନ ଗଣମାଧ୍ୟମରେ ଏହା ପ୍ରକାଶ ପାଇବା ପରେ କୋଟି କୋଟି ଭକ୍ତଙ୍କ ହୃଦୟକୁ ଆଘାତ ଲାଗିଛି। ଶ୍ରୀମନ୍ଦିର ପ୍ରଶାସନ ଉଭୟ ସୁପ୍ରିମ୍‌କୋର୍ଟ ଏବଂ ହାଇକୋର୍ଟରେ ଦାଖଲ କରିଥିବା ସତ୍ୟପାଠରେ ଉଲ୍ଲେଖ କରିଛନ୍ତି ଯେ, ତାଲା ପଡ଼ି ଅଳଙ୍କାର ସୁରକ୍ଷିତ ଅଛି। ୩ଟି ରତ୍ନ ବାହାର ରତ୍ନଭଣ୍ଡାରରୁ କୁଆଡ଼େ ଗଲା। ଚଳନ୍ତି ଓ ବାହାର ରତ୍ନଭଣ୍ଡାର ଅଳଙ୍କାର ଅସ୍ଥାୟୀ ଭଣ୍ଡାରକୁ ସ୍ଥାନାନ୍ତର ସମୟରେ ଅଳଙ୍କାର ଗଣତି ମଣତି କରାଗଲାନାହିଁ କାହିଁକି। ତେଣୁ ଏହି ଚୋରି ପାଇଁ ପ୍ରଶାସନ ଦାୟୀ ହେବନାହିଁ କାହିଁକି? ଅଳଙ୍କାର ବୃଦ୍ଧି ପାଇଛି, ମାତ୍ର ୧୯୭୮ ମସିହା ଗଣତି ତାଲିକାର ୨୧୮ଟି ମଧ୍ୟରୁ ୩ଟି ଗାଏବ ହୋଇଛି। ଅପରପକ୍ଷେ ଉକ୍ତ ଅଳଙ୍କାର ଭିତର ରତ୍ନଭଣ୍ଡାରରେ ଥିବା ନେଇ ସଫେଇ ଦିଆଯାଇଛି। ମାତ୍ର ଭିତର ରତ୍ନଭଣ୍ଡାର ଚାବି ଚୋରି ହୋଇଥିବାରୁ ଏଥିପାଇଁ ରଘୁବୀର ଦାଶ କମିଶନ ବସିଥିବା ବେଳେ ବିନା ଚାବିରେ ଏହି ନିଖୋଜ ଅଳଙ୍କାର ରତ୍ନଭଣ୍ଡାରକୁ କେମିତି ଗଲା। ତେଣୁ ସମସ୍ତ ବିଷୟକୁ ଗୁରୁତର ସହ ବିଚାରକରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ପଟ୍ଟନାୟକ ଦାବି କରିଛନ୍ତି।



# ବିଏମ୍‌ସି ଘେରିଲେ ଶାନ୍ତିପଲ୍ଲୀ ବସ୍ତିବାସୀ

## ଭୋକ ଉପାସରେ କଲ୍ୟାଣ ମଣ୍ଡପରେ ୭୨ ଉଚ୍ଛେଦ ପରିବାର



ବିଏମ୍‌ସି ମୁଖ୍ୟାଳୟ ସମ୍ମୁଖରେ ଉଚ୍ଛେଦ ବସ୍ତି ବାସିନ୍ଦା ଧାରଣାରେ ବସିଛନ୍ତି। ଘର ହରାଇ କାନ୍ଦୁଥିବା ଜଣେ ମହିଳାଙ୍କ ଆଖିରୁ ତାଙ୍କ ପୁଅ ଲୁହ ପୋଛୁଛି।

ଭୁବନେଶ୍ୱର, ୧୫।୪ (ବନ୍ଦନା ସେଠୀ)

ୱାର୍ଡ ନଂ.୩୪ ଅନ୍ତର୍ଗତ ଶାନ୍ତିପଲ୍ଲୀ ବସ୍ତିକୁ ଏପ୍ରିଲ୍ ୪ରେ ବିଏମ୍‌ସି ପକ୍ଷରୁ ଭଙ୍ଗାଯିବା ସହିତ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ବର୍ଷ ବର୍ଷ ଧରି ଏଠାରେ ବସବାସ କରୁଥିବା ପ୍ରାୟ ୯୭ଟି ପରିବାରକୁ ଉଚ୍ଛେଦ କରାଯାଇଥିଲା। ଏମାନଙ୍କ ମଧ୍ୟରୁ ୨୫ ଜଣଙ୍କୁ କେଶରୀ ରେସିଡେନ୍ସିରେ ନିର୍ମିତ ଆପାର୍ଟମେଣ୍ଟରେ ଥଇଥାନ କରାଯାଇଛି। ବାକି ୭୨ଟି ପରିବାରକୁ ଉଚ୍ଛେଦ ପରେ ଟ୍ରାନ୍‌ଜିଟ୍ ହାଉସ୍‌କୁ ନ ନେଇ ବିଏମ୍‌ସି ସେମାନଙ୍କ ମଧ୍ୟରୁ ୩୪ଟି ପରିବାରକୁ ଶହୀଦନଗରସ୍ଥିତ କଲ୍ୟାଣମଣ୍ଡପ ଏବଂ ୩୮ଟି ପରିବାରକୁ ୟୁନିଟ୍-୬ସ୍ଥିତ କଲ୍ୟାଣ ମଣ୍ଡପକୁ ସ୍ଥାନାନ୍ତର କରିଥିଲା। ପ୍ରଥମ ୭ ଦିନ ସେମାନଙ୍କୁ ବିଏମ୍‌ସି ପକ୍ଷରୁ ରନ୍ଧାଖାଦ୍ୟ ଦିଆଯାଇଥିବାବେଳେ ଗତ ୫ ଦିନ ହେବ କୌଣସି ଖାଦ୍ୟ ପ୍ରଦାନ କରାଯାଉନାହିଁ। ଫଳରେ ସେମାନେ ଭୋକ ଉପାସରେ ପଡ଼ି ରହିଛନ୍ତି। ଛୋଟପିଲାଙ୍କ ସମେତ ବୟସ୍କ ବ୍ୟକ୍ତିମାନେ ମଧ୍ୟ ଭୋକ ବିକଳରେ ଆଉଟୁପାଉଟୁ ହେଉଛନ୍ତି। ଏବେ ପୁଣି ସମ୍ପୃକ୍ତ କଲ୍ୟାଣମଣ୍ଡପ କର୍ତ୍ତୃପକ୍ଷ ଜାଗା ଖାଲି କରିବାକୁ କହୁଥିବାରୁ ସେମାନେ କୁଆଡ଼େ ଯିବେ ତାହାକୁ ନେଇ ଚିନ୍ତାରେ ପଡ଼ିଛନ୍ତି। ତେଣୁ ବିଏମ୍‌ସି ଏହାର ସ୍ଥାୟୀ ବ୍ୟବସ୍ଥା କରିବା ଦାବିରେ ବୁଧବାର ବସ୍ତିର ଲୋକମାନେ ବିଏମ୍‌ସି ମୁଖ୍ୟାଳୟ ଘେରିଥିଲେ। ତୁରନ୍ତ ସମସ୍ୟାର ସମାଧାନ ସହିତ ଦୀର୍ଘବର୍ଷ ଧରି ବସ୍ତିରେ ରହୁଥିବା ସମସ୍ତ ପ୍ରମାଣପତ୍ର ଦେଇଥିବା ଯୋଗ୍ୟ ବିବେଚିତ ବ୍ୟକ୍ତିଙ୍କୁ ଘର ପ୍ରଦାନ କରିବା ପାଇଁ ଦାବି କରିଥିଲେ। ସେହିପରି ଘର ଆଲର୍ଟ ନ ହେବା ପର୍ଯ୍ୟନ୍ତ ସେମାନଙ୍କ ଖାଦ୍ୟ ଏବଂ ରହିବା ବ୍ୟବସ୍ଥା କରିବା ପାଇଁ ମଧ୍ୟ ଦାବି ହୋଇଥିଲା।

### ରାତିରେ ଘୋଷଣା, ସକାଳେ ଉଚ୍ଛେଦ

ବସ୍ତିବାସିନ୍ଦା ସର୍ବେଶ୍ୱର ନାୟକଙ୍କ ଅଭିଯୋଗ ଅନୁଯାୟୀ, ବିଏମ୍‌ସି ଆଗରୁ କୌଣସି ନୋଟିସ୍ ନ ଦେଇ ଶୁକ୍ରବାର ରାତିରେ ବସ୍ତି ଭଙ୍ଗାହେବ ବୋଲି ଘୋଷଣା କଲେ ଏବଂ ଶନିବାର ସକାଳୁ ସବୁଘରେ ବୁଲ୍‌ଡୋଜର ବୁଲାଇଲେ। ଅନେକ ଯୋଗ୍ୟ ହିତାଧିକାରୀଙ୍କୁ ବିଏମ୍‌ସି ଏଯାଏ ଘର ପ୍ରଦାନ କରି ନ ଥିବାବେଳେ ଭିତିରିଆ ସଲାସୁତରା କରିଥିବା କିଛି ଅଯୋଗ୍ୟଙ୍କୁ ବିଏମ୍‌ସି ଘର ପ୍ରଦାନ କରିଛି। ୧୨ ଦିନ ହେବ ରହିବା ଚିନ୍ତାରେ କାମକୁ ଯାଇହେଉନି। ଫଳରେ ଚାକିରି ଯିବାକୁ ବସିଲାଣି। ବିଏମ୍‌ସି କର୍ତ୍ତୃପକ୍ଷ ଆମ କଥା ଶୁଣୁ ନ ଥିବାରୁ ଏଭଳି ଦଶା ଭୋଗିବାକୁ ପଡୁଛି।

### ଅଧିକ ୨ଦିନ ରନ୍ଧା ଖାଦ୍ୟ ଦିଆଯାଇଛି

ବିଏମ୍‌ସିର ବିଭାଗୀୟ ଅଧିକାରୀ ଅଜୟ ମହାନ୍ତି କହିଛନ୍ତି, ଗତ ୩ ମାସ ହେବ ବିଏମ୍‌ସି କର୍ମଚାରୀମାନେ ବସ୍ତିକୁ ଯାଇ ସର୍ଭେ କରିଛନ୍ତି। ସେମାନଙ୍କୁ ଆବଶ୍ୟକ କାଗଜପତ୍ର ଦାଖଲ କରିବାକୁ ବାରମ୍ବାର ସୂଚନା ଦିଆଯାଇଥିଲା। ମାତ୍ର ସେତେବେଳେ କେହି ଏ କଥା ଶୁଣିଲେ ନାହିଁ। ଯେଉଁମାନେ ପ୍ରମାଣପତ୍ର ଦାଖଲ କରିଥିଲେ ସେମାନଙ୍କ ମଧ୍ୟରୁ ଯୋଗ୍ୟ ବିବେଚିତଙ୍କୁ ଘର ପ୍ରଦାନ କରାଯାଇଛି। ନିୟମ ଅନୁଯାୟୀ ଉଚ୍ଛେଦ ପରେ ୭ ଦିନ ପର୍ଯ୍ୟନ୍ତ ସେମାନଙ୍କ ରହିବା ଏବଂ ଖାଇବା ଦାୟିତ୍ୱ ବୁଝିବା କଥା। ମାତ୍ର ବିଏମ୍‌ସି ଆହୁରି ୨ଦିନ ଅଧିକ ସେମାନଙ୍କୁ ରନ୍ଧାଖାଦ୍ୟ ପ୍ରଦାନ କରିଛି। ସେହିପରି ପରେ ଯେଉଁମାନେ ସେମାନଙ୍କ ପ୍ରମାଣପତ୍ର ଦାଖଲ କରିଛନ୍ତି ସେଗୁଡ଼ିକ ଯାଞ୍ଚ କରାଯାଇ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରାଯିବ ବୋଲି ଅଜୟ କହିଛନ୍ତି।

# ହସ୍ତତନ୍ତ ଓ ହସ୍ତଶିଳ୍ପ ଏକ୍ସପୋରେ ଓଡ଼ିଶା ଶାଢ଼ିର ଚାହିଦା



ଭୁବନେଶ୍ୱର, ୧୫।୪ (ଅନୁରାଧା ମହାରଣା)

ଭୁବନେଶ୍ୱର ୟୁନିଟ୍-୩ସ୍ଥିତ ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା ହସ୍ତତନ୍ତ ଓ ହସ୍ତଶିଳ୍ପ ଏକ୍ସପୋରେ ଦିନକୁ ଦିନ ଗ୍ରାହକଙ୍କ ଭିଡ଼ ଦେଖିବାକୁ ମିଳୁଛି। ବିଶେଷକରି ଓଡ଼ିଶାର ସୋନପୁର ଶାଢ଼ି, ସମ୍ବଲପୁରୀ ଶାଢ଼ି ଓ ଡ୍ରେସ୍ ପ୍ରତି ଗ୍ରାହକମାନେ ଅଧିକ ରୁଚି ପ୍ରକାଶ କରୁଛନ୍ତି। ଅନ୍ୟାନ୍ୟ ସାମଗ୍ରୀ ମଧ୍ୟରେ ଘରସାଜସଜ୍ଜା ଉପକରଣ ସହ ବେଡ୍‌ସିଟ୍, ଜୁଏଲେରୀ ଆଦି ବେଶ୍ ଆକର୍ଷଣୀୟ ହୋଇଛି। ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଏକ୍ସପୋରେ ପ୍ରାୟ ୮୦ଟି ଷ୍ଟଲ୍‌ରେ ୧୨୦ ବ୍ୟବସାୟୀ ଅଂଶଗ୍ରହଣ କରି ହସ୍ତତନ୍ତ ଓ ହସ୍ତଶିଳ୍ପ ସାମଗ୍ରୀ ପ୍ରଦର୍ଶନ କରୁଛନ୍ତି। ଏକ୍ସପୋର ପ୍ରେସିଡେଣ୍ଟ ରାଜିନ୍ଦର ଚୌଧାରୀଙ୍କ ସୂଚନାନୁସାରେ, ଏଠାରେ ଓଡ଼ିଶା, କଶ୍ମୀର, ହରିୟାଣା, ଗୁଜରାଟ ଆଦି ୨୦ଟି ରାଜ୍ୟର ହସ୍ତତନ୍ତ ଓ ହସ୍ତକଳା ସାମଗ୍ରୀ ଉପଲବ୍ଧ ହେଉଛି।

# ବାଗ୍‌ଚି ଶ୍ରୀ ଶଙ୍କରା କର୍କଟ କେନ୍ଦ୍ର ପକ୍ଷରୁ କ୍ୟାନ୍‌ସର ସଚେତନତା ଅଭିଯାନ

ଭୁବନେଶ୍ୱର, ୧୫।୪ (ଅନୁରାଧା ମହାରଣା)

ହେଡ୍ ଆଣ୍ଡ୍ ନେକ୍ କ୍ୟାନସର ସଚେତନତା ମାସ ପାଳନ ଅବସରରେ ବାଗ୍‌ଚି ଶ୍ରୀ ଶଙ୍କରା କର୍କଟକେନ୍ଦ୍ର ପକ୍ଷରୁ ଏକ ସ୍ୱତନ୍ତ୍ର କ୍ୟାନ୍‌ସର ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ସମାଜରେ ପ୍ରତିରୋଧମୂଳକ ସ୍ୱାସ୍ଥ୍ୟ ସଚେତନତା ବଢ଼ାଇବା, କ୍ୟାନ୍‌ସରର କାରକ ବିଷୟରେ ଜନସାଧାରଣଙ୍କୁ ଅବଗତ କରାଇବା ଏବଂ ସୁସ୍ଥ ଜୀବନଶୈଳୀ ଅନୁସରଣ ପାଇଁ ପ୍ରେରିତ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା। ଭାରତରେ ତମାଖୁ ସେବନ (ଧୂମପାନ କିମ୍ବା ଚୋବାଇବା), ଗୁଟ୍‌ଖା, ପାନମସଲା, ଖଇନି, ସୁପାରୀ ଭଳି ପଦାର୍ଥ ଦୈନିକ ଜୀବନର ଅଂଶ ହୋଇପଡ଼ିଥିବାରୁ ଏହାକୁ ଛାଡ଼ିବା କଷ୍ଟକର ହେଉଛି, ଯାହା କର୍କଟର ପ୍ରମୁଖ କାରଣ ପାଲଟିଛି। ମଦ୍ୟପାନ ସହ ତମାଖୁ ସେବନ ଏହାକୁ ଅଧିକ ବିପଦପୂର୍ଣ୍ଣ କରୁଛି। ଏହାସହ ହ୍ୟୁମାନ ପାପିଲୋମା ଭାଇରସ୍ ମଧ୍ୟ କିଛି ପ୍ରକାର କର୍କଟର କାରଣ ଭାବେ ଚିହ୍ନଟ ହେଉଛି। ବାଗ୍‌ଚି ଶ୍ରୀ ଶଙ୍କରା କର୍କଟକେନ୍ଦ୍ରର ହେଡ୍ ଆଣ୍ଡ ନେକ୍ ବିଭାଗର ବିଶେଷଜ୍ଞଙ୍କ ମତାନୁସାରେ, ପ୍ରାରମ୍ଭିକ ଚିହ୍ନଟ ଓ ସମୟୋପଯୋଗୀ ଚିକିତ୍ସା ଦ୍ୱାରା ଏହି ରୋଗକୁ ଅନେକ ମାତ୍ରାରେ ନିୟନ୍ତ୍ରଣ କରାଯାଇପାରିବ। ଏହି କର୍କଟର ପ୍ରାରମ୍ଭିକ ଲକ୍ଷଣ ସହଜରେ ଦେଖାଯାଏ। ମୁଖର ଘା ଠିକ୍ ନ ହେବା, ସ୍ୱର କର୍କଶ ହେବା, ଖାଇବାରେ ଅସୁବିଧା, ଗଳାରେ ଗଣ୍ଠି ହେବା ଓ ମୁଖରେ ଲାଲ୍ କିମ୍ବା ଧଳା ଦାଗ ଦେଖାଯିବାକୁ କେବେ ମଧ୍ୟ ଅଣଦେଖା କରିବା ଉଚିତ ନୁହେଁ। କ୍ୟାନ୍‌ସର ସାର୍ବଜନୀନ ଶିକ୍ଷାକୁ ସୁଦୃଢ଼ କରିବା, ସୁସ୍ଥ ଜୀବନଶୈଳୀ ଏବଂ ପ୍ରାରମ୍ଭିକ ସ୍କ୍ରିନିଙ୍ଗକୁ ପ୍ରୋତ୍ସାହନ ଦେବା ଅତ୍ୟନ୍ତ ଆବଶ୍ୟକ। ଆଧୁନିକ ଚିକିତ୍ସା ପ୍ରଣାଳୀରେ ସର୍ଜରି, ରେଡିଏଶନ୍ ଓ ଇମ୍ୟୁନୋଥେରାପି ସହିତ ବହୁ ଉନ୍ନତ ପଦ୍ଧତି ଉପଲବ୍ଧ ରହିଛି। ଏଥିପାଇଁ ଏକ ମଲ୍ଟି ଡିସିପ୍ଲିନାରି ଟିମ୍ ଆବଶ୍ୟକ, ଯାହା ରୋଗୀଙ୍କ ଜୀବନକୁ ଉନ୍ନତ କରିବାରେ ସହାୟକ ହୁଏ। ସମସ୍ତଙ୍କ ଏକତ୍ର ପ୍ରୟାସରେ ଆମେ ଏହି କର୍କଟର ପ୍ରଭାବ କମାଇପାରିବା ବୋଲି ବାଗଚୀ ଶ୍ରୀ ଶଙ୍କରା କର୍କଟକେନ୍ଦ୍ରର ହେଡ୍ ଆଣ୍ଡ ନେକ୍ ବିଭାଗର ବିଶେଷଜ୍ଞମାନେ କହିଛନ୍ତି। ଏହି ସଚେତନତା କାର୍ଯ୍ୟକ୍ରମରେ ଶ୍ରୀ ଶଙ୍କରା କର୍କଟ କେନ୍ଦ୍ରର ହେଡ୍ ଆଣ୍ଡ ନେକ୍ ବିଭାଗର ଡା.ଘନଶ୍ୟାମ ମଣ୍ଡଳ, ଡା.ନୀଳମଣି ମହାନ୍ତି, ଡା. ବୈଭବ ସିଂହ, ଡା.ରାଇସା ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ୟାମପୁରରେ ହନୁମାନ ଜୟନ୍ତୀ

ଭୁବନେଶ୍ୱର, ୧୫।୪ (ସୌମ୍ୟରଞ୍ଜନ ରାଉତ)

ଶ୍ୟାମପୁର ସାଇନଗରଠାରେ ହନୁମାନ ଜୟନ୍ତୀ ସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ସାଇନଗରବାସୀଙ୍କ ଦ୍ୱାରା ମହାବୀରଙ୍କ ପୂଜାର୍ଚ୍ଚନା ଏବଂ ସାମୂହିକ ହନୁମାନ ଚାଳିଶା ପାଠ କରାଯାଇଥିଲା। ସାଇନଗର ଉନ୍ନୟନ ତଥା ସାଂସ୍କୃତିକ ପରିଷଦ ସଭାପତି ତେଜ୍‌ରାତ ଖାଁ, ସମ୍ପାଦକ ଶାନ୍ତିସ୍ୱରୂପ ରଥ ଏବଂ ଉପଦେଷ୍ଟା ରାଜକିଶୋର ମହାରଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସୁଚାରୁରୂପେ ସମ୍ପନ୍ନ ହୋଇଥିଲା। ହେମନ୍ତ ସାମନ୍ତରାୟ ଯଜ୍ଞର କର୍ତ୍ତା ହୋଇଥିଲେ। ଗୌରାଙ୍ଗ ଚରଣ ବିଜୁଳି, ପ୍ରଦୀପ କୁମାର ପଣ୍ଡା, ପ୍ରଦୀପ କୁମାର ମହାନ୍ତି, ମାଧବ ଚନ୍ଦ୍ର ସାହୁ ଓ ମାତୃମଣ୍ଡଳୀ ପୂର୍ଣ୍ଣ ସହଯୋଗ କରିଥିଲେ।

# ଏସ୍‌ସିବିରେ ଜଟିଳ ଅଙ୍ଗ ପ୍ରତିରୋପଣ ପାଇଁ ଏମ୍‌ଓୟୁ ସ୍ୱାକ୍ଷର

ଭୁବନେଶ୍ୱର, ୧୫।୪ (ବନ୍ଦନା ସେଠୀ)

ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ହୃଦ୍, ଯକୃତ, ଫୁସ୍‌ଫୁସ୍, ବୃକକ୍, ଅଗ୍ନାଶୟ, ଅସ୍ଥି ମଜ୍ଜା ଏବଂ ସ୍ମଲ୍ ଇଣ୍ଟେନ୍‌ଷ୍ଟାଇନ୍ ଭଳି ଜଟିଳ ଅଙ୍ଗର ପ୍ରତିରୋପଣ ତ୍ୱରାନ୍ୱିତ ହେବ। ଲଜିଷ୍ଟିକ୍ସ ବ୍ୟତୀତ ପ୍ରଥମ ୭ଟି ପ୍ରତିରୋପଣ ମାଗଣାରେ କରାଯିବ। ଏନେଇ ବୁଧବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ଏସ୍. ଅଶ୍ୱଥିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକ ପରେ ଚେନ୍ନାଇସ୍ଥିତ ଏମ୍‌ଜିଏମ୍ ସହିତ ସ୍ୱାସ୍ଥ୍ୟ ବିଭାଗର ବୁଝାମଣା ସ୍ୱାକ୍ଷରିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଡିଏମ୍‌ଇଟି ଓଡ଼ିଶା ଡା. ଦୁର୍ଗାମାଧବ ଶତପଥୀ ଓ ଏମ୍‌ଜିଏମ୍‌ର ସିଓଓ ନିଲେଶ ମୁଣ୍ଡାଡା ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି। କାର୍ଯ୍ୟକ୍ରମକୁ ଏସ୍‌ଓଟିଓର ରାଜ୍ୟ ନୋଡାଲ ଅଧିକାରୀ ତଥା ଅତିରିକ୍ତ ଡିଏମ୍‌ଇଟି ପ୍ରଫେସର ଡ. ଉମାକାନ୍ତ ଶତପଥୀ ସମନ୍ୱୟ କରିଥିଲେ।


ଏମ୍‌ଓୟୁ ସ୍ୱାକ୍ଷର ଅବସରରେ ଡିଏମ୍‌ଇଟି ଓଡ଼ିଶା ଡା. ଦୁର୍ଗାମାଧବ ଶତପଥୀ ଓ ଏମ୍‌ଜିଏମ୍ ସିଓଓ ନିଲେଶ ମୁଣ୍ଡାଡାଙ୍କ ସହ ଅନ୍ୟମାନେ।



ଅଖିଳ ଭାରତ ହିନ୍ଦୁ ମହାସଭାର ଜାତୀୟ ସମ୍ମିଳନୀରେ ମହାସଭାର ରାଷ୍ଟ୍ରୀୟ ଅଧ୍ୟକ୍ଷ ଡ. ମୁନ୍ନା କୁମାର ଶର୍ମା, ଜାତୀୟ କାର୍ଯ୍ୟାଳୟ ମନ୍ତ୍ରୀ ବୀରେଶ ତ୍ୟାଗୀଙ୍କ ସହ ଅନ୍ୟ କର୍ମକର୍ତ୍ତା।

# ଭାରତକୁ ଅଖଣ୍ଡ ହିନ୍ଦୁରାଷ୍ଟ୍ର କରିବାରେ ଜନଜାଗରଣ ଆବଶ୍ୟକ

## ପ୍ରଦୀପ ସାମନ୍ତରାୟଙ୍କୁ ରାଷ୍ଟ୍ରୀୟ ଯୁବ ସଭାପତି

ଭୁବନେଶ୍ୱର, ୧୫।୪ (ସୌମ୍ୟରଞ୍ଜନ ରାଉତ)

ଅଖିଳ ଭାରତ ହିନ୍ଦୁ ମହାସଭାର ଜାତୀୟ ସମ୍ମିଳନୀ ହରିଦ୍ୱାରଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମହାସଭାର ରାଷ୍ଟ୍ରୀୟ ଅଧ୍ୟକ୍ଷ ଡ. ମୁନ୍ନା କୁମାର ଶର୍ମାଙ୍କ ଅଧ୍ୟକ୍ଷତାରେ ଜାତୀୟ କାର୍ଯ୍ୟାଳୟ ମନ୍ତ୍ରୀ ବୀରେଶ ତ୍ୟାଗୀ ପୂର୍ବବୈଠକର କାର୍ଯ୍ୟ ବିବରଣୀ ଏବଂ ଆୟବ୍ୟୟର ବିବୃତି ଉପସ୍ଥାପନ କରିଥିଲେ। ଏହା ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା। ବୈଠକରେ ସଂଗଠନର ବିସ୍ତାର, ସଦସ୍ୟତା ଅଭିଯାନ, ଜାତୀୟ କାର୍ଯ୍ୟକ୍ରମର ରୂପରେଖ, ନିର୍ବାଚନ ପ୍ରସ୍ତୁତି ଏବଂ ଅନ୍ୟାନ୍ୟ ଜାତୀୟ, ସାମାଜିକ, ଧାର୍ମିକ ଓ ରାଜନୈତିକ ପ୍ରସଙ୍ଗ ସହ ଜଡ଼ିତ ବିଷୟଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା। ବୈଠକକୁ ସମ୍ବୋଧନ କରି ଡ. ଶର୍ମା କହିଲେ, ଭାରତକୁ ଏକ ଅଖଣ୍ଡ ହିନ୍ଦୁ ରାଷ୍ଟ୍ର କରିବା ପାଇଁ ଏକ ଜାତୀୟସ୍ତରୀୟ ଜନଜାଗରଣ ଅଭିଯାନ ଆରମ୍ଭ କରାଯିବ। ଗୋହତ୍ୟା, ଲଭ୍ ଜିହାଦ୍ ଏବଂ ହିନ୍ଦୁ ଧର୍ମାନ୍ତରୀକରଣ ରୋକିବା, ଦେଶରେ ସମାନ ନାଗରିକ ଆଇନ ପ୍ରଣୟନ ପାଇଁ ସଭା ମାଧ୍ୟମରେ ସମାଜକୁ ସଚେତନ କରାଯିବ। ଅଖଣ୍ଡ ହିନ୍ଦୁ ରାଷ୍ଟ୍ର ଗଠନ ଦ୍ୱାରା ହିନ୍ଦୁ ସ୍ୱାର୍ଥ ରକ୍ଷା କରାଯାଇପାରିବ। ଭାରତକୁ ଅଖଣ୍ଡ ହିନ୍ଦୁରାଷ୍ଟ୍ର କରିବା ପାଇଁ ସମସ୍ତେ ସହଯୋଗ କରିବା ଉଚିତ ବୋଲି ସେ କହିଥିଲେ। ବୈଠକକୁ ମହାମଣ୍ଡଳେଶ୍ୱର ସ୍ୱାମୀ ସହଜାନନ୍ଦ ପୁରୀ ଓ ସ୍ୱାମୀ ଆଦି ଯୋଗୀ ପୁରୀ ସମ୍ବୋଧନ କରି ଅଖଣ୍ଡ ହିନ୍ଦୁରାଷ୍ଟ୍ର ଗଠନ ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଓଡ଼ିଶାର କୁଳସଚିବ ପ୍ରଦୀପ କୁମାର ସାମନ୍ତରାୟଙ୍କୁ ରାଷ୍ଟ୍ରୀୟ ଯୁବ ସଭାପତି ଦାୟିତ୍ୱ ପ୍ରଦାନ କରାଯାଇଥିଲା।

# ପୂର୍ବତଟ ରେଳପଥ ପକ୍ଷରୁ ଆମ୍ବେଡକର ଜୟନ୍ତୀ

ଭୁବନେଶ୍ୱର, ୧୫।୪ (ଅନୁରାଧା ମହାରଣା)

ପୂର୍ବତଟ ରେଳପଥ ପକ୍ଷରୁ ଭୁବନେଶ୍ୱରସ୍ଥିତ ରେଳ ସଦନଠାରେ ଭାରତରତ୍ନ ଡ. ବି. ଆର୍. ଆମ୍ବେଡକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲଙ୍କ ସହ ରେଳପଥର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଆମ୍ବେଡକରଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପୂର୍ବତଟ ରେଳପଥର ପ୍ରମୁଖ ମୁଖ୍ୟ କାର୍ମିକ ଅଧିକାରୀ ସଞ୍ଜୟ କୁମାର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବକ୍ତାମାନେ ଆଧୁନିକ ଭାରତକୁ ରୂପ ଦେବାରେ ଡକ୍ଟର ଆମ୍ବେଡକରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା, ସମାଜର ଅବହେଳିତ ବର୍ଗର ଉତ୍ଥାନ ପାଇଁ ତାଙ୍କର ନିରନ୍ତର ପ୍ରୟାସ ଏବଂ ସାମାଜିକ ପରିବର୍ତ୍ତନରେ ଶିକ୍ଷାର ପ୍ରସାର ଓ ସଶକ୍ତୀକରଣ ପ୍ରତି ଦୃଢ଼ ସଂକଳ୍ପ ଉପରେ ଆଲୋକପାତ କରିଥିଲେ।

# ବାଚସ୍ପତିଙ୍କ ଦ୍ୱାରା ମହାକାବ୍ୟ 'ନରକାସୁର ବଧ' ଲୋକାର୍ପିତ

ଭୁବନେଶ୍ୱର, ୧୫।୪ (ବନ୍ଦନା ସେଠୀ)

କବି ଶରତ ଚନ୍ଦ୍ର ପରିଡ଼ାଙ୍କ ରଚିତ ମହାକାବ୍ୟ 'ନରକାସୁର ବଧ' ବାଚସ୍ପତି ସୁରମା ପାଢ଼ୀଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି। ରାଜଶ୍ରୀ କଳା ଓ ସାହିତ୍ୟ ସଂସଦ ପକ୍ଷରୁ ବାଚସ୍ପତିଙ୍କ ଆବାସିକ କାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାଚସ୍ପତି ପାଢ଼ୀ ତିନିଶହ ପୃଷ୍ଠାର ଉକ୍ତ ମହାକାବ୍ୟକୁ ଲୋକାର୍ପଣ କରି କହିଲେ, ଏହି ଗ୍ରନ୍ଥଟି ଓଡ଼ିଆ ବାଣୀଭଣ୍ଡାରର ସମୃଦ୍ଧ ସମ୍ପତ୍ତି ହୋଇ ରହିପାରିବ। କବି ହେମନ୍ତ ଜେନା, ବିଧାନସଭାର ପୂର୍ବତନ ସଚିବ ତଥା ସାହିତ୍ୟିକ ଦାଶରଥି ଶତପଥୀ, କବି ସଞ୍ଜୟ କୁମାର ରଥ ପ୍ରମୁଖ ଯୋଗଦେଇ ମହାକାବ୍ୟର ବିଶେଷତା ଉପରେ ଆଲୋକପାତ କରିଥିଲେ। ରାଜଶ୍ରୀ କଳା ଓ ସାହିତ୍ୟ ସଂସଦର ସଭାପତି କାଶୀନାଥ ରାଉତରାୟ, ସାମାଜିକ କର୍ମୀ ସଞ୍ଜୟ ମିଟୁ ଜେନା, ଅକ୍ଷୟ କୁମାର ତରାଇ ପ୍ରମୁଖ ଉପସ୍ଥିତ ଥିଲେ।


ବାଚସ୍ପତି ସୁରମା ପାଢ଼ୀଙ୍କ ସହ ଅନ୍ୟମାନେ କବି ଶରତ ଚନ୍ଦ୍ର ପରିଡ଼ାଙ୍କ ରଚିତ ମହାକାବ୍ୟ 'ନରକାସୁର ବଧ'କୁ ଉନ୍ମୋଚନ କରୁଛନ୍ତି।

# କଳା ମାଧ୍ୟମରେ ହିଁ ସଂସ୍କୃତି ପ୍ରତିଫଳିତ ହୁଏ

## ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ବିଶ୍ୱ କଳା ଦିବସ

ଭୁବନେଶ୍ୱର, ୧୫।୪ (ସୌମ୍ୟରଞ୍ଜନ ରାଉତ)



ବିଶ୍ୱ କଳା ଦିବସ ପାଳନ ଅବସରରେ ଯୋଗଦେଇଥିବା ଅତିଥି।

ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ବିଶ୍ୱ କଳା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଯୋଗଦେଇ ବିଶ୍ୱ କଳା ଦିବସର ପ୍ରାସଙ୍ଗିକତା ସମ୍ପର୍କରେ ସୂଚନା ଦେବା ସହ କଳା ମାଧ୍ୟମରେ ହିଁ ସଂସ୍କୃତି ପ୍ରତିଫଳିତ ହୋଇଥାଏ ବୋଲି ମତ ଦେଇଥିଲେ। ସମୟ ଅନୁସାରେ କଳାରେ ବ୍ୟାପକ ପରିବର୍ତ୍ତନ ହୋଇଥିଲେ ମଧ୍ୟ କଳା ହିଁ ଜୀବନର ସୌନ୍ଦର୍ଯ୍ୟକୁ ପ୍ରତିବିମ୍ବିତ କରି ଏହାକୁ ଚିରସ୍ଥାୟୀ କରିପାରେ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଆୟୋଜିତ ଆଲୋଚନାଚକ୍ର 'ଅଭ୍ୟାସରୁ ଶିକ୍ଷାଶାସ୍ତ୍ର'ରେ ବରୋଦା ବିଶ୍ୱବିଦ୍ୟାଳୟ ଗବେଷକ ଶୁଭମ ସାହୁ, ହୃଷୀକେଶ ବିଶ୍ୱାଳ ଓ ତପନ ମହାରଣା ସମସାମୟିକ କଳାର ତତ୍ତ୍ୱ ଓ ରୂପରେଖ ସମ୍ପର୍କରେ ସୁବିସ୍ତୃତ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ସ୍ନାତକୋତ୍ତର ବିଭାଗ ମୁଖ୍ୟ ପ୍ରଫେସର ଚକ୍ରଧର ବେହେରା କଳାକାର ଜୀବନର ସଂଘର୍ଷ ହିଁ ସମୟାନୁକ୍ରମେ ଉଭୟ କଳା ଓ କଳାକାରଙ୍କୁ ସ୍ୱୀକୃତି ଦେଇଥାଏ ବୋଲି କହିଥିଲେ। ଭାସ୍କର୍ଯ୍ୟଶିଳ୍ପୀ ଡ. ଅଞ୍ଜନ କୁମାର ସାହୁ ଓ ଡ. ଉମେଶ କୁମାର ସାହୁ ବିଶ୍ୱ କଳା ଦିବସର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିବା ସହ ନିରନ୍ତର ପ୍ରୟାସ ଓ ଅଭ୍ୟାସ ମାଧ୍ୟମରେ ଯୁବଶିଳ୍ପୀମାନେ ସେମାନଙ୍କ ପ୍ରତିଭାର ବିକାଶ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଦୃଶ୍ୟକଳା ବିଭାଗ ପକ୍ଷରୁ ଆୟୋଜିତ ଚିତ୍ରକଳା ପ୍ରଦର୍ଶନୀକୁ କୁଳପତି ଉଦ୍‌ଘାଟନ କରିଥିଲେ। ପ୍ରଫେସର ସମ୍ମୁରୁ ଶୋଭରା, ଡ. ସସ୍ମିତା କାମିଲା ଓ ଡ. ମୋନାଲିସା ବିଶ୍ୱାଳ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ମୁଦ୍ରଣକଳା ବିଭାଗ ସହକାରୀ ପ୍ରଫେସର ଡ. ନୀଲଞ୍ଜନ ଦାସ ଧନ୍ୟବାଦ ଦେଇଥିଲେ।

## ବଜ୍ରପାତରେ ୨ଷଣ୍ଢ ମୃତ

ବୋଲଗଡ଼,(ଦେବବ୍ରତ ହୋତା): ବୋଲଗଡ଼ ବ୍ଲକ ମାଣିକାଗୋଡ଼ା ଷ୍ଟେଶନ ନିକଟ ଭାମପଡା କଳାଙ୍ଗ ରାସ୍ତା ପାର୍ଶ୍ୱ ଜମିରେ ବଜ୍ରପାତ ହେବାରୁ ୨ଟି ଷଣ୍ଢଙ୍କ ମୃତ୍ୟୁ ଘଟିଛି। ବୁଧବାର ଅପରାହ୍ନ ପ୍ରାୟ ୩ଟାରେ ଏହି ଅଞ୍ଚଳରେ ହଠାତ୍ ସହ କୁଆପଥର ବର୍ଷାସହ ବଜ୍ରପାତ ହୋଇଥିଲା। ତେବେ ଷ୍ଟେଶନ ନିକଟ ଉପରୋକ୍ତ ରାସ୍ତା ପାର୍ଶ୍ୱରେ ଚରୁଥିବା ଦୁଇଟି ଷଣ୍ଢ ବଜ୍ରପାତରେ ଟଳି ପଡ଼ିଥିଲେ। ମାଣିକାଗୋଡ଼ା ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ପରେ ମୃତ ଷଣ୍ଢ ଦୁଇଟିକୁ ଷ୍ଟେଶନ ନିକଟସ୍ଥ ଖୋଲା ପଡ଼ିଆରେ ପୋତିଦିଆଯାଇଛି।

# ଉମା ମହେଶ୍ୱର ଦେବଙ୍କ ପୀଠରେ ଅଷ୍ଟଶମ୍ଭୁ ମେଳଣ

### ସାମିଲ ହେଲେ ୧୮ ଦେବଦେବୀ



ବାଲୁଗାଁ,୧୫।୪(ସଂଗ୍ରାମ ପାଇକରାୟ)

ମହାବିଷୁବ ସଂକ୍ରାନ୍ତି ଅବସରରେ ବାଲୁଗାଁ ଅଞ୍ଚଳର ଆରାଧ୍ୟ ଉମା ମହେଶ୍ୱର ଦେବଙ୍କ ପୀଠରେ ଦୁଇଦିନ ବ୍ୟାପୀ ଅନୁଷ୍ଠିତ ଅଷ୍ଟଶମ୍ଭୁ ମେଳଣ ଉତ୍ସବ ବୁଧବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ସ୍ଥାନାଧିପତି ଉମା ମହେଶ୍ୱର ଦେବଙ୍କ ନିମନ୍ତ୍ରଣକ୍ରମେ ଗବପଦର ଗ୍ରାମର ଦୁଇ ଠାକୁର ରାମେଶ୍ୱର ଦେବ ଏବଂ ବାଙ୍କାନିଧି ଦେବ, ସିଂହନାଥ ଦେବ ବିଜେ ସିଙ୍ଗେଶ୍ୱର, ନୀଳକଣ୍ଠେଶ୍ୱର ଦେବ ବିଜେ ନିମିଖେତା, ବାଲୁଙ୍କେଶ୍ୱର ଦେବ ବିଜେ ଦୋଳମୁଣ୍ଡାଇ, ଚନ୍ଦ୍ରଶେଖର ଦେବ ବିଜେ ବଡ଼କୁଳ, ଗତୀଶ୍ୱର ଦେବ ବିଜେ ମଙ୍ଗରାଜପୁର, ଭାଗବତ ବାସୁଦେବ ବିଜେ ଆନ୍ତରକିଆରୀ, ଗୁପ୍ତେଶ୍ୱର ଦେବ ବିଜେ ରଘୁନାଥପୁର, ଜଳେଶ୍ୱର ଦେବ ବିଜେ ଖଣ୍ଡୁଆଳକୋଟ, ବୁଢ଼ା ଲିଙ୍ଗେଶ୍ୱର ଦେବ ବିଜେ ଇଞ୍ଜନପୁର, ଦଧିବାମନ ଦେବ ବିଜେ ସାନ୍ତରାପୁର, ଗୋପାଳଜୀଉ ଦେବ ବିଜେ ପାଟଣାସାହି, ରଘୁନାଥ ଦେବ ବିଜେ ବାଲୁଗାଁ, ରାଧାଗୋବିନ୍ଦ ଦେବ ବିଜେ କୁଲାକୁଣ୍ଡେଇ ନୂଆଗାଁ ଠାକୁରଙ୍କ ସମେତ ବାଲୁଗାଁ ଅଞ୍ଚଳର ମା' ଜାଗୁଲାଇ ଏବଂ ମା' ଚଣ୍ଡୀ ଠାକୁରାଣୀ ଏପରି ମୋଟ ୧୮ ଦେବଦେବୀ ମଙ୍ଗଳବାର ବିଳମ୍ବିତ ରାତ୍ରିରେ ଶୋଭାଯାତ୍ରାରେ ଆସି ମେଳଣ ପଡ଼ିଆରେ ସ୍ୱ ସ୍ୱ ଆସ୍ଥାନରେ ବିରାଜମାନ ହୋଇଥିଲେ। ଏହାପରେ ମହାବିଷୁବ ସଂକ୍ରାନ୍ତି ଉପଲକ୍ଷେ ଠାକୁରଙ୍କୁ ପଣାଭୋଗ ଲାଗି ହୋଇଥିଲା। ଏହି ଅବସରରେ ରାତିତମାମ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ବୁଧବାର ସକାଳେ ଏବଂ ମଧ୍ୟାହ୍ନରେ ଠାକୁରଙ୍କୁ ଭୋଗ ଲାଗି ହେବା ସହ ଦିନତମାମ ହୋମଯଜ୍ଞ ଓ ପୂଜାର୍ଚ୍ଚନା ଜାରି ରହିଥିଲା।

ସନ୍ଧ୍ୟାରେ ହୋମଯଜ୍ଞ ପୂର୍ଣ୍ଣାହୁତି ପରେ ମେଳଣ ପର୍ବ ଆରମ୍ଭ ହୋଇଥିଲା। ସମସ୍ତ ଠାକୁର ସେବାୟତଙ୍କ ଗହଣରେ ମେଳଣ ପଡ଼ିଆକୁ ବିଜେ କରିବା ପରେ ଉପସ୍ଥିତ ଶ୍ରଦ୍ଧାଳୁଙ୍କ ହରିବୋଲ, ହୁଳହୁଳି ଓ ଘଣ୍ଟଘଣ୍ଟା କାହାଳି ଧ୍ୱନିରେ ମେଳଣ ପଡ଼ିଆ ପ୍ରକମ୍ପିତ ହୋଇଉଠିଥିଲା । ଏହି ଉତ୍ସବ ନିମନ୍ତେ ବୁଧବାର ବାଲୁଗାଁର ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା । ମେଳଣ ଦେଖିବା ପାଇଁ ପ୍ରାୟ ୩୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା। ମେଳଣ ସରିବା ପରେ ସନ୍ଧ୍ୟାରେ ସମସ୍ତ ଠାକୁର ସ୍ୱ ସ୍ୱ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହି ଅବସରରେ ଶୋଭାଯାତ୍ରା ଏବଂ ବିମାନ ସାଜସଜ୍ଜା କ୍ଷେତ୍ରରେ ଶ୍ରେଷ୍ଠ ବିବେଚିତଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବିମାନ ସାଜସଜ୍ଜାରେ ସିଂହନାଥ ଦେବ ବିଜେ ସିଙ୍ଗେଶ୍ୱର ପ୍ରଥମ, ରଘୁନାଥ ଦେବ ବିଜେ ବାଲୁଗାଁ ଦ୍ୱିତୀୟ ଏବଂ ବୁଢ଼ାଲିଙ୍ଗେଶ୍ୱର ଦେବ ବିଜେ ଇଞ୍ଜନପୁର ତୃତୀୟ ବିଜେତା ଭାବେ ପୁରସ୍କୃତ ହୋଇଛନ୍ତି। ସେହିପରି ପଟୁଆର ଶୋଭାଯାତ୍ରାରେ ଭାଗବତ ବାସୁଦେବ ବିଜେ ଅନ୍ତରକିଆରୀ ପ୍ରଥମ, ନୀଳକଣ୍ଠେଶ୍ୱର ଦେବ ବିଜେ ନିମିଖେତା ଦ୍ୱିତୀୟ ଏବଂ ରାଧାଗୋବିନ୍ଦ ଦେବ ବିଜେ କୁଲାକୁଣ୍ଡେଇ ନୂଆଗାଁ ତୃତୀୟ ସ୍ଥାନ ହାସଲ କରି ପୁରସ୍କାର ଲାଭ କରିଛନ୍ତି। ବାଲୁଗାଁ ଅଞ୍ଚଳର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଦୁଇଦିନ ବ୍ୟାପୀ ପଣା ବଣ୍ଟନ ଏବଂ ଜଳଛତ୍ର ସେବା ଯୋଗାଇ ଦିଆଯାଇଥିଲା। ଉମା ମହେଶ୍ୱର ଦେବ ଟ୍ରଷ୍ଟ ବୋର୍ଡ ପରିଚାଳକ ତଥା ଚିଲିକା ତହସିଲଦାର କାହ୍ନୁ ଚରଣ ଘଡ଼େଇ ଏବଂ ବାଲୁଗାଁ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠଙ୍କ ସମେତ ଅଷ୍ଟଶମ୍ଭୁ ପରିଚାଳନା କମିଟିର ସମସ୍ତ ସଦସ୍ୟ ଏହି ଉତ୍ସବ ପରିଚାଳନା କରିଥିଲେ। ବାଲୁଗାଁ ଏସ୍‌ଡିପିଓ ସଞ୍ଜୟ କୁମାର ପଟ୍ଟନାୟକ ଏବଂ ଆଇଆଇସି ଜୟ ପ୍ରକାଶ ପରିଡ଼ାଙ୍କ ତତ୍ତ୍ୱାବଧାନରେ ବ୍ୟାପକ ପୋଲିସ ମୁତୟନ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।

## ମାଣିବନ୍ଧ-କୋଲୁହାପାଟଣା ରାସ୍ତା ଶୋଚନୀୟ



ବୋଲଗଡ଼,୧୫।୪(ଦେବବ୍ରତ ହୋତା)

ବୋଲଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗର ମାଣିବନ୍ଧ-କୋଲୁହାପାଟଣା ରାସ୍ତାର ପିଚୁ ଉଠିଯାଇ ଖାଲଢ଼ିପ ହୋଇ ଶୋଚନୀୟ ହୋଇପଡ଼ିଛି। ଫଳରେ ଉକ୍ତ ରାସ୍ତାରେ ଯାତାୟାତ କରୁଥିବା ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ବଡ଼ପଦର ଗ୍ରାମର ସୁରେନ୍ଦ୍ର ନାଥ ସେଠୀ କହିଛନ୍ତି। ଏପରିକି ଅସରାଏ ବର୍ଷା ହେଲେ ଖାଲରେ ପାଣିଜମି ରହୁଥିବାରୁ ପଥଚାରୀ ଦୁର୍ଘଟଣାର ସମ୍ମୁଖୀନ ହୋଇଥାନ୍ତି। ଏହି ରାସ୍ତାଟି ୨କିମି ୪୫୦ ମିଟର ହୋଇଥିବା ବେଳେ ମରାମତି ଅଭାବରୁ ଲୋକେ ହଇରାଣ ହେଉଛନ୍ତି। ଏନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ବୋଲଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ରବୀନ୍ଦ୍ର କୁମାର ସ୍ୱାଇଁ କହିଛନ୍ତି, ଏହି ରାସ୍ତା ପାଇଁ ଟେଣ୍ଡର ସରିଛି। ଠିକାଦାର କାର୍ଯ୍ୟ ଆରମ୍ଭ କରିବାରେ ବିଳମ୍ବ କରୁଛନ୍ତି। ଅନ୍ୟପକ୍ଷରେ ଉକ୍ତ ରାସ୍ତା ତୁରନ୍ତ ମରାମତି କରିବାକୁ ସାଧାରଣରେ ଦାବି ହେଉଛି।

## ପୋଖରୀରେ ବୁଡ଼ି ଜଣେ ମୃତ

କଳାପଥର,୧୫।୪(ଗଙ୍ଗାଧର ସାହୁ)

କଳାପଥର ଗ୍ରାମରେ ଓଡ଼ିଆ ନବବର୍ଷ ଏବଂ ମହାବିଷୁବ ସଂକ୍ରାନ୍ତି ଧୁମଧାମରେ ପାଳନ ହେଉଥିବା ବେଳେ କପିଳେଶ୍ୱର ଦେବ ମନ୍ଦିର ପରିସରରେ ଥିବା ପୋଖରୀରେ ବୁଡ଼ିଯିବାରୁ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବୈଦନାଥ ମହାନ୍ତି। ସୂଚନା ମୁତାବକ, ପୋଖରୀରେ ବୈଦନାଥ ବୁଡ଼ଯାଇଥିବା ଦେଖି ଯୁବକମାନେ ତାଙ୍କୁ ଉଦ୍ଧାର କରି କଳାପଥର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ପୁଅ ପଞ୍ଚାନନ ମହାନ୍ତି ମୁଖାଗ୍ନି ଦେଇଥିଲେ।



କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଦେଉଳପଡ଼ାଠାରେ ଚାଲିଥିବା 'ପଣାଯାତ୍ରା'ରେ ପାଇକ ଆଖଡ଼ା ପ୍ରଦର୍ଶନ କରାଯାଉଛି। (ଫଟୋ: କୈଳାସ ଚନ୍ଦ୍ର ପଟ୍ଟନାୟକ)

## ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

ବେଗୁନିଆ,୧୫।୪(ସନ୍ଧ୍ୟାରାଣୀ ମିଶ୍ର)

ଦେଉଳି ପଞ୍ଚାୟତ ଅନ୍ତର୍ଗତ ସାମନ୍ତରାପୁର ଗ୍ରାମର ସଙ୍କଟ ମୋଚନଙ୍କ ନିକଟରେ ଚାରିଦିନ ଧରି ଚାଲିଥିବା ୨୦ତମ ବାର୍ଷିକ ଉତ୍ସବ ଅବସରରେ ଅନୁଷ୍ଠିତ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଯଜ୍ଞାଚାର୍ଯ୍ୟ ଜପି ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଉମେଶ କୁମାର ପଟ୍ଟନାୟକ ଓ ତାଙ୍କ ସହଧର୍ମିଣୀ ଲକ୍ଷ୍ମୀପ୍ରିୟା କର୍ତ୍ତା ଭାବେ ଉପବେଶନ କରିଥିଲେ। ବୈଦିକ ରୀତିନୀତି ଅନୁଯାୟୀ ଯଜ୍ଞ କାର୍ଯ୍ୟ ହୋଇଥିଲା। ବୁଧବାର ଅପରାହ୍ନରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ହୋଇଥିଲା। ବିଧାୟକ ପ୍ରଦୀପ ସାହୁ, ସରପଞ୍ଚ ଅକ୍ଷୟ ରାଉତରାୟ ପ୍ରମୁଖ ଯୋଗଦେଇ ଗ୍ରାମବାସୀଙ୍କୁ ଉତ୍ସାହିତ କରିବା ସହ ଯଜ୍ଞ ନାରାୟଣଙ୍କ ଆଶୀର୍ବାଦ ଲାଭ କରିଥିଲେ।

## ଜମିକୁ ରାସ୍ତା ଛାଡ଼ିବାକୁ ଦାବି

ଖୋର୍ଦ୍ଧା,୧୫।୪(ପ୍ରଭାତ ପାଣିଗ୍ରାହୀ)

ବୋଲଗଡ଼ ବ୍ଲକ ଅନ୍ତର୍ଗତ ବାଙ୍କୋଇ ଗ୍ରାମର ପୁଷ୍ପଲତା ବଳିୟାରସିଂହ ନିଜ ଜମିକୁ ରାସ୍ତା ଛାଡ଼ିବା ପାଇଁ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଉକ୍ତ ଗ୍ରାମର ପ୍ଲଟ ନମ୍ବର ୧୬୫୧/୧୬୫୮ ରେ ପୁଷ୍ପଲତାଙ୍କ ଜମି ରହିଛି। ତାଙ୍କ ଜମି ଆଗରେ ଥିବା ସରକାରୀ ଜମିକୁ ଗ୍ରାମର କେତେଜଣ ବ୍ୟକ୍ତି ଜବରଦଖଲ କରି ରଖିଛନ୍ତି। ଫଳରେ ପୁଷ୍ପଲତା ନିଜ ସ୍ଥିତିବାନ ଜମିକୁ ଯାଇପାରୁନାହାନ୍ତି। ବହୁ ବାଧାବିଘ୍ନ ମଧ୍ୟରେ ହୋଇଥିବା ଆମ୍ବ, ଗୁଆ, ନଡ଼ିଆ ଭଳି ଗଛକୁ ଭାଙ୍ଗି ନଷ୍ଟ କରିଦେଇଛନ୍ତି ବୋଲି ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ତାଙ୍କ ସ୍ୱାମୀ ବାହାରେ ଚାକିରି କରୁଥିବା ବେଳେ ପିଲାମାନେ ବାହାରେ ପାଠ ପଢୁଛନ୍ତି। ଘରେ ଶଯ୍ୟାଶାୟୀ ଶାଶୁଙ୍କ ସହ ଏକୁଟିଆ ରହୁଥିବା ବେଳେ ଜାଣିଶୁଣି ହଇରାଣ କରାଯାଉଛି। ତୁରନ୍ତ ସ୍ଥିତିବାନ ଜମିକୁ ଚାଷ କରିବାକୁ ରାସ୍ତା ନ ଥିବାରୁ ଆଗରେ ଥିବା ସରକାରୀ ଜମିରୁ ରାସ୍ତା ଦେବା ସହ ଏହାର ସମାଧାନ ପାଇଁ ଜିଲାପାଳ ହସ୍ତକ୍ଷେପ କରନ୍ତୁ ବୋଲି ପୁଷ୍ପଲତା ନିବେଦନ କରିଛନ୍ତି। ଏହି ଅଭିଯୋଗର ତ୍ୱରିତ ସମାଧାନ ପାଇଁ ଜିଲାପାଳ ସ୍ଥାନୀୟ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

## ଗ୍ୟାସ୍ ସିଲିଣ୍ଡର ଜବତ, ଜଣେ ଗିରଫ



କୃଷ୍ଣପ୍ରସାଦ,୧୫।୪(କୈଳାସ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ଥାନା ଆଇଆଇସି ବିଚିତ୍ରାନନ୍ଦ ପ୍ରଧାନଙ୍କ ତତ୍ତ୍ୱାବଧାନରେ ବୁଧବାର ମାଲୁଦ ଅଞ୍ଚଳରେ ଚଢ଼ାଉ କରାଯାଇ ଜଣେ ବ୍ୟବସାୟୀଙ୍କ ନିକଟରୁ ଦୁଇଟି ଗ୍ୟାସ୍‌ଭର୍ତ୍ତି ସିଲିଣ୍ଡର ଏବଂ ଆଉ କେତେକ ଖାଲି ସିଲିଣ୍ଡର ଜବତ କରାଯାଇଛି। ଏନେଇ ଥାନାରେ ଏକ ମାମଲା (ନଂ.୧୧୪/୨୬) ରୁଜୁ ପରେ ଅଜୟ କୁମାର ପୃଷ୍ଟିଙ୍କୁ ଗିରଫ କରାଯାଇଛି। ଆଗାମୀ ଦିନରେ ମଧ୍ୟ ଚଢ଼ାଉ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

## ପଣାଯାତ୍ରା ସାରି ଫେରିଲେ ମା'କାଠି ଠାକୁରାଣୀ

ବାଣପୁର,୧୫।୪(ଦିଲୀପ କୁମାର ସ୍ୱାଇଁ)

ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଅବସରରେ ମଙ୍ଗଳବାର ମା' ଭଗବତୀଙ୍କ ଉତ୍ତର ଦିଗ ରକ୍ଷାକାରିଣୀ ଭାଟପଡ଼ା ଦୁର୍ଗରେ ଇଷ୍ଟଦେବୀ ଭଉଣୀ ମା' ସିଦ୍ଧେଶ୍ୱରୀଙ୍କ ପୀଠକୁ ଯାତ୍ରା କରିଥିଲେ ମା'କାଠି ଠାକୁରାଣୀ। ପ୍ରତ୍ୟୁଷରୁ ମନ୍ଦିର ଶୋଧ ପରେ ମା'ଙ୍କ ଅବକାଶ, ଅଙ୍ଗରାଗ ମାଜଣା, ବେଶ, ସାହାଣମେଲା, ମହାପ୍ରସାଦ ଅର୍ପଣ, ବଲ୍ଲଭ ଆଳତି ପରେ ଶଙ୍କୁଡ଼ି ଧୂପ ପହଡ଼, ଅପରାହ୍ନରେ ନିଶଙ୍କୁଡ଼ିରେ ଖଜାଖେଇ, କାନ୍ତି, ଶରପୁଳି, ମାଠପୁଳି ପଣା ସାରି ସନ୍ଧ୍ୟା ୬ଟାରେ ନିଯୋଗୀ ସେବାୟତଙ୍କ ସହ ଥାଟପଟୁଆର, ଘଣ୍ଟାଘଣ୍ଟ, କାହାଳୀ ବାଦନରେ ପିତ୍ରାଳୟ ଦକ୍ଷପ୍ରଜାପତି ମନ୍ଦିରରୁ ବାହାରିଥିଲେ ମା'ସ୍ତମ୍ଭେଶ୍ୱରୀ। ଶ୍ରଦ୍ଧାଳୁଙ୍କ ହୁଳହୁଳି, ଜୟ ଜୟକାର ଧ୍ୱନିରେ ଯାତ୍ରା କଲାବେଳେ ବଡ଼ହନ୍ତୁଆଡ଼ ଗ୍ରାମ ରାଜରାଜେଶ୍ୱର ଦଣ୍ଡଠାକୁର ଐତିହାସିକ ପଲଟଣ ପଡ଼ିଆରୁ ବାଜା ରୋଶଣିରେ ପାଛୋଟି ନେଇ ଗ୍ରାମ ପରିକ୍ରମା ପରେ ମା' ଭାଟପଡ଼ା ଦୁର୍ଗ ଅଭିମୁଖେ ଯାତ୍ରା କରିଥିଲେ। ପରେ ଡାଳଖାଇ ଠାକୁରାଣୀଙ୍କ ନିକଟରେ କିଛି ସମୟ ବିଶ୍ରାମ ନେଇ ପରମ୍ପରାକ୍ରମେ ସେବାୟତମାନେ ଗଛରୁ ଡାଳ ଭାଙ୍ଗି ମା'ଙ୍କୁ ଅର୍ପଣ କରି ଆଶୀର୍ବାଦ କାମନା ପରେ ପୁଣି ଯାତ୍ରା ଆରମ୍ଭ କରିଥିଲେ। ଶେଷରେ ଭାଟପଡ଼ାଗ୍ରାମ ନିକଟରେ ପହଞ୍ଚିବା ପରେ ଗଡ଼ଦଳବେହେରା ମାନବେନ୍ଦ୍ର ମହାରଥା ମା'ଙ୍କୁ ବନ୍ଦାପନା କରିଥିଲେ। ପରେ ମା' ସିଦ୍ଧେଶ୍ୱରୀଙ୍କ ପୀଠରୁ ବିଶୋଇ ସେବକ ଧଳାବସ୍ତ୍ର ଆପାଦମସ୍ତକ ଘୋଡ଼େଇ ହୋଇ ମା'ଙ୍କ ଆଜ୍ଞାମାଳ ନେଇ ଭାଟପଡ଼ା ଗ୍ରାମ ଶେଷରେ ବିଶ୍ରାମ ନେଇଥିବା ମା'ଭଗବତୀ କାଠି ଠାକୁରାଣୀଙ୍କୁ ଲାଗି କରାଇବା ପରେ ମା' ସେଠାରୁ ନାଚିନାଚି ଶୋଲରୀ ପାହାଡ଼ ଗୁମ୍ଫା, ସିଦ୍ଧେଶ୍ୱରୀଙ୍କ ମନ୍ଦିରରେ ନିଯୋଗୀ ସେବାୟତ ସହିତ ପହଞ୍ଚିବା ପରେ ପୂଜାର୍ଚ୍ଚନା ହୋଇଥିଲା। ସେଠାରେ ମନ୍ଦିର ପୂଜକ ବିଶୋଇ ସେବକଙ୍କ ସହିତ ପରିଚ୍ଛା ପ୍ରସନ୍ନ ମହାପାତ୍ର ଦୁଇମା'ଙ୍କୁ ଏକତ୍ର ଚୁଡ଼ାଗୁଡ଼ ଦହି ନୈବେଦ୍ୟ ଖପରାରେ ପଞ୍ଚ ଉପଚାରରେ ପୂଜା କରିବା ପରେ ଆଗାମୀ ଶାରଦୀୟ ପର୍ବରେ ଯୋଗଦେବା ନିମନ୍ତେ ଭଉଣୀ ମା' ସିଦ୍ଧେଶ୍ୱରୀଙ୍କ ଆଜ୍ଞାମାଳ କରାଇ ସାଥିରେ ନେଇ ଦଳବେହେରାଙ୍କ ଦ୍ୱାରରେ ପହଞ୍ଚି ପଣାପନ୍ତି ଭୋଗ ସାରି ମନ୍ଦିରକୁ ବାହୁଡ଼ିଥିଲେ। ବାଟରେ ଟିଙ୍କିରାଇଙ୍କ ମନ୍ଦିରରେ ମୁଆଁପଣା ସାରି ରାଜାଙ୍କ ଖମାର ପଡ଼ିଆରେ ମୁଆଁଭୋଗ ସାରିବା ପରେ ପିତ୍ରାଳୟ ଦକ୍ଷପ୍ରଜାପତି ମନ୍ଦିରକୁ ଫେରିଲେ ମା' ଭଗବତୀ କାଠି ଠାକୁରାଣୀ। ରାମଚନ୍ଦ୍ରପୁର ଓ ଭାଟପଡ଼ା ଗ୍ରାମବାସୀଙ୍କ ସହଯୋଗରେ ବହୁ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ମା'ଙ୍କ ଯାତ୍ରାପଥରେ ଥିବା ମନଇଚ୍ଛାପୁର, ବାଞ୍ଛାନିଧିପୁର, ରୁଅପଡ଼ା, ନଚ୍ଛିପୁର, ତୋରସିଂହ ଗ୍ରାମବାସୀଙ୍କ ସହିତ ମନ୍ଦିର ପରିଚାଳନା କମିଟି, ସ୍ଥାନୀୟ ପ୍ରଶାସନ, ବାଣପୁର ଥାନା ଆରକ୍ଷୀ ଅଧିକାରୀ, କାର୍ଯ୍ୟାଳୟର କର୍ମଚାରୀଙ୍କ ମିଳିତ ସହଯୋଗରେ ଏହି ପର୍ବ ଶେଷ ହୋଇଥିବା କାର୍ଯ୍ୟନିର୍ବାହୀ ଅଧିକାରୀ ବାଳମୁକୁନ୍ଦ ଦାସ କହିଛନ୍ତି।



## ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଓଡ଼ିଆ ନବବର୍ଷ ପାଳିତ



ଓଡ଼ିଆ ନବବର୍ଷ ପାଳନ ଅବସରରେ ଉପସ୍ଥିତ ବରିଷ୍ଠ ନାଗରିକ ମଞ୍ଚ କର୍ମକର୍ତ୍ତାମାନେ।

ଟାଙ୍ଗୀ,୧୫।୪(ରଘୁନାଥ ସାହୁ)

ଟାଙ୍ଗୀ ଅଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ପକ୍ଷର ବଳରାମ ଦେବ ମନ୍ଦିରଠାରେ ମହାବିଷୁବ ସଂକ୍ରାନ୍ତି, ଓଡ଼ିଆ ନବବର୍ଷ ଏବଂ ହନୁମାନ ଜୟନ୍ତୀ ପାଳିତ ହୋଇଯାଇଛି। ସମ୍ପାଦକ ବିଜୟ ରାଉତଙ୍କ ଆବାହକତ୍ୱ ଏବଂ ସଭାପତି ନାରାୟଣ ମହାପାତ୍ରଙ୍କ ସଭାପତିତ୍ୱରେ ଏକ ବୈଠକ ହୋଇଥିଲା। ଜଗନ୍ନାଥ ସଂସ୍କୃତି ଗବେଷକ ଡ.ଚନ୍ଦ୍ରଶେଖର ଦାଶ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରମେଶ କୁମାର ବଳବନ୍ତରାୟ, ଲିଙ୍ଗରାଜ ସାହୁ, ଉମେଶ ପ୍ରସାଦ ଧଳ, ପ୍ରସନ୍ନ ଶ୍ରୀଚନ୍ଦନ, ବିଚ୍ଛେଦ ଜୟସିଂ, ରମେଶ ରାଉତ, ସହ ସମ୍ପାଦକ ରବୀନ୍ଦ୍ର ନାୟକ, ଅରୁଣ ରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ପ୍ରାରମ୍ଭରେ ବଳରାମ ଦେବଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଇ ମଧ୍ୟପ୍ରାଚ୍ୟ ଯୁଦ୍ଧ ବନ୍ଦ ପାଇଁ ପ୍ରାର୍ଥନା କରାଯାଇଥିଲା। ପୂର୍ଣ୍ଣଚନ୍ଦ୍ର ଛୋଟରାୟ, ଦିଲୀପ ନାଥ, ଅଧିକାରୀ ସୁବୁଧି, ନିମାଇଂ ଚରଣ ସାହୁ, ସାରଙ୍ଗଧର ପାଲଟା ସିଂ, ପ୍ରଫୁଲ୍ଲ ଜେନା, ପ୍ରଶାନ୍ତ ଶ୍ରୀଚନ୍ଦନ, ପଦ୍ମ ଚରଣ ସେଠୀ, ଶରତ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ୨୧ଜଣ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ବଣ୍ଟନ କରାଯାଇଥିଲା। ଶେଷରେ ସମସ୍ତଙ୍କୁ ପଣା ବଣ୍ଟନ କରାଯାଇଥିଲା।

## ସିଏମ୍ ଟ୍ରଫି: ଆନ୍ତଃ ଜିଲା ଖୋ-ଖୋ ଚାମ୍ପିୟନଶିପ୍ ଉଦ୍‌ଘାଟିତ



ଅତିଥି ଖେଳାଳିଙ୍କ ସହ ହାତ ମିଳାଉଛନ୍ତି।

ଖୋର୍ଦ୍ଧା,୧୫।୪(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ଖୋର୍ଦ୍ଧା ଷ୍ଟାଡିୟମଠାରେ ବୁଧବାର ସିଏମ୍ ଟ୍ରଫି ଆନ୍ତଃ ଜିଲା ଖୋ-ଖୋ ଚାମ୍ପିୟନଶିପ୍ ଉଦ୍‌ଘାଟିତ ହୋଇଯାଇଛି। ଜିଲା କ୍ରୀଡ଼ା ଅଧିକାରୀ ଗୀତାଞ୍ଜଳି ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରି ଖେଳାଳିଙ୍କୁ ଉତ୍ସାହିତ କରିବା ସହ କ୍ରୀଡ଼ାରେ ଭବିଷ୍ୟତ ଗଢ଼ିବାକୁ ପରାମର୍ଶ ଦେଇଥିଲେ। କ୍ରୀଡ଼ା ସଂସଦ ସମ୍ପାଦକ ଉପେନ୍ଦ୍ର ନାଥ ଦାସ ସ୍ୱାଗତ ଭାଷଣ, ଅତିଥି ପରିଚୟ ଏବଂ ପ୍ରତିଯୋଗିତାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ବନ୍ଧରେ ସୂଚନା ଦେଇଥିଲେ। ଏହି ଖୋ-ଖୋ ପ୍ରତିଯୋଗିତାରେ ୧୬ଟି ଦଳର ୨୪୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଜିଲାର ୨୦ଜଣ କ୍ରୀଡ଼ା ଶିକ୍ଷୟିତ୍ରୀ ଶିକ୍ଷକ ପ୍ରତିଯୋଗିତା ପରିଚାଳନା କରିଥିଲେ। ସେହିପରି ଜିଲା କ୍ରୀଡ଼ା ସଂସଦ କର୍ମକର୍ତ୍ତା ଜ୍ୟୋତି ପ୍ରକାଶ ମହାନ୍ତି, ଅନୀଲ କୁମାର ସାହୁ, ଡାନିଏଲ ନାୟକ, ବୀର କିଶୋର ସିଂହ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅକ୍ଷୟ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଏକରରୁ ଉର୍ଦ୍ଧ୍ୱ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ

### ଉଚ୍ଛେଦ ବେଳେ ପ୍ରଶାସନିକ ଅଧିକାରୀଙ୍କୁ ଘେରିଲେ ମହିଳା



ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ କରାଯାଉଛି।

ଖୋର୍ଦ୍ଧା,୧୫।୪(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ତହସିଲ ଅନ୍ତର୍ଗତ ବରସାହି ମୌଜାର ଏକରରୁ ଉର୍ଦ୍ଧ୍ୱ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ବୁଧବାର ପ୍ରଶାସନ ପକ୍ଷରୁ କରାଯାଇଛି। ତେବେ ସରକାରୀ ଜମିରେ ଜଣେ ବ୍ୟକ୍ତି କରିଥିବା ଫାର୍ମ ହାଉସ୍ ଉଚ୍ଛେଦ କରାଯାଇଛି। ଉଚ୍ଛେଦ ବେଳେ ସମ୍ପୃକ୍ତ ବ୍ୟକ୍ତିଙ୍କ ସମର୍ଥିତ ଲୋକେ ପ୍ରତିବାଦ କରିଥିଲେ। ଏନେଇ ପ୍ରଶାସନିକ ଅଧିକାରୀ ଏବଂ ଆନ୍ଦୋଳନକାରୀ ମୁହାଁମୁହିଁ ହୋଇଥିଲେ। ଖବରପାଇ ଉପଜିଲାପାଳ ସଂକଳ୍ପ ସ୍ୱସ୍ତିକ ସାହୁ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଉଚ୍ଛେଦ ଚାଲିଥିବା ଏବଂ ଏଥିରେ ବାଧା ନ ଦେବା ପାଇଁ ତାଗିଦା କରିଥିଲେ। ପରେ ଉଚ୍ଛେଦ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଥିଲା। ପ୍ରଥମ ଦିନରେ ଏକରରୁ ଉର୍ଦ୍ଧ୍ୱ ଜମିରୁ ଜବରଦଖଲ ଉଚ୍ଛେଦ କରାଯାଇଥିବା ଉପଜିଲାପାଳ ସାହୁ କହିଛନ୍ତି।

ସୂଚନା ମୁତାବକ, ବରସାହି ମୌଜା ଅଞ୍ଚଳରେ ଥିବା ଖାତା ନଂ.୫୬୧ର ପ୍ଲଟ ନଂ.୧୭୫୬, ପ୍ଲଟ ନଂ.୧୭୩୨ ଓ ଖାତା ନଂ.୫୬୩ର ପ୍ଲଟ ନଂ.୧୬୯୬ ଅଧୀନରେ ଥିବା ପ୍ରାୟ ତିନି ଏକରରୁ ଉର୍ଦ୍ଧ୍ୱ ସରକାରୀ ଜମିକୁ ଭୁବନେଶ୍ୱରର ଏକ ପ୍ରତିଷ୍ଠିତ ବେସରକାରୀ ଶିକ୍ଷାନୁଷ୍ଠାନର ପ୍ରଭାବଶାଳୀ ବ୍ୟକ୍ତି ଜବରଦଖଲ କରି ରଖିଥିବା ନେଇ ପୂର୍ବରୁ କେତେଜଣ ଗ୍ରାମବାସୀ ସ୍ଥାନୀୟ ପ୍ରଶାସନ ସହ ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। ପରେ ଏହି ଘଟଣା ହାଇକୋର୍ଟ ପର୍ଯ୍ୟନ୍ତ ଯାଇଥିଲା। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଜିଲା ପ୍ରଶାସନ ପକ୍ଷରୁ ବୁଧବାର ସକାଳ ୮ଟାରେ ଏକ ପ୍ଲାଟୁନ ପୋଲିସ ଫୋର୍ସ ସହିତ ଖୋର୍ଦ୍ଧା ତହସିଲଦାର ବିଭାସ ରଞ୍ଜନ ପାଣିଗ୍ରାହୀ, ଅତିରିକ୍ତ ତହିଲଦାର ଜି. ଗୋପାଳ ରେଡ୍ଡୀ, ଆଦର୍ଶ ଥାନା ଅଧିକାରୀ ସଞ୍ଜୟ ନାୟକ ପ୍ରମୁଖଙ୍କ ଉପସ୍ଥିତିରେ ଉଚ୍ଛେଦ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ପୂର୍ବ ଯୋଜନା ମୁତାବକ ଜବରଦଖଲକାରୀଙ୍କ ଦ୍ୱାରା ନିୟୋଜିତ ମହିଳାମାନେ ଉଚ୍ଛେଦକୁ ବିରୋଧ କରିଥିଲେ। ଉପଜିଲାପାଳ ସାହୁ ପହଞ୍ଚି ବୁଝାଶୁଝା କରିବା ପରେ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଗୁରୁବାର ଅବଶିଷ୍ଟ ଜମିରେ ରହିଥିବା ୨ ମହଲା ବିଶିଷ୍ଟ କୋଠାକୁ ଉଚ୍ଛେଦ କରାଯିବ ବୋଲି ଉପଜିଲାପାଳ କହିଛନ୍ତି। ଉକ୍ତ କୋଠାରେ ଥିବା ଫର୍ନିଚର ସାମଗ୍ରୀଗୁଡ଼ିକୁ କାଢ଼ିନେବାକୁ ଗୁରୁବାର ସକାଳ ୮ଟା ପର୍ଯ୍ୟନ୍ତ ମହଲତ ଦିଆଯାଇଛି। ଜବରଦଖଲ ପରେ ସ୍ଥାନୀୟ ଅଞ୍ଚଳର ଉନ୍ନତୀକରଣ ନିମନ୍ତେ କିଛି ଜମି ଇଡ୍‌କୋକୁ ଦିଆଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

**କଦମ୍ବେଶ୍ୱର ମହାଦେବଙ୍କ ପୀଠରେ ଜଳଛତ୍ର**

କଟକ ସଦର,(ସୁଶାନ୍ତ କୁମାର ଜେନା): ବୟାଳିଶ ମୌଜା ଅନ୍ତର୍ଗତ କଳପଡ଼ାସ୍ଥିତ କଦମ୍ବେଶ୍ୱର ମହାଦେବଙ୍କ ମନ୍ଦିର ନିକଟରେ ଓଡ଼ିଆ ନବବର୍ଷ ଉପଲକ୍ଷେ ମଙ୍ଗଳବାର ଜଳଛତ୍ର ଖୋଲାଯାଇଥିଲା। ୟୁନିୟନ ଫର୍ କଟକ ସଦର ଡେଭଲପମେଣ୍ଟ ସଭାପତି ମନୋଜ କୁମାର ନାୟକ ଉକ୍ତ ଜଳଛତ୍ରକୁ ଉଦ୍‌ଘାଟନ କରିଥିଲେ। ବିଜୟ କୁମାର ନାୟକ, ସରୋଜ ନାୟକ, ଚନ୍ଦନ ପରିଡ଼ା, ସୁନୀଲ ପରିଡ଼ା, କୁନା ସାହୁ, ଲୁଲା ବେହେରା ଏବଂ ଶେଷଦେବ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଭାଜପାର ଗାଁକୁ ଚାଲ କାର୍ଯ୍ୟକ୍ରମ

ବାଙ୍କୀ,୧୫।୪( ଶୁଭେନ୍ଦୁ ମହାପାତ୍ର)

ବାଙ୍କୀ ବ୍ଲକ ଅନ୍ତର୍ଗତ ସୁବର୍ଣ୍ଣପୁର ମଣ୍ଡଳ ବନ୍ଦାଳ ପଞ୍ଚାୟତରେ ମଣ୍ଡଳ ସଭାପତି ଶ୍ରୀରାମ ଚନ୍ଦ୍ର ରାଉତଙ୍କ ଅଧ୍ୟକ୍ଷତାରେ ଗାଁକୁ ଚାଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭାଜପା ନେତା ତୁଷାରକାନ୍ତ ଚକ୍ରବର୍ତ୍ତୀ, ସାଂସଦ ପ୍ରତିନିଧି ଜୟନ୍ତ କୁମାର ବେଉରା, ଜିଲା ସମ୍ପାଦିକା ଅନିତା ମିଶ୍ର, ମଣ୍ଡଳ ପ୍ରଭାରୀ ଦେବାଶିଷ ମାନ ସିଂ, ମଣ୍ଡଳ ସାଧାରଣ ସମ୍ପାଦକ ଶାନ୍ତନୁ କୁମାର ସାହୁ, ସମ୍ପାଦିକା ସ୍ନେହଲତା ସ୍ୱାଇଁ, ଉପସଭାପତି ନିବସିନୀ ରାଉତ, ବୁଥ୍ ସଭାପତି ମାୟାଧର ପଣ୍ଡା, ନାରାୟଣ ପଣ୍ଡା, ମହିଳା ମୋର୍ଚ୍ଚା ସଭାପତି ପ୍ରେମଲତା ସ୍ୱାଇଁ, ରମେଶ ଚନ୍ଦ୍ର ତ୍ରିପାଠୀ, ମେଘନାଦ ସ୍ୱାଇଁଙ୍କ ସମେତ ଶତାଧିକ ଭାଜପା କର୍ମୀ ଯୋଗଦେଇଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମକୁ ତୃଣମୂଳସ୍ତରରେ ପହଞ୍ଚାଇବା ଦଳର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ରଖି ଡାକବାଜି ଯନ୍ତ୍ର ମାଧ୍ୟମରେ ପ୍ରଚାର କରିଥିଲେ।

### ସିଡିଏ ପେନ୍‌ସନ୍‌ଭୋଗୀଙ୍କ ଅନିର୍ଦ୍ଦିଷ୍ଟ କାଳ ଧାରଣା

କଟକ,୧୫।୪(କାର୍ତ୍ତିକ ସାହୁ)

କଟକ ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ)ର ପେନ୍‌ସନ୍‌ଭୋଗୀମାନେ ରାଜ୍ୟ ସରକାରଙ୍କ କର୍ମଚାରୀ ଭଳି ପେନ୍‌ସନ୍ ପ୍ରଦାନ ଦାବିରେ ଅରୁଣୋଦୟ ନଗରସ୍ଥିତ ସିଡିଏ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଛନ୍ତି। ସିଡିଏ କର୍ତ୍ତୃପକ୍ଷ ସୁପ୍ରିମକୋର୍ଟଙ୍କ ଆଦେଶ ପାଳନ କରୁନାହାନ୍ତି ବୋଲି ସେମାନେ ଅଭିଯୋଗ ଆଣିଛନ୍ତି। ସେମାନଙ୍କ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଚାଲୁରଖିବାକୁ ସେମାନେ ନିଷ୍ପତ୍ତି ନେଇଥିବା ଜଣାଇଛନ୍ତି।

ସୂଚନାନୁଯାୟୀ, ସିଡିଏ ଅଧୀନରେ କାର୍ଯ୍ୟ କରି ଅବସର ନେବା ପରେ ୪୭ ଜଣ କର୍ମଚାରୀ ଏବେ ପେନ୍‌ସନ୍ ପାଉଛନ୍ତି। ତେବେ ଯେଉଁ କର୍ମଚାରୀମାନେ ସିଡିଏ ଅଧୀନରେ ଚାକିରି କରିଥିବେ, ସେମାନଙ୍କ କ୍ଷେତ୍ରରେ ଇପିଏଫ୍ ପେନ୍‌ସନ୍ ଲାଗୁ କରାଯିବ। ମାତ୍ର ଏହାକୁ ବିରୋଧ କରି ଜଣେ ଅବସରପ୍ରାପ୍ତ କର୍ମଚାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ତାଙ୍କ ମାମଲାର ବିଚାର କରି ରାଜ୍ୟ ସରକାରଙ୍କ କର୍ମଚାରୀ ଭଳି ଆବେଦନକାରୀ ସମାନ ପେନ୍‌ସନ୍ ପାଇବେ ବୋଲି ରାୟ ପ୍ରଦାନ କରିଥିଲେ। ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ହାଇକୋର୍ଟଙ୍କ ରାୟ ବିରୋଧରେ ସୁପ୍ରିମକୋର୍ଟ ଯାଇଥିଲେ। ସୁପ୍ରିମକୋର୍ଟ ତାଙ୍କ ରାୟରେ ହାଇକୋର୍ଟଙ୍କ ଆଦେଶକୁ କାଏମ ରଖିଥିଲେ। ଏହାସତ୍ତ୍ୱେ ସିଡିଏ ଏହାକୁ କାର୍ଯ୍ୟକାରୀ କରୁନାହିଁ।

### ରାସ୍ତାରୁ ମୃତଦେହ ଜବତ

କଟକ ସଦର,୧୫।୪(ସୁଶାନ୍ତ କୁମାର ଜେନା)

ବୟାଳିଶ ମୌଜା ମୁଖ୍ୟରାସ୍ତାର ଷ୍ଟେଟ ବ୍ୟାଙ୍କ୍ ଏଟିଏମ୍ ନିକଟରୁ ବୁଧବାର ସକାଳେ ଜଣେ ବ୍ୟକ୍ତିଙ୍କ ମୃତଦେହକୁ ପୋଲିସ ଜବତ କରିଛି। ମୃତକଙ୍କ ପାଖରେ ଥିବା ଆଧାରକାର୍ଡରେ ସନ୍ତୋଷ ବାରିକ, କଲ୍ୟାଣୀନଗର ବୋଲି ଲେଖାଥିଲା। ପରେ ମୃତକଙ୍କ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ସମ୍ପୃକ୍ତ ବ୍ୟକ୍ତି ବୟାଳିଶ ମୌଜା ଶ୍ରୀକୃଷ୍ଣ ବିହାରରେ ଭଡ଼ାଘରେ ରହୁଥିଲେ। ତାଙ୍କ ମୃତ୍ୟୁର କାରଣ ଜଣାପଡ଼ିନାହିଁ। ପୋଲିସ ଏ ନେଇ ତଦନ୍ତ କରୁଛି।

### ଏସ୍‌ସିବିର ପୂର୍ବତନ ଅଧୀକ୍ଷକଙ୍କ ଗିରଫ ଦାବି

କଟକ,୧୫।୪(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲର କର୍ମଚାରୀଙ୍କ ପଦୋନ୍ନତି ଅଟକାଇବା ଓ ଜାତିଆଣ ଆକ୍ଷେପ ଅଭିଯୋଗ ଆଣି ମେଡିକାଲର ପୂର୍ବତନ ଅଧୀକ୍ଷକ ଗୌତମ ଶତପଥୀଙ୍କ ଗିରଫ ପାଇଁ ଅଖିଳ ଓଡ଼ିଶା ଏସ୍‌ସି, ଏସ୍‌ଟି, ଓବିସି ସ୍ୱାଭିମାନ ମଞ୍ଚ ଦାବି କରିଛି। ମଞ୍ଚ ପକ୍ଷରୁ ବୁଧବାର ବକ୍ସିବଜାରସ୍ଥିତ ପୋଲିସ ମୁଖ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଡିଜିଙ୍କ ଅନୁପସ୍ଥିତିରେ ଏକ ସ୍ମାରକପତ୍ର ଏଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କୁ ପ୍ରଦାନ କରାଯାଇଥିଲା। ଉକ୍ତ ଘଟଣା ନେଇ କର୍ମଚାରୀ ଜଣକ ଅଭିଯୋଗ କରିବାର ଏକମାସ ପରେ ବି ତଦନ୍ତ କିମ୍ବା କାର୍ଯ୍ୟାନୁଷ୍ଠାନ ନ ହେବାକୁ ମଞ୍ଚ ନିନ୍ଦା କରିଛି। ତୁରନ୍ତ ତଦନ୍ତ ସହ ଅଭିଯୁକ୍ତଙ୍କ ବିରୋଧରେ ଆଟ୍ରୋସିଟି ଆକ୍ଟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି କରାଯାଇଛି। ନଚେତ୍ ମଞ୍ଚ ଜୋରଦାର ଆନ୍ଦୋଳନ କରିବା ସହ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବ ବୋଲି କୁହାଯାଇଛି। ମଞ୍ଚ ସଭାପତି ସଞ୍ଜୟ କୁମାର ନାୟକଙ୍କ ନେତୃତ୍ୱରେ ଆବାହକ ବୃନ୍ଦାବନ ଦାସ ଆଜାଦ, ଆଦିବାସୀ ନେତ୍ରୀ ସୁମତି ହେମ୍ବ୍ରମ, ଟିଣ୍ଟୁ ହେମ୍ବ୍ରମ, ବାବୁ ବୈଦ୍ୟ, ତାରକ ବୈଦ୍ୟ ଓ ପରିମଳ ବୈଦ୍ୟ ପ୍ରମୁଖ ସାମିଲ ଥିଲେ।

# ଯୁବପିଢ଼ିଙ୍କ ଦକ୍ଷତା ବିକାଶରେ ଏଆଇ ପ୍ରଶିକ୍ଷଣ ଗୁରୁତ୍ୱପୂର୍ଣ୍ଣ

## ସିନର୍ଜିରେ ଆଧୁନିକ ଏଆଇ ଶିକ୍ଷାକେନ୍ଦ୍ର ଉଦ୍‌ଘାଟିତ

ଫୁଲନଖରା,୧୫।୪(ସତ୍ୟରଞ୍ଜନ ଦାସମହାପାତ୍ର)



ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅତିଥି ଓ ତାଲିମଦାତା।

ଫୁଲନଖରାସ୍ଥିତ ସିନର୍ଜି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିରେ ଆଧୁନିକ ଏଆଇ ଶିକ୍ଷାକେନ୍ଦ୍ର ଉଦ୍‌ଘାଟିତ ହେଦ୍ୟାଇଛି। ଏହି କେନ୍ଦ୍ର ଛାତ୍ରୀଛାତ୍ରଙ୍କୁ କୃତ୍ରିମ ବୁଦ୍ଧିମତ୍ତା (ଏଆଇ ) ଏବଂ ଯନ୍ତ୍ର ଶିକ୍ଷଣ (ଏମ୍‌ଏଲ୍)ରେ ପ୍ରାୟୋଗିକ ଓ ଉନ୍ନତ ଜ୍ଞାନ ଦେବାରେ ସହାୟକ ହେବ। ଏହି ଏଆଇ ଲ୍ୟାବ୍‌ଟି ନିର୍ମାଣ, ରେଡିଙ୍ଗଟନ ଓ ମାଇକ୍ରୋସଫ୍ଟ ପରି ପ୍ରମୁଖ ସଂସ୍ଥାଗୁଡ଼ିକ ସହ ସହଯୋଗରେ ସ୍ଥାପିତ ହୋଇଥିବାବେଳେ ଶିକ୍ଷା ଓ ବାସ୍ତବ ଶିଳ୍ପ ଆବଶ୍ୟକତା ମଧ୍ୟରେ ଥିବା ଅନ୍ତରକୁ ହ୍ରାସ କରିବା ପାଇଁ ଲକ୍ଷ୍ୟ ରଖିଛି। ଏହି ପ୍ରୟାସ ଅଧୀନରେ ପ୍ରତିବର୍ଷ ୨୦୦ ଜଣ ଛାତ୍ରୀଛାତ୍ରଙ୍କୁ ମେଶିନ୍ ଲର୍ଣ୍ଣିଙ୍ଗ, ଡାଟା ସାଇନ୍ସ ଓ ଇଣ୍ଟେଲିଜେଣ୍ଟ ସିଷ୍ଟମ୍ସ ପରି ଆଧୁନିକ ଏଆଇ ପ୍ରଯୁକ୍ତିରେ ପ୍ରଶିକ୍ଷଣ ଦିଆଯିବ। ଏଥିରେ ପ୍ରାୟୋଗିକ ଶିକ୍ଷା, ଶିଳ୍ପମୁଖୀ ପାଠ୍ୟକ୍ରମ ଓ ରିଅଲ୍-ଟାଇମ୍ ପ୍ରକଳ୍ପ ଅନୁଭବକୁ ବିଶେଷ ଗୁରୁତ୍ୱ ଦିଆଯିବ, ଯାହା ଛାତ୍ରୀଛାତ୍ରଙ୍କ କୌଶଳକୁ ବୃଦ୍ଧି କରିବ। ଏହି ଅବସରରେ ପ୍ରତିଷ୍ଠାନର ଚେୟାରମ୍ୟାନ ବିନୋଦ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତ୍ରିମ ବୁଦ୍ଧିମତ୍ତା ଓ ଯନ୍ତ୍ର ଶିକ୍ଷଣର ଆବଶ୍ୟକତା ଓ ଭବିଷ୍ୟତ ଗୁରୁତ୍ୱ ବିଷୟରେ ମତ ପ୍ରକାଶ କରିଥିଲେ। ନିର୍ଦ୍ଦେଶକ ଚିତ୍ରସେନ ଜଗତଦେବ, ଅଧ୍ୟକ୍ଷ ପ୍ରଫେସର ଡ. ଅଶ୍ୱିନୀ କୁମାର ମହାନ୍ତି ଛାତ୍ରୀଛାତ୍ରଙ୍କୁ ଏହି ସୁଯୋଗକୁ ଉପଯୋଗ କରି ଆଗାମୀ ଦିନରେ ପ୍ରଯୁକ୍ତି କ୍ଷେତ୍ରରେ ସ୍ୱୟଂକୁ ସ୍ଥାପିତ କରିବାକୁ ପ୍ରେରିତ କରିଥିଲେ। ନିର୍ମାଣ ଅନୁଷ୍ଠାନର ଜୋନାଲ ହେଡ୍ ବିରଞ୍ଚି କୁମାର ସାହୁ, କେନ୍ଦ୍ରୀୟ ପରିଚାଳକ ପ୍ରତ୍ୟୁଷ କୁମାର ରଥ, ପ୍ରଶିକ୍ଷକ କିଶନ କୁମାର ଜେନା ଓ ମିହିର ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। କମ୍ପ୍ୟୁଟର ସାଇନ୍ସ ବିଭାଗର ମୁଖ୍ୟ ପ୍ରଫେସର ଅମଳେନ୍ଦୁ ବାଗ ଏହି କେନ୍ଦ୍ର ସ୍ଥାପନାବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ କମ୍ପ୍ୟୁଟର ସାଇନ୍ସ ବିଭାଗର ପ୍ରଫେସର ରଶ୍ମିରଞ୍ଜନ ମହାନ୍ତି ଓ ପ୍ରଫେସର ସ୍ୱୀକୃତି ଦାଶ ପରିଚାଳନା କରିଥିଲେ।


ଡ୍ରିମ୍‌ସରେ ବିଷୁବ ମିଳନ ଏବଂ ହନୁମାନ ଜୟନ୍ତୀ ପାଳନ ଅବସରରେ ଉପସ୍ଥିତ ଅନୁଷ୍ଠାନର କର୍ମକର୍ତ୍ତା, ଅଧ୍ୟାପିକା, ଅଧ୍ୟାପକ ଏବଂ ଛାତ୍ରୀଛାତ୍ରମାନେ।

### କଟକ ସଦର ବିଧାୟକଙ୍କ ଜନଶୁଣାଣି ଶିବିର

କଟକ ସଦର,୧୫।୪(ସୁଶାନ୍ତ କୁମାର ଜେନା)

କିଶନନଗର ତହସିଲ କାର୍ଯ୍ୟାଳୟରେ ବୁଧବାର କଟକ ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀଙ୍କ ଜୋନସ୍ତରୀୟ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୩୫ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ତନ୍ମଧ୍ୟରୁ ଆବାସ ଯୋଜନା, ରାଶନ କାର୍ଡ, ବିଧବା ଓ ବାର୍ଦ୍ଧକ୍ୟ ଭତ୍ତା, କିଶୋରନଗର ସ୍ୱାସ୍ଥ୍ୟକେନ୍ଦ୍ର ଓ ଖେଳପଡ଼ିଆ ସମସ୍ୟା ଉପରେ ଶୁଣାଣି କରାଯାଇଥିଲା। ତୁରନ୍ତ ସମସ୍ୟାର ସମାଧାନ କରିବା ପାଇଁ ବିଧାୟକ ସେଠୀ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। କଟକ ସଦର ବିଡିଓ ପ୍ରତୀକ ସାହୁ ଏବଂ କିଶନନଗର ତହସିଲଦାର କ୍ଷୀରୋଦ ଚନ୍ଦ୍ର ଦାଶଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

### ରେଭେନ୍‌ଶା ଶିକ୍ଷା ବିଭାଗରେ ଆଲୋଚନାଚକ୍ର

କଟକ,୧୫।୪(କୁମାରଶ୍ରୀ)

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଶିକ୍ଷା ବିଭାଗ ପକ୍ଷରୁ ‘ଶିକ୍ଷାରେ ଲିଙ୍ଗ ଚର୍ଚ୍ଚା’ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଦିଲ୍ଲୀସ୍ଥିତ ଜାମିଆ ମିଲିଆ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଫେସର ଭାରତୀ ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଲିଙ୍ଗ ଏକ ସାମାଜିକ ବିଚାର, ଯାହା ସମାଜ ଓ ସଂସ୍କୃତି ଦ୍ୱାରା ପ୍ରଭାବିତ। ନାରୀମାନେ ପାରମ୍ପରିକ ଭୂମିକାରେ ସୀମିତ ନ ରହି ସମାନ ଶକ୍ତି, କ୍ଷମତା ଓ ଦାୟିତ୍ୱରେ ପ୍ରକଟିତ ହେବା ଆବଶ୍ୟକ। ପ୍ରଫେସର ଶର୍ମା ସମାଜରେ ବ୍ୟାପ୍ତ ଲିଙ୍ଗ ବିଷମତା ଓ ତା’ର ଐତିହାସିକ ପରିପ୍ରେକ୍ଷୀକୁ ଉଲ୍ଲେଖ କରିବା ସହ ଭାରତୀୟ ସାହିତ୍ୟ ଓ ସଂସ୍କୃତିରେ ନାରୀଶକ୍ତିର ଉଦାହରଣ ଦେଇଥିଲେ। ଆଧୁନିକ ଭାରତରେ ସମ୍ବିଧାନ ପ୍ରଣେତା ଭୀମ ରାଓ ଆମ୍ବେଡକରଙ୍କ ପ୍ରଚେଷ୍ଟାରେ ଆଇନଗତ ପ୍ରାବଧାନ ଓ ପରବର୍ତ୍ତୀ ସଂଶୋଧନ ଲିଙ୍ଗ ନ୍ୟାୟକୁ ସୁଦୃଢ଼ କରିଛି। ରାଷ୍ଟ୍ରୀୟ ଶିକ୍ଷା ନୀତି-୨୦୨୦ ଅନ୍ତର୍ଗତ ‘ବେଟି ବଚାଓ ବେଟି ପଢ଼ାଓ’ ପରି ଯୋଜନାଗୁଡ଼ିକ ନାରୀ ସଶକ୍ତୀକରଣକୁ ସଶକ୍ତ କରିଛି ବୋଲି ପ୍ରଫେସର ଭାରତୀ କହିଥିଲେ। ବିଭାଗୀୟ ବରିଷ୍ଠ ପ୍ରାଧ୍ୟାପକ ଡ. ବିକଳି ଚରଣ ଦାସ କର୍ମଶାଳାର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଡ.ଗୀତାଞ୍ଜଳି ମହାନ୍ତି ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଡ. ଦଧିବାମନ ଜାଲି ଧନ୍ୟବାଦ ଦେଇଥିବାବେଳେ ଡ. ତନୁଶ୍ରୀ ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ‘ଗେରୁଆ ପୋଷାକ ପିନ୍ଧିଲେ କେହି ବାବା ହୋଇଯିବେନି’

କଟକ,୧୫।୪(ଶିଳ୍ପା ପ୍ରିୟଦର୍ଶିନୀ)

## ପ୍ରଭାତଙ୍କୁ କଡ଼ା ସମାଲୋଚନା କଲେ ପ୍ରଫୁଲ୍ଲ

କଟକ ଜିଲା ବିଜେଡି ସଭାପତି ପ୍ରଫୁଲ୍ଲ ସିଂ ପୂର୍ବତନ ବିଧାୟକ ଡ. ପ୍ରଭାତ ବିଶ୍ୱାଳଙ୍କୁ ସିଧାସଳଖ ଟାର୍ଗେଟ କରିବା ସହ ପ୍ରଣବ ପ୍ରକାଶ ଦାସ (ବବି)ଙ୍କ ମନ୍ତବ୍ୟରେ ସହମତି ପ୍ରକାଶ କରିଛନ୍ତି। ଦୋଳମୁଣ୍ଡାଇସ୍ଥିତ ଜିଲା ବିଜେଡି କାର୍ଯ୍ୟାଳୟରେ ଗଣମାଧ୍ୟମକୁ ପ୍ରଫୁଲ୍ଲ କହିଛନ୍ତି ଯେ, ପ୍ରଭାତଙ୍କୁ ଦଳ ୪ଥର ବିଧାୟକ କରିଛି। ହେଲେ ସେ ଦଳ ପ୍ରତି ବେଇମାନି ଓ ବିଶ୍ୱାସଘାତକତା କରିଛନ୍ତି। ଦଳ କେବଳ ତାଙ୍କୁ ନୁହେଁ, ତାଙ୍କ ସ୍ତ୍ରୀଙ୍କୁ ଜିଲାପରିଷଦ ଅଧ୍ୟକ୍ଷା ଏବଂ ପୁଅ ସୌଭିକ ବିଶ୍ୱାଳଙ୍କୁ ମଧ୍ୟ ଟିକେଟ ଦେଇ ବିଧାୟକ କରିଛି। ପ୍ରଭାତ ରାଜ୍ୟ ସଭାରେ ବିଜେଡିକୁ ଭୋଟ ଦେବା ପାଇଁ ରାଜନଗର ବିଧାୟକ ଧ୍ରୁବ ସାହୁଙ୍କ ଜରିଆରେ ୮କୋଟି ଟଙ୍କା ମାଗିଥିଲେ ଏବଂ ଏବେ ବବି ଏହି ଘଟଣାର ଗୁମର ଖୋଲିଛନ୍ତି। ହେଲେ ପ୍ରଭାତ ଏ ପ୍ରସଙ୍ଗକୁ ଏଡ଼ାଇ ଓଲଟା ବବିଙ୍କୁ ସମାଲୋଚନା କରିବା ସହ ତାଙ୍କ ଚେଲା କହିବା ନିନ୍ଦନୀୟ। ବବି ସାଂଗଠନିକ ସମ୍ପାଦକ ଥିବା ସମୟରେ ପ୍ରଭାତ ଓ ତାଙ୍କ ପରିବାର ଲୋକଙ୍କୁ ବହୁ ସହଯୋଗ କରିଛନ୍ତି। ପ୍ରଭାତ ବାବୁ ଯେଉଁ ଗେରୁଆ ପୋଷାକ କଥା ଉଠାଇ ଆସୁଛନ୍ତି, ସେ ନିଜେ ଜାଣିବା ଆବଶ୍ୟକ ଯେ କେହି ଗେରୁଆ ପୋଷାକ ପରିଧାନ କଲେ ବାବା ହୋଇ ଯିବେନି ବରଂ ବାବା ହେବାକୁ ହେଲେ ନୀତିନିଷ୍ଠ ହେବା ଜରୁରୀ। ପ୍ରଭାତଙ୍କ ଭଳି ବିଶ୍ୱାସଘାତକ ବ୍ୟକ୍ତିଙ୍କୁ କେବେ ଜନସାଧାରଣ ଗ୍ରହଣ କରିବେ ନାହିଁ ବୋଲି ସିଂ କହିଛନ୍ତି। ଅନ୍ୟପଟେ ଏ ସମ୍ପର୍କରେ ପ୍ରଭାତ ବିଶ୍ୱାଳଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ଡା. ହରିହର ପଣ୍ଡାଙ୍କୁ ରଚିକ ସମ୍ମାନ

## ମା’ଚର୍ଚ୍ଚିକା ସାଂସ୍କୃତିକ ପରିଷଦର ବାର୍ଷିକ ଉତ୍ସବ

ବାଙ୍କୀ,୧୫।୪(ଜ୍ଞାନେନ୍ଦ୍ର ମୋହନ ମିଶ୍ର)



ଉତ୍ସବରେ ଡା. ହରିହର ପଣ୍ଡାଙ୍କୁ ରଚିକ ସମ୍ମାନ ପ୍ରଦାନ କରାଯାଉଛି।

ବାଙ୍କୀର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ମା’ଚର୍ଚ୍ଚିକା ସାଂସ୍କୃତିକ ପରିଷଦର ୨୩ତମ ବାର୍ଷିକ ଉତ୍ସବ ମଙ୍ଗଳବାର ମା’ଚର୍ଚ୍ଚିକା ପୀଠରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଚଳିତ ବର୍ଷ ବିଶିଷ୍ଟ ଡା. ହରିହର ପଣ୍ଡାଙ୍କୁ ରଚିକ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। ଉତ୍ସବରେ ଅନୁଷ୍ଠାନର ପ୍ରତିଷ୍ଠାତା ହୃଦାନନ୍ଦ ରଣାଙ୍କ ତତ୍ତ୍ୱାବଧାନରେ ଓ ମା’ଚର୍ଚ୍ଚିକା ମନ୍ଦିର ପରିଚାଳନା କମିଟି ସଭାପତି ତଥା ଉପନଗରପାଳ ସନ୍ତୋଷ କୁମାର ରଣା ସଭାପତିତ୍ୱ କରିବା ସହିତ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢ଼ୀ, ସମ୍ମାନିତ ଅତିଥି ଭାବେ ବାଙ୍କୀ କଲେଜର ପୂର୍ବତନ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ଅତିଥି ଭାବେ ମନ୍ଦିର ଟ୍ରଷ୍ଟି କାଳନ୍ଦୀ ଚରଣ ମହାପାତ୍ର, ସମ୍ପାଦକ ନୀଳମଣି ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏଥିସହ ଖବରଦାତା ପ୍ରଭାତ ବିଶୋଇଙ୍କୁ ନାରଦ ସମ୍ମାନ ଓ ସେବାୟତ ସ୍ୱର୍ଗତ ପ୍ରଶାନ୍ତ ମହାପାତ୍ରଙ୍କୁ ମରଣୋତ୍ତର ସେବାୟତ ସମ୍ମାନ ଏବଂ ମନ୍ଦିରସାହି ପ୍ରାଥମିକ ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରଙ୍କୁ ଅନୁଷ୍ଠାନ ପକ୍ଷରୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ପ୍ରକାଶ ଚନ୍ଦ୍ର ରଣା, ଗଣେଶ୍ୱର ରଣା, ପ୍ରଦୀପ ରଣା ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ବିଜୟ କୃଷ୍ଣ ସାହୁ ଓ ତାଙ୍କ ସାଥୀମାନଙ୍କ ଦ୍ୱାରା ଭଜନ ପରିବେଷଣ ହୋଇଥିଲା।

# ‘ସାରସ୍ୱତ ଗବେଷଣାରେ ଦୋଳଗୋବିନ୍ଦ ଶାସ୍ତ୍ରୀଙ୍କ ଭୂମିକା ଅନନ୍ୟ’


ଲେଖିକା ଡ. ହେନେରିଟା ମିଶ୍ରଙ୍କୁ ଡ. ଦୋଳଗୋବିନ୍ଦ ଶାସ୍ତ୍ରୀ ସାରସ୍ୱତ ସମ୍ମାନ ପ୍ରଦାନ କରାଯାଉଛି।

କଟକ,୧୫।୪(କାର୍ତ୍ତିକ ସାହୁ)

ସାରସ୍ୱତ ସାଧକ ଡ. ଦୋଳଗୋବିନ୍ଦ ଶାସ୍ତ୍ରୀଙ୍କ ସାରସ୍ୱତ ସନ୍ଧ୍ୟା ଓ ସମ୍ମାନ ପ୍ରଦାନ ସମାରୋହ ସାରଳା ଭବନରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଡ. ଦୋଳଗୋବିନ୍ଦ ଶାସ୍ତ୍ରୀ ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ଉତ୍ସବକୁ ମୁଖ୍ୟ ଅତିଥି ଭାବେ ହାଇକୋର୍ଟର ପୂର୍ବତନ ବିଚାରପତି ବିଜୟ କୁମାର ନାୟକ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସାରସ୍ୱତ ଗବେଷଣା କ୍ଷେତ୍ରରେ ଡ. ଦୋଳଗୋବିନ୍ଦ ଶାସ୍ତ୍ରୀଙ୍କ ଭୂମିକା ଅନନ୍ୟ ବୋଲି ସେ କହିଥିଲେ। ଫାଉଣ୍ଡେଶନର ସଭାପତି ଡ. ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଡ. ଧରଣୀଧର ନାଥ ଯୋଗଦେଇ କହିଲେ ଯେ, ପ୍ରାଚୀନ କାଳର କୀର୍ତ୍ତି ଓ ଐତିହ୍ୟର ମୂଲ୍ୟାୟନ, ଗବେଷଣା କ୍ଷେତ୍ରରେ ଡ. ଶାସ୍ତ୍ରୀଙ୍କ ଉଲ୍ଲେଖନୀୟ ଅବଦାନ ରହିଛି। ମୁଖ୍ୟବକ୍ତା ଡ. ନାରାୟଣ ପଣ୍ଡା କହିଲେ, ଡ. ଶାସ୍ତ୍ରୀ ଓଡ଼ିଆ ସାହିତ୍ୟର ପ୍ରାଚୀନତା ଓ ବଙ୍ଗଳା ସାହିତ୍ୟ, ସଂସ୍କୃତ ବ୍ୟାକରଣରେ ବିଦ୍ୱତ୍ତା ତଥା ପାଣ୍ଡିତ୍ୟର ଅଧିକାରୀ ଥିଲେ। ସଫଳ ଶିକ୍ଷାବିତ, ପଣ୍ଡିତ ଓ ଜ୍ଞାନ ତପସ୍ୱୀ ଭାବେ ଦୋଳଗୋବିନ୍ଦ ସୁବିଦିତ ଥିଲେ ବୋଲି ସଭାପତି ଡ. ସ୍ୱାଇଁ କହିଥିଲେ। ଏହି ଅବସରରେ ଲେଖିକା ଡ. ହେନେରିଟା ମିଶ୍ରଙ୍କୁ ଚଳିତ ବର୍ଷର ଡ. ଦୋଳଗୋବିନ୍ଦ ଶାସ୍ତ୍ରୀ ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଥିଲା। ଫାଉଣ୍ଡେଶନର ଉପସଭାପତି ସଂଜିତ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ଓ ସମ୍ପାଦକ ଡ. ଚୌଧୁରୀ ସତ୍ୟ ଦାସ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଡ. ମଞ୍ଜୁଶ୍ରୀ ଶାସ୍ତ୍ରୀ ମାନପତ୍ର ପାଠ କରିଥିବାବେଳେ ଇଂ. ଚୌଧୁରୀ ସମ୍ପତ ଦାସ ଧନ୍ୟବାଦ ଦେଇଥିଲେ।

# ଡିପିଏସ୍ କଳିଙ୍ଗାର ଉତ୍ତୀର୍ଣ୍ଣ ହାର ଶତପ୍ରତିଶତ


ଅନ୍ୱେଷା ମହାନ୍ତି


ଅକ୍ଷରା ରାୟ


ଅନୁପମ ସାହୁ

ଫୁଲନଖରା,୧୫।୪(ସତ୍ୟରଞ୍ଜନ ଦାସମହାପାତ୍ର)


ଅନୁରାଗ ସିଂ


ଜାନ୍‌ବୀ ବେହେରା

ଚଳିତବର୍ଷର ସିବିଏସ୍‌ଇ ଦଶମଶ୍ରେଣୀ ବୋର୍ଡ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ଡିପିଏସ୍ କଳିଙ୍ଗାର ଉତ୍ତୀର୍ଣ୍ଣ ହାର ଶତ ପ୍ରତିଶତ ହୋଇଥିବାରୁ ଅଭିଭାବକ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଛି। ଚଳିତ ବର୍ଷ ମୋଟ ୨୫୧ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧୦୨ ଜଣ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଛନ୍ତି। ସେହିପରି ୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ୯୫ ପ୍ରତିଶତରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଅନ୍ୱେଷା ମହାନ୍ତି ୯୯.୮% ନମ୍ବର ରଖି ସର୍ବୋଚ୍ଚ ସ୍ଥାନ ହାସଲ କରିଥିବାବେଳେ ଅକ୍ଷରା ରାୟ ୯୯.୪% ନମ୍ବର ରଖି ଦ୍ୱିତୀୟ, ଅନୁପମ ସାହୁ, ଅନୁରାଗ ସିଂ ଓ ଜାନ୍‌ବୀ ବେହେରା ୯୯.୨% ନମ୍ବର ରଖି ବିଦ୍ୟାଳୟରେ ତୃତୀୟ ଏବଂ ଅଶ୍ମିଲ୍ ରାଉତରାୟ ୯୯% ନମ୍ବର ରଖି ଚତୁର୍ଥ ସ୍ଥାନ ହାସଲ କରିଛନ୍ତି। ବିଦ୍ୟାଳୟର ଏହି ଉଲ୍ଲେଖନୀୟ ସଫଳତା ପାଇଁ ପ୍ରୋ-ଭାଇସ୍ ଚେୟାରପର୍ସନ୍ ମାଳା ମିଶ୍ର, କାର୍ଯ୍ୟନିର୍ବାହୀ ଟ୍ରଷ୍ଟି ସୁନୟନା ପାତ୍ରୋ, ଅଧ୍ୟକ୍ଷ ଶୁଭବ୍ରତ ମୁଖାର୍ଜୀ, ଉପାଧ୍ୟକ୍ଷ ସଞ୍ଜୟ କୁମାର ଜେନା, ସ୍ୱାତୀ ନାଥ ଏବଂ ପ୍ରଧାନ ଶିକ୍ଷକ ମୁସ୍ତାକ୍ ଅହମ୍ମଦ ପ୍ରମୁଖ ଛାତ୍ରୀଛାତ୍ରମାନଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି।

# ପରୀକ୍ଷାଫଳକୁ ନେଇ ଛାତ୍ରୀଛାତ୍ର ଉତ୍ସାହିତ

## ଜିଜ୍ଞାସା, ପାର୍ଥ ପ୍ରୀତମଙ୍କ କୃତିତ୍ୱ ୯୯.୬%

କଟକ,୧୫।୪(କାର୍ତ୍ତିକ ସାହୁ)

ସିବିଏସ୍‌ଇ ଦଶମ ପରୀକ୍ଷାଫଳ ବୁଧବାର ପ୍ରକାଶ ପାଇବା ପରେ କଟକସ୍ଥିତ ଶିକ୍ଷାନୁଷ୍ଠାନଗୁଡ଼ିକର ଅଭୂତପୂର୍ବ ସଫଳତାରେ ଛାତ୍ରୀଛାତ୍ରମାନେ ଉଲ୍ଲସିତ ଓ ଉତ୍ସାହିତ ହୋଇଛନ୍ତି। ବିଦ୍ୟାଳୟ ପରିସରରେ ଖୁସିର ମାହୋଲ ଦେଖିବାକୁ ମିଳିଛି। ମିଠାବଣ୍ଟା ସହ ଖୁସିରେ ପରସ୍ପରକୁ କୋଳାଗ୍ରତ ହେବାର ଦୃଶ୍ୟ ପରିଲକ୍ଷିତ ହୋଇଛି।

**ସିଡିଏ ଡିଏଭି ପବ୍ଲିକ ସ୍କୁଲ**

ବିଦ୍ୟାଳୟର ମୋଟ ୩୭୫ ଛାତ୍ରୀଛାତ୍ର ଦଶମଶ୍ରେଣୀ ପରୀକ୍ଷା ଦେଇଥିଲେ। ଛାତ୍ରୀ ଜିଜ୍ଞାସା ଜିଗୀଷା ବେହେରା ୯୯.୬% ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ପ୍ରିୟଙ୍କା ଚୌଧୁରୀ ୯୮.୬% ରଖି ଦ୍ୱିତୀୟ ଏବଂ ଅଙ୍କିତା ଅଧିକାରୀ ଓ ସ୍ନେହାଂଶୁ ବେହେରା ୯୮.୪% ନମ୍ବର ରଖି ଯୁଗ୍ମ ତୃତୀୟ ହୋଇଛନ୍ତି। ୧୦ ଜଣ ୯୮%ରୁ ଅଧିକ, ୬୯ ଜଣ ୯୫%ରୁ ଅଧିକ ଏବଂ ୧୩୬ ଜଣ ୯୦%ରୁ ଅଧିକ ନମ୍ବର ପାଇ ବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି।

**ନୂଆବଜାର ସେଣ୍ଟ ଜାଭିୟର୍ସ ସିନିୟର ସେକେଣ୍ଡାରୀ ସ୍କୁଲ**

ଚଳିତ ବର୍ଷ ସମସ୍ତ ୨୦୫ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ୯୫%ରୁ ଊର୍ଦ୍ଧ୍ୱ ୨୪ ଜଣ, ୯୦%ରୁ ଊର୍ଦ୍ଧ୍ୱ ୫୩ ଜଣ, ୮୦% ରୁ ଊର୍ଦ୍ଧ୍ୱ ୭୮ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି । ଛାତ୍ର ପାର୍ଥ ପ୍ରୀତମ ପତି ସର୍ବୋଚ୍ଚ ୯୯.୬% ରଖି ପ୍ରଥମ ହୋଇଛନ୍ତି। ଆଦ୍ୟାଶା ବିଶ୍ୱାଳ ଓ କୀର୍ତ୍ତିରାଜ ପ୍ରଧାନ ୯୭.୮% ରଖି ଦ୍ୱିତୀୟ ଓ ସୋନାକ୍ଷି ଲେଙ୍କା ୯୭.୬ % ରଖି ତୃତୀୟ ହୋଇଛନ୍ତି।

**ଗଣ୍ଡରପୁର ଏଲ୍‌ଆର୍ ଡିଏଭି ପବ୍ଲିକ ସ୍କୁଲ**

କୃତକାର୍ଯ୍ୟ ହୋଇଥିବା ସମସ୍ତ ୧୮୪ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୮ଜଣ ୯୮%ରୁ ଅଧିକ, ୫୭ ଜଣ ୯୦%ରୁ ଅଧିକ, ୩୧ ଜଣ ୯୫%ରୁ ଅଧିକ, ୧୧୨ ଜଣ ୮୦% ଏବଂ ୧୬୮ ଜଣ ୬୦%ରୁ ଅଧିକ ନମ୍ବର ରଖିଛନ୍ତି। ବର୍ଷା ପ୍ରିୟଦର୍ଶିନୀ ଏବଂ ସାନ ସାହିଲ ଦାସ ୯୮.୬ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟରେ ଯୁଗ୍ମ ଟପ୍ପର ହୋଇଛନ୍ତି। ଜ୍ଞାନଜ୍ୟୋତି ସିଂହ ଓ ପ୍ରତ୍ୟାଶା ମହାନ୍ତି ୯୮.୪ ଲେଖାଏ ନମ୍ବରରେ ଯୁଗ୍ମ ଦ୍ୱିତୀୟ ଏବଂ କୌସ୍ତୁଭ ସାସମଲ, ସ୍ୱୟଂଶୁ ଶ୍ରୀୟାନ ନାୟକ ଓ ଶ୍ରୀୟା ପଣ୍ଡା ୯୮.୨ ପ୍ରତିଶତ ନମ୍ବର ରଖି ଯୁଗ୍ମ ତୃତୀୟ ହୋଇଛନ୍ତି।

**ବାରବାଟୀ ଷ୍ଟାଡିୟମ ସେଣ୍ଟ ଜାଭିୟର୍ସ ସିନିୟର ସେକେଣ୍ଡାରୀ ସ୍କୁଲ**

ଶତ ପ୍ରତିଶତ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଶ୍ରେୟା ସାମନ୍ତରାୟ ୯୯% ନମ୍ବର ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ୯୦%ରୁ ଅଧିକ ନମ୍ବର ରଖି ପାସ୍ କରିଛନ୍ତି। ବିଦ୍ୟାଳୟର ଅଧ୍ୟକ୍ଷ ଡ. ପ୍ରିୟଦର୍ଶୀ ନାୟକ ଓ ସେଣ୍ଟ ଜାଭିୟର୍ସ ଗ୍ରୁପ୍ ଅଫ୍ ସ୍କୁଲର ମହାନିର୍ଦ୍ଦେଶକ ଡ. ଜି.ଏସ୍. ପଟ୍ଟନାୟକ ଉପସ୍ଥିତ ରହି ପିଲାଙ୍କୁ ଉତ୍ସାହିତ କରିଥିଲେ।

**ଜରିପଡ଼ା କ୍ରୀଷ୍ଣମୂର୍ତ୍ତି ୱାର୍ଲ୍ଡ ସ୍କୁଲ**

ସମସ୍ତ ୬୬ ଜଣ ଛାତ୍ରୀଛାତ୍ର କୃତକାର୍ଯ୍ୟ ହେବା ସହ ପରୀକ୍ଷାଫଳ ଶତ ପ୍ରତିଶତ ହୋଇଛି। ଶୁଭଶ୍ରୀ ସାହୁ ୯୯% ନମ୍ବର ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ୧୩ଜଣ ୯୦%ରୁ ଅଧିକ, ୧୮ଜଣ ୮୦%ରୁ ଅଧିକ, ୧୫ଜଣ ୭୦%ରୁ ଅଧିକ ଏବଂ ୧୬ଜଣ ୬୦%ରୁ ଅଧିକ ମାର୍କ ରଖିଛନ୍ତି।

**ବିଦ୍ୟାଧରପୁର ଗ୍ଲୋବାଲ ଇଣ୍ଡିଆନ ମଡେଲ ସ୍କୁଲ**

ପରୀକ୍ଷାଫଳ ଶତପ୍ରତିଶତ ହୋଇଥିବାବେଳେ ଦେବହୂତା ସେଠୀ ୯୮% ନମ୍ବର ରଖି ସ୍କୁଲ ଟପ୍ପର ହୋଇଛନ୍ତି। ଅଂଶୁମାନ ଘଡ଼ାଇ ୯୭% ନମ୍ବର ରଖି ଦ୍ୱିତୀୟ ଏବଂ ସୁଭଦ୍ରିକା ମହାନ୍ତି ଓ ଦିପ୍ତିମୟୀ ସ୍ୱାଇଁ ୯୬% ନମ୍ବର ରଖି ଯୁଗ୍ମ ତୃତୀୟ ହୋଇଛନ୍ତି। କୃତକାର୍ଯ୍ୟ ହୋଇଥିବା ସମସ୍ତ ୫୬ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୯ଜଣ ୯୦%ରୁ ଅଧିକ, ୧୫ଜଣ ୮୫%ରୁ ଅଧିକ ଏବଂ ୨୫ ଜଣ ୮୦%ରୁ ଅଧିକ ନମ୍ବର ରଖିଛନ୍ତି।


ରାଣୀହାଟ ପ୍ରଫେସରପଡ଼ା ଶଗଡ଼ିଆ ସାହିରେ ଚତୁର୍ଥ ବାର୍ଷିକ ମୁଖାମେଳଣ ଶୋଭାଯାତ୍ରା। (ଫଟୋ: ରାଜକିଶୋର ମହାନ୍ତି)

## ଆମ୍ବେଡକରଙ୍କ ନୀତି, ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ

ନିରାକାରପୁର,୧୫।୪(ମାନସ ଚନ୍ଦ୍ର ପଟ୍ଟନାୟକ)

ଡିଆ ପଞ୍ଚାୟତ ଅନ୍ତର୍ଗତ ଛତ୍ରପତି ସାହୁଜୀ ମହାରାଜ ୟୁଥ୍ କ୍ଲବ ଆନୁକୂଲ୍ୟରେ ଡ.ବିଆର୍ ଆମ୍ବେଡକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ମନୋଜ ନାୟକ ସଭାପତିତ୍ୱ କରିଥିଲେ। ଅତିଥିଭାବେ ଇଂ.ପୀତବାସ ସେଠୀ, ଡା. ସୁବାସ ସୁତାର, ଡିଆ ସରପଞ୍ଚ ପ୍ରଶାନ୍ତ ବେହେରା, ଟାଙ୍ଗୀ ବ୍ଲକ ଉପାଧ୍ୟକ୍ଷ ଦୂରୁପ୍ରସାଦ ନାଥଶର୍ମା, ସିପିଆଇଏମ୍ ନେତା ବିଧୁଭୂଷଣ ମହାରଣା ପ୍ରମୁଖ ଯୋଗଦେଇ ଆମ୍ବେଡକରଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ପରାମର୍ଶ ଦେଇଥିଲେ। ବଳରାମ ନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ଉପଦେଷ୍ଟା ଆର୍ତ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। କାହ୍ନୁ ଚରଣ ନାୟକ, ନୀତେଶ ନାୟକଙ୍କ ସମେତ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ସିଡିଏମ୍ଓ ଅଫିସ୍ ଆଗରେ ଜମିଛି ଆବର୍ଜନା ପାଣି

- ଦୁର୍ଗନ୍ଧରେ ଫାଟିପଡ଼ିଛି ପରିବେଶ
- ପୌର ପ୍ରଶାସନ ଦୃଷ୍ଟି ଦେବାକୁ ଦାବି
- ସହରରେ ଡ୍ରେନ୍ ଜବରଦଖଲ ଯୋଗୁ ବଢ଼ୁଛି ସମସ୍ୟା

ଖୋର୍ଦ୍ଧା,୧୫।୪(ପ୍ରଭାତ ପାଣିଗ୍ରାହୀ)



ଖୋର୍ଦ୍ଧା ସହରରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏକାଧିକ ଡ୍ରେନ୍ ଜବରଦଖଲ ରହିଥିବା ବେଳେ ଦୋକାନ ଗଢ଼ିଉଠିଥିବାରୁ ଡ୍ରେନ୍ ପାଣି ନିଷ୍କାସନ ହୋଇ ନ ପାରି ରାସ୍ତାରେ ଜମିରହୁଛି। ଏହାର ଉଦାହରଣ ସିଡିଏମ୍ଓ ଅଫିସ୍ ଆଗରେ ଦେଖିବାକୁ ମିଳିଛି। ଗତ ୫ ଦିନ ହେବ ଅଫିସ୍ ଆଗରେ ଆବର୍ଜନା ପାଣି ଜମିରହିଛି। ଖୋର୍ଦ୍ଧା ଜେଲ୍ ଭିତରେ ଥିବା ପାଇଖାନା ଟାଙ୍କି ଫାଟି ପାଣି ନିଷ୍କାସନ ହୋଇ ନ ପାରି ସିଡିଏମ୍ଓଙ୍କ କାର୍ଯ୍ୟାଳୟ ସମ୍ମୁଖଠାରୁ ପେଟ୍ରୋଲ ପମ୍ପ୍ ପର୍ଯ୍ୟନ୍ତ ରାସ୍ତାରେ ନର୍ଦ୍ଦମା ପାଣି ଜମି ପୂତିଗନ୍ଧମୟ ହୋଇପଡ଼ିଛି। ତେବେ ଏନେଇ ସିଡିଏମ୍ଓଙ୍କ ଅଫିସ୍ ପକ୍ଷରୁ ଏଯାବତ୍ କୌଣସି ଅଭିଯୋଗ ହୋଇନାହିଁ। ଏହା ପୌର ପରିଷଦର କାମ କହି ସିଡିଏମ୍ଓ କାର୍ଯ୍ୟାଳୟ ନିଜ ଉପରୁ ଦୋଷ ଖସାଇ ଦେଇଥିବା ବେଳେ ପୌର ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଅନ୍ୟପଟେ ପୌର ପ୍ରଶାସନ ନିଜ ଉପରୁ ଦୋଷ ଖସାଇବା ପାଇଁ ସେଠାରେ ଦୁଇ ତିନିଜଣ ସଫେଇ କର୍ମଚାରୀଙ୍କୁ ଠିଆକରାଇ ଫଟୋ ଉଠାଇ ଦାୟିତ୍ୱ ସାରିଦେଇଥିବା ଜଣାପଡ଼ିଛି। କେବଳ ସିଡିଏମ୍ଓ ଅଫିସ, ପୁରୁଣା ମେଡିକାଲ ରୋଡ୍ ନୁହଁ, ବରଂ ସହରର ଏକାଧିକ ସାହି, ୱାର୍ଡରେ ସମାନ ଦୃଶ୍ୟ। ଖୋର୍ଦ୍ଧା ପୌର ପରିଷଦର ୨୨ଟି ୱାର୍ଡ ମଧ୍ୟରୁ ବହୁ ୱାର୍ଡରେ ନିୟମିତ ଭାବେ ଡ୍ରେନ୍ ସଫା କରାଯାଉନାହିଁ। ଫଳରେ ଜଳ ନିଷ୍କାସନ ହୋଇ ନ ପାରି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ମୁକୁନ୍ଦପ୍ରସାଦଠାରୁ ଗୋଡ଼ିପୋଖରୀ, ମାରୱାଡ଼ିପଟିଠାରୁ ଟ୍ରାଫିକ୍ ଛକ ପର୍ଯ୍ୟନ୍ତ ଡ୍ରେନ୍ ପୋତିହୋଇ ଗଲାଣି। ସେହିପରି ଟ୍ରାଫିକ୍ ଛକଠାରୁ ନୟାଗଡ଼ ରୋଡ୍, ନୂଆ ବସ୍ଷ୍ଟାଣ୍ଡ ପର୍ଯ୍ୟନ୍ତ ଡ୍ରେନ୍ ଜବରଦଖଲରେ ରହି ପୋତି ହୋଇଗଲାଣି। ଖୋଦ୍ ପୌର ପରିଷଦ ନିକଟରେ ଥିବା ଡ୍ରେନ୍ ଜବରଦଖଲରେ ରହିଛି। ଅନ୍ୟପଟେ କେତେଜଣ ଲୋକ ନିଜର ଆବର୍ଜନା ପାଣି ନିଷ୍କାସନ ପାଇଁ ଡ୍ରେନ ସହ ସଂଯୋଗ କରିଦେଇଥିବାରୁ ନିଷ୍କାସନ ହୋଇ ନ ପାରି ରାସ୍ତା ଉପରେ ପ୍ରବାହିତ ହେବା ଫଳରେ ଏକ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ବର୍ଷାଦିନ ପୂର୍ବରୁ ଡ୍ରେନ ମରାମତି, ସଫେଇ ପାଇଁ ଦାବି ହୋଇଛି। ଏନେଇ ପୌର ପରିଷଦ ନିର୍ବାହୀ ଅଧିକାରୀ ଦାୟିତ୍ୱରେ ରହିଥିବା ବିଡିଓ ସିଦ୍ଧାର୍ଥ ପଟ୍ଟନାୟକ କହିଛନ୍ତି, ସିଡିଏମ୍ଓ ଅଫିସ୍ ଆଗରେ କାଓ କେଚ୍(ଗୋରୁଗାଈଙ୍କ ପ୍ରବେଶ ରୋକିବା ପାଇ ଲୁହାର ରୋଲିଂ) ହଟାଇବା ପାଇଁ ସିଡିଏମ୍ଓଙ୍କୁ କୁହାଯାଇଛି। ଡ୍ରେନ୍ ପାଣି ନିଷ୍କାସନ ପାଇଁ ପ୍ରଚେଷ୍ଟା ଜାରି ରହିଛି। ବର୍ଷାଦିନ ପୂର୍ବରୁ ଡ୍ରେନ୍ ସଫେଇ ଓ ମରାମତି କରାଯିବ।

## ୪୨ ଡିଗ୍ରୀ ଛୁଇଁଲା ଟିଟିଲାଗଡ଼

### ଆହୁରି ୭ ଡିଗ୍ରୀ ବଢ଼ିବ ତାପମାତ୍ରା

### ସକାଳୁ ଖରା ସହ ଗୁଳୁଗୁଳି, ଅପରାହ୍ନରେ କାଳବୈଶାଖୀ

ଭୁବନେଶ୍ୱର, ୧୫।୪ (ବନ୍ଦନା ସେଠୀ)

ପ୍ରବଳ ଖରାରେ ସିଝୁଛି ସାରା ଓଡ଼ିଶା। ଅସ୍ତବ୍ୟସ୍ତ କରୁଛି ଗୁଳୁଗୁଳି। ତାପମାତ୍ରା ବଢ଼ି ଚାଲିଥିବାବେଳେ ବୁଧବାର ୮ ସ୍ଥାନରେ ୪୦ ଡିଗ୍ରୀ ଓ ଏହାଠାରୁ ଅଧିକ ରହିଥିଲା। ତେବେ ଚଳିତବର୍ଷ ରାଜ୍ୟର ପ୍ରଥମଥର ଟିଟିଲାଗଡ଼ରେ ତାପମାତ୍ରା ୪୨ ଡିଗ୍ରୀ ଛୁଇଁଥିବାବେଳେ ଏହା ତଳକୁ ଭବାନୀପାଟଣାରେ ୪୧.୮ ଡିଗ୍ରୀ, ଝାରସୁଗୁଡ଼ା ୪୧.୬, ସମ୍ବଲପୁର, ହୀରାକୁଦ ଓ ବଲାଙ୍ଗୀରରେ ୪୧ ଡିଗ୍ରୀ, ତାଳଚେର, ବୌଦ୍ଧ ଏବଂ ନୂଆପଡ଼ାରେ ୪୦ ଡିଗ୍ରୀ ରେକର୍ଡ ହୋଇଥିଲା। ଆଗାମୀ ୨ଦିନ ମଧ୍ୟରେ ତାପମାତ୍ରା ଆହୁରି ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ବଢ଼ିବାର ସମ୍ଭାବନା ରହିଛି। ଏହାର ୨ଦିନ ପରେ ପୁଣିଥରେ ତାପମାତ୍ରା ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ଅର୍ଥାତ୍ ୪ଦିନରେ ୭ ଡିଗ୍ରୀ ଯାଏ ତାପମାତ୍ରା ବଢ଼ିବ। ଫଳରେ ରାଜ୍ୟରେ ତାତି, ଗରମ ଓ ଗୁଳୁଗୁଳି ଅସହ୍ୟ ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

ଅପରପକ୍ଷରେ ସକାଳୁ ଖରା ଓ ଗୁଳୁଗୁଳି ଜନଜୀବନକୁ ପ୍ରଭାବିତ କରୁଥିବାବେଳେ ଅପରାହ୍ନରୁ ପୁଣି କାଳବୈଶାଖୀ ଆରମ୍ଭ ହୋଇଛି। ବୁଧବାର କିଛି ସ୍ଥାନରେ ବର୍ଷା ହୋଇଥିବାବେଳେ ରାୟଗଡ଼ା କାଶୀପୁରରେ ସର୍ବାଧିକ ୪୨.୨ ମି.ମି ରେକର୍ଡ ହୋଇଛି। ସେହିପରି ଗୁରୁବାର ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର, ଗଞ୍ଜାମ ଓ ଗଜପତି ଜିଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସହିତ ଘଡ଼ଘଡ଼ି ବିଜୁଳି ମାରିବା ନେଇ ପୂର୍ବାନୁମାନ କରାଯାଇଛି। ଏଥିସହ ୩୦ ରୁ ୪୦ କି.ମି. ବେଗରେ ବର୍ଷାର ସମ୍ଭାବନା ଥିବାରୁ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି ହୋଇଛି। ଆସନ୍ତା ୨୧ ଯାଏ କିଛି ସ୍ଥାନରେ ବର୍ଷା ଜାରି ରହିବ ବୋଲି ସୂଚନା ଦିଆଯାଇଛି।

## ହନୁମାନ ଜୟନ୍ତୀ ପାଳିତ

ବୋଲଗଡ଼,୧୫।୪(ଦେବବ୍ରତ ହୋତା)

ବୋଲଗଡ ବ୍ଲକର ବିଭିନ୍ନ ହନୁମାନ ମନ୍ଦିର ଓ ରାମ ମନ୍ଦିରରେ ସଙ୍କଟମୋଚନ ହନୁମାନଙ୍କ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଯାଇଛି। ଅଖଣ୍ଡ ଦୀପ ସ୍ଥାପନ, ୧୦୮ହନୁମାନ ଚାଳିଶା ପାଠ, ହୋମ ଯଜ୍ଞାଦି ସହିତ ପ୍ରାୟ ସମସ୍ତ ସ୍ଥାନରେ ବିଭିନ୍ନ ଫଳରେ ପ୍ରସ୍ତୁତ ପଣାକୁ ପ୍ରଭୁ ବଜରଙ୍ଗୀଙ୍କ ନିକଟରେ ଲାଗି କରି ଭକ୍ତଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା। ବୋଲଗଡ଼ ଖୋଲବନ୍ଧ ହନୁମାନ ମନ୍ଦିର, ବ୍ରଜମୋହନ ମଠ ହନୁମାନ, ସଂପୁରସ୍ଥିତ ପଥରଚକଡ଼ା ହନୁମାନ ମନ୍ଦିର, ବଡ଼ସାହି ହନୁମାନ ମନ୍ଦିର, ତାଳଦଣ୍ଡା ହନୁମାନ ମନ୍ଦିର, ଗବଡିହ ଗ୍ରାମସ୍ଥିତ ଜଖଲା ମହାବୀର ଆଶ୍ରମ, ମାଣିବନ୍ଧସ୍ଥିତ ସିଦ୍ଧ ମହାବୀର ଆଶ୍ରମ, ବୋଲଗଡ଼ ସଦର ମହକୁମା ଗୋପବନ୍ଧୁ ବିହାରସ୍ଥିତ ହନୁମାନ ମନ୍ଦିର, ଯୋଡ଼ାପଡ଼ାସ୍ଥିତ ରାମ ମନ୍ଦିର, ଦିଘିରୀ ନିକଟସ୍ଥ ଝିଙ୍କିଝି ପୀଠ ଓ ମଣ୍ଡନଗିରି ରଘୁନାଥମନ୍ଦିରରେ ହନୁମାନ ଜୟନ୍ତୀ ପାଳିତ ହୋଇଥିଲା।

## ସିବିଏସ୍ଇ ଦଶମ ପରୀକ୍ଷାରେ ଟ୍ରିପଲ ଏ ର ସଫଳତା

ଖୋର୍ଦ୍ଧା,୧୫।୪(ପ୍ରଭାତ ପାଣିଗ୍ରାହୀ)

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ(ସିବିଏସ୍ଇ) ଦ୍ୱାରା ପରିଚାଳିତ ଦଶମ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ଖୋର୍ଦ୍ଧାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଟ୍ରିପଲ ଏ ର ସମସ୍ତ ବିଦ୍ୟାର୍ଥୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ୩୫ ପ୍ରତିଶତ ଛାତ୍ରୀଛାତ୍ର ୯୦ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖିଛନ୍ତି। ବିଦ୍ୟାଳୟର ଛାତ୍ରୀ ଶରନ୍ୟା ବଳିୟାରସିଂହ ୯୮ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ଛାତ୍ରୀଛାତ୍ରଙ୍କ ଏହି ସଫଳତା ପାଇଁ ବିଦ୍ୟାଳୟର ପ୍ରତିଷ୍ଠାତା, ଅଧ୍ୟକ୍ଷା, ପରିଚାଳନା କମିଟିର କର୍ମକର୍ତ୍ତା, ଅଭିଭାବକ ଓ ବିଦ୍ୟାଳୟର ସମସ୍ତ କର୍ମଚାରୀମାନେ ଶୁଭେଚ୍ଛା ଜଣାଇଛନ୍ତି।

## ବିଶ୍ୱଶାନ୍ତି ମହାଯଜ୍ଞ

ଝାଁଳା,୧୫।୪ (ବୁଲା ବାରିକ)

ଭୁବନେଶ୍ୱର ଉପକଣ୍ଠ ରାଉତଗାଡିଆ ବୀରବନ୍ଧସ୍ଥିତ ମା'ତାରିଣୀଙ୍କ ପୀଠରେ ଅନୁଷ୍ଠିତ ନବମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଜଳଯାତ୍ରା, ଅଙ୍କୁରାରୋପଣ, ଅଧିବାସ, ସର୍ବଦେବଦେବୀ ପୂଜା ଓ ଅଗ୍ନି ସ୍ଥାପନ, ସୂର୍ଯ୍ୟପୂଜା, ଗୋପୂଜା, ମାଙ୍କ ଷୋଡ଼ଶ ଉପଚାର ଓ ପୂର୍ଣ୍ଣାହୁତି ବୈଦିକ ରୀତିରେ ସୁଚାରୁଭାବେ ସମ୍ପାଦିତ ହୋଇଥିଲା। ବାପି ପ୍ରଧାନ ଓ ତାଙ୍କ ସହଧର୍ମିଣୀ କର୍ତ୍ତାକର୍ତ୍ତୀ ଦାୟିତ୍ୱ ତୁଲାଇଥିଲେ। ଶ୍ରଦ୍ଧାଳୁ ମା'ଙ୍କ ଆଶିଷ ଭିକ୍ଷା କରିଥିଲେ।

## କୁଶପଲାରେ ମୁକ୍ତମଞ୍ଚ ନାଟକ

ବେଗୁନିଆ,୧୫।୪(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ନିକଟ କୁଶପଲା ଗ୍ରାମର ମା'ଜାଗେଶ୍ୱରୀ ମନ୍ଦିର ପରିସରରେ ପଣା ସଂକ୍ରାନ୍ତି ଅବସରରେ କଳା ସଂସଦ ପକ୍ଷରୁ ଏକଦିବସୀୟ ମୁକ୍ତମଞ୍ଚ ନାଟକ ପରିବେଷଣ ହୋଇଥିଲା। ଗ୍ରାମ୍ୟ କମିଟି ସଭାପତି ମହମ୍ମଦ ମୋହିଉଦ୍ଦିନ ଅହମ୍ମଦଙ୍କ ଅଧ୍ୟକ୍ଷତା ଓ ସମ୍ପାଦକ ଲଡ୍ଡୁ କିଶୋର ପଟ୍ଟନାୟକଙ୍କ ସଂଯୋଜନାରେ ମନୋଜ ପ୍ରଧାନ ମୁଖ୍ୟ ଅତିଥି, ଶିକ୍ଷାବିତ୍ ସୁନିଲ ପଟ୍ଟନାୟକ ମୁଖ୍ୟବକ୍ତା, ସମିତିସଭ୍ୟ ପ୍ରକାଶ ଚନ୍ଦ୍ର ବଳିୟାରସିଂହ, ଦଣ୍ଡ କମିଟି ସଭାପତି ନବ କିଶୋର ପାଣି, ସମ୍ପାଦକ ନିରଞ୍ଜନ ମାଟି, ଅବଦୁଲ ଦୟାନ ଖାନ, ଶିଶିର ଛୁଆଳସିଂହ, ସୁକାନ୍ତି ପରିଡ଼ା, ମନସୁର ଖାନ ପ୍ରମୁଖ ଅତିଥିଭାବେ ଯୋଗଦେଇ ନାଟକ ସମାଜକୁ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ଦେଇଥାଏ ବୋଲି କହିଥିଲେ। ଡ.ସମ୍ପିତ କୁମାର ସାହୁଙ୍କ ନିର୍ଦ୍ଦେଶନାରେ ନାଟକ 'କଟି କଟି ଡବଲ କଟି' ପରିବେଷଣ ହୋଇଥିଲା।


**OFFICE OF THE SUPERINTENDING ENGINEER RURAL WORKS DIVISION, BALLIGUDA** No.25001/24/2627

Government of Odisha e-Procurement Notice
Bid Identification No. Online Tender - 27/EERWD BLG/2025-26
rw_balliguda@yahoo.com

Letter No. : 3019 //RWDBLG Date : 31.03.2026

| | | | |
|---|---|---|---|
| 1 | Name of the work | : | Road Works |
| 2 | Estimated cost | : | Rs.55.80 Lakhs |
| 3 | Period of Completion | : | As per Annexure |
| 4 | Date & Time of availability of Bid documents in the Portal | : | From 16.04.2026 at 10.00 A.M. to 23.04.2026 up to 5.00 P.M. |
| 5 | Last date / Time for receipt of Bids in the Portal | : | 23.04.2026 up to 5.00 P.M. |
| 6 | Name and address of the Officer Inviting Bid | : | Executive Engineer, Rural Works Division, Balliguda |

The Bidders have to participate in **ONLINE** bidding only. Further details can be displayed from the e-procurement portal website https://www.tendersodisha.gov.in. Any addendum / corrigendum / cancellation of tender can also be seen in the said website only.

Sd./- Executive Engineer
Rural Works Division
Balliguda

OIPR-25001/25164/1/26-27/0002

**DIRECTORATE OF TEACHER EDUCATION AND SCERT: ODISHA : BHUBANESWAR**

**TENDER CALL NOTICE FOR ADMISSION PROCESS FOR THE SESSION 2026-2028 OF D.El.Ed. COURSES**

**Notice No.2230** **Date: 15.4.26**

No.27001/18/2627: Request for Proposal (RFP) are invited from reputed agencies, both from State and National Level, for selection of Service Provider for Online Examination (Computer-Based Test) for D.El.Ed. Course for the session, 2026-2028. The prospective bidders must meet the qualifying criteria mentioned in the RFP Terms of Reference (Volume I and II). They should have capacity to design, undertake/ execute Online Entrance Examination and examination process related work as prescribed in the RFP.

1. **Date of release of Tenders: 16.04.2026**
2. **Last Date for submission of tender : 06.05.2026 (05.00 P.M.)**
3. **Pre-bid meeting : 23.04.2026 (11.00 A.M.)**

Detailed terms, conditions and schedules of activities and the RFP (Volume I and II) can be seen / downloaded from the website i.e. **www.scert.odisha.gov.in.**

Sd./- Director
TE and SCERT,
Odisha, Bhubaneswar

OIPR-27001/27006/1/26-27/0001

**वरीय पुलिस अधीक्षक का कार्यालय पूर्वी सिंहभूम, जमशेदपुर**

**लापता: आवश्यक सूचना**



गुमशुदा पुरूष सुरेन्द्र तिवारी, उम्र–करीब 72 वर्ष।

उपरोक्त प्रसंग एवं विषय के संबंध में सूचित करना है कि आवेदक सह पुत्र देवेन्द्र तिवारी के द्वारा अपने पिता सुरेन्द्र तिवारी, उम्र–करीब 72 वर्ष की गुमशुदगी के संबंध में संबंधित थाना गोलमुरी में लिखित आवेदन दिया गया है। आवेदन में इनके द्वारा बताया गया कि गुमशुदा सुरेन्द्र तिवारी, उम्र–72 वर्ष, पिता–हरिनन्दन तिवारी, पता– म0 नं0–34, लाईन नं0–01 टुईलाडुंगरी, थाना–गोलमुरी, जिला– पूर्वी सिंहभूम, जमशेदपुर जो दिनांक–07.02.2026 को मिलन चौक चाण्डिल से अपने घर टुईलाडुंगरी, गोलमुरी आने के लिए निकले हैं लेकिन अभी तक घर नहीं पहुँचें हैं। आवेदक एवं इनके परिवारवालों ने अपने स्तर से काफी खोजबीन किया परन्तु कुछ पता नहीं चल सका। गुमशुदा पुरूष का हुलिया निम्न प्रकार है :–उम्र–करीब 72 वर्ष, ऊँचाई–05 फीट 07 इंच, पहनावा–हरा रंग का टी–शर्ट एवं काला रंग का पैन्ट।

अतः आप सभी जन साधारण से अनुरोध है कि उपरोक्त गुमशुदा के संबंध में किसी प्रकार की जानकारी प्राप्त होती है तो इसकी सूचना वरीय पुलिस अधीक्षक, पूर्वी सिंहभूम, जमशेदपुर के कार्यालय में निम्नांकित फोन नम्बर पर सूचित करें।

| | |
|---|---|
| वरीय पुलिस अधीक्षक, पूर्वी सिंहभूम, जमशेदपुर | : 0657–2431006 |
| पुलिस अधीक्षक, नगर, पूर्वी सिंहभूम, जमशेदपुर | : 9471190203 |
| पुलिस उपाधीक्षक, नगर | : 9431706483 |
| थाना प्रभारी, गोलमुरी | : 9431706494 |

वरीय पुलिस अधीक्षक,
पूर्वी सिंहभूम, जमशेदपुर

PR 377565 Police (26-27)_D

POLICE HELPLINE (EMERGENCY DIAL)-112 | CHILD HELPLINE-1098
WOMEN HELPLINE-1091 | DOMESTIC ABUSE HELPLINE-181
CYBER CRIME HELPLINE-1930 | AMBULANCE SERVICE-108

**कार्यपालक अभियंता का कार्यालय, ग्रामीण कार्य विभाग, कार्य प्रमंडल, चाईबासा**
*email- rwdchaibasa64@gmail.com*

**शुद्धि पत्र**

एतद् द्वारा सूचित किया जाता है कि इस कार्यालय के **पत्रांक– 404(अनु0) दिनांक–02.04.2026** PR NO-**376589** द्वारा आमंत्रित ई–पुनर्निविदा आमंत्रण सूचना सं0**&03/RII/2023-24 /RWD/EE/CHAIBASA** में निकाली गई शुद्धि पत्र को आंशिक रूप से संशोधित किया जाता है जो निम्न है –

| क्र0 | पूर्व में दैनिक समाचार पत्र में प्रकाशित | संशोधित तिथि |
|---|---|---|
| 1 | ई–निविदा प्राप्ति की अंतिम तिथि एवं समय :– **15.04.2026** अपराह्न **05:00** बजे तक। | ई–निविदा प्राप्ति की अंतिम तिथि एवं समय :– **22.04.2026** अपराह्न **05:00** बजे तक। |
| 2 | निविदा खोलने की तिथि एवं समय :– **16.04.2026** अपराह्न **05:00** बजे। | निविदा खोलने की तिथि एवं समय :– **23.04.2026** अपराह्न **05:00** बजे। |

निविदा की शेष कंडिकाएँ एवं शर्त्तें यथावत् रहेंगी।

ह०/–
कार्यपालक अभियंता
ग्रामीण कार्य विभाग, कार्य प्रमण्डल, चाईबासा

PR 377576 West Singhbhum(26-27)#D

**Jharkhand Bijli Vitran Nigam Limited**
**(CIN:U40108JH2013SGC001702)**
**Regd. Office:- Engineering Building, HEC, Dhurwa, Ranchi–834004.**
**fax # 0651-2400483 e-mail : cesp.jseb@rediffmail.com/gmsp.jbvnl@rediffmail.com**

**CORRIGENDUM NOTICE**

Date & timeline for NIT 14/PR/JBVNL/2026-27 shall be read as in following manner :

| Sr | NIT/Tender notice No. and description of item | Tender fee | Date of publication of tender on website | Document download start date & time | Online Bid Submission start date | Online Bid Submission end date | Technical bid opening date and time |
|---|---|---|---|---|---|---|---|
| 1 | 14/PR/JBVNL/2026-27 33 KV Metering Unit of different ratio (-/1A) | Rs 10000/- + GST | 16/04/2026 from 13:00 Hrs. | 16/04/2026 from 13:10 Hrs. | 16/04/2026 from 13:20 Hrs. | 07/05/2026 upto 18:00 Hrs. | 08/05/2026 at 18: 00 Hrs. |

PR No.377096

स्वहित एवं राष्ट्रहित में ऊर्जा बचावें। कृपया अपनी शिकायतों को 18003456570 (कॉल सेन्टर) पर दर्ज करायें।

Sd/-
Dy.General Manager (P)

PR.NO.377514 Jharkhand Bijlee Vitran Nigam Ltd(26-27):D

**OFFICE OF THE SR. GENERAL MANAGER (ELECTRICAL)**
**UPPER INDRAVATI HYDRO ELECTRIC PROJECT, MUKHIGUDA**
DIST.: KALAHANDI-766026, ODISHA, E-mail: sgmeluihep@gmail.com
**ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)**
Regd. Office OSPH & W.C. Building, Vanivihar Chhak, Janpath, Bhoinagar, Bhubaneswar-751022
Tel : 91-0674-2542983, 2542802, 2545526, 2542826, Fax : 2542102
E-Mail : ohpc.co@gmail.com / md@ohpcltd.com WEB: www.ohpcltd.com, CIN: U40101OR1995SGC003963

**NOTICE INVITING TENDER NO. UIHEP-04/2026-27 DATE 13.04.2026**

**No.32001/59/2627** : Sealed tenders are invited in two part i.e. (i) Techno Commercial bid & (ii) Price bid in separate sealed envelopes from reputed original equipment manufacturers / channel partners / reputed firm / service provider having similar works experience for the work as mentioned below.

| Description of work | Cost of tender paper (Non-refundable) in Rs. | EMD in shape of DD/ Banker's Cheque only (Refundable in Rs.) | Period of sale / download of tender document | Last date & time of receipt of tender | Date & time of opening of Techno commercial Bid |
|---|---|---|---|---|---|
| Supply, Erection, Testing & Commissioning of Exhaust fans of UIHEP, Mukhiguda | 7,080/- (Inclusive of GST) | 29,014/- | From 21.04.2026 to 04.05.2026 up to 11.00 Hrs. | 04.05.2026 (up to 11:30 Hrs) | 04.05.2026 at 12:30 Hrs. |

For details of the tender documents, terms and conditions please visit our website www.ohpcltd.com

OIPR-32001/32136/1/26-27/0002

Sd./- C&P Head, UIHEP, Mukhiguda

**ODISHA HYDRO POWER CORPORATION LTD.**
(A Government of Odisha Undertaking)
**OFFICE OF THE SENIOR GENERAL MANAGER (ELECTRICAL)**
**UPPER KOLAB HYDRO ELECTRIC PROJECT**
AT/PO : BARINIPUT, DIST. : KORAPUT-764006, ODISHA, Phone : (06854)242001 (O), Fax : (06854)242038, E-mail : sgmel.ukhep@gmail.com

**TENDER CALL NOTICE NO UKHEP-02/2026-27, DATED.10.04.2026**

**No.4001/18/2627** : Sealed Tenders are invited in two part i.e. (1) Technical Bid & (2) Price Bid in separate sealed envelopes from Govt. registered Contractors / Agencies having valid Registration Certificate issued by Govt. Authority, IT PAN, GST Regn Certificate, valid HT/EHT License issued by ELBO, valid contract labour license & fulfilling the eligibility criteria as per the tender specification for the work as mentioned below.

| Description of work | Cost of tender paper in Rs. (Non-refundable) | EMD in Rs. (Refundable) |
|---|---|---|
| **Annual Maintenance Contract for Maintenance of 4x80 MW Hydro Generator and its Auxiliaries, Turbine and its Auxiliaries, Other Equipments with their Auxiliaries, Station Services Equipments and 04 Nos. BF Valves with their Auxiliaries of UKHEP, Bariniput for One Year on job contract basis.** | 11,800/- (Rs.10,000/-+18% GST) | 72,300/- |

The sale of Tender Paper will be from : **Dt.16.04.2026 to 11.00 Hrs of Dt.27.04.2026**
The last date & time of receipt of Tender : **12.00 Hrs of Dt.27.04.2026**
The date and time of opening of tender : **12.30 Hrs of Dt.27.04.2026**
**N.B. : The due date and time of opening of Price Bids will be intimated later on to the Technically qualified bidders.**
**For details of tender documents, Terms & conditions, downloading, please visit our website www.ohpcltd.com.**

OIPR-4001/4002/1/26-27/0002

Sd./- C & P Head, Upper Kolab H.E.Project, Bariniput

**GOVERNMENT OF ODISHA** No.25001/18/2627
**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, SAMBALPUR**
E-Mail : serwcirclesbp@yahoo.com
**E-PROCUREMENT NOTICE**
**BID IDENTIFICATION NO. BUILDING TENDER ONLINE RWCSBP-03/2026-27**

1. Name of the work : Building Works, 2. Total No. of works : 04 Nos. Bridge work, 3. Estimated Cost : Rs.326.28 lakhs to Rs.729.45 lakhs, 4. Class of Contractor : 'A' & "Spl." Class, 5. Other details : As mentioned in DTCN

| Procurement Officer | Bid Identification No. | Availability of Tender on-line for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| **Chief Construction Engineer, Rural Works Circle, Sambalpur** | **Building TENDER ONLINE RWCSBP-03/2026-27** | **20.04.2026 11.00 A.M.** | **08.05.2026 05.00 P.M.** |

Further details can be seen from the website : www.tendersorissa.gov.in.

Sd./- Chief Construction Engineer
Rural Works Circle, Sambalpur

OIPR-25001/25091/1/26-27/0003

**GOVERNMENT OF ODISHA** No.19001/21/2627
**PANCHAYATIRAJ & D.W. DEPARTMENT**
**OFFICE OF THE PANCHAYAT SAMITI, BALIKUDA**
**'e' mail ID : ori-ballikuda@nic.in**
**'e' Procurement Notice No.BDO-BKD/PS-01 of 2026-27**

1. Number of the works : 09 (Nos.) Nos. 2. Tender Amount (Approx.) : Rs.9.31 Lakh to 28.52 Lakh, 3. EMD (online) : As per DTCN, 4. Tender Paper Cost (online) (Non-Refundable) : Rs.6,000.00, 5. Class of Contractor : "D", "C" & "B" Class Contractor, 6. Period of Completion : 06 (Six) Calendar Months.

| Procurement Officer | 'e' Procurement Notice No. | Availability of Tender From | Availability of Tender To | Last date & time for seeking tender clarification | Date & Time of opening of BID | Place of opening of Bid |
|---|---|---|---|---|---|---|
| **BLOCK DEVELOPMENT OFFICER, BALIKUDA** | BDO-BKD/PS-01/2026-27 | **17.04.2026** at 10.00 Hours | **29.04.2026** at 17.30 Hours | **28.04.2026** up to 1.00 P.M. during office hours on working days | **30.04.2026** upto 11.00 A.M. during office hours | O/o the Panchayat Samiti, Balikuda |

Further details can be seen from the Govt. website "https://tendersodisha.gov.in
All corrigendum / cancellation of tender if any, will only be uploaded in the above website.

Sd./- BLOCK DEVELOPMENT OFFICER,
BALIKUDA

OIPR-19001/19282/1/26-27/0001

**OFFICE OF THE CHIEF DISTRICT MEDICAL OFFICER, CUTTACK**
**ZILLA SWASTHYA SAMITI, CUTTACK**

**Advertisement No: 6634 /DPMU/NHM /2026** **Date : 13.04.2026**

**Walk-In-Interview for Doctors**

**No.10001/46/2627** : Walk-in-Interview for the post of Medical Officer (01 no.) under NHM will be conducted on 21.04.2026 at 11 AM in the Office Chamber of the CDM & PHO, Cuttack on contractual basis. The candidates must have MBBS Degree with permanent Registration Number from Odisha Council of Medical Registration, Bhubaneswar and completed compulsory Internship. The upper age limit is within 70 years as on 01/04/2026. The interested candidates may appear before the selection committee with filled application format and desired documents.

The details application form can be downloaded from the district website cuttack.odisha.gov.in The authority reserves the right to reject or cancel the advertisement without assigning any reason thereof.

Sd./- CDM & PHO-cum-District
Mission Director, Cuttack

OIPR-10001/10022/1/26-27/0003

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, GANJAM (R&B) DIVISION NO. I, BERHAMPUR**
Phone / Fax : (0680) 2233683, e-mail : sernb1.ganjam@yahoo.com

No.34001/66/2627 **"e" Procurement Notice**

**Bid Identification No. SE R&B Divn. No.I Bam. 03/2026-27**

**Lr. No. 4528** **Dated : 13.04.2026**

| | |
|---|---|
| Name of work | : E.I. Works |
| No. of works | : 06 (Six) No's |
| Estimated Cost | : Approximately **Rs.1.12 to 44.06** Lakh |
| Period of Completion | : Three Calendar Months |
| Date and time of Availability of bid document in the portal | : From 10.00 hours of **18.04.2026** to **16.00** hours of **26.04.2026** |
| Last date / time for receipt of bids in the portal | : Upto **16.00** hours of **26.04.2026** |
| Name and address of the Officer inviting Bid | : Superintending Engineer, Ganjam (R&B) Division No.I, Berhampur |

Further details can be seen from the e-Procurement portal **https://tendersodisha.gov.in**

Sd./- Superintending Engineer
Ganjam (R&B) Division No.I
Berhampur

OIPR-34001/34109/1/26-27/0003

idco | ODISHA NEW OPPORTUNITIES No.4001/17/2627

**OFFICE OF THE DIVISIONAL HEAD (ELECTRICAL)-II, IDCO, IDCO TOWER, BHUBANESWAR**

Tender Call Notice No.-BBSR/ELECT-II/E-411/2025-26/589 Dt : 10.04.2026

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

1. Name of the work : Supply, Installation, Testing and commissioning of 250 Tr Cooling Tower with associated works at Odisha Technology Centre, Bhubaneswar

| Procurement Officer | Bid Identification No. | Availability of Tender On-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| **D.H. (Elect-II), IDCO, IDCO Tower, Janpath, Bhubaneswar** | Bid ID. No. BBSR/ELECT-II/ e-01/26-27 | 17.04.2026 at 18.00 Hrs. | 27.04.2026 at 17.00 Hrs. |

Further details can be seen from the e-procurement portal, **www.tendersorissa.gov.in**. Corrigendum or Addendum if any will not be published in newspapers and can be seen **in e-procurement portal** as well as in **IDCO website**.

Sd./- Divisional Head (Elect)-II
IDCO, Bhubaneswar

OIPR-4001/4075/1/26-27/0007

**राँची समाहरणालय, राँची**
**(सामाजिक सुरक्षा कोषांग)**
**जिला बाल संरक्षण इकाई**

**गुमशुदा बालक की सूचना**
**(बाल कल्याण समिति, रांची के आदेशानुसार)**

. नाम– आरव राज (काल्पनिक नाम)
. लिंग– बालक
. पिता का नाम– अज्ञात
. माता का नाम– अज्ञात
. पता– अज्ञात
. उम्र – 13 दिन (लगभग)
. रंग – गोरा



एतद् द्वारा सर्वसाधारण को सूचित किया जाता है कि बाल कल्याण समिति, राँची के आदेशानुसार एक (01) बालक आरव राज (काल्पनिक नाम) उम्र–13 दिन (लगभग) को करूणा एन०एम०ओ०, राँची में आवासित किया गया है। जिसके जैविक एवं विधिक संरक्षक का पता लगाने हेतु राज्य स्तरीय एवं स्थानीय अखबार में विज्ञापन प्रकाशित की गयी है। उक्त बालक के जैविक एवं विधिक संरक्षक का विज्ञापन प्रकाशन के 60 दिनों (दो माह) तक कोई दावा प्रस्तुत नहीं होने पर दत्तक ग्रहण मार्गदर्शिका 2017 के नियम, 6 के उपनियम, 13 के अन्तर्गत बालक को दत्तक ग्रहण हेतु बाल कल्याण समिति, राँची द्वारा कानुनी रूप से मुक्त किया जा सकेगा।

**दावा प्रस्तुत करने का पता एवं संपर्क नम्बर–**

1. **बाल कल्याण समिति, राँची**
   **राँची समाहरणालय, राँची, भवन–ब्लॉक बी, कमरा संख्या–110**
2. **जिला बाल संरक्षण इकाई, राँची।**
   **राँची समाहरणालय, राँची, भवन–ब्लॉक बी, कमरा संख्या–111**
   **सम्पर्क सूत्र–06513505516**

जिला बाल संरक्षण पदाधिकारी, राँची।
सहायक निदेशक, सामाजिक सुरक्षा, राँची।

**PR 377579 Social Welfare,Women and Child Development(26-27)#D**



ପୂର୍ବତନ ସିଏଜି ତଥା ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସଦସ୍ୟ ଗିରୀଶ ଚନ୍ଦ୍ର ମୁର୍ମୁ ବୁଧବାର ଭୁବନେଶ୍ୱର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହିତ ସୌଜନ୍ୟମୂଳକ ସାକ୍ଷାତ୍ କରୁଛନ୍ତି।

## ବିଷାକ୍ତ ଖାଦ୍ୟ ଖାଇ ଆଶ୍ରମ ସ୍କୁଲ ଛାତ୍ରୀ ମୃତ୍ୟୁ ଘଟଣା

# ଆର୍‌ଡିସି ତଦନ୍ତ ଆରମ୍ଭ

- **ଆଉ ଜଣେ ଛାତ୍ରୀ କଟକ ସ୍ଥାନାନ୍ତର**
- **୧୮ରେ ୧୨ ଘଣ୍ଟିଆ ହରତାଳ କରିବ ବିଜେଡି**

ବାରିପଦା/ ମୋରଡ଼ା/ ରାସଗୋବିନ୍ଦପୁର/କଟକ,୧୫।୪ (ନୀଳାଦ୍ରି ବିହାରୀ ଦଣ୍ଡପାଟ/ ସ୍ମାରକ ମାଝୀ/ ସତ୍ୟବାଦୀ ପରିଡ଼ା/ ଶିଳ୍ପା ପ୍ରିୟଦର୍ଶିନୀ)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକ୍ ଅଧୀନ କାକବନ୍ଧ ଅନୁସୂଚିତ ଜାତି ଓ ଜନଜାତି ଆଶ୍ରମ ବିଦ୍ୟାଳୟରେ ବିଷାକ୍ତ ଖାଦ୍ୟ ଖାଇ ୧୪୬ ଛାତ୍ରୀଛାତ୍ର ଅସୁସ୍ଥ ହେବା ଓ ସେଥିମଧ୍ୟରୁ ଜଣେ ଛାତ୍ରୀଙ୍କ ମୃତ୍ୟୁ ଘଟଣାକୁ ନେଇ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଆର୍‌ଡିସିସ୍ତରୀୟ ତଦନ୍ତ ଆରମ୍ଭ ହୋଇଛି। କେନ୍ଦ୍ରାଞ୍ଚଳ ଆର୍‌ଡିସି ସୁଧାଂଶୁ ମୋହନ ସାମଲ ବୁଧବାର ଆଶ୍ରମ ସ୍କୁଲ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ବାରିପଦାସ୍ଥିତ ଜିଲା ମୁଖ୍ୟ ଡାକ୍ତରଖାନାରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଅସୁସ୍ଥ ଛାତ୍ରୀଛାତ୍ରମାନଙ୍କ ସହ ଆଲୋଚନା କରିବା ସହିତ ଘଟଣା ସମ୍ପର୍କରେ ସ୍କୁଲ କର୍ତ୍ତୃପକ୍ଷ ଏବଂ ଜିଲା ପ୍ରଶାସନିକ ଅଧିକାରୀଙ୍କୁ ପଚରାଉଚୁରା କରିଛନ୍ତି। ଅନ୍ୟପକ୍ଷରେ ବିଜେଡି ଓ କଂଗ୍ରେସର ଏକ ରାଜ୍ୟସ୍ତରୀୟ ଟିମ୍ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ମୃତ ଛାତ୍ରୀଙ୍କ ପରିବାରକୁ ନ୍ୟାୟ ଦାବିରେ ଆସନ୍ତା ୧୮ ତାରିଖରେ ମୟୂରଭଞ୍ଜ ଜିଲା ବ୍ୟାପି ୧୨ ଘଣ୍ଟିଆ ହରତାଳ କରାଯିବ ବୋଲି ବିଜେଡି ଜିଲା ସଭାପତି ସୁଦାମ ମାର୍ଣ୍ଡି କହିଛନ୍ତି।

ସୂଚନାଯୋଗ୍ୟ, ଆଶ୍ରମ ବିଦ୍ୟାଳୟର ଅନ୍ତେବାସୀମାନେ ଗତ ରବିବାର ଖାଦ୍ୟରେ ପଖାଳ, ଚିକେନ ଓ ଶାଗ ଖାଇବା ପରେ ଅସୁସ୍ଥ ହୋଇପଡ଼ିଥିଲେ। ସେମାନଙ୍କୁ ନିକଟସ୍ଥ ରାସଗୋବିନ୍ଦପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ୧୪୬ ଅସୁସ୍ଥ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୫ମ ଶ୍ରେଣୀ ଛାତ୍ରୀ ରୂପାଲୀ ବେଶ୍ରା(୧୨)ଙ୍କ ମଙ୍ଗଳବାର ମୃତ୍ୟୁ ଘଟିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍କୁଲ ସମ୍ମୁଖରେ ହଜାର ହଜାର ଆଦିବାସୀ ମହିଳାପୁରୁଷ ମୃତଦେହ ରଖି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସ୍କୁଲ ମଧ୍ୟକୁ ଧସେଇ ପଶି ଶିକ୍ଷୟିତ୍ରୀ, ଶିକ୍ଷକ, ରୋଷେୟା ଓ ଅନ୍ୟାନ୍ୟ କର୍ମଚାରୀଙ୍କୁ ଆକ୍ରମଣ କରିଥିଲେ। ଟାୟାର ଜାଳି ଓ ଧନୁତୀର ଧରି ରାସ୍ତା ଅବରୋଧ କରିଥିଲେ। ଜିଲା ମୁଖ୍ୟ ଡାକ୍ତରଖାନା ଆଇସିୟୁରେ ଚିକିତ୍ସିତ ହେଉଥିବା ୨ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଛାତ୍ରୀ ଲକ୍ଷ୍ମୀପ୍ରିୟା ବେଶ୍ରାଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିବା ଏଡିଏମ୍‌ଓ ଶଶିକାନ୍ତ ସେଠୀ କହିଛନ୍ତି।

# ଲାଇଟ୍ସ ଆଉଟ୍

**କ**ଳ୍ପନା କରନ୍ତୁ, ଏକ ସିନେମା ହଲ୍‌ର ବନ୍ଦ କୋଠରି। ପରଦାରେ କାହାଣୀ ଜୀବନ୍ତ ହେଉଛି, ପ୍ରୋଜେକ୍ଟରର ଚକ୍ର ଘୂରୁଛି ଏବଂ ଦର୍ଶକ ସେଥିରେ ହଜିଯାଇଛନ୍ତି। କିନ୍ତୁ ହଠାତ୍ କୌଣସି ପୂର୍ବ ସୂଚନା ନ ଥାଇ ସବୁକିଛି ଅନ୍ଧକାର ହୋଇଯାଉଛି। ଏହି ଅନ୍ଧକାର ସିନେମାର ବିଫଳତା ପାଇଁ ନୁହେଁ। ସିନେମା ଯେତେବେଳେ ସେହି ସତ୍ୟକୁ ଦର୍ଶକଙ୍କ ସାମ୍ନାରେ ଉନ୍ମୋଚିତ କରିଦିଏ, ଯାହାକୁ ଦେଖିବା ବୋଧହୁଏ ସମାଜ କିମ୍ବା ଶାସନ ପାଇଁ ନିଷେଧ ଥିଲା, ସେତେବେଳେ ଏହି ଆଲୋକକୁ ଜୋରଜବରଦସ୍ତ ଲିଭାଇ ଦିଆଯାଏ।

ଇତିହାସର ପୃଷ୍ଠାରେ ଏମିତି ଅନେକ ଥର ଘଟିଛି ଏବଂ ଆଜି ବି ଏହା ଜାରି ରହିଛି।

୧୯୭୫ ମସିହାରେ ଗୁଲଜାରଙ୍କ 'ଆନ୍ଧି' ଚଳଚ୍ଚିତ୍ରରେ ଏକ ଅତି ସ୍ୱଳ୍ପ ତଥା ଗଭୀର ଦୃଶ୍ୟ ଥିଲା। ନିର୍ବାଚନ ପ୍ରଚାରର କୋଳାହଳ ଭିତରେ ରାଜନେତ୍ରୀ ଆରତୀ ଦେବୀ (ସୁଚିତ୍ରା ସେନ୍) ହଠାତ୍ ନିଜର ପୁରୁଣା କେୟାରଟେକରଙ୍କୁ ଦେଖିବାକୁ ପାଆନ୍ତି। ସେହି ମୁହୂର୍ତ୍ତରେ ତାଙ୍କ ଆଖିରେ ଏକ ସମ୍ପୂର୍ଣ୍ଣ ବ୍ୟକ୍ତିଗତ ଦୁନିଆର ଭାବପ୍ରବଣତା ଖେଳିଯାଏ। ଜଣେ ମହିଳାଙ୍କ ରାଜନୈତିକ ମହତ୍ତ୍ୱାକାଂକ୍ଷା ଏବଂ ନିଜର ସରଳ ଅତୀତ ପ୍ରତି ଥିବା ଦୁର୍ବଳତା ମଧ୍ୟରେ ଥିବା ଏହି ଦ୍ୱନ୍ଦ୍ୱ ହିଁ ସେତେବେଳେ ଶାସକ ଗୋଷ୍ଠୀକୁ 'ବିପଜ୍ଜନକ' ମନେ ହୋଇଥିଲା। ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ସହ ସାମଞ୍ଜସ୍ୟ ଏବଂ ଜରୁରିକାଳୀନ ପରିସ୍ଥିତିର ପରିବେଶ ଏହି ଚଳଚ୍ଚିତ୍ରକୁ ପରଦାରୁ ହଟାଇବା ପାଇଁ ବାଧ୍ୟ କରିଥିଲା। ଆଜି 'ଆନ୍ଧି' ଏକ କ୍ଲାସିକ, କିନ୍ତୁ ସେତେବେଳେ ଏହା ଥିଲା ଏକ 'ସମସ୍ୟା'।

ପ୍ରାୟ ଚାରି ଦଶନ୍ଧି ପରେ, କମଲ ହାସନଙ୍କ 'ବିଶ୍ୱରୂପମ୍' ଏକ ଭିନ୍ନ ବିରୋଧର ସମ୍ମୁଖୀନ ହେଲା। ଚଳଚ୍ଚିତ୍ରର ପ୍ରଥମ ଭାଗରେ ଜଣେ କୋମଳମତି କଥକ ନୃତ୍ୟ ଶିକ୍ଷକ ମୁଖା ପିନ୍ଧିଥିବା ନାୟକ ଯେତେବେଳେ ହଠାତ୍ ନିଜର ପ୍ରକୃତ ପରିଚୟ ଉନ୍ମୋଚନ କଲେ, ସେତେବେଳେ ଦର୍ଶକ ସ୍ତବ୍ଧ ହୋଇଯାଇଥିଲେ। ସିନେମାର ମୂଳ ମନ୍ତ୍ର ଥିଲା ଯେ ମଣିଷ ଯେମିତି ଦେଖାଯାଏ, ସେ ପ୍ରକୃତରେ ସେମିତି ନୁହେଁ। କିନ୍ତୁ ଏହି ସତ୍ୟକୁ ଗ୍ରହଣ କରିବା ପରିବର୍ତ୍ତେ, ସେନ୍‌ସର ବୋର୍ଡର ଅନୁମତି ସତ୍ତ୍ୱେ କେବଳ 'ଆଶଙ୍କା' ଓ 'ଆଇନ ଶୃଙ୍ଖଳା' ନାମରେ ଏହାର ପ୍ରଦର୍ଶନକୁ ରୋକି ଦିଆଗଲା। ଏଠାରେ ବିଡ଼ମ୍ବନା ହେଉଛି ଯେଉଁ ସିନେମା 'ଭୁଲ୍ ଧାରଣା' ବିରୋଧରେ କହୁଥିଲା, ସେ ନିଜେ ହିଁ ସାମାଜିକ ଭୁଲ୍ ଧାରଣାର ବଳି ପଡ଼ିଗଲା।

ସବୁଠାରୁ ଆଶ୍ଚର୍ଯ୍ୟଜନକ ହେଉଛି 'ହିନ୍ଦ ରଜବ'ର ମାମଲା। ୨୦୨୪ର ଗାଜା ଆକ୍ରମଣରେ ଜଣେ ୬ ବର୍ଷୀୟା ଶିଶୁକନ୍ୟାଙ୍କ ମୃତ୍ୟୁକୁ ନେଇ ପ୍ରସ୍ତୁତ ଏହି ଡକ୍ୟୁମେଣ୍ଟାରିକୁ ୨୦୨୫ ମସିହାରେ କୌଣସି ଠୋସ୍ ଆଇନଗତ କାରଣ ନ ଥାଇ ସେନ୍‌ସର ବୋର୍ଡ ପ୍ରତ୍ୟାଖ୍ୟାନ କରିଦେଲା। ଯେଉଁଠି 'ଆନ୍ଧି' ପାଇଁ ଜରୁରିକାଳୀନ ପରିସ୍ଥିତି ବାଧା ସୃଷ୍ଟି କରିଥିଲା, ସେଠାରେ ଏହି ସିନେମା ପାଇଁ କୌଣସି ଢାଞ୍ଚାର ଆବଶ୍ୟକତା ମଧ୍ୟ ଅନୁଭବ କରାଗଲା ନାହିଁ।



ଦର୍ଶିମ ସକ୍ସେନା

**ଲେଖିକା ସିନେମା ଓ ସଂସ୍କୃତି ଉପରେ ଲେଖାଲେଖି କରନ୍ତି। ସେ ସେକେଣ୍ଡ ସିଟ୍ ନାମକ ଏକ ପ୍ଲାଟ୍‌ଫର୍ମର ପ୍ରତିଷ୍ଠାତା। ଏହି ପୋଡ୍‌କାଷ୍ଟ ମଞ୍ଚ ଉଭୟ ନିର୍ମାତା ଓ ଦର୍ଶକଙ୍କ ପ୍ରତି ଉତ୍ସର୍ଗୀକୃତ।**

ଏହି ତିନୋଟି ଚଳଚ୍ଚିତ୍ର ଓ ତିନୋଟି ଭିନ୍ନ ସମୟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉପରେ ରେଖାଙ୍କିତ କରିଥାଏ: ସିନେମା କାହାକୁ ଆଘାତ ଦେଉଛି? ଭାରତରେ ସେନ୍‌ସରଶିପ୍ କେବଳ ଏକ ପ୍ରମାଣପତ୍ର ନୁହେଁ, ବରଂ ଏହା ରାଜନୈତିକ, ସାମ୍ପ୍ରଦାୟିକ ଏବଂ କୂଟନୈତିକ ଭୟର ଏକ ମିଶ୍ରଣ। ଆମ ଦେଶରେ କ'ଣ ପବିତ୍ର, କ'ଣ ସମ୍ବେଦନଶୀଳ ଆଉ କ'ଣ ଅତ୍ୟଧିକ ବାସ୍ତବ ଏହି ସୂକ୍ଷ୍ମ ରେଖା ହିଁ ସିନେମାର ଭବିଷ୍ୟତ ନିର୍ଦ୍ଧାରଣ କରେ।

ଭାରତୀୟ ସିନେମା ସବୁବେଳେ ଏହି ସୀମାଗୁଡ଼ିକୁ ଅତିକ୍ରମ କରି ନିଜ ସତ୍ତା ବ୍ୟକ୍ତ କରିଛି। ଏହା ମନେରଖିବାକୁ ହେବ ଯେ ସିନେମା ଶୂନ୍ୟରେ ରହେ ନାହିଁ; ଏହାର ପ୍ରତ୍ୟେକ ଦୃଶ୍ୟ ସମାଜର କୌଣସି ନା କୌଣସି କୋଣରୁ ଜନ୍ମନିଏ। ପରଦା ଓ ପରିପ୍ରେକ୍ଷୀ ମଧ୍ୟରେ ରହିଥିବା ଏହି ଦ୍ୱନ୍ଦ୍ୱ ଏକପ୍ରକାର ଅନ୍ତଃହୀନ।

ହଲ୍‌ରେ ଲାଇଟ ଲିଭିଯାଇପାରେ, କିନ୍ତୁ ବିଚାରର ପ୍ରୋଜେକ୍ଟର ସବୁବେଳେ ଘୂରୁଥାଏ।

# ତାଳଚେରରେ ଧସିଲା ରାସ୍ତା, ୫ ଫୁଟ ଗଭୀର ଗର୍ତ୍ତ

## ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ

ତାଳଚେର,୧୫।୪(ମନୋଜ ନନ୍ଦ)

ଅନୁଗୋଳ ଜିଲା ତାଳଚେରରେ ପୁଣି ଧସିଛି ମାଟି। ରାସ୍ତା ଦବି ସୃଷ୍ଟି ହୋଇଛି ୫ ଫୁଟ ଗଭୀର ଗର୍ତ୍ତ। ଡେରା ପେଟ୍ରୋଲ ପମ୍ପ ନିକଟ ହାଣ୍ଡିଧୁଆଁ–ବଳଣ୍ଡା ରାସ୍ତାରେ ବୁଧବାର ସକାଳୁ ୨ ଫୁଟ ଓସାରର ଏହି ଗର୍ତ୍ତ ଦେଖିବାକୁ ମିଳିବା ପରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଦେଖାଦେଇଛି। ଏମ୍‌ସିଏଲ୍ ପକ୍ଷରୁ କୋଇଲା ଖନନ ପରେ ଭୂତଳ ଖଣିଗୁଡ଼ିକରେ ଠିକ୍ ଭାବେ ବାଲି ଫିଲିଂ କରାଯାଇ ନ ଥିବାରୁ ଏଭଳି ଘଟଣା ବାରମ୍ବାର ଘଟୁଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ତାଳଚେର ସହର ହାଣ୍ଡିଧୁଆଁ–ବଳଣ୍ଡା ମୁଖ୍ୟ ରାସ୍ତାରେ ଏହି ଗର୍ତ୍ତ ସୃଷ୍ଟି ହୋଇଥିବା ସକାଳୁ ଦେଖାଯାଇଥିଲା। ଏହାପରେ ଉକ୍ତ ରାସ୍ତା ଦେଇ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଯାତାୟାତ କରୁଥିବା ଗାଡ଼ିଗୁଡ଼ିକ ଉକ୍ତ ଗର୍ତ୍ତ ନିକଟରେ ଅତି ଧୀର ଗତିରେ ଯାଉଥିବାବେଳେ ଅଞ୍ଚଳବାସୀ ପହଞ୍ଚି ଏମ୍‌ସିଏଲ୍ ଉପରେ ଦୋଷ ଲଦିଥିଲେ। ନିକଟ ଅତୀତରେ ହାଣ୍ଡିଧୁଆଁ ଗାଁ ନିକଟ ଏକ ଜମି ଧସି ବିରାଟ ଗର୍ତ୍ତ ସୃଷ୍ଟି ହୋଇଥିବାରୁ ଅଞ୍ଚଳବାସୀଙ୍କ ଭବିଷ୍ୟତ ସୁରକ୍ଷିତ ନୁହେଁ ବୋଲି ଅଭିଯୋଗ କରିଥିଲେ। ଭୂତଳ ଖଣିରୁ କୋଇଲା କାଢ଼ି ନିଆଯାଇଥିଲେ ମଧ୍ୟ ସେଥିରେ ଆବଶ୍ୟକ ପାଣିମାଣର ବାଲି ଫିଲିଂ କରାଯାଇ ନ ଥିବାରୁ ତାଳଚେରରେ ଏପରି ଘଟଣା ନିୟମିତ ଦେଖିବାକୁ ମିଳୁଥିବା ଅଞ୍ଚଳବାସୀ କହିଥିଲେ। ତେବେ ରାସ୍ତାରେ ଗର୍ତ୍ତ ସୃଷ୍ଟି ହୋଇଥିବା ସମ୍ପର୍କରେ ଖବରପାଇ ଏମ୍‌ସିଏଲ୍ କର୍ମଚାରୀ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏକ କଲଭର୍ଟ ପାଖରେ ଗର୍ତ୍ତ ସୃଷ୍ଟି ହୋଇଥିବାରୁ ଏହା ଭୂତଳ କୋଇଲା ଖଣି ପାଇଁ ହୋଇ ନ ଥିବା ଏମ୍‌ସିଏଲ୍ କର୍ତ୍ତୃପକ୍ଷ ସୂଚନା ଦେବା ସହ ଗର୍ତ୍ତରେ ବାଲି ଓ ମାଟି ଭର୍ତ୍ତିକରି ରାସ୍ତା ମରାମତି କରିଥିଲେ। ଖଣି କର୍ତ୍ତୃପକ୍ଷ, ଖଣି ସୁରକ୍ଷା ବିଭାଗ ଓ ପ୍ରଶାସନର ଅବହେଳା ଯୋଗୁ ତାଳଚେରରେ ବାରମ୍ବାର ମାଟି ଦବି ଗର୍ତ୍ତ ସୃଷ୍ଟି ହେଉଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।



ତାଳଚେର ହାଣ୍ଡିଧୁଆଁ–ବଳଣ୍ଡା ମୁଖ୍ୟ ରାସ୍ତାରେ ସୃଷ୍ଟି ହୋଇଥିବା ଗର୍ତ୍ତ।

# ବାହାରକୁ ଆଉ ଛଡ଼ାଯିବନି ଶିଳ୍ପ ବର୍ଜ୍ୟଜଳ

## ସବୁ ଜିଲାପାଳଙ୍କୁ ଜଳ ସମ୍ପଦ ବିଭାଗର କଡ଼ା ନିର୍ଦ୍ଦେଶ

ଯାଜପୁର,୧୫।୪(ହର୍ଷବର୍ଦ୍ଧନ ବେହେରା)



ଜଳ ସମ୍ପଦ ବିଭାଗ ପକ୍ଷରୁ ବିଭିନ୍ନ ଶିଳ୍ପ ପ୍ରତିଷ୍ଠାନ, ବାଣିଜ୍ୟିକ ସଂସ୍ଥା ଏବଂ ଅନ୍ୟ ସଂଗଠନଗୁଡ଼ିକୁ ବାହାରକୁ ଶୂନ୍ୟ ବର୍ଜ୍ୟପାଣି ନିର୍ଗତ ତଥା ଜିରୋ ଏଫ୍ଲୁଏଣ୍ଟ ଡିସଚାର୍ଜ(ଜେଡ୍‌ଏଲ୍‌ଡି) ନୀତି ପାଳନ ସର୍ତ୍ତରେ ବିଭିନ୍ନ ନଦୀନାଳରୁ ଜଳଯୋଗାଣ ହେଉଛି। କିନ୍ତୁ ଯାଜପୁର ଜିଲାର ଅଧିକାଂଶ ଖଣି ଓ ଶିଳ୍ପ କମ୍ପାନୀଗୁଡ଼ିକ ନଦୀନାଳରୁ ଜଳନେଇ ବାହାରକୁ ବର୍ଜ୍ୟଜଳ ଛାଡୁଥିବା ବିଭିନ୍ନ ସମୟରେ ଅଭିଯୋଗ ହୋଇଆସୁଛି। ଫଳରେ ଜିଲାର ବ୍ରାହ୍ମଣୀ, ବୈତରଣୀ, ଖରସ୍ରୋତା ଆଦି ନଦୀଗୁଡ଼ିକର ପାଣି ବ୍ୟବହାର ଅନୁପଯୋଗୀ ହେଉଛି। ତେଣୁ କୌଣସି ଶିଳ୍ପ ସଂସ୍ଥା ଆଉ ବାହାରକୁ ବର୍ଜ୍ୟଜଳ ନ ଛାଡ଼ିବାକୁ ଜଳ ସମ୍ପଦ ବିଭାଗ ପକ୍ଷରୁ ଇଞ୍ଜିନିୟର–ଇନ୍–ଚିଫ୍ ଲିଙ୍ଗରାଜ ଗୌଡ଼ ସମସ୍ତ ଜିଲାପାଳଙ୍କୁ ୭।୪।୨୦୨୬ରେ ନିର୍ଦ୍ଦେଶ ଜାରି କରିଛନ୍ତି।

ଯାଜପୁର ଜିଲାର ସୁକିନ୍ଦା ଖଣି ଓ କଳିଙ୍ଗନଗର ଶିଳ୍ପାଞ୍ଚଳରେ ରହିଥିବା କେତେକ ସଂସ୍ଥା ପରିବେଶ ପ୍ରଦୂଷଣର ସମସ୍ତ ସୀମା ଲଂଘୁଛନ୍ତି। ଖଣି ଓ କାରଖାନା ପରିସରରୁ ବାହାରକୁ ବର୍ଜ୍ୟପାଣି ନିର୍ଗତ ହୋଇ ଲୋକଙ୍କ ସ୍ୱାସ୍ଥ୍ୟ ଓ କୃଷିକ୍ଷେତ୍ରକୁ ପ୍ରଭାବିତ କରୁଛି ବୋଲି ବହୁଥର ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ(ଏନ୍‌ଜିଟି)ରେ ଅଭିଯୋଗ ହୋଇଛି। କାରଖାନା ଓ ଖଣି ପରିସରରେ କ୍ରୋମ, ଆଇରନ, କୋଇଲାଗୁଣ୍ଡ ଓ ବିଭିନ୍ନ ତୈଳଜାତ ପଦାର୍ଥର ମିଶ୍ରିତ ପାଣି ବାହାରକୁ ନିର୍ଗତ ହେଉଛି। କାରଖାନା ପ୍ରତିଷ୍ଠା ସମୟରେ ବାହାରକୁ ମୁନ୍ଦାଏ ବି ପାଣି ନ ଛାଡ଼ିବାକୁ ସର୍ତ୍ତ ରଖାଯାଉଥିଲେ ହେଁ ତାହା କାଗଜକଲମରେ ସୀମିତ ରହୁଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି)ର ତାଗିଦ ସତ୍ତ୍ୱେ ଉକ୍ତ ବର୍ଜ୍ୟପାଣି ବାହାରକୁ ଛଡ଼ାଯାଉଥିବାରୁ ଜିଲାର ଡମଶାଳା, ଗଣ୍ଡନାଳା ସମେତ ବ୍ରାହ୍ମଣୀ ନଦୀ ବିଷାକ୍ତ ହେଉଛି। ୨୦୧୪ ଏପ୍ରିଲରେ ତୁରନ୍ତ ଖଣି ଅଞ୍ଚଳରୁ ବିଷାକ୍ତ ବର୍ଜ୍ୟପାଣି ନିଷ୍କାସନ ବନ୍ଦ କରିବାକୁ ହାଇକୋର୍ଟଙ୍କ ପକ୍ଷରୁ ରାୟ ପ୍ରକାଶ ପାଇଥିଲା। ପରବର୍ତ୍ତୀ ସମୟରେ ୨୦୧୪ ଡିସେମ୍ବର ୧୭ରୁ ୧୯ ତାରିଖ ମଧ୍ୟରେ ହାଇକୋର୍ଟଙ୍କ ରାୟକୁ ଭିତ୍ତିକରି ଆଇବିଏମ, ଏସପିସିବି ଓ ଯାଜପୁରରୋଡ ଖଣି ଉପନିର୍ଦ୍ଦେଶକ କର୍ତ୍ତୃପକ୍ଷଙ୍କ ଦ୍ୱାରା ଏକ ଯୁଗ୍ମ ତଦନ୍ତ କରାଯାଇଥିଲା। ତଦନ୍ତରେ ମାଇନ୍ସ ଦ୍ୱାରା ବହି ଯାଉଥିବା ବର୍ଷାପାଣିର ଉପଯୁକ୍ତ ପରିଚାଳନା ଆଦୌ ହେଉ ନ ଥିବା ଜଣାପଡିଥିଲା। ଏହାପରେ ଏସ୍‌ପିସିବି ପକ୍ଷରୁ ଆବଶ୍ୟକ ମେଶିନ ସଂସ୍ଥାପନ କରି ବର୍ଜ୍ୟପାଣି ବହିବା ବନ୍ଦ କରିବାକୁ ନିର୍ଦ୍ଦେଶ ହୋଇଥିଲା। ଇତିମଧ୍ୟରେ ସମସ୍ତ କାର୍ଯ୍ୟକ୍ଷମ ଖଣିସଂସ୍ଥା ସେମାନଙ୍କ ଖଣି ପରିସରରେ ଆବଶ୍ୟକ ମେଶିନ ସଂସ୍ଥାପନ କରି ବହିଯାଉଥିବା ପାଣିକୁ ବିଶୋଧନ କରି ଡମଶାଳା ନାଳାରେ ଛାଡୁଥିବା ଦାବି କରାଯାଉଛି। କିନ୍ତୁ କେତେକ ଖଣି ସଂସ୍ଥା ଏହାକୁ ଭ୍ରୁକ୍ଷେପ ନ କରି ସଂସ୍ଥାପନ ହୋଇଥିବା ମେଶିନ ବାହାରେ ଖଣି ପରିସରର ବର୍ଜ୍ୟପାଣି ବାହାରକୁ ଛାଡୁଥିବା ଅଭିଯୋଗ ହେଉଛି।

# ୩.୮୮ % ଛୁଇଁଲା ପାଇକାରୀ ମୁଦ୍ରାସ୍ଫୀତି

ନୂଆଦିଲ୍ଲୀ,୧୫।୪

ଗତ ମାର୍ଚ୍ଚରେ ଦେଶର ପାଇକାରୀ ମୁଦ୍ରାସ୍ଫୀତି ହାର ସର୍ବୋଚ୍ଚ ସ୍ତର ଛୁଇଁଛି। ଫେବୃଆରୀରେ ପାଇକାରୀ ମୁଦ୍ରାସ୍ଫୀତି ୨.୧୩ ପ୍ରତିଶତ ମଧ୍ୟରେ ସୀମିତ ରହିଥିଲାବେଳେ ମାର୍ଚ୍ଚରେ ଏହା ୩.୮୮ ପ୍ରତିଶତରେ ପହଞ୍ଚିଛି; ଯାହାକି ଗତ ୩୮ ମାସ ମଧ୍ୟରେ ସର୍ବାଧିକ। ଶିଳ୍ପ କ୍ଷେତ୍ରରେ ଉପଯୋଗ ହେଉଥିବା ବିଭିନ୍ନ କିସମର ପ୍ରାଥମିକ ସାମଗ୍ରୀ ଓ କଞ୍ଚାମାଲର ମୂଲ୍ୟ ବୃଦ୍ଧି ଯୋଗୁ ପାଇକାରୀ ମୁଦ୍ରାସ୍ଫୀତି ଅଧିକ ସ୍ତରରେ ପହଞ୍ଚିଥିବା କୁହାଯାଇଛି।

# ମାର୍ଚ୍ଚରେ ୭.୪୪% ରପ୍ତାନି ହ୍ରାସ

ନୂଆଦିଲ୍ଲୀ,୧୫।୪

ଗତ ମାର୍ଚ୍ଚରେ ଭାରତର ରପ୍ତାନିରେ ୭.୪୪ ପ୍ରତିଶତ ହ୍ରାସ ଘଟିଛି। ପଶ୍ଚିମ ଏସିଆ ଯୁଦ୍ଧ ପ୍ରଭାବରେ ବୈଶ୍ୱିକ ଯୋଗାଣ ଶୃଙ୍ଖଳ ମାତ୍ରାଧିକ ପ୍ରଭାବିତ ହୋଇଥିବାରୁ ଭାରତରୁ ବିଭିନ୍ନ କ୍ଷେତ୍ରରୁ ହେଉଥିବା ସାମଗ୍ରୀ ରପ୍ତାନି ପୂର୍ବ ବର୍ଷ ତୁଳନାରେ ହ୍ରାସ ପାଇଛି। ଗତ ଅକ୍ଟୋବର ପରେ ପ୍ରଥମ ଥର ପାଇଁ ରପ୍ତାନି ହ୍ରାସ ପାଇଥିଲାବେଳେ ଦେଶର ରପ୍ତାନି କାରବାରରେ ପ୍ରାୟ ୩୯ ବିଲିୟନ ଡଲାର ହ୍ରାସ ଘଟିଛି ବୋଲି ଏ ସମ୍ପର୍କରେ ପ୍ରକାଶ କରାଯାଇଥିବା ଏକ ରିପୋର୍ଟରୁ ଜଣାପଡ଼ିଛି। ପଶ୍ଚିମ ଏସିଆରେ ଯୁଦ୍ଧ ପରିସ୍ଥିତି ଯୋଗୁ କେବଳ ଉପସାଗରୀୟ ଦେଶଗୁଡ଼ିକୁ ହେଉଥିବା ରପ୍ତାନି ୫୮ ପ୍ରତିଶତ କମିବା ସହ କାରବାର ରାଶିରେ ୩.୫ ବିଲିୟନ ଡଲାର ହ୍ରାସ ପାଇଥିବା ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ତଥ୍ୟରୁ ଜଣାପଡ଼ିଛି।

# ଘରୋଇ ହଷ୍ଟେଲରୁ ଝୁଲନ୍ତା ମୃତଦେହ ଜବତ

## ଚର୍ଚ୍ଚାରେ ମୃତ୍ୟୁ ପୂର୍ବର ଭିଡିଓ କଲ୍ ଓ ସେଲ୍‌ଫି

ଭୁବନେଶ୍ୱର, ୧୫।୪ (ପ୍ରସନଜିତ୍ ସାହୁ)

ଭୁବନେଶ୍ୱର ଖାରବେଳନଗର ଥାନା ଅଞ୍ଚଳରେ ଏକ ଘରୋଇ ହଷ୍ଟେଲରୁ ବୁଧବାର ଜଣେ ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ସେ ହେଲେ ନୟାଗଡ଼ ଜିଲା ସିଧାମୂଳା ଅଞ୍ଚଳର ଟିଙ୍କିଲି ରାଉତ। ପୋଲିସ ମୃତଦେହ ସହିତ ଘଟଣାସ୍ଥଳରୁ ଏକ ମୋବାଇଲ ଫୋନ୍ ଜବତ କରିଛି। ତେବେ ଯୁବତୀ ଜଣଙ୍କ ଫାଶୀ ଲଗାଇ ଜୀବନ ହାରିବା ବେଳର ଏକ ସେଲ୍‌ଫି ଉଠାଇଥିଲେ। ଏପରି କି ମୃତ ଯୁବତୀ ଜଣଙ୍କ ଫାଶୀ ଲଗାଇବା ପୂର୍ବରୁ କୌଣସି ଏକ ନମ୍ବରରେ ଭିଡିଓ କଲ୍ କରିବା ସହିତ ଏକ ଅଜଣା ନମ୍ବରରୁ ତାଙ୍କ ଫୋନ୍‌କୁ ବାରମ୍ବାର କଲ୍ ମଧ୍ୟ ଆସୁଥିଲା। ଯୁବତୀଙ୍କ ବାପା ପ୍ରଭାତ ରାଉତଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ହତ୍ୟା ମାମଲା (ନଂ. ୨୩୩/୨୦୨୬) ରୁଜୁକରି ତଦନ୍ତ କରୁଛି।

ସୂଚନା ଅନୁସାରେ, ଉକ୍ତ ଯୁବତୀ ଜଣଙ୍କ ଖାରବେଳନଗର ଥାନା ଅଧୀନ ଏକ ଘରୋଇ ହଷ୍ଟେଲ୍‌ରେ ରୁହନ୍ତି। ସେ ୟୁନିଟ୍- ୩ର ଏକ ମେଡିସିନ୍ ଷ୍ଟୋରରେ ଆକାଉଣ୍ଟାଣ୍ଟ ଭାବରେ କାମ କରୁଥିଲେ। ହଷ୍ଟେଲର ଗୋଟିଏ ରୁମ୍‌ରେ ଯୁବତୀଙ୍କ ସହିତ ତାଙ୍କର ଜଣେ ସାଙ୍ଗ ରହୁଥିଲେ। ବୁଧବାର ସକାଳ ପ୍ରାୟ ସାଢେ ୬ଟା ସମୟରେ ସାଙ୍ଗ ଜଣକ ବଜାରକୁ ମାଛ କିଣିବାକୁ ଯାଇ ସାଢେ ୮ଟାରେ ଫେରିଥିଲେ। ତେବେ ବନ୍ଦ ଥିବା ରୁମ୍‌ରେ ଯୁବତୀ ଫ୍ୟାନରେ ଫାଶୀ ଲଗାଇ ଥିବା ବାହାରୁ ଦେଖି ସେ ସମସ୍ତଙ୍କୁ ସୂଚନା ଦେଇଥିଲେ। ଅନ୍ୟପଟେ ସକାଳ ସମୟରେ ସେ କାନ୍ଦୁଥିବାର ହଷ୍ଟେଲରେ ରହୁଥିବା ଅନ୍ୟ ସାଙ୍ଗମାନେ କହିଛନ୍ତି। ଖବର ପାଇବା ପରେ ଖାରବେଳ ନଗର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ମୃତଦେହ ଜବତ ସମୟରେ ଯୁବତୀଙ୍କ ଫିଙ୍ଗର ପ୍ରିଣ୍ଟ ଜରିଆରେ ମୋବାଇଲ ଗ୍ୟାଲେରିରେ ଫାଶୀ ସମୟର ଏକ ସେଲ୍‌ଫି ଥିବା ଜାଣିବାକୁ ପାଇଥିଲା। ମୋବାଇଲ ଫୋନ୍ ଲକ୍ ଥିବା କାରଣରୁ କିଛି ସମୟ ପରେ ଫିଙ୍ଗର ପ୍ରିଣ୍ଟ କାମ ନ କରିବାରୁ ବାରମ୍ବାର ଆସୁଥିବା କଲ୍ ସମ୍ପର୍କରେ ଏବଂ ଅନେକ ତଥ୍ୟ ଜାଣି ହୋଇ ନ ଥିବା ଆଇଆଇସି ରଜନୀକାନ୍ତ ମିଶ୍ର କହିଛନ୍ତି। ତେବେ ଫୋରେନସିକ ଟିମ୍ ଦ୍ୱାରା ସିଡିଆର୍ ଯାଞ୍ଚ ହେଲେ ଅନେକ ତଥ୍ୟ ପଦାକୁ ଆସିବ ବୋଲି ସେ କହିଛନ୍ତି।

# ପଓ୍ୱନ ଖେରାଙ୍କ ଅଗ୍ରିମ ଜାମିନ ଅଟକାଇଲେ ସୁପ୍ରିମକୋର୍ଟ

## ତେଲଙ୍ଗାନା ହାଇକୋର୍ଟରେ ଦାଖଲ କରିଥିଲେ ଜାଲ୍ ଦସ୍ତାବିଜ

ନୂଆଦିଲ୍ଲୀ,୧୫।୪



ପଓ୍ୱନ ଖେରା



ରିଙ୍କି ଭୂୟାଁ ଶର୍ମା

ଆସାମ ପୋଲିସ ପକ୍ଷରୁ ରୁଜୁ ମାନହାନି ଓ ଜାଲିଆତି ମାମଲାରେ କଂଗ୍ରେସ ନେତା ପଓ୍ୱନ ଖେରା ତେଲଙ୍ଗାନା ହାଇକୋର୍ଟରୁ ଅଗ୍ରୀମ ଜାମିନ ପାଇଥିଲେ, ଯାହା ଉପରେ ବୁଧବାର ସୁପ୍ରିମକୋର୍ଟ ସ୍ଥଗିତାଦେଶ ଜାରି କରିଛନ୍ତି।

ସୁପ୍ରିମକୋର୍ଟ ବିଚାରପତି ଜେ.କେ. ମାହେଶ୍ୱରୀ ଏବଂ ଜଷ୍ଟିସ୍ ଏ.ଏସ୍.ଚନ୍ଦୁକରଙ୍କ ଖଣ୍ଡପୀଠରେ ଆସାମ ପୋଲିସ ପକ୍ଷରୁ ମାମଲା ପରିଚାଳନା କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଛନ୍ତି, ଖେରା ତେଲଙ୍ଗାନା ହାଇକୋର୍ଟରୁ ଅଗ୍ରୀମ ଜାମିନ ପାଇବା ପାଇଁ ତାଙ୍କ ସ୍ତ୍ରୀଙ୍କ ଆଧାର କାର୍ଡ ଦାଖଲ କରିଥିଲେ। ସ୍ତ୍ରୀ ତେଲଙ୍ଗାନା ବାସିନ୍ଦା ବୋଲି ଦର୍ଶାଇ ଉକ୍ତ ହାଇକୋର୍ଟରେ ସେ ଜାଲ୍ ଦସ୍ତାବିଜ ଦେଇଥିଲେ। କିନ୍ତୁ ଖେରା ଓ ତାଙ୍କ ସ୍ତ୍ରୀ ଦିଲ୍ଲୀରେ ରହୁଛନ୍ତି। ବେଳେବେଳେ ସେ ତେଲଙ୍ଗାନାକୁ ଯାଇଥାନ୍ତି। ଜଣେ ବ୍ୟକ୍ତିଙ୍କ ୧୦ଟି ସ୍ଥାନରେ ସମ୍ପତ୍ତି କିମ୍ବା ଭଡ଼ାଘର ଥାଇପାରେ। ଏହାର ମାନେ ନୁହେଁ ଯେ ସେ ସବୁ ସ୍ଥାନର ବାସିନ୍ଦା ବୋଲି ମେହେଟ୍ଟା ଯୁକ୍ତି ବାଢ଼ିଥିଲେ। ଏହା ଶୁଣିବା ପରେ ଖଣ୍ଡପୀଠ ଖେରା ପାଇଥିବା ଅଗ୍ରିମ ଜାମିନ ଉପରେ ରୋକ୍ ଲଗାଇଛନ୍ତି।

ଆଲୋଚ୍ୟ ମାମଲା ଆସାମ ବିଧାନସଭା ନିର୍ବାଚନ ବେଳର। ସେହି ସମୟରେ ଖେରା ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ସ୍ତ୍ରୀ ରିଙ୍କି ଭୂୟାଁଶର୍ମାଙ୍କ ବିରୋଧରେ ମନ୍ତବ୍ୟ ଦେଇଥିଲେ। ରିଙ୍କିଙ୍କ ନିକଟରେ ୟୁଏଇ, ଇଜିପ୍ଟ ଓ ଆଣ୍ଟିଗୁଆର ପାସ୍‌ପୋର୍ଟ ରହିଛି। ଏପରି କି ବିଦେଶରେ ମଧ୍ୟ ତାଙ୍କ ସମ୍ପତ୍ତି ରହିଛି। ତେଣୁ ରିଙ୍କି ଭାରତର ନାଗରିକ ନୁହନ୍ତି ବୋଲି ଖେରା କହିଥିଲେ। ଏହାକୁ ନେଇ ରିଙ୍କି ତାଙ୍କ ବିରୋଧରେ ଆପରାଧିକ ମାନହାନି ମାମଲା କରିଥିଲେ। ଏହି ମାମଲାରେ ଖେରା ଜାମିନ ଆବେଦନ କରିଥିଲେ।

# ତ୍ରୈଲୋକ୍ୟନାଥ, କଲ୍ୟାଣ କୁମାର 'ଓୟୁଏସ୍‌ଏସ୍‌ଏସ୍‌ସି'ର ସଦସ୍ୟ ନିଯୁକ୍ତ

ଭୁବନେଶ୍ୱର,୧୫।୪(ରବିନାରାୟଣ ଜେନା)

ସିଆର୍‌ପିଏଫ୍‌ର ପୂର୍ବତନ ଆଇ.ଜି. ତ୍ରୈଲୋକ୍ୟନାଥ ଖୁଣ୍ଟିଆ ଏବଂ ମୁଖ୍ୟ ଶାସନ ସଚିବଙ୍କ ଓଏସ୍‌ଡି କଲ୍ୟାଣ କୁମାର ରଥଙ୍କୁ ବୁଧବାର ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଶା ୟୁନିଫର୍ମ ସର୍ଭିସେସ୍ ଷ୍ଟାଫ୍ ସିଲେକ୍ସନ କମିଶନ (ଓୟୁଏସ୍‌ଏସ୍‌ଏସ୍‌ସି)ର ନୂତନ ସଦସ୍ୟ ଭାବେ ନିଯୁକ୍ତ କରାଯାଇଛି। ଏ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନୁମୋଦନ କରିବା ପରେ ସରକାରଙ୍କ ପକ୍ଷରୁ ବିଧିବଦ୍ଧ ଭାବେ ଘୋଷଣା କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସୂଚନା ଅନୁଯାୟୀ, ପୂର୍ବରୁ ଜମ୍ମୁ–କଶ୍ମୀରର ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ରଶ୍ମିରଞ୍ଜନ ସ୍ୱାଇଁଙ୍କୁ ଓୟୁଏସ୍‌ଏସ୍‌ଏସ୍‌ସି ଆୟୋଗ ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଥିଲା। ଏହି କମିଶନ୍‌ର ଅଧ୍ୟକ୍ଷ ଏବଂ ଦୁଇଟି ସଦସ୍ୟ ପଦବୀ ପୂରଣ ହେବା ଯୋଗୁ ରାଜ୍ୟର ୟୁନିଫର୍ମ ସେବା ନିଯୁକ୍ତି ପ୍ରକ୍ରିୟା ତ୍ୱରାନ୍ୱିତ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। 'ଓଡ଼ିଶା ୟୁନିଫର୍ମ ସେବା କର୍ମଚାରୀ ଚୟନ ଆୟୋଗ' ଜରିଆରେ ଗୃହ, ଅବକାରୀ, ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଏବଂ ବାଣିଜ୍ୟ ଓ ପରିବହନ ବିଭାଗ ଅଧୀନ ବିଭିନ୍ନ ୟୁନିଫର୍ମ ସେବା ପାଇଁ ନିଯୁକ୍ତି ପ୍ରକ୍ରିୟା ପରିଚାଳନା ଏଣିକି ତ୍ୱରାନ୍ୱିତ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି।

# ମେଟା, X, ଗୁଗଲକୁ ଗୁଜରାଟ ହାଇକୋର୍ଟ ନୋଟିସ

ଅହମଦାବାଦ,୧୫।୪





## ଏଆଇ ଦୁରୁପଯୋଗ ରୋକିବା ପାଇ ପିଆଇଏଲ୍

ସୋସିଆଲ ମିଡିଆରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ଦୁରୁପଯୋଗ ରୋକିବା ପାଇଁ ଗୁଜରାଟ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଖଲ ହୋଇଛି। ମୁଖ୍ୟ ବିଚାରପତି ସୁନୀତା ଅଗ୍ରୱାଲ ଓ ଜଷ୍ଟିସ୍ ଡି.ଏନ୍. ରୟଙ୍କ ଖଣ୍ଡପୀଠ ଏହାର ଶୁଣାଣି କରିଛନ୍ତି। ସାଇବର ଅପରାଧ ରୋକିବା ପାଇଁ କାର୍ଯ୍ୟରତ ସହଯୋଗ ପୋର୍ଟାଲର ନିୟମ ଅନୁପାଳନ କରିବାକୁ ଖଣ୍ଡପୀଠ ମେଟା ଇଣ୍ଡିଆ, ଗୁଗଲ, X, ରେଡିଟ୍ ଓ ସ୍କାଇବ୍‌ଡ ଭଳି ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ସହଯୋଗ ପୋର୍ଟାଲ ସହ ଉପଯୁକ୍ତ ସମନ୍ୱୟ ରଖି ସୂଚନା ପ୍ରଯୁକ୍ତି ଆଇନ, ୨୦୦୦ର ନିୟମ ଅନୁସାରେ ବେଆଇନ କଣ୍ଟେଣ୍ଟଗୁଡ଼ିକୁ ହଟାଇବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

# ସୋଫିଆଙ୍କ ସଦସ୍ୟତା ରଦ୍ଦହେବା ନିଶ୍ଚିତ: କଂଗ୍ରେସ

ଭୁବନେଶ୍ୱର,୧୫।୪(ରବିନାରାୟଣ ଜେନା)

ବାରବାଟୀ–କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସଙ୍କ ବିଧାନସଭା ସଦସ୍ୟତା ରଦ୍ଦ ପାଇଁ ଆଉ କୌଣସି ପ୍ରତିବନ୍ଧକ ନାହିଁ ବୋଲି କଂଗ୍ରେସ ପକ୍ଷରୁ ବୁଧବାର କୁହାଯାଇଛି। ଏନେଇ ପିସିସି ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଅରବିନ୍ଦ ଦାସ ଏକ ପ୍ରେସ୍ ବାର୍ତ୍ତାରେ କହିଛନ୍ତି, ଗତ ରାଷ୍ଟ୍ରପତି ନିର୍ବାଚନ ବେଳେ ତାଙ୍କ ବାପା ଦଳୀୟ ପ୍ରାର୍ଥୀଙ୍କ ବିରୋଧରେ ଯାଇ ଭୋଟ୍ ଦେଇ କିଛି ଭୁଲ୍ କରିନାହାନ୍ତି ଭଳି ଅନେକ ପ୍ରକାର ମନ୍ତବ୍ୟ ଦେଇଥିଲେ। ମାତ୍ର ବୁଧବାର ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ ବାପାଙ୍କ ନବଗଠିତ ଦଳ 'ଓଡ଼ିଶା ଜନତା କଂଗ୍ରେସ' ସମାବେଶରେ ଯୋଗଦେଇ ଭାଷଣ ଦେବା ଫଳରେ ସ୍ପଷ୍ଟ ପ୍ରତୀୟମାନ ହେଉଛି, ସେ ଦଳର ସଦସ୍ୟତାରୁ ନିଜକୁ ସ୍ୱତଃସ୍ଫୂର୍ତ୍ତ ଭାବେ ଦୂରେଇ ନେବାକୁ ଚାହିଁଛନ୍ତି। ତେଣୁ ବାଚସ୍ପତି ତାଙ୍କ ସଦସ୍ୟତା ରଦ୍ଦ କରିବା ଏକରକମ ନିଶ୍ଚିତ ବୋଲି ଦାସ କହିଛନ୍ତି।



କଟକ ସିଡିଏସ୍ଥିତ ଡିଏଭି ସ୍କୁଲ୍‌ର ଛାତ୍ରୀଛାତ୍ରମାନେ ସିବିଏସ୍‌ଇ ଦଶମ ବୋର୍ଡ ପରୀକ୍ଷାରେ ସଫଳତା ପରେ ନାଚି ଖୁସି ମନାଉଛନ୍ତି।

# କୃତୀ ଛାତ୍ରୀଛାତ୍ରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

**ଦୃଢ଼ ମନୋବଳ ରଖି ଜୀବନର ପ୍ରତିଟି ଆହ୍ୱାନକୁ ସାମ୍ନା କରିବାକୁ ପ୍ରସ୍ତୁତ ରୁହନ୍ତୁ**



**କେ**ନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସଇ) ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ପରୀକ୍ଷା ଫଳାଫଳ ନିର୍ବିଶେଷରେ, ସମସ୍ତେ ଆତ୍ମବିଶ୍ୱାସର ସହ ନୂତନ ଭବିଷ୍ୟତ ଗଠନ ପାଇଁ ଆଗକୁ ବଢ଼ନ୍ତୁ। ଦୃଢ଼ ମନୋବଳ ରଖି ଜୀବନର ପ୍ରତିଟି ଆହ୍ୱାନକୁ ସାମ୍ନା କରିବା ପାଇଁ ପ୍ରସ୍ତୁତ ରୁହନ୍ତୁ। ଛାତ୍ରୀଛାତ୍ରଙ୍କ ଏହି ନିରନ୍ତର ପ୍ରଚେଷ୍ଟା ଆମ ରାଜ୍ୟ ତଥା ଦେଶର ଗୌରବ ବୃଦ୍ଧି କରିବ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି। ଆଗାମୀ ଦିନରେ ସମସ୍ତଙ୍କର ଉଜ୍ଜ୍ୱଳ ଭବିଷ୍ୟତ ଓ ସର୍ବାଙ୍ଗୀନ ସଫଳତା ମୁଖ୍ୟମନ୍ତ୍ରୀ କାମନା କରିଛନ୍ତି।

# ସାଇ ଇଣ୍ଟରନ୍ୟାଶନାଲ ଦଶମ ବୋର୍ଡର ଶତ ପ୍ରତିଶତ ସଫଳତା

ସିବିଏସ୍‌ଇ ଦଶମ ବୋର୍ଡ ପରୀକ୍ଷାରେ ସାଇ ଇଣ୍ଟରନ୍ୟାଶନାଲ୍ ସ୍କୁଲର ଚଳିତବର୍ଷ ମଧ୍ୟ ଶତପ୍ରତିଶତ ଫଳାଫଳ ହୋଇଛି। ୯୯.୬% ମାର୍କ ରଖି ଏସ୍‌ଡି ପ୍ରିୟାଂଶୁ ପ୍ରୀତୀଶ୍ ଦାସ ସ୍କୁଲ ଟପ୍ପର ହୋଇଥିବା ବେଳେ ୯୯.୪% ମାର୍କ ରଖି ସୋହମ ମିଶ୍ର ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଚଳିତବର୍ଷ ୪୩.୨% ଛାତ୍ରୀଛାତ୍ର ୯୫ ପ୍ରତିଶତ ମାର୍କରୁ ଊର୍ଦ୍ଧ୍ୱ ରଖିଥିବା ବେଳେ ୬୯.୪ ପ୍ରତିଶତ ଛାତ୍ରୀଛାତ୍ର ୯୦% ମାର୍କରୁ ଅଧିକ ରଖିଛନ୍ତି। ସେହିପରି ୯୪.୩ ପ୍ରତିଶତ ଛାତ୍ରୀଛାତ୍ର ୭୫% ମାର୍କରୁ ଅଧିକ ରଖିଛନ୍ତି। ସ୍କୁଲର ୧୦୦ ପ୍ରତିଶତ ଛାତ୍ରୀଛାତ୍ର ୬୦%ରୁ ଅଧିକ ମାର୍କ ରଖିଛନ୍ତି। ସ୍କୁଲର ହାରାହାରି ନମ୍ବର ୯୦.୬% ରହିଛି।

# ଭୁବନେଶ୍ୱର ଡିଏଭି ୟୁନିଟ୍-୮



ଭୁବନେଶ୍ୱର ୟୁନିଟ୍-୮ସ୍ଥିତ ଡିଏଭି ସ୍କୁଲ୍‌ରେ ଜଣେ କୃତୀ ଛାତ୍ରଙ୍କୁ ଅଧ୍ୟକ୍ଷା ମିଠା ଖୁଆଉଛନ୍ତି।

ୟୁନିଟ୍-୮ ଡିଏଭି ପବ୍ଲିକ ସ୍କୁଲର ଛାତ୍ରୀଛାତ୍ରମାନେ ଚଳିତ ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷାରେ ଉତ୍ତମ ପ୍ରଦର୍ଶନ କରି ବିଦ୍ୟାଳୟ ପାଇଁ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଦଶମ ଶ୍ରେଣୀରେ ୨୬୫ ଜଣରୁ ୨୬୧ ଛାତ୍ରୀଛାତ୍ର ସଫଳତାର ସହିତ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୧୪୪ଜଣ ଛାତ୍ରୀଛାତ୍ର ୯୦%ରୁ ଅଧିକ ଓ ୨୧୪ଜଣ ୮୦%ରୁ ଅଧିକ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି। ସର୍ବୋଚ୍ଚ ୪୯୭(୯୯.୪%) ନମ୍ବର ରଖି ଅରୂପ କୁମାର ନାୟକ ଓ ଆସ୍ମାନ ବେହେରା ଯୁଗ୍ମ ଭାବେ ପ୍ରଥମ ସ୍ଥାନ ଲାଭ କରି ବିଦ୍ୟାଳୟ ପାଇଁ ଗୌରବ ଆଣି ଦେଇଛନ୍ତି। ଆଦ୍ୟାନ୍ତ ପଟ୍ଟନାୟକ, ଅନନ୍ୟା ମେହେର, ଜିଗିସା ଦାସମହାପାତ୍ର, କିଷାନ କୁମାର ପଟ୍ଟନାୟକ ଓ ଶ୍ରଦ୍ଧା ମହାପାତ୍ର ୯୯.୦ ପ୍ରତିଶତ ସହିତ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାବେଳେ ରୋହନ ରାଉତ, ଆଦିତ୍ୟ କୁମାର ଦାସ, ଆୟୁଷ୍ମାନ ସ୍ୱାଇଁ, ଦୀପଶିଖା ନନ୍ଦ, ନିତ୍ର ହରିଚନ୍ଦନ, ସାନଭି ସିଂ ଓ ସୁଦୀକ୍ଷା କର ୯୮.୮ ପ୍ରତିଶତ ସହିତ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ସନ୍ତୋଷ ଉପାଧ୍ୟାୟ, ଆଞ୍ଚଳିକ ନିର୍ଦ୍ଦେଶକ କେ. ସି. ଶତପଥୀ ଓ ଅଧ୍ୟକ୍ଷା ଇପ୍ସିତା ଦାସ କୃତୀ ଛାତ୍ରୀଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଟ୍ରିପଲ ଏ'ର ସରନ୍ୟା ବଳିଆରସିଂହ ଟପ୍ପର

ସିବିଏସ୍‌ଇ ୧୦ମ ଶ୍ରେଣୀର ବାର୍ଷିକ ପରୀକ୍ଷା ଫଳରେ ଖୋର୍ଦ୍ଧାର ଆର୍ଯ୍ୟାବର୍ତ୍ତ ଆନ୍‌ସିଏଣ୍ଟ ଏକାଡେମୀ(ଟ୍ରିପଲ ଏ)ର ଛାତ୍ରୀଛାତ୍ରମାନେ ଅଭୂତପୂର୍ବ ସଫଳତା ହାସଲ କରିଛନ୍ତି। ବିଦ୍ୟାଳୟର ପରୀକ୍ଷାଫଳ ଶତ ପ୍ରତିଶତ ହୋଇଥିବାବେଳେ ୩୫ ପ୍ରତିଶତ ଛାତ୍ରୀଛାତ୍ର ୯୦ରୁ ଊର୍ଦ୍ଧ୍ୱ ପ୍ରତିଶତ ନମ୍ବର ରଖିଛନ୍ତି। ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟର ଛାତ୍ରୀ ସରନ୍ୟା ବଳିଆରସିଂହ ୯୮ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି।

**ସିବିଏସ୍‌ଇ ଦଶମ ବୋର୍ଡ ରେଜଲ୍ଟ**

# ସୁନ୍ଦର ଭବିଷ୍ୟତ ପାଇଁ ସ୍ୱପ୍ନ...

ପ୍ରକାଶ ପାଇଛି ସିବିଏସ୍‌ଇ ଦଶମ ବୋର୍ଡ ପରୀକ୍ଷା ଫଳ। ଆଶାନୁରୂପ ଫଳ ପାଇ ଅନେକ ଛାତ୍ରୀଛାତ୍ର ଖୁସି ମନାଉଥିବାବେଳେ କେହି କେହି ଆହୁରି ଅଧିକ ନମ୍ବର ପାଇବାକୁ ଆଶା କରିଥିବା ପ୍ରକାଶ କରିଛନ୍ତି। ବିଶେଷକରି ଦଶମ ବୋର୍ଡ ପରୀକ୍ଷା ଫଳ ଶିକ୍ଷା କ୍ୟାରିୟରରେ ବିଶେଷ ଗୁରୁତ୍ୱ ବହନ କରୁଥିବାରୁ ଏହାକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ନୂଆ ଉନ୍ମାଦନା ସୃଷ୍ଟି କରିଛି। ଏଥିସହିତ ପିଲାମାନେ ନିଜର ସୁନ୍ଦର ଭବିଷ୍ୟତ ଗଢ଼ିବା ପାଇଁ ସ୍ୱପ୍ନ ଦେଖିବା ଆରମ୍ଭ କରିଛନ୍ତି।

## ସ୍କୁଲ ଟପ୍ପର ହୋଇଥିବାରୁ ବହୁତ ଖୁସି



ଦଶମ ବୋର୍ଡର ଫଳାଫଳ ପାଇଁ ମନରେ ଉତ୍ସୁକତା ରହିଥିଲା। ୯୯.୬% ମାର୍କ ରଖି ସ୍କୁଲ ଟପ୍ପର ହୋଇଥିବାରୁ ମୁଁ ବହୁତ ଖୁସି। ପ୍ରତିଦିନ ୮ରୁ ୧୦ ଘଣ୍ଟା ପରିଶ୍ରମ କରୁଥିଲି। ଏନ୍‌ସିଇଆର୍‌ଟି ବହି ଅନୁସରଣ କରିବା ସହିତ ରେଫରେନ୍ସ ବହି ମଧ କିଛି ମାତ୍ରାରେ ଅନୁସରଣ କରୁଥିଲି। ସ୍କୁଲ ତରଫରୁ ଶିକ୍ଷକମାନେ ସ୍ୱତନ୍ତ୍ର ଭାବେ ଯତ୍ନ ନେଉଥିଲେ। ମୋର ଏ ସଫଳତାରେ ଶିକ୍ଷକ ଓ ମୋର ପରିବାରର ସଦସ୍ୟଙ୍କୁ ଧନ୍ୟବାଦ ଦେଉଛି।

- ଏସ୍‌ଡି ପ୍ରିୟାଂଶୁ ପ୍ରୀତୀଶ୍ ଦାସ, ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ, ଭୁବନେଶ୍ୱର

## ପରିଶ୍ରମ ଅନୁଯାୟୀ ଫଳ ମିଳିଛି



ପରିଶ୍ରମ ଅନୁଯାୟୀ ଆଶାନୁରୂପକ ୯୮.୦୪% ଫଳ ମିଳିଛି। ତେବେ ଆହୁରି ଆଶା ଥିଲା। ଏହି ସଫଳତାରେ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକଙ୍କ ବିଶେଷ ଭୂମିକା ରହିଛି। ଏନ୍‌ସିଇଆର୍‌ଟି ବହି ସହ ଅନ୍ୟ ରେଫରେନ୍ସ ବହି ଅଧ୍ୟୟନ କରିବା ମୋତେ ଅଧିକ ସଫଳତା ଦେଇଛି।

- ଅଂଶିକା ମିଶ୍ର, ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ, ଭୁବନେଶ୍ୱର

## ସ୍କୁଲ ଓ ଟ୍ୟୁଶନରେ ଡାଉଟ୍ କ୍ଲିୟର ହେଉଥିଲା



ପ୍ରତିଦିନ ୪ରୁ ୫ ଘଣ୍ଟା ପାଠପଢ଼ୁଥିଲି। ପରୀକ୍ଷାରେ ଭଲ ମାର୍କ ରହିବ ବୋଲି ଆଶାଥିଲା। ପରୀକ୍ଷାରେ ୪୯୯ ମାର୍କ ରଖିଛି। ସ୍କୁଲ ଓ ଟ୍ୟୁଶନରେ ନିଜର ଡାଉଟ କ୍ଲିୟର କରିପାରୁଥିବାରୁ ପାଠପଢ଼ିବା ସହଜ ଲାଗୁଥିଲା। ଆଗକୁ କ'ଣ ପଢ଼ିବି ସେଥିପାଇଁ ଏବେ କିଛି ଯୋଜନା କରିନାହିଁ। ପ୍ରତିଦିନ ପଢ଼ୁଥିବାରୁ ପରୀକ୍ଷା ପାଇଁ ସେମିତି ଅଧିକ କଷ୍ଟ କରିବାକୁ ପଡ଼ି ନ ଥିଲା।

- କଳ୍ପିତା ସାବତ, ବିଜେଇଏମ୍ ସ୍କୁଲ, ଭୁବନେଶ୍ୱର

## ବୋର୍ଡ ପରୀକ୍ଷା ପାଇଁ ଟିକେ ନର୍ଭସ ଥିଲି



ମୁଁ ପରୀକ୍ଷାରେ ୪୯୭ ନମ୍ବର ରଖିଛି। ବୋର୍ଡ ପରୀକ୍ଷା ପାଇଁ ମୁଁ ଟିକେ ନର୍ଭସ ଥିଲି। ୯୯ ପ୍ରତିଶତରୁ ଅଧିକ ରଖିବି ବୋଲି ଆଶା ରହିଥିଲା। ସବୁଦିନ ଘରେ ୩ଘଣ୍ଟାରୁ ଅଧିକ ସମୟ ପଢ଼ୁଥିଲି। ହେଲେ ପରୀକ୍ଷା ସମୟରେ ଅଧିକ ସମୟ ଦେବାକୁ ପଡ଼ୁଥିଲା। ମୋର ପରୀକ୍ଷା ପ୍ରସ୍ତୁତି ପାଇଁ ମୁଁ ଏନ୍‌ସିଇଆର୍‌ଟି ବହି ପଢ଼ୁଥିଲି।

- କୋଏଲ ରାଉତରାୟ, ବିଜେଇଏମ୍ ସ୍କୁଲ, ଭୁବନେଶ୍ୱର

## ସଫଳତା ପାଇଁ କୌଣସି ଶର୍ଟକଟ୍ ମାଧ୍ୟମ ନାହିଁ



ଦଶମ ଶ୍ରେଣୀରେ ୯୯% ମାର୍କ ମୋ ପାଇଁ କେବଳ ଏକ ସଂଖ୍ୟା ନୁହେଁ, ବରଂ ଏହା ମୋର ନିରନ୍ତର ପ୍ରଚେଷ୍ଟା ଓ ଶୃଙ୍ଖଳିତ ଜୀବନଶୈଳୀର ପ୍ରତିଫଳନ। ସଫଳତା ପାଇଁ କୌଣସି ଶର୍ଟକଟ୍ ମାଧ୍ୟମ ନାହିଁ। ସମୟ ପରିଚାଳନା ପାଇଁ ମୁଁ ପୂର୍ବ ବର୍ଷର ପ୍ରଶ୍ନପତ୍ରଗୁଡ଼ିକୁ ବାରମ୍ବାର ଅଭ୍ୟାସ କରିଥିଲି। ଲକ୍ଷ୍ୟ ସ୍ଥିର ରଖି ନିଜ ଉପରେ ଭରସା କଲେ ହିଁ ଯେକୌଣସି ଶିଖରରେ ପହଞ୍ଚିବା ସମ୍ଭବ। ଏହି ସଫଳତା ପାଇଁ ମୁଁ ମୋର ମାତାପିତା ଓ ଶିକ୍ଷୟିତ୍ରୀଶିକ୍ଷକଙ୍କ ନିକଟରେ କୃତଜ୍ଞ।

- ଶୁଭକାନ୍ତ ଶୁକ୍ଲା, ପ୍ରଭୁଜୀ ଇଂରାଜୀ ମାଧ୍ୟମିକ ସ୍କୁଲ, ଭୁବନେଶ୍ୱର

## ଆଇଆଇଟି ପଢ଼ି ଇଞ୍ଜିନିୟର ହେବି



ଆମ ବିଦ୍ୟାଳୟରେ ମୁଁ ସର୍ବୋଚ୍ଚ ୯୯.୬% ମାର୍କ ରଖି ପ୍ରଥମ ସ୍ଥାନରେ ଥିବାରୁ ବହୁତ ଖୁସି। ଭବିଷ୍ୟତରେ ଆଇଆଇଟି ପାଠ ପଢ଼ି ଜଣେ ଦକ୍ଷ ଇଞ୍ଜିନିୟର ହେବାକୁ ଲକ୍ଷ୍ୟ ରଖିଛି। ଦିନକୁ ୧୦ରୁ ୧୨ ଘଣ୍ଟା ପଢ଼ୁଥିଲି। ମୋର ପରିଶ୍ରମ ସାଙ୍ଗକୁ ଗୁରୁଜନ, ମାତାପିତା ଓ ଶିକ୍ଷୟିତ୍ରୀଶିକ୍ଷକମାନଙ୍କ ଆଶୀର୍ବାଦ ପାଇଁ ମୋତେ ଏହି ସଫଳତା ମିଳିଛି।

- ପାର୍ଥ ପ୍ରୀତମ୍ ପତି, ସେଣ୍ଟ ଜାଭିୟର୍ସ ହାଇସ୍କୁଲ, ନୟାବଜାର, କଟକ

## ଡାକ୍ତର ହୋଇ ରୋଗୀସେବା କରିବି



୧୦୦% ମାର୍କ ରଖିବି ବୋଲି ଭାବିଥିଲି। ତେବେ ୯୯.୬% ରଖି ଆମ ବିଦ୍ୟାଳୟରେ ମୁଁ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ଖୁସି ଅଛି। ଭବିଷ୍ୟତରେ ଡାକ୍ତରୀ ପାଠ ପଢ଼ି ଜଣେ ଭଲ ଡାକ୍ତର ହୋଇ ରୋଗୀସେବା କରିବି। ଏଥିପାଇଁ ନିଟ୍ ପ୍ରବେଶିକା ପରୀକ୍ଷା ଦେବାକୁ ପ୍ରସ୍ତୁତି ଆରମ୍ଭ କରିଛି। ଥରକରେ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବି ବୋଲି ଚେଷ୍ଟା କରୁଛି।

- ଜିଜ୍ଞାସା ଜିଗିଶା ବେହେରା, ଡିଏଭି ପବ୍ଲିକ୍ ସ୍କୁଲ, ସିଡିଏ ସେକ୍ଟର-୬, କଟକ

# ଓଡିଏମ୍ ଶିକ୍ଷା ସମୂହର ଛାତ୍ରୀଛାତ୍ରଙ୍କ କୃତିତ୍ୱ



ଭୁବନେଶ୍ୱରସ୍ଥିତ ଓଡିଏମ୍ ସ୍କୁଲ୍‌ର କୃତୀ ଛାତ୍ରୀଛାତ୍ର।

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ପରୀକ୍ଷାରେ ଓଡିଏମ୍ ପବ୍ଲିକ୍ ସ୍କୁଲର ୩୧୨ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରେ କୁମାରୀ ସମୃଦ୍ଧି ମହାରଣା, କୁମାରୀ ଅଦ୍ୱିତା ପଣ୍ଡା ଓ ଅଂଶୁମାନ ମହାନ୍ତି ୯୯.୬ ପ୍ରତିଶତ ସହିତ ବିଦ୍ୟାଳୟରେ ପ୍ରଥମ ସ୍ଥାନରେ ରହିଛନ୍ତି। ସେହିପରି ବିଦ୍ୟାଳୟର ସଞ୍ଜିତା ସାମଲ, କାବ୍ୟା ପ୍ରିୟଦର୍ଶିନୀ, ଦିବ୍ୟାଂଶୀ ମହାପାତ୍ର, ଶ୍ରୀୟଂଶ ସ୍ୱାଇଁ ଓ ଅଙ୍କିତ୍ ଅନୁରାଗ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ବିଦ୍ୟାଳୟରେ ୧୪ ଜଣ ଛାତ୍ରୀଛାତ୍ର ୯୯ % ଉପରେ ମାର୍କ ରଖିଥିବା ବେଳେ ୩୭ଜଣ ୯୮%ରୁ ଊର୍ଦ୍ଧ୍ୱ ନମ୍ବର ରଖିଛନ୍ତି। ସେହିପରି ୯୫ % ଉପରେ ୭୮ ଏବଂ ୯୦% ଉପରେ ୧୫୧ ଜଣ ଛାତ୍ରୀଛାତ୍ର କୃତିତ୍ୱ ଲାଭ କରି ବିଦ୍ୟାଳୟର ଗୁଣାତ୍ମକ ଗାରିମା ଓ ସମ୍ମାନକୁ ଗୌରବମଣ୍ଡିତ କରିଛନ୍ତି। ସେହିପରି ଓଡିଏମ୍ ଗ୍ଲୋବାଲ୍ ସ୍କୁଲ ଭୁବନେଶ୍ୱରର ଛାତ୍ର ଜନ୍ମେଜୟ ଗୋଣ୍ଡ ୯୮%ସହିତ ବିଦ୍ୟାଳୟରେ ପ୍ରଥମ ସ୍ଥାନରେ ଅଛନ୍ତି। ୭ ଜଣ ଛାତ୍ରୀଛାତ୍ର ୯୫% ଉପରେ ରଖିଥିବା ବେଳେ ୧୪ ଜଣ ଛାତ୍ରୀଛାତ୍ର ୯୦% ଉପରେ କୃତିତ୍ୱ ଲାଭ କରିଛନ୍ତି। ବିଦ୍ୟାଳୟର ଅଧ୍ୟକ୍ଷ ଡ. ସତ୍ୟବ୍ରତ ମୀନକେତନ, ପ୍ରବନ୍ଧିକା ଇନ୍ଦୁମତୀ ରାୟ ତଥା ମୁଖ୍ୟ କାର୍ଯ୍ୟକାରିଣୀ ଅଧିକାରୀ ସ୍ୱୟନ୍ ସତ୍ୟେନ୍ଦୁ ସମସ୍ତ କୃତୀ ଛାତ୍ରୀଛାତ୍ରଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ସାଇ ଇଣ୍ଟରନ୍ୟାଶନାଲ ରେସିଡେନ୍ସିଆଲ ସ୍କୁଲ

ଦଶମ ବୋର୍ଡରେ ସାଇ ଇଣ୍ଟରନ୍ୟାଶନାଲ ରେସିଡେନ୍ସିଆଲ ସ୍କୁଲରେ ଚଳିତ ବର୍ଷ ୯୯.୨% ମାର୍କ ରଖି ପ୍ରିୟାଲ ଗୁପ୍ତା ସ୍କୁଲ ଟପ୍ପର ହୋଇଥିବାବେଳେ ୯୮.୮ % ମାର୍କ ରଖି ଅଶ୍ୱିକା ସାରାୱଗି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସ୍କୁଲର ହାରାହାରି ନମ୍ବର ୮୩.୦୧% ରହିଛି। ଚଳିତ ବର୍ଷ ୨୪.୨ ପ୍ରତିଶତ ଛାତ୍ରୀଛାତ୍ର ୯୫% ମାର୍କରୁ ଊର୍ଦ୍ଧ୍ୱ ରଖିଥିବାବେଳେ ୪୬.୧ ପ୍ରତିଶତ ଛାତ୍ରୀଛାତ୍ର ୯୦% ମାର୍କରୁ ଅଧିକ ନମ୍ବର ରଖିଛନ୍ତି। ସେହିପରି ୮୯.୭ ପ୍ରତିଶତ ଛାତ୍ରୀଛାତ୍ର ୭୫% ମାର୍କରୁ ଅଧିକ ଏବଂ ସ୍କୁଲର ୧୦୦ ପ୍ରତିଶତ ଛାତ୍ରୀଛାତ୍ର ୬୦%ରୁ ଅଧିକ ମାର୍କ ରଖିଛନ୍ତି। ଦଶମ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ସ୍କୁଲର ଚେୟାରପର୍ସନ ଶିଳ୍ପୀ ସାହୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ସଫଳ ଓ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ସିନିୟର ପ୍ରିନ୍ସିପାଲ ନୀଳକଣ୍ଠ ପାଣିଗ୍ରାହୀ, ସେକେଣ୍ଡାରି ପ୍ରିନ୍ସିପାଲ ପ୍ରକାଶ ଚନ୍ଦ୍ର ସାହୁ ଓ ସାଇ ଇଣ୍ଟରନ୍ୟାଶନାଲ ରେସିଡେନ୍ସିଆଲ ସ୍କୁଲର ପ୍ରଧାନ ଶିକ୍ଷକ ଅମିତାଭ ଅଗ୍ନିହୋତ୍ରୀ ଉପସ୍ଥିତ ରହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଥିଲେ।

## କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ

ଦଶମ ଶ୍ରେଣୀରେ କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲର ଛାତ୍ରୀଛାତ୍ରମାନେ ଶତପ୍ରତିଶତ ସଫଳତା ହାସଲ କରିଛନ୍ତି। ସ୍କୁଲର ଛାତ୍ର ଅଦ୍ୱୟ ଷଡ଼ଙ୍ଗୀ ସର୍ବାଧିକ ୯୯.୮ % ନମ୍ବର ରଖି ସ୍କୁଲ ଟପ୍ପର ହୋଇଥିବାବେଳେ ଛାତ୍ରୀ ସ୍ୱସ୍ତିକା ମିଶ୍ର ୯୯.୪ ପ୍ରତିଶତ ନମ୍ବର ରଖି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲର ସମସ୍ତ ଛାତ୍ର ପ୍ରଥମ ଶ୍ରେଣୀରେ ପାସ୍ କରିଥିବାବେଳେ ୭୦% ଛାତ୍ରୀଛାତ୍ର ୯୦%ରୁ ଅଧିକ ନମ୍ବର ରଖିଛନ୍ତି। ସେନ୍ ଗ୍ଲୋବ ଛାତ୍ର ସାତ୍ୱିକ ସନ୍ତୋଷ ତ୍ରିପାଠୀ ସର୍ବାଧିକ ୯୫.୪ ପ୍ରତିଶତ ନମ୍ବର ରଖି ସ୍କୁଲ ଟପ୍ପର ହୋଇଛନ୍ତି। ସ୍କୁଲ ଛାତ୍ରୀଛାତ୍ରଙ୍କ ଏହି ସଫଳତାରେ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସନ୍ତୋଷ ବ୍ୟକ୍ତ କରିବା ସହ ସମସ୍ତ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏଥିପାଇଁ ସେ ସ୍କୁଲର ଚେୟାରପର୍ସନ ଡ. ମୋନା ଲିସା ବଳ ଏବଂ ଅଧ୍ୟକ୍ଷ ଡ. ସଞ୍ଜୟ ସୁଆର ତଥା ଅନ୍ୟାନ୍ୟ ଶିକ୍ଷକ ଓ କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## କଳରାବାଙ୍କ ଇଂଲିଶ ମିଡିୟମ ସ୍କୁଲ

କଳରାବାଙ୍କ ଇଂଲିଶ ମିଡିୟମ ସ୍କୁଲରେ ସିବିଏସ୍‌ଇ ଦଶମ ବୋର୍ଡ ପରୀକ୍ଷାରେ ଛାତ୍ରୀଛାତ୍ରମାନେ ଶତ ପ୍ରତିଶତ ସଫଳତା ହାସଲ କରିଛନ୍ତି। ସ୍କୁଲର ଦିବ୍ୟଜ୍ୟୋତି ଦୀପଙ୍କର ସାହୁ ସର୍ବାଧିକ ୯୮% ରଖି ସ୍କୁଲ ଟପ୍ପର ହୋଇଛନ୍ତି। ଏହି ସଫଳତାରେ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସ୍କୁଲର ଅଧ୍ୟକ୍ଷ ଅଶୋକ କୁମାର ପତିଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଓ କୃତୀ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଟିଏସ୍‌ଜି ଛାତ୍ରୀଛାତ୍ରଙ୍କ ବାଜିମାତ୍



କେନ୍ଦ୍ରୀୟମାଧ୍ୟମିକଶିକ୍ଷାବୋର୍ଡ଼(ସିବିଏସଇ) ଦ୍ୱାରା ପରିଚାଳିତ ବାର୍ଷିକ ଦଶମ ଶ୍ରେଣୀ ପରୀକ୍ଷାରେ ଟାଇମ୍ସ ସ୍କଲାର ଗୁରୁକୁଳର ଛାତ୍ରୀଛାତ୍ରମାନେ ଅଭୂତପୂର୍ବ ସଫଳତା ହାସଲ କରିଛନ୍ତି। ବିଦ୍ୟାଳୟର ପାସ୍ ହାର ଶତପ୍ରତିଶତ ରହିଛି। ବିଦ୍ୟାଳୟର ଛାତ୍ର ଆୟୁଷ ଅର୍ପିତ ସାହୁ ସର୍ବାଧିକ ୯୯ ପ୍ରତିଶତ ମାର୍କ ରଖି ସ୍କୁଲ ଟପ୍ପର ହୋଇଥିବା ସମୟରେ ୬୦ ପ୍ରତିଶତ ପିଲା ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟର ପ୍ରତିଷ୍ଠାତା ଶାରଦା ପ୍ରସାଦ ମିଶ୍ର, ଅଧ୍ୟକ୍ଷା ରଞ୍ଜିତା ମହାପାତ୍ର ସମସ୍ତ ଶିକ୍ଷକ ଓ ଛାତ୍ରୀଛାତ୍ର ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତ।

## ପ୍ରଭୁଜୀ ଇଂଲିଶ ମାଧ୍ୟମ ବିଦ୍ୟାଳୟର ଶୁଭ୍ରକାନ୍ତ ଶୁକ୍ଲା ଟପ୍ପର

ଭିଏସ୍‌ଏସ୍ ନଗରସ୍ଥିତ ପ୍ରଭୁଜୀ ଇଂଲିଶ ମାଧ୍ୟମ ବିଦ୍ୟାଳୟର ସିବିଏସଇଦଶମ ଶ୍ରେଣୀ ପରୀକ୍ଷାରେ ୨୯୭ଜଣ ପରୀକ୍ଷାର୍ଥୀ ମଧ୍ୟରୁ ୮୦ ଜଣ ୯୦% ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୧୮୭ଜଣ ୬୦% ନମ୍ବର ରଖି ନିଜର ଶ୍ରେଷ୍ଠତା ପ୍ରଦର୍ଶନ କରିଛନ୍ତି। ଶୁଭ୍ରକାନ୍ତ ଶୁକ୍ଲା ୯୯% ନମ୍ବର ରଖି ବିଦ୍ୟାଳୟର ଟପ୍ପର ହୋଇଛନ୍ତି। ସାର୍ଥକ ସ୍ୱାଇଁ ୯୮.୮୦ ନମ୍ବର ରଖି ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଦେବେଶ ବୋଷ ୯୮.୬% ନମ୍ବର ରଖି ତୃତୀୟ ସ୍ଥାନରେ ରହିଛନ୍ତି। ବିଦ୍ୟାଳୟର ପ୍ରତିଷ୍ଠାତା କ୍ରିୟାଯୋଗୀ ସ୍ୱାମୀ ଶଙ୍କରାନନ୍ଦ ଗିରି ମହାରାଜ, କୋଷାଧ୍ୟକ୍ଷ ଶୋଭାକର ଦାଶ ଫତେ ସିଂ, ସମ୍ପାଦିକା ପ୍ରୀତିନନ୍ଦା ମହାପାତ୍ର , ଅଧ୍ୟକ୍ଷ କିଶୁଚାନ୍ଦ ପୃଷ୍ଟି ସମସ୍ତଙ୍କୁ ଶୁଭେଚ୍ଛା ପ୍ରଦାନ କରିଥିଲେ।

# ବିଜେଇଏମ୍‌ରେ ଦଶମ ଟପ୍ପର କଳ୍ପିତା



**ବ**କ୍ସି ଜଗବନ୍ଧୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ୨୫୧ଜଣ ଛାତ୍ରୀଛାତ୍ର ଦଶମ ବୋର୍ଡ ପରୀକ୍ଷା ଦେଇଥିଲେ। ୯୦ଜଣ ଛାତ୍ରୀଛାତ୍ର ୯୦%ରୁ ଅଧିକ ନମ୍ବର ରଖିଛନ୍ତି। ସେମାନଙ୍କ ମଧ୍ୟରୁ କଳ୍ପିତା ସାବତ ୫୦୦ନମ୍ବରରୁ ସର୍ବାଧିକ ୪୯୯(୯୯.୮%) ନମ୍ବର ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ସେହିପରି କୋୟଲ ରାଉତରାୟ ୯୯.୪% ନମ୍ବର ରଖି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ତୃତୀୟସ୍ଥାନରେ ସାଗରିକା ପ୍ରିୟଦର୍ଶିନୀ ମିଶ୍ର, ଶ୍ରେୟାଂଶ ପତି ଓ ଅଫିଫା ତସ୍‌ନିମ୍ ୯୯% ନମ୍ବର ରଖି ତୃତୀୟ ସ୍ଥାନରେ ରହିଛନ୍ତି।





'ଚିନ୍ତା ଓ ଚେତନା' ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ବୁଧବାର ଆରମ୍ଭ ହୋଇଥିବା ୪୯ତମ 'ବୈଶାଖୀ ମହୋତ୍ସବ'ର ଉଦ୍‌ଘାଟନୀ ସନ୍ଧ୍ୟାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପହଣ୍ଡି କରି ମଞ୍ଚକୁ ନିଆଯାଉଛି ଓ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

# ୨୮ଜଣଙ୍କୁ 'ଚିନ୍ତା ଓ ଚେତନା ରାଷ୍ଟ୍ରୀୟ ସମ୍ମାନ'

## ୪୯ତମ 'ବୈଶାଖୀ' ମହୋତ୍ସବ ଉଦ୍‌ଘାଟିତ

ଭୁବନେଶ୍ୱର,୧୫।୪
(ସୌମ୍ୟରଞ୍ଜନ ରାଉତ)

'ଚିନ୍ତା ଓ ଚେତନା' ପକ୍ଷରୁ ଓଡ଼ିଆ ନବବର୍ଷ ପାଳନ ଅବସରରେ ୪୯ତମ 'ବୈଶାଖୀ' ମହୋତ୍ସବ ବୁଧବାର ରବୀନ୍ଦ୍ର ମଣ୍ଡପରେ ଉଦ୍‌ଘାଟିତ ହୋଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପହଣ୍ଡି ବିଜେରୁ ଆରମ୍ଭ ହୋଇଥିଲା ଏହି ନିଆରା ମହୋତ୍ସବ। ଘଣ୍ଟଘଣ୍ଟା, ଖୋଳ, ମର୍ଦ୍ଦଳର ତାଳେ ତାଳେ ପହଣ୍ଡି ବିଜେ କରି ମହାପ୍ରଭୁଙ୍କୁ ପ୍ରେକ୍ଷାଳୟ ମଧ୍ୟକୁ ନିଆଯାଇଥିଲା। ଠାକୁରଙ୍କ ଆଗରେ ଆକର୍ଷଣୀୟ ଓଡ଼ିଶୀ, ଗୋଟିପୁଅ ନୃତ୍ୟ ବେଶ୍ ଆକର୍ଷଣୀୟ ଥିଲା। ମଣ୍ଡପରେ ଶ୍ରୀଜଗନ୍ନାଥ ବିଜେ କରିବା ପରେ ସନ୍ଧ୍ୟାରେ ଆଳତି କରାଯାଇଥିଲା। ଏହାପରେ ଓଡିଶା ଡ୍ୟାନ୍ସ ଏକାଡେମୀର ନୃତ୍ୟଶିଳ୍ପୀ ଦଳଗତ ନୃତ୍ୟରେ 'ଶିବମ୍ ଧୀମହି' ପରିବେଷଣ କରିଥିଲେ। ଅନୁଷ୍ଠାନର ମହାସଚିବ ସୁରେନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଅତିଥି ଭାବରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପଦ୍ମଶ୍ରୀ ନୃତ୍ୟଗୁରୁ ଅରୁଣା ମହାନ୍ତି, ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଦେବପ୍ରସାଦ ଦାଶ, ଅନୁଷ୍ଠାନର ସଭାପତି ସହଦେବ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠାନର ଚିରପୂଜ୍ୟ ଦିବଂଗତ ରାଷ୍ଟ୍ରୀୟ ଅଧ୍ୟକ୍ଷ ହରେକୃଷ୍ଣ ମହତାବ, ବିଜୁ ପଟ୍ଟନାୟକ ଓ ନନ୍ଦିନୀ ଶତପଥୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପରେ ଅନୁଷ୍ଠାନ ପକ୍ଷରୁ 'ଚିନ୍ତା ଓ ଚେତନା ରାଷ୍ଟ୍ରୀୟ ସମ୍ମାନ-୨୦୨୬' ପାଇଁ ୨୮ଜଣଙ୍କ ନାମ ଘୋଷଣା କରାଯାଇଥିଲା। କ୍ରୀଡ଼ାକ୍ଷେତ୍ରରେ ଡ. ଗଗନେନ୍ଦୁ ଦାସ, ସାହିତ୍ୟ ଓ ସଂସ୍କୃତିରେ ଡ. ବୈଷ୍ଣବ ଚରଣ ମହାନ୍ତି, ସମାଜସେବାରେ ଡ. ସନ୍ଧ୍ୟା ଅଗ୍ରୱାଲ, ସାହସିକତାରେ ସୁବେଦାର ଭରତ କୁମାର ସିଂ, ଚିକିତ୍ସା ବିଜ୍ଞାନରେ ଡା. ରାମଚନ୍ଦ୍ର ଦାସ, ସାମ୍ବାଦିକତାରେ ଅକ୍ଷୟକୁମାର ସାହୁ, ଓଡ଼ିଶୀ ନୃତ୍ୟରେ ଡ. ସ୍ୱୟଂପ୍ରଜ୍ଞା ଦାସ, ସାଂସ୍କୃତିକ କ୍ଷେତ୍ରରେ ଓଡ଼ିଶା ଡ୍ୟାନ୍ସ ଏକାଡେମୀ, ସାହସିକତାରେ କୁମୁଦିନୀ ସାହୁ, ଥିଏଟର୍‌ରେ ଲାଲା ବିରେନ୍ ପ୍ରସାଦ ରାୟ, ନୃତ୍ୟରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ, ସଙ୍ଗୀତରେ ଡ. ନିମାକାନ୍ତ ରାଉତରାୟ, ସାହସିକତାରେ ସିଆର୍‌ପିଏଫ୍ ଯବାନ, କଳାରେ ଡ. ରାମହରି ଜେନା, ସଙ୍ଗୀତରେ ଡ. ସଙ୍ଗୀତା ପଣ୍ଡା, ଆଇନ୍‌ରେ ଅଶୋକ କୁମାର ଛୋଟରାୟ, ପର୍ଯ୍ୟଟନରେ ଡ. ସୌଭାଗ୍ୟ ମହାପାତ୍ର ଏବଂ ସଂସ୍କୃତି କ୍ଷେତ୍ରରେ ଡ. ସନତ ମିଶ୍ରଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିବାବେଳେ ଅନ୍ୟମାନେ ଅନୁପସ୍ଥିତ ଥିଲେ।

ସାଂସ୍କୃତିକ କାର୍ଯ୍ୟକ୍ରମରେ ଏକାଡେମୀର ନୃତ୍ୟଶିଳ୍ପୀମାନେ କୃଷ୍ଣ ମାଧୁରୀରେ 'ସଖୀ ଦେଖିବା ପରା ଆସରେ ଶ୍ରୀ ବଂଶୀଧର ବେଶକୁ' ପରିବେଷଣ କରିଥିଲେ। ଏହାର ନୃତ୍ୟ ସଂରଚନା ଅରୁଣା ମହାନ୍ତି କରିଥିବାବେଳେ ସଙ୍ଗୀତରେ ଗୁରୁ ରାମହରି ଦାସ ଓ ବିଜୟକୁମାର ଜେନା ସଜେଇଥିଲେ। ସେହିପରି ନୃତ୍ୟଶିଳ୍ପୀମାନେ ଓଡ଼ିଆଙ୍କ ପରମ୍ପରା ୧୨ ମାସରେ ୧୩ ପର୍ବକୁ ନୃତ୍ୟ ମାଧ୍ୟମରେ 'ଯାତ୍ର ବାରମାସୀ' ପରିବେଷଣ କରିଥିଲେ। ଏହାର ନୃତ୍ୟ ନିର୍ଦ୍ଦେଶନା ଓ ପରିଚାଳନା ମଧୁସ୍ମିତା ମହାନ୍ତି ଓ ଶ୍ରୀଦତ୍ତା ଭୋଳ କରିଥିଲାବେଳେ ସଂରଚନା ଗୁରୁ ବିଜୟ କୁମାର ଜେନା, ସଚ୍ଚିକାନ୍ତ ନାୟକ, ସ୍ୱର୍ଗତ ଗୁରୁ ସୁମନ୍ତ ମହାନ୍ତି ଦେଇଥିଲେ। ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପଦ୍ମଶ୍ରୀ ନୃତ୍ୟଗୁରୁ ଅରୁଣା ମହାନ୍ତିଙ୍କ ସହ ଅନ୍ୟ ଅତିଥିମାନେ 'ଚିନ୍ତା ଓ ଚେତନା ରାଷ୍ଟ୍ରୀୟ ସମ୍ମାନ-୨୦୨୬' ପ୍ରଦାନ କରୁଛନ୍ତି।

# ସମସ୍ତ ପୌରସଂସ୍ଥାରେ କାର୍ଯ୍ୟକ୍ଷମ ହେଲା ଓସ୍‌ୱାସ୍

ଭୁବନେଶ୍ୱର, ୧୫।୪(ବନ୍ଦନା ସେଠୀ)

ଡିଜିଟାଲ ରୂପାନ୍ତରଣ ମାଧ୍ୟମରେ ସହରାଞ୍ଚଳ ପ୍ରଶାସନକୁ ଦୃଢ଼ କରିବା ଦିଗରେ ରାଜ୍ୟର ସମସ୍ତ ୧୧୫ଟି ପୌରସଂସ୍ଥାରେ 'ଓଡ଼ିଶା ସେକ୍ରେଟାରିଏଟ୍ ୱାର୍କଫ୍ଲୋ ଅଟୋମେଶନ୍ ସିଷ୍ଟମ୍' (ଓସ୍‌ୱାସ୍) କାର୍ଯ୍ୟକ୍ଷମ କରାଯାଇଛି। ଏହି ପଦକ୍ଷେପ ପାରମ୍ପରିକ କାଗଜପତ୍ରଭିତ୍ତିକ ପ୍ରଣାଳୀକୁ ପରିବର୍ତ୍ତନ କରି ଏକ ସମନ୍ୱିତ, ଦକ୍ଷ ଓ ସ୍ୱଚ୍ଛ ଡିଜିଟାଲ କାର୍ଯ୍ୟଧାରା ସ୍ଥାପନ କରିଛି। ରାଜ୍ୟର ୫ଟି ମହାନଗର ନିଗମ, ୪୮ଟି ପୌରପାଳିକା ଏବଂ ୬୨ଟି ବିଜ୍ଞପିତ ଅଞ୍ଚଳ ପରିଷଦରେ ଓସ୍‌ୱାସ୍ ପ୍ଲାଟଫର୍ମ ଲାଗୁ ହୋଇଛି। ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେଶନ ସେଣ୍ଟର (ଓକାକ୍)ର ବୈଷୟିକ ସହଯୋଗ ଏବଂ ଟାଟା କନ୍‌ସଲଟାନ୍ସି ସର୍ଭିସେସ୍ (ଟିସିଏସ୍)ର ସମର୍ଥନରେ ବିକଶିତ ଏହି ପ୍ଲାଟ୍‌ଫର୍ମ ସରକାରୀ ଫାଇଲ୍ ପରିଚାଳନାକୁ ସମ୍ପୂର୍ଣ୍ଣ ଡିଜିଟାଲ କରିଛି। ଏନେଇ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ର କହିଛନ୍ତି, ଓସ୍‌ୱାସ୍ ଆମ ସହରାଞ୍ଚଳ ପ୍ରଶାସନକୁ ଆଧୁନିକ ଏବଂ ଦକ୍ଷ କରିବାରେ ଏକ ମୁଖ୍ୟ ପଦକ୍ଷେପ। ଏହାଦ୍ୱାରା ସ୍ୱଚ୍ଛତା, କ୍ଷିପ୍ରତା ଏବଂ ଉତ୍ତରଦାୟିତ୍ୱ ବଢ଼ିବା ସହିତ ନାଗରିକ ସେବାର ଗୁଣବତ୍ତା ଉନ୍ନତ ହେବ। ପୂର୍ବରୁ ପୌର ପ୍ରଶାସନରେ ମାନୁଆଲ ଫାଇଲ୍ ପରିଚାଳନା ଓ ଅସମନ୍ୱିତ କାର୍ଯ୍ୟଧାରା ଦ୍ୱାରା ବିଳମ୍ବ ଓ ଅକ୍ଷମତା ଦେଖା ଯାଉଥିଲା। ମାତ୍ର ଓସ୍‌ୱାସ୍ ଏହି ସମସ୍ୟାର ସମାଧାନ କରି ଶାସନରେ ଶୃଙ୍ଖଳା ଓ ସ୍ୱଚ୍ଛତା ଆଣିଛି ବୋଲି ମନ୍ତ୍ରୀ କହିଛନ୍ତି।

ପ୍ରକଳ୍ପକୁ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରାଯାଇଥିଲା। ପ୍ରଥମେ ପ୍ରକ୍ରିୟା ଅଧ୍ୟୟନ କରିବା ପରେ ସିଷ୍ଟମ ଡିଜାଇନ୍, କ୍ଷମତା ବୃଦ୍ଧି ତାଲିମ୍ ଏବଂ ପାଇଲଟ୍ ପରୀକ୍ଷା କରାଯାଇଥିଲା। ଏହାପରେ ରାଜ୍ୟବ୍ୟାପୀ ରୋଲ୍‌ଆଉଟ୍ ମାଧ୍ୟମରେ ସମସ୍ତ ପୌରସଂସ୍ଥାରେ ଲାଗୁ କରାଯାଇଛି। ଏନେଇ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ କହିଛନ୍ତି, ଓସ୍‌ୱାସ ଏକ ବ୍ୟାପକ ପ୍ରଶାସନିକ ସଂସ୍କାର। ଏହା ରିଅଲ-ଟାଇମ୍ ମନିଟରିଂ ଓ ତଥ୍ୟଭିତ୍ତିକ ନିଷ୍ପତ୍ତିକୁ ସମ୍ଭବ କରି ସେବା ପ୍ରଦାନରେ ଗୁଣାତ୍ମକ ପରିବର୍ତ୍ତନ ଆଣିବ। ଏହି ସଂସ୍କାର ଫଳରେ ଶୀଘ୍ର ଫାଇଲ ନିଷ୍ପତ୍ତି, ସ୍ୱଚ୍ଛ ପ୍ରଶାସନ, ଦସ୍ତାବିଜର ସହଜ ଉପଲବ୍ଧତା ଏବଂ ଏକ ଶକ୍ତିଶାଳୀ ଡିଜିଟାଲ ଶାସନ ଭିତ୍ତିଭୂମି ସ୍ଥାପିତ ହୋଇଛି। ଏହା ସହରାଞ୍ଚଳ ସଂସ୍ଥାଗୁଡିକୁ ଅଧିକ ଦକ୍ଷ, ଉତ୍ତରଦାୟୀ ଓ ଲୋକାଭିମୁଖୀ କରିଛି ବୋଲି ଅତିରିକ୍ତ ମୁଖ୍ୟ ଶାସନ ସଚିବ ପାଢ଼ୀ ମତ ରଖିଛନ୍ତି।

# ମୃତ୍ୟୁ ତାଲିକାରେ ଜୀବିତ ମହିଳାଙ୍କ ନାଁ

କଟକ,୧୫।୪(କୁମାରଶ୍ରୀ)

**ଲାଞ୍ଚ ନ ଦେବାରୁ ହେରଫେର ଅଭିଯୋଗ**

- ଜିଲା ଶ୍ରମ ଅଧିକାରୀଙ୍କ ଦ୍ୱାରସ୍ଥ ହେଲେ
- ଦଲାଲଙ୍କ ରାଜୁତିକୁ ନେଇ ପ୍ରଶ୍ନ ଉଠାଇଲେ

ଜଣେ ଜୀବିତ ମହିଳାଙ୍କ ନାମ ପୁନର୍ବାର ମୃତ୍ୟୁ ତାଲିକାରେ ସ୍ଥାନ ପାଇଛି। ପୂର୍ବରୁ ଏଭଳି ଘଟଣା ନେଇ ସେ ଭୁବନେଶ୍ୱରସ୍ଥିତ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟକୁ ଯାଇ ଆବଶ୍ୟକ ପ୍ରମାଣପତ୍ର ଦାଖଲକରି ତାଲିକାରୁ ନାମ ହଟାଇଥିଲେ। ତେବେ ପୁଣି ଥରେ ତାଙ୍କ ନାମ ମୃତ୍ୟୁ ତାଲିକାରେ ଯୋଡ଼ିହୋଇଛି। କଟକ ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟର ନିର୍ଦ୍ଦିଷ୍ଟ ଦଲାଲ ଏଭଳି କାର୍ଯ୍ୟକୁ ପ୍ରୋତ୍ସାହନ ଦେଉଛନ୍ତି ବୋଲି ମହିଳା ଜଣକ ଅଭିଯୋଗ ଆଣିଛନ୍ତି। ଲାଞ୍ଚ ନ ଦେବାରୁ ଦଲାଲ ଜଣକ ଏହି କୁତ୍ସିତ କାର୍ଯ୍ୟ କରୁଛନ୍ତି ବୋଲି ସେ ବୁଧବାର ଜିଲା ଶ୍ରମ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

ଘଟଣାରୁ ପ୍ରକାଶ ଯେ, କଟକ ଜିଲା ନିଆଳି ଥାନା ଅନ୍ତର୍ଗତ ଶିଳଦା ଗ୍ରାମର ଚପଳା ଲେଙ୍କାଙ୍କ ଶ୍ରମ ପରିଚୟପତ୍ର (ନଂ.ଓଡିସିଟିସି୦୦୧୩୧୩୧୬୯) ରହିଛି। ସେ ନିଜ ଝିଅର ବିବାହ ନିମନ୍ତେ ଆର୍ଥିକ ସହାୟତା ପାଇଁ ଶ୍ରମ ବିଭାଗରେ ଆବେଦନ କରିଥିଲେ। ଶ୍ରମ ପରିଚୟପତ୍ରରେ ସ୍ୱାମୀଙ୍କ ନାମ ଭୁଲ୍ ଥିବାରୁ ସେ ସଂଶୋଧନ କରିବାକୁ ଜଣେ ବ୍ୟକ୍ତିଙ୍କ ସହ ଯୋଗାଯୋଗ କରିଥିଲେ। ନାମ ସଂଶୋଧନ କରିବା ଏବଂ ଆର୍ଥିକ ସହାୟତା ପାଇବାକୁ ହେଲେ ୨୦ହଜାର ଟଙ୍କା ଲାଞ୍ଚ ଦେବାକୁ ପଡ଼ିବ ବୋଲି ସମ୍ପୃକ୍ତ ବ୍ୟକ୍ତି ତାଙ୍କୁ କହିଥିଲେ। ଏହାକୁ ନେଇ ସମ୍ପୃକ୍ତ ବ୍ୟକ୍ତି ଏବଂ ଚପଳାଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏପରିକି ଲାଞ୍ଚ ନ ଦେଲେ ଟଙ୍କା କେବେ ବି ମିଳିବ ନାହିଁ ବୋଲି ଧମକ ଦିଆଯାଇଥିବା ଚପଳା ଲିଖିତ ଅଭିଯୋଗରେ ଜଣାଇଛନ୍ତି। ଘଟଣା ପରେ ଚପଳା କଟକ ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ହେଲେ ଏଠାକୁ ଆସିବା ପରେ ଜାଣିବାକୁ ପାଇଥିଲେ ଯେ, ମୃତ୍ୟୁ ତାଲିକାରେ ତାଙ୍କ ନାମ ସ୍ଥାନ ପାଇଛି। କିଛି ଦିନ ପୂର୍ବରୁ କଟକ ଏସ୍‌ସିବି ମେଡିକାଲରେ ତାଙ୍କର ମୃତ୍ୟୁ ହୋଇସାରିଛି ବୋଲି ଉଲ୍ଲେଖ କରାଯାଇଛି। ଚପଳା ବ୍ୟତିବ୍ୟସ୍ତ ହୋଇ କଟକ ଶ୍ରମ ଅଧିକାରୀଙ୍କ ସହ ଯୋଗାଯୋଗ କରି ନିରାଶହେବା ପରେ ଭୁବନେଶ୍ୱରସ୍ଥିତ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ ସମସ୍ତ ପ୍ରମାଣପତ୍ର ଦାଖଲକରି ମୃତ୍ୟୁ ତାଲିକାରୁ ନାମ ହଟାଇଥିଲେ। ଇତିମଧ୍ୟରେ ଝିଅର ବିବାହ ମଧ୍ୟ ସମ୍ପନ୍ନ ହୋଇଥିଲା। ଏଣୁ ଝିଅର ବିବାହ ପ୍ରମାଣପତ୍ର ଧରି ସେ ପୁନର୍ବାର ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯିବାବେଳେ ତାଙ୍କ ନାମ ଆଉ ଥରେ ମୃତ୍ୟୁ ତାଲିକାରେ ଯୋଡ଼ିହୋଇଥିବା ଜାଣିବାକୁ ପାଇଥିଲେ। ଲାଞ୍ଚ ମାଗିଥିବା ବ୍ୟକ୍ତି ଜଣକ ଦଲାଲିରେ ସମ୍ପୃକ୍ତ ଅଛନ୍ତି। ଜାଣିଶୁଣି ତାଙ୍କୁ ହଇରାଣ କରାଯାଉଛି ବୋଲି ଚପଳା ଅଭିଯୋଗରେ ଦର୍ଶାଇଛନ୍ତି। ଏ ନେଇ ଜିଲା ଶ୍ରମ ଅଧିକାରୀ ପ୍ରୀତିବନ୍ଧନ ଘଡ଼ାଇଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ସେ ଫୋନ୍ କାଟିଦେଇଥିଲେ।



ମିସ୍ ଫେମିନା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାକୁ ଆସିଥିବା ବିଭିନ୍ନ ରାଜ୍ୟର ଶ୍ରେଷ୍ଠ ପ୍ରତିଯୋଗୀମାନେ ପୁରୀ ବେଳାଭୂମିରେ ସେଲ୍‌ଫି ଉଠାଇ ମଜା ନେଉଛନ୍ତି। (ଫଟୋ-ଯଜ୍ଞେଶ୍ୱର ମହାନ୍ତି)

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ମନୋରଞ୍ଜନ



@ ଲିଜା



@ ବାପୁ



@ ଟିଙ୍କୁ



@ ସୁଶାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୨ ସପ୍ତାହରେ ବିସ୍ତୃତ ତଥ୍ୟ ଦେବାକୁ ନିର୍ଦ୍ଦେଶ

## ଓଡ଼ିଶା ରାଜ୍ୟ ଅନଗ୍ରସର ଶ୍ରେଣୀ ଆୟୋଗର ଅଧ୍ୟକ୍ଷ ଓ ସଦସ୍ୟ ନିଯୁକ୍ତି ପାଇଁ ଜନସ୍ୱାର୍ଥ ମାମଲା

କଟକ,୧୫।୪(କାର୍ତ୍ତିକ ସାହୁ)

ଓଡ଼ିଶା ରାଜ୍ୟ ଅନଗ୍ରସର ଶ୍ରେଣୀ ଆୟୋଗର ଅଧ୍ୟକ୍ଷ ଓ ସଦସ୍ୟ ନିଯୁକ୍ତି ପାଇଁ ରୁଜୁ ଜନସ୍ୱାର୍ଥ ମାମଲାର ପ୍ରାଥମିକ ଶୁଣାଣି ବୁଧବାର ହୋଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ୍ ଟଣ୍ଡନ ଏବଂ ବିଚାରପତି ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସଂକ୍ରାନ୍ତରେ ଦୁଇ ସପ୍ତାହ ମଧ୍ୟରେ ବିସ୍ତୃତ ତଥ୍ୟ ଦେବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପରବର୍ତ୍ତୀ ଶୁଣାଣି ମେ' ୬କୁ ଧାର୍ଯ୍ୟ କରାଯାଇଛି।

ମାମଲାର ବିବରଣୀରୁ ପ୍ରକାଶ, ଓଡ଼ିଶା ରାଜ୍ୟ ଅନଗ୍ରସର ଶ୍ରେଣୀ ଆୟୋଗ ଅଧିନିୟମ-୧୯୯୩ର ଧାରା ୩(୨) ଅନୁଯାୟୀ, ଜଣେ ଅଧ୍ୟକ୍ଷ ଓ ତିନିଜଣ ସଦସ୍ୟଙ୍କୁ ନେଇ ଓଡ଼ିଶା ରାଜ୍ୟ ଅନଗ୍ରସର ଶ୍ରେଣୀ ଆୟୋଗ ଗଠନ ହୋଇଛି। ହାଇକୋର୍ଟ ବିଚାରପତି ପଦରେ କାର୍ଯ୍ୟ କରିଥିବା ଜଣେ ବ୍ୟକ୍ତି ଅଧ୍ୟକ୍ଷ ହେବାର ବ୍ୟବସ୍ଥା ରହିଛି। ଜଣେ ସମାଜ ବିଜ୍ଞାନୀ ଏବଂ ଅନଗ୍ରସର ଶ୍ରେଣୀ ବିଷୟରେ ବିଶେଷ ଜ୍ଞାନ ଥିବା ଦୁଇଜଣ ବ୍ୟକ୍ତି ସଦସ୍ୟ ହେବାର ପ୍ରାବଧାନ ଅଛି। ଏହି ଆୟୋଗର ପ୍ରାକ୍ତନ ଅଧ୍ୟକ୍ଷ ଓ ସଦସ୍ୟ ୨୦୨୪ ଜାନୁଆରୀ ୧ରେ ତାଙ୍କ ତିନିବର୍ଷିଆ କାର୍ଯ୍ୟକାଳ ପୂରା କରିବା ପରେ ମଧ୍ୟ ନୂତନ ଅଧ୍ୟକ୍ଷ ଓ ସଦସ୍ୟଙ୍କୁ ନିଯୁକ୍ତି ନ ଦେବାରୁ ରାଜ୍ୟର ଅନଗ୍ରସର ଶ୍ରେଣୀଙ୍କ ସ୍ୱାର୍ଥରକ୍ଷା ପାଇଁ ପ୍ରତିଷ୍ଠିତ ଏହି ବୈଧାନିକ ସଂସ୍ଥା ଅଚଳ ହୋଇପଡ଼ିଛି। ରାଜ୍ୟରେ ସାମାଜିକ ଓ ଶୈକ୍ଷିକ ଅନଗ୍ରସର ଶ୍ରେଣୀ ଅନ୍ତର୍ଗତ ୨୧୬ଟି ସମୁଦାୟ ବାସ କରୁଛନ୍ତି। ସେମାନେ ରାଜ୍ୟ ଜନସଂଖ୍ୟାର ପ୍ରମୁଖ ଅଂଶ। ରାଜ୍ୟର ଅନଗ୍ରସର ଶ୍ରେଣୀ ତାଲିକାରେ ନୂତନ ଜାତିକୁ ଅନ୍ତର୍ଭୁକ୍ତ କରିବା, ଅଭିଯୋଗର ସମାଧାନ କରିବା ଏବଂ ଅନଗ୍ରସର ଶ୍ରେଣୀ ବା ପଛୁଆ ବର୍ଗଙ୍କ ସମ୍ପର୍କରେ ସରକାରଙ୍କୁ ନୀତିଗତ ପରାମର୍ଶ ଦେବା ଏହି ଆୟୋଗର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ। ଅନଗ୍ରସର ଶ୍ରେଣୀଙ୍କ ସାମାଜିକ ଓ ଶିକ୍ଷାଗତ ସ୍ଥିତି ସମ୍ପର୍କରେ ସର୍ଭେ କରିବାକୁ ମଧ୍ୟ ଏହି ଆୟୋଗକୁ ଦାୟିତ୍ୱ ଦିଆଯାଇଛି। ଉକ୍ତ ଆୟୋଗ କାର୍ଯ୍ୟକ୍ଷମ ହୋଇ ନ ଥିବାରୁ ରାଜ୍ୟର ଅନଗ୍ରସର ଶ୍ରେଣୀର ଲୋକେ ଶିକ୍ଷା, ନିଯୁକ୍ତି ଓ କଲ୍ୟାଣକାରୀ ଯୋଜନାର ସୁଫଳ ପାଇବାରେ ବହୁ ଆହ୍ୱାନର ସମ୍ମୁଖୀନ ହେଉଛନ୍ତି। ଅନଗ୍ରସର ଶ୍ରେଣୀର ସ୍ୱାର୍ଥରକ୍ଷା ତଥା ସାମାଜିକ ନ୍ୟାୟ ନିଶ୍ଚିତ କରିବା ପାଇଁ ଏହି ଆୟୋଗକୁ କାର୍ଯ୍ୟକ୍ଷମ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେଣୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଆୟୋଗର ଅଧ୍ୟକ୍ଷ ଓ ସଦସ୍ୟଙ୍କୁ ନିଯୁକ୍ତି ଦେବାକୁ ଆବେଦନକାରୀ ଆଇନଜୀବୀ ପ୍ରବୀର କୁମାର ଦାସଙ୍କ ପକ୍ଷରୁ ରୁଜୁ ମାମଲାରେ ପ୍ରାର୍ଥନା କରାଯାଇଛି।

# ଓଟିପି ଶେୟାରିଂ ମାମଲା: ୭ ଦୋଷୀଙ୍କୁ ୩ ବର୍ଷ ଲେଖାଏ ଜେଲ

## ପାକିସ୍ତାନୀ ଏଜେଣ୍ଟଙ୍କୁ ତଥ୍ୟ ଦେଇ ମାଲାମାଲ ହେଉଥିଲେ

ଭୁବନେଶ୍ୱର, ୧୫।୪
(ପ୍ରସନଜିତ୍ ସାହୁ)


ଗିରଫ ଅଭିଯୁକ୍ତମାନେ।

ଓଟିପି ଶେୟାରିଂ ଏବଂ ପାକିସ୍ତାନୀ ଏଜେଣ୍ଟଙ୍କ ସହ ସମ୍ପର୍କ ରଖିବା ଅଭିଯୋଗରେ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟ ବୁଧବାର ୭ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ମୋଟ ୫୬ ଦସ୍ତାବିଜ ଏବଂ ୧୧ ଜଣ ସାକ୍ଷୀଙ୍କ ସାକ୍ଷ୍ୟ ଆଧାରରେ କୋର୍ଟ ଏହି ଦଣ୍ଡାଦେଶ ଶୁଣାଇଛନ୍ତି। ଅଭିଯୁକ୍ତଙ୍କୁ ଦଫା ୪୨୦ ଅନୁଯାୟୀ ୩ ବର୍ଷ ଲେଖାଏ ଜେଲଦଣ୍ଡ ସହ ୩୨ ହଜାର ଟଙ୍କା ଜରିମାନା ହୋଇଛି। ସୂଚନାଯୋଗ୍ୟ, ୨୦୨୩ ମେ' ୧୧ରେ କ୍ରାଇମ୍‌ବ୍ରାଞ୍ଚର ଏସ୍‌ଟିଏଫ୍ ଟିମ୍ ଓଟିପି ଶେୟାରିଂ ସହ ପୁଳାପୁଳା ପ୍ରି-ଆକ୍ଟିଭେଟେଡ୍ ସିମ୍‌କାର୍ଡ ମାଧ୍ୟମରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଲିକ୍ ଘଟଣା ଜାଣିବାକୁ ପାଇଥିଲା। ଏନେଇ ୧୨ ତାରିଖରେ ରାଜ୍ୟର ବିଭିନ୍ନ ସ୍ଥାନରୁ ୫ ଜଣ ଏବଂ ରାଜ୍ୟ ବାହାରୁ ୨ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଅଭିଯୁକ୍ତଙ୍କ ମଧ୍ୟରେ ନୟାଗଡ଼ର ଜଣେ ଆଇଟିଆଇ ଅଧ୍ୟାପକ ପଠାଣି ସାମନ୍ତ ଲେଙ୍କା ପ୍ରଥମେ ଗିରଫ ହୋଇଥିଲେ। ପରେ ନୟାଗଡ଼ରୁ ସରୋଜ କୁମାର ନାୟକ ଓ ପ୍ରଦ୍ୟୁମ୍ନ ସାହୁ ଏବଂ ଯାଜପୁରରୁ ପ୍ରୀତମ୍ କର ଓ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କୁ ଗିରଫ କରାଯାଇଥିଲା। ସେହିପରି ପୁଣେର ଅଭିଯୁକ୍ତ ଅଭିଜିତ୍ ସଞ୍ଜୟ ଯାମୁନ ଓ ଗୁଆହାଟୀର ମହମ୍ମଦ ଇକ୍‌ବାଲ ହୁସେନଙ୍କୁ ଏସ୍‌ଟିଏଫ୍ ଗିରଫ କରିବା ପରେ ସେମାନଙ୍କର ପାକିସ୍ତାନୀ ଇଣ୍ଟେଲିଜେନ୍ସର ଅବଦୁଲ ହମିରଙ୍କ ସହ ସମ୍ପର୍କ ଥିବା ସ୍ପଷ୍ଟ ହୋଇଥିଲା। ଅଭିଯୁକ୍ତଙ୍କ ନିକଟରୁ ବିଭିନ୍ନ କମ୍ପାନୀର ପ୍ରି-ଆକ୍ଟିଭେଟେଡ୍ ସିମ୍‌କାର୍ଡ, ହ୍ୱାଟ୍ସଆପ୍ ଚାଟର ସ୍କ୍ରିନ୍‌ଶଟ୍, ବ୍ୟାଙ୍କ ପାସ୍‌ବୁକ୍, ଚେକ୍ ସମେତ ଲକ୍ଷାଧିକ ଟଙ୍କା ଠକେଇର ବିଭିନ୍ନ ସାମଗ୍ରୀ ଜବତ କରାଯାଇଥିଲା। ଅଭିଯୁକ୍ତମାନେ ପାକିସ୍ତାନକୁ ପ୍ରି--ଆକ୍ଟିଭେଟେଡ୍ ସିମ୍ ଯୋଗାଇ ଦେଉଥିଲେ। ପରବର୍ତ୍ତୀ ସମୟରେ ଏହାକୁ ନେଇ ପାକିସ୍ତାନୀମାନେ ଆମ ଦେଶର ଲୋକଙ୍କ ସହ ବିଭିନ୍ନ ଠକେଇ କରୁଥିଲେ। ଅଭିଯୁକ୍ତମାନେ ଭାରତର ବିଭିନ୍ନ ଗୋପନୀୟ ତଥ୍ୟ ଆତଙ୍କବାଦୀଙ୍କୁ ଦେଉଥିଲେ। ଏହି ମାମଲାରେ ଭୁବନେଶ୍ୱର କୋର୍ଟ ୭ ଅଭିଯୁକ୍ତଙ୍କୁ ୩ ବର୍ଷ କାରାଦଣ୍ଡ ସହ ୩୨ ହଜାର ଟଙ୍କା ଜରିମାନା କରିଛନ୍ତି।

### କିପରି ଠକେଇ କରୁଥିଲେ

ଅଭିଯୁକ୍ତମାନେ ପାକିସ୍ତାନକୁ ପ୍ରି-ଆକ୍ଟିଭେଟେଡ୍ ସିମ୍ ଯୋଗାଇବା ପରେ ସେମାନେ ଏହି ନମ୍ବରରେ ଭାରତୀୟମାନଙ୍କୁ ଯୋଗାଯୋଗ କରୁଥିଲେ। ଭାରତର ସିମ୍ ଜାଣି ଫୋନ ଉଠାଇବା ପରେ ପାକିସ୍ତାନୀ ଇଣ୍ଟେଲିଜେନ୍ସ ସଂସ୍ଥା ଆମର ଅନେକ ତଥ୍ୟ ଚୋରି କରୁଥିବା ବେଳେ ଅଭିଯୁକ୍ତଙ୍କୁ ଲକ୍ଷାଧିକ ଟଙ୍କା ଦେଉଥିଲା।

# ବିନା ଅନୁମତିରେ ଜବତ ଖଣିଜ ସ୍ଥାନାନ୍ତର

ଯୋଡ଼ା,୧୫।୪(ମାନସ ମହାନ୍ତି)


ଜେସିବି, ଟ୍ରାକ୍ଟର ଯୋଗେ ଜବତ ଖଣିଜ ବୁଧବାର ଚୋରାଚାଲାଣ ହେଉଛି।

କେନ୍ଦୁଝର ଜିଲା ଯୋଡ଼ା ସହର ଉପକଣ୍ଠ ବାଂଶପାଣିଠାରେ ଜବତ ହୋଇ ଜମା ରହିଥିବା ଖଣିଜ ବୁଧବାର ସ୍ଥାନାନ୍ତର ହେଉଛି। ଏ ନେଇ ଅନୁମତି ନ ଥିବା ଖଣି ବିଭାଗ ପକ୍ଷରୁ ସୂଚନା ମିଳିଥିବା ବେଳେ କିପରି ପରିବହନ ହେଉଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିନା ଅନୁମତିରେ ଜବତ ଖଣିଜ ସ୍ଥାନାନ୍ତର ଓ ବ୍ୟବହାର କରାଯାଇପାରିବ ନାହିଁ ବୋଲି ନିୟମ ଥିବା ବେଳେ କିପରି ଏଭଳି ଅନିୟମିତତା ହେଉଛି। ଏହା ବାଂଶପାଣି ଖୁଣ୍ଟ ପାଣି ଅଞ୍ଚଳର ଲୋକଙ୍କୁ ସନ୍ଦେହରେ ରଖିଛି।

ପ୍ରକାଶ ଯେ, ଦାବିଦାର ନ ଥିବା ଏହି ଉନ୍ନତମାନର ଖଣିଜକୁ ପୋଲିସ ଏବଂ ଖଣି ବିଭାଗ ଜବତ କରିଥିଲା। ବହୁ ବର୍ଷରୁ ବାଂଶପାଣିଠାରେ ପଡ଼ିଥିବା ଏହି ଖଣିଜକୁ ଓଏମ୍‌ସି ଜରିଆରେ ନିଲାମ କରା ନ ଯାଇ ପରିତ୍ୟକ୍ତ ଅବସ୍ଥାରେ ପକାଇ ଦିଆଯାଇଛି। ବୁଧବାର ଅପରାହ୍ନରେ ବିପୁଳ ପରିମାଣର ଲୁହାପଥର (ଖଣିଜ)କୁ ଜେସିବି ମେଶିନ ଓ ଟ୍ରାକ୍ଟର ଯୋଗେ ଅନ୍ୟତ୍ର ସ୍ଥାନାନ୍ତର କରାଯାଉଥିଲା। ସନ୍ଦିଗ୍ଧ ଅବସ୍ଥାରେ ଏହି କାର୍ଯ୍ୟକୁ ଦେଖିବା ପରେ ଯୋଡ଼ା ଖଣି ଉପ ନିର୍ଦ୍ଦେଶକଙ୍କୁ ପଚରାଯାଇଥିଲା। ଉପ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ସେଠୀ ଏବିଷୟରେ ଅବଗତ ହେବା ପରେ ଅବିଳମ୍ବେ ଖଣି ନିରୀକ୍ଷକଙ୍କୁ ପଠାଇ ତଦାରଖ କରିବେ ବୋଲି କହିଥିଲେ। ଅନ୍ୟପକ୍ଷେ ବର୍ତ୍ତମାନ ଲୁହାପଥରର ବଜାର ମୂଲ୍ୟ ଟନ୍ ପିଛା ୬ ହଜାର ଟଙ୍କା ଟପିଛି। ଫଳରେ ବହୁ ସ୍ଥାନରେ ପରିତ୍ୟକ୍ତ ହୋଇପଡ଼ିଥିବା ଜବତ ଲୁହାପଥର ଉପରେ ଆନ୍ତଃ ରାଜ୍ୟ ଲୁହାପଥର ଚୋରଙ୍କ ଲୋଲୁପଦୃଷ୍ଟି ପଡ଼ିଛି। ଜବତ ଲୁହାପଥରକୁ ଅତିଶୀଘ୍ର ଓଡ଼ିଶା ଖଣି ନିଗମ ଦ୍ୱାରା ନିଲାମ ମାଧ୍ୟମରେ ବିକ୍ରି କରାଗଲେ ସରକାରଙ୍କ ରାଜକୋଷକୁ ଅନେକ ଶହ କୋଟି ଟଙ୍କା ରାଜସ୍ୱ ଯାଇପାରନ୍ତା ବୋଲି ଖଣି ବିଶେଷଜ୍ଞ କହିଛନ୍ତି।

# ଛାତ୍ରୀ ନିଖୋଜ: ୨ ଦିନ ପରେ ବି ପୋଲିସ ହାତ ଖାଲି

ଭୁବନେଶ୍ୱର, ୧୫।୪
(ପ୍ରସନଜିତ୍ ସାହୁ)

- ଟ୍ୟୁଶନ ଯାଇ ଫେରିଲେନି
- ସୂଚନା ଦେଲେ ୫ ହଜାର ପୁରସ୍କାର

୧୫ ବର୍ଷର ଜଣେ ଛାତ୍ରୀ ଅପହରଣ ହୋଇଥିବା ନେଇ ଗତ ୧୩ ତାରିଖରେ ନୟାପଲ୍ଲୀ ଥାନାରେ ଅଭିଯୋଗ ହୋଇଛି। ନିଖୋଜ ଛାତ୍ରୀଙ୍କ ନାଁ ମାମାଲି ସାହୁ। ତାଙ୍କ ପରିବାର ଡେଲ୍ଟା ପାଇକ ନଗରର ଜଳେଶ୍ୱର ବସ୍ତିରେ ରୁହନ୍ତି। ତାଙ୍କ ବାପା ଜଣେ ରଙ୍ଗମିସ୍ତ୍ରି ଓ ମା' ମଧ୍ୟ କାମଧନ୍ଦା କରନ୍ତି।

ସୂଚନାଯୋଗ୍ୟ, ଗତ ୧୩ ତାରିଖରେ ଛାତ୍ରୀ ଜଣଙ୍କ ଟ୍ୟୁଶନ ଯିବା ସମୟରେ ବାପାମା' କାମକୁ ଯାଇଥିଲେ। ନିଖୋଜ ଛାତ୍ରୀଙ୍କ ସାଇକେଲ ଓ ବ୍ୟାଗ୍ ଟ୍ୟୁଶନ ସେଣ୍ଟର ପାଖରୁ ମିଳିଛି। କିନ୍ତୁ ସେ ସେଦିନ ଟ୍ୟୁଶନ ଆସି ନ ଥିବା ଶିକ୍ଷକ କହିଛନ୍ତି। ପୋଲିସ ଏହି ଘଟଣାର ତଦନ୍ତ କରୁଥିବା ବେଳେ ବିଭିନ୍ନ ଜାଗାରେ ଚଢ଼ାଉ ଜାରି ରଖିଛି। କିନ୍ତୁ ୨ ଦିନ ହେଲାଣି ସଫଳତା ମିଳିନି। ନିଖୋଜ ଛାତ୍ରୀଙ୍କ ସମ୍ପର୍କରେ ସୂଚନା ଦେଲେ ୫ ହଜାର ଟଙ୍କା ପୁରସ୍କାର ଦିଆଯିବ ବୋଲି କମିଶନରେଟ ପୋଲିସ ପକ୍ଷରୁ ଘୋଷଣା କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ନିଖୋଜ ଛାତ୍ରୀ ଜଣଙ୍କ ଘଟଣା ଦିନ ସନ୍ଧ୍ୟା ସାଢେ ୫ଟାରେ ଡେଲ୍ଟା ଛକରୁ ବାହାରି ଫାୟାର ଷ୍ଟେଶନ ଛକସ୍ଥିତ କୋଚିଂ ସେଣ୍ଟରରେ ପହଞ୍ଚିଥିଲେ। ସେଠାରେ ସେ ସାଇକେଲ ଓ ବ୍ୟାଗ୍ ରଖି ଚାଲି ଚାଲି ବରମୁଣ୍ଡା ଆଡ଼କୁ ଯାଇଥିଲେ। ନିଖୋଜ ଛାତ୍ରୀଙ୍କ ବାପାଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା(ନଂ.୨୩୫/୨୦୨୬) ରୁଜୁକରି ତଦନ୍ତ ଚାଲୁ ରଖିଥିବା ସୂଚନା ମିଳିଛି।

# ନାବାଳକଙ୍କୁ ଜୁଭେନାଇଲ୍ କୋର୍ଟ ପଠାଗଲା

କୋଣାର୍କ,୧୫।୪
(ଜ୍ୟୋତିରାଜ ମହାନ୍ତି)

### କୋଣାର୍କର ଏକ ହାଇସ୍କୁଲ୍ ଛାତ୍ରୀଙ୍କୁ ବଳାତ୍କାର ଘଟଣା

ପୁରୀ ଜିଲା କୋଣାର୍କସ୍ଥିତ ଏକ ହାଇସ୍କୁଲ୍‌ର ନାବାଳିକା ଛାତ୍ରୀଙ୍କୁ ସେହି ସ୍କୁଲର ଜଣେ ଛାତ୍ର ବଳାତ୍କାର କରିଥିବା ନେଇ କୋଣାର୍କ ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ପୋଲିସ ସମ୍ପୃକ୍ତ ନାବାଳକ ଛାତ୍ରଙ୍କୁ କାବୁ କରି ବୁଧବାର ବ୍ରହ୍ମପୁରସ୍ଥିତ ଜୁଭେନାଇଲ କୋର୍ଟକୁ ପଠାଇ ତଦନ୍ତ ଚଳାଇଛି।

ଖବରରୁ ପ୍ରକାଶ ଯେ, କୋଣାର୍କ ଏନ୍‌ଏସି ଅଧୀନ ୫ନଂ. ୱାର୍ଡ ଅଞ୍ଚଳର ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରୀ ଟ୍ୟୁଶନ ଯାଇଥିଲା ବେଳେ ଦଶମ ଶ୍ରେଣୀରେ ପଢୁଥିବା ଜଣେ ଛାତ୍ର ସମ୍ପୃକ୍ତ ଛାତ୍ରୀଙ୍କୁ ଗତ ମଙ୍ଗଳବାର ସନ୍ଧ୍ୟାରେ କୋଣାର୍କ ହେଲିପ୍ୟାଡ୍ ପଡ଼ିଆକୁ ଡାକି ବଳାତ୍କାର କରିଥିଲେ। ଏନେଇ ନାବାଳିକା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନା ଏସ୍‌ଆଇ କେଦାରନାଥ ଦୋରା ଅଭିଯୁକ୍ତ ଛାତ୍ରଙ୍କୁ ତାଙ୍କ ଗ୍ରାମରୁ କାବୁ କରିଥିଲେ। ଏ ନେଇ ଥାନାରେ ନଂ.୮୪/୨୬ରେ ଏକ ମାମଲା ରୁଜୁ ହୋଇଛି। ପୋକ୍‌ସୋ ଆକ୍ଟରେ ତଦନ୍ତ ଚାଲିଥିବା ଥାନାଧିକାରୀ ପ୍ରଶାନ୍ତ କୁମାର ପଡ଼ିଆରୀ ପ୍ରକାଶ କରିଛନ୍ତି।

# ଡିଜେବଜାକୁ କେନ୍ଦ୍ରକରି ୨ ସାହି ମଧ୍ୟରେ ମାରପିଟ


ବଜାର ମଧ୍ୟରେ ଦୁଇ ପକ୍ଷର ଲୋକେ ରୁଣ୍ଡ ହୋଇଛନ୍ତି।

ଆନନ୍ଦପୁର,୧୫।୪
(ସୁଶାନ୍ତ କୁମାର ସାହୁ)

### କଣ୍ଟାଫୋଡ଼ା ଯାତ୍ରାରେ ରକ୍ତାକ୍ତ ସଂଘର୍ଷ

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ଘସିପୁରା ଥାନା ଅନ୍ତର୍ଗତ କେଶଦୁରାପାଳ ଗାଁରେ କଣ୍ଟାଫୋଡ଼ା ଯାତ୍ରାରେ ମଙ୍ଗଳବାର ଗୋଷ୍ଠୀ ସଂଘର୍ଷ ହୋଇଛି। ଡିଜେ ବଜାଇ ଶୋଭାଯାତ୍ରାକୁ ନେଇ ଉପର ସାହି ଓ ଡମ ସାହି ମଧ୍ୟରେ ମାରପିଟ ହୋଇଥିଲା। ଘଟଣାକୁ ନେଇ ବୁଧବାର ଗାଁରେ ରକ୍ତାକ୍ତ ସଂଘର୍ଷ ହୋଇଥିଲା। ଏଥିରେ ୧୫ରୁ ଊର୍ଦ୍ଧ୍ୱ ଆହତ ହୋଇଥିବା ଜଣାପଡ଼ିଛି। ଦୀର୍ଘ ସମୟ ଧରି ଗ୍ରାମରେ ଉତ୍ତେଜନା ଲାଗି ରହିଥିଲା।

ସୂଚନା ମୁତାବକ, କେଶଦୁରାପାଳ ଗ୍ରାମରେ ମଙ୍ଗଳବାର ଚଇତି ପର୍ବ ଅବସରରେ କଣ୍ଟାଫୋଡ଼ା ଯାତ୍ରା ଅନୁଷ୍ଠିତ ହୋଇଥିଲା। ରାତିରେ ଉପର ସାହି ଓ ଡମ ସାହି ଲୋକେ ଡିଜେ ବଜାଇ ଶୋଭାଯାତ୍ରାରେ ଗାଁ ବୁଲୁଥିଲେ। ଦୁଇ ସାହିର ଡିଜେ ମୁହାଁମୁହିଁ ହୋଇଥିବା ବେଳେ ଅତିକ୍ରମକୁ ନେଇ ଯୁକ୍ତିତର୍କ ହୋଇଥିଲା। ପରେ ଉଭୟ ଶୋଭାଯାତ୍ରା କରି ପଳାଇଥିଲେ। ଘଟଣାକୁ କେନ୍ଦ୍ରକରି ବୁଧବାର ସକାଳେ ପୁଣି ୨ ସାହି ମଧ୍ୟରେ ମାରପିଟ୍ ହୋଇଥିଲା। ଉଭୟ ସାହିର ଲୋକେ ଠେଙ୍ଗା, ଟେକା, ପଥରରେ ଆକ୍ରମଣ କରିବାରୁ ଉଭୟ ପକ୍ଷରୁ ୧୫ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ସମସ୍ତଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ କଟକ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ଅନେକ ସମୟ ଧରି କେଶଦୁରାପାଳ ବଜାରରେ ଅଶାନ୍ତ ପରିବେଶ ରହିଥିଲା। ଘସିପୁରା ପୋଲିସ ପହଞ୍ଚିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଉଭୟ ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଘଟଣାର ତଦନ୍ତ ଚାଲିଥିବା ଘସିପୁରା ଥାନା ଅଧିକାରୀ କିଶୋର ଚନ୍ଦ୍ର ପ୍ରଧାନ କହିଛନ୍ତି।

# ମାଛଧରା ୨ ବୋଟ୍‌ରୁ ୭୧୦ ବସ୍ତା ଗୁଆ ଜବତ

ପାରାଦୀପ, ୧୫।୪(ଶରତ ରାଉତ)

### କୋଷ୍ଟଗାର୍ଡ ମଝି ସମୁଦ୍ରରୁ ଧରି କଷାଫଳ ପୋଲିସକୁ ହସ୍ତାନ୍ତର

କୋଷ୍ଟଗାର୍ଡ ଓଡ଼ିଶା ମୁଖ୍ୟାଳୟ ୭ ପାରାଦୀପର ପାଟ୍ରୋଲିଂ ଜାହାଜ ଅମୋଘ ମଙ୍ଗଳବାର ସମୁଦ୍ରରେ ୨ଟି ମାଛଧରା ବୋଟ୍ ଜବତ କରିଛି। ସେଥିରେ ମାଛ ବଦଳରେ ୭୧୦ ବସ୍ତା ଗୁଆ ରହିଛି। ଉକ୍ତ ୨ଟି ବୋଟ୍‌କୁ ବାଲେଶ୍ୱର ଜିଲା କଷାଫଳ ସାମୁଦ୍ରିକ ଥାନା ପୋଲିସକୁ ହସ୍ତାନ୍ତର କରାଯାଇଛି ବୋଲି ସୂଚନା ମିଳିଛି। କୋଷ୍ଟଗାର୍ଡ ପକ୍ଷରୁ କୁହାଯାଇଛି, ଜବତ ମା' ଆୟେଶା ୧ ଓ ୨ୟ ନାମକ ଦୁଇଟି ଯାକ ବୋଟ୍‌କୁ ପଶ୍ଚିମବଙ୍ଗ ପଞ୍ଜୀକୃତ ଦର୍ଶାଯାଇଛି। କିନ୍ତୁ ସେଥିରେ ଆବଶ୍ୟକ କାଗଜପତ୍ର ନାହିଁ। ବୋଟ୍‌ର ମାଛ ରହିବା ବକ୍ସରୁ ଗୁଆ ବସ୍ତା ମିଳିଥିଲା। ଦୁଇଟି ବୋଟ୍‌ରେ ୨୧ ଜଣ ନାବିକ ଅଛନ୍ତି। ସମସ୍ତ ନାବିକ, ଗୁଆ ବସ୍ତା ସହ ବୋଟ୍ ପୋଲିସକୁ ହସ୍ତାନ୍ତର କରାଯାଇଛି। ପରବର୍ତ୍ତୀ ତଦନ୍ତ ପୋଲିସ କରିବ ବୋଲି କୁହାଯାଇଛି।

# ସ୍ତ୍ରୀ ହତ୍ୟାକାରୀ ସ୍ୱାମୀଙ୍କୁ ଆଜୀବନ ଜେଲ

ପାରଳାଖେମୁଣ୍ଡି,୧୫।୪
(ଗିରିଧାରୀ ପରିଚ୍ଛା)

ବିବାହର ବର୍ଷକ ପରେ ଅଧିକ ଯୌତୁକ ଦାବି କରି ସ୍ତ୍ରୀଙ୍କୁ ନିର୍ଯାତନା ଦେଇ ହତ୍ୟା ମାମଲାର ବିଚାର କରି ଗଜପତି ଜିଲା ଅତିରିକ୍ତ ଜିଲା ସେସନ ଜଜ୍ ବିଭୁ ପ୍ରସାଦ ପଣ୍ଡା ଅଭିଯୁକ୍ତ ସ୍ୱାମୀ ଧନୁଞ୍ଜୟ ଓରଫ ରକୋଟି ଧନୁଞ୍ଜୟ (୩୮)ଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ଅଭିଯୁକ୍ତଙ୍କୁ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଏହା ଅନାଦାୟ ହେଲେ ଆହୁରି ୬ ମାସ ସଶ୍ରମ କାରାଦଣ୍ଡ ଲାଗି ରାୟରେ ଉଲ୍ଲେଖ କରିଛନ୍ତି।

## ପୃଷ୍ଠା ୩ରୁ...

### ସୋସିଆଲ ମିଡିଆରେ...

ଅଭିଯୁକ୍ତ ସେମାନଙ୍କୁ ପ୍ରଲୋଭିତ କରି ସେମାନଙ୍କ ଇଚ୍ଛା ବିରୁଦ୍ଧରେ ଅଶ୍ଳୀଳ ଫଟୋ ଓ ଭିଡିଓ ଉତ୍ତୋଳନ କରିଥିଲେ ଏବଂ ପରବର୍ତ୍ତୀ ସମୟରେ ସେମାନଙ୍କୁ ବଦନାମ କରିବା ପାଇଁ ଏହାକୁ ଅନ୍‌ଲାଇନରେ ଭାଇରାଲ କରିଥିଲେ। ଅଭିଯୁକ୍ତଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍) ର ଧାରା ୨୯୪, ପୋକ୍‌ସୋ ଆକ୍ଟର ଧାରା ୮ ଓ ୧୨ ଏବଂ ଆଇଟି ଆକ୍ଟ ଅନୁଯାୟୀ ମାମଲା ରୁଜୁ କରାଯାଇଛି।

ପୋଲିସ ପକ୍ଷରୁ କୁହାଯାଇଛି ଯେ, ବର୍ତ୍ତମାନ ସୁଦ୍ଧା କୌଣସି ପୀଡ଼ିତା କିମ୍ବା ତାଙ୍କ ପରିବାର ଲୋକ ଥାନାରେ ସିଧାସଳଖ ଅଭିଯୋଗ କରିନାହାନ୍ତି। ତେଣୁ ପୋଲିସ ପକ୍ଷରୁ ଜନସାଧାରଣଙ୍କୁ ନିବେଦନ କରାଯାଇଛି ଯେ, ପୀଡ଼ିତାଙ୍କ ପରିବାର ଆଗକୁ ଆସି ତଦନ୍ତରେ ସହଯୋଗ କରନ୍ତୁ। ସେମାନଙ୍କର ପରିଚୟ ସମ୍ପୂର୍ଣ୍ଣ ଗୋପନୀୟ ରଖାଯିବ ବୋଲି ପୋଲିସ ପ୍ରତିଶ୍ରୁତି ଦେଇଛି। ରାଜ୍ୟ ସଭା ଏମ୍‌ପି ଅନିଲ ବୋଣ୍ଡେ କହିଛନ୍ତି ଯେ, ଏହା ପଛରେ ଏକ ବଡ଼ ଗ୍ୟାଙ୍ଗର ହାତ ରହିଛି। ଏହି ଗ୍ୟାଙ୍ଗ ସ୍ନାପ୍‌ଚାଟ୍ ଏବଂ ହ୍ୱାଟ୍ସଆପ୍ ଗ୍ରୁପ୍ ଜରିଆରେ ଏଭଳି ଅପରାଧ ଘଟାଉଥିବା ସେ ଅଭିଯୋଗ କରିଛନ୍ତି। ଅଭିଯୁକ୍ତଙ୍କ ମୋବାଇଲ ଫୋନକୁ ଜବତ କରାଯାଇ ଅଧିକ ପ୍ରମାଣ ପାଇଁ ଯାଞ୍ଚ କରାଯାଉଛି।

### ଜାତୀୟ ମହିଳା ସଂରକ୍ଷଣ...

ପ୍ରଶଂସନୀୟ କାର୍ଯ୍ୟ କରିଛି। ନୂତନ ସଂଶୋଧନ ଦ୍ୱାରା ଓଡ଼ିଶାର ରାଜନୈତିକ ପ୍ରତିଷ୍ଠା ବିଶେଷ ଭାବେ ପ୍ରଭାବିତ ହେବ ବୋଲି ସେ କହିଛନ୍ତି। ନବୀନ ଆହୁରି ଉଲ୍ଲେଖ କରିଛନ୍ତି, ରିପୋର୍ଟ ଅନୁଯାୟୀ ଏହି ପ୍ରସ୍ତାବିତ ନୂତନ ବ୍ୟବସ୍ଥା ଦ୍ୱାରା ଓଡ଼ିଶାର ବିପୁଳ କ୍ଷତି ସହିବାରେ ଦେଶର ୪ର୍ଥ ରାଜ୍ୟ ହେବ। ଆମ ଭବିଷ୍ୟତ ପିଢ଼ି ପାଇଁ ଏହାଦ୍ୱାରା ବହୁ ଅନ୍ୟାୟ ହେବ। ଯଦି ଓଡ଼ିଶାର ରାଜନୈତିକ ଅଧିକାର ଏହାଦ୍ୱାରା ଯଦି ଅକ୍ଷୁଣ୍ଣ ରୁହେ ତେବେ ଏହି ବିଲ୍‌କୁ ସ୍ୱାଗତ କରାଯିବ। ମାତ୍ର ସମ୍ବିଧାନରେ ଉଲ୍ଲେଖିତ ସହଯୋଗମୂଳକ ସଂଘୀୟବାଦର ଏହି ବିଲ୍ ବିରୁଦ୍ଧାଚରଣ କରୁଛି। ତେଣୁ ଓଡ଼ିଶାର ରାଜନୈତିକ ଅଧିକାର କ୍ଷୁଣ୍ଣ ହେଲା ଭଳି ଯଦି କୌଣସି କାର୍ଯ୍ୟ ଘଟେ ତେବେ ଏହା ରାଜ୍ୟବାସୀଙ୍କ ଆଶା ଆକାଂକ୍ଷା ପ୍ରତି ଐତିହାସିକ ଧୋକା ହେବ। ଏପ୍ରିଲ ପହିଲା ୧୯୩୬ରେ ଓଡ଼ିଶା ଦେଶର ପ୍ରଥମ ଭାଷାଭିତ୍ତିକ ରାଜ୍ୟର ମାନ୍ୟତା ଲାଭ କରିଥିଲା। ଓଡ଼ିଆ ଭାଷାଭାଷୀ ଅଞ୍ଚଳ ଏକାଠି ହେଲା। ଓଡ଼ିଶା କେବଳ ଏକ ଭୌଗୋଳିକ ସତ୍ତା ନୁହେଁ, ଓଡ଼ିଆ ଭାଷା କହୁଥିବା ସାଢେ ୪ କୋଟି ରାଜ୍ୟବାସୀଙ୍କ ଆସ୍ଥାର ଦେବାଳୟ। ୧୮୧୭ର ପାଇକ ବିଦ୍ରୋହ ଓ ୧୯୪୨ର ଭାରତ ଛାଡ଼ ଆନ୍ଦୋଳନ ଆଦିରେ ଏ ମାଟିର ସୁଯୋଗ୍ୟ ସନ୍ତାନ ବକ୍ସି ଜଗବନ୍ଧୁ, ବୀର ସୁରେନ୍ଦ୍ର ସାଏ ଓ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଅତୁଳନୀୟ ଅବଦାନ ଚିରସ୍ମରଣୀୟ। ଓଡ଼ିଶା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ଭୂମି। ଜଗନ୍ନାଥ ସଂସ୍କୃତି ହେଉଛି ଭାରତୀୟତାର ଆଧ୍ୟାତ୍ମିକ ଓ ନୈତିକ ଶକ୍ତି। ଏହି ସାଂସ୍କୃତିକ ଓ ଐତିହାସିକ ପୃଷ୍ଠଭୂମିରେ ଓଡ଼ିଶାର ରାଜନୈତିକ ଅଧିକାର ଯେପରି କ୍ଷୁଣ୍ଣ ନ ହୁଏ, ସେଥିପାଇଁ ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବେ ତୁରନ୍ତ ପଦକ୍ଷେପ ନିଅନ୍ତୁ।

ନବୀନ ପୁଣି କହିଛନ୍ତି, ବର୍ତ୍ତମାନ ଯଦି ଏହାକୁ ଦୃଢ ପ୍ରତିବାଦ କରାଯିବ ନାହିଁ ଏବଂ ଓଡ଼ିଶାର ରାଜନୈତିକ ପ୍ରତିଷ୍ଠା ହ୍ରାସରେ ନୀରବଦ୍ରଷ୍ଟା ହୋଇ ରହିବା, ତେବେ ଭବିଷ୍ୟତ ପିଢ଼ି ଆମକୁ କେବେ କ୍ଷମା କରିବେ ନାହିଁ। ତେଣୁ ୪୮ ଘଣ୍ଟା ଭିତରେ ସ୍ୱତନ୍ତ୍ର ଅଧିବେଶନ ଡାକି ଏହାକୁ ବିରୋଧ କରି ବିଧାନସଭାରେ ଏକ ସଂକଳ୍ପ ପାରିତ କରିବାକୁ ନବୀନ ଅନୁରୋଧ କରିଛନ୍ତି। ଓଡ଼ିଶାର ରାଜନୈତିକ ଅଧିକାର ଯଦି ୦.୧% କ୍ଷୁଣ୍ଣ ନ ହେବ ସେଥିଲାଗି ସମସ୍ତେ କାର୍ଯ୍ୟ କରିବା ଦରକାର।

ଏଠାରେ ଉଲ୍ଲେଖଯୋଗ୍ୟ, କେନ୍ଦ୍ରର ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ମହିଳା ସଂରକ୍ଷଣ ବିଲ୍‌କୁ ଆଗରେ ରଖି ସୀମା ପୁନଃ ନିର୍ଦ୍ଧାରଣ ସମ୍ବନ୍ଧିତ ସଂଶୋଧନ ବିଲ୍ ଲାଗୁ କରାଇବାକୁ ଚାହୁଁଥିବା ଚର୍ଚ୍ଚା ହେଉଛି। କେନ୍ଦ୍ର ସରକାର ଦର୍ଶାଇବାକୁ ଚାହୁଁଛନ୍ତି ମହିଳା ସଂରକ୍ଷଣ ଲାଗି ସୀମା ପୁନଃ ନିର୍ଦ୍ଧାରଣର ଆବଶ୍ୟକତା ପଡୁଛି। ନବୀନ ମହିଳା ସଂରକ୍ଷଣ ବିଲ୍‌କୁ ସମର୍ଥନ କରୁଥିବା ଜଣାଇଛନ୍ତି। ଏଥିରୁ ସେ ସୀମା ପୁନଃ ନିର୍ଦ୍ଧାରଣ ବିଲ୍‌କୁ କିପରି ବିରୋଧ କଲେ ବୋଲି ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି।

### ଡିଲିମିଟେଶନ୍ ବିରୋଧରେ...

ନେତା ଏ. ରାଜା, ସିପିଆଇଏମ୍‌ର ନୀଳୋତ୍ପଳ ବସୁ, ଆପ୍ ନେତା ସଞ୍ଜୟ ସିଂ, ସ୍ୱାଧୀନ ଏମ୍‌ପି କପିଲ ସିବଲ, ଆଇୟୁଏମ୍‌ଏଲ୍‌ର ଇ.ଟି. ମହମ୍ମଦ ବଶିର ଏବଂ ଆର୍‌ଏସ୍‌ପିର ଏନ୍.କେ. ପ୍ରେମଚନ୍ଦ୍ରନ୍ ମଧ୍ୟ ଏଥିରେ ସାମିଲ ହୋଇଥିଲେ। ସେପଟେ କେନ୍ଦ୍ରର ଏହି ପ୍ରସ୍ତାବକୁ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକରେ ବିରୋଧ ବଢ଼ିବାରେ ଲାଗିଛି। ତାମିଲନାଡୁ ମୁଖ୍ୟମନ୍ତ୍ରୀ ତଥା ଡିଏମ୍‌କେ ସୁପ୍ରିମୋ ଏମ୍.କେ. ଷ୍ଟାଲିନ୍ ବୁଧବାର ଦଳୀୟ ଏମ୍‌ପି ଏବଂ ଜିଲା ସମ୍ପାଦକମାନଙ୍କ ସହ ଭିଡିଓ କନ୍‌ଫରେନ୍ସ ଜରିଆରେ ଏକ ଜରୁରୀ ବୈଠକରେ ଅଧ୍ୟକ୍ଷତା କରି କହିଛନ୍ତି, ଆମ ମୁଣ୍ଡ ଉପରେ ଝୁଲୁଥିବା ଖଣ୍ଡା ଏବେ ଆମ ମୁଣ୍ଡରେ ଖସିପଡ଼ିଛି। ଏହି ବିପଦର ମୁକାବିଲା ପାଇଁ ରଣନୀତି ସ୍ଥିର କରିବା ସକାଶେ ସମସ୍ତ ରାଜ୍ୟର ଏମ୍‌ପିମାନଙ୍କ ସହ ଡିଏମ୍‌କେ ପକ୍ଷରୁ ଯୋଗାଯୋଗ କରାଯିବ। କେନ୍ଦ୍ର ସରକାର ତାମିଲନାଡୁ ଓ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକ ବିରୋଧରେ ଏକ ବୃହତ୍, ଐତିହାସିକ ଅନ୍ୟାୟ କରିବା ପାଇଁ ଯୋଜନା ରଖି ଗୁରୁବାର ଡିଲିମିଟେଶନ୍ ସଂଶୋଧନ ଆଣିବାକୁ ଯାଉଛନ୍ତି। ଭାରତର ପ୍ରଗତିରେ ଦକ୍ଷିଣ ରାଜ୍ୟଗୁଡ଼ିକର ଅବଦାନ ରହିଛି। ଏହା ବିରୋଧରେ ସରକାର ଦଣ୍ଡିତ କରିବାକୁ ଯାଉଛନ୍ତି କି ବୋଲି ସେ ପ୍ରଶ୍ନ କରିଛନ୍ତି। ଭାଜପା ନିଆଁ ସହ ଖେଳୁଛି। ତାମିଲନାଡୁ ସାରା ଗୁରୁବାର ପ୍ରତ୍ୟେକ ଘରେ ଓ ସର୍ବସାଧାରଣ ସ୍ଥାନରେ କଳାପତାକା ଉଡ଼ାଯିବ ବୋଲି ଷ୍ଟାଲିନ୍ ଘୋଷଣା କରିବା ସହ କେନ୍ଦ୍ରକୁ ପଛଘୁଞ୍ଚା ଦେବାକୁ ଆହ୍ୱାନ ଦେଇଛନ୍ତି। ଅନ୍ୟଥା କେନ୍ଦ୍ର ଏହାର ପରିଣାମ ଭୋଗିବ ବୋଲି ସେ କହିଛନ୍ତି। କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା, କେରଳ ମୁଖ୍ୟମନ୍ତ୍ରୀ ପି. ବିଜୟନ୍, ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀ ମଧ୍ୟ କେନ୍ଦ୍ରର ଉକ୍ତ ପ୍ରସ୍ତାବକୁ ଜୋର୍‌ଦାର ବିରୋଧ କରିଛନ୍ତି। କିନ୍ତୁ ଜାତୀୟ ଗଣତାନ୍ତ୍ରିକ ମେଣ୍ଟର ପ୍ରମୁଖ ସହଯୋଗୀ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ମୁଖ୍ୟ ତଥା ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ ଏନେଇ ସନ୍ତୁଳିତ ଆଭିମୁଖ୍ୟ ଆପଣାଇ ଭାଜପାକୁ ବିରୋଧ କରିବାକୁ ଚାହିଁନାହାଁ। ତେଲଙ୍ଗାନାର ବିରୋଧୀ ଦଳ ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ନେତା କେ.ଟି. ରାମାରାଓ କହିଛନ୍ତି, ଦକ୍ଷିଣ ଭାରତୀୟମାନେ ଏହାକୁ ବିରୋଧ କରିବା ଉଚିତ। ଆମ ରାଜନୈତିକ ସ୍ୱରକୁ ଦୁର୍ବଳ କରିବାକୁ ଉଦ୍ୟମ ହେଲେ ଦକ୍ଷିଣାଞ୍ଚଳ ନୀରବଦ୍ରଷ୍ଟା ହୋଇ ରହିପାରିବ ନାହିଁ।

### ୮.୪୭ ଲକ୍ଷ ଟଙ୍କାର...

ନୋଟ ଜବତ ହୋଇଥିଲା। ଏହାର ସମୁଦାୟ ମୂଲ୍ୟ ୮ଲକ୍ଷ ୪୭ହଜାର ୫୦୦ଟଙ୍କା। ଏହି ଘଟଣାରେ ପୋଲିସ ଯାଜପୁର ଜିଲା ଯଖପୁରା ଅଞ୍ଚଳର ଅଭିଳାଷ ପୁରୁଷୋତ୍ତମ ଶତପଥୀ(୨୧) ଓ ନୟାଗଡ ଜିଲା ଖନପା ଥାନା ମର୍ଦ୍ଦରାଜପୁର ଅଞ୍ଚଳର ପ୍ରଶାନ୍ତ ଦାସ(୩୪)ଙ୍କୁ ଗିରଫ କରିଛି। ଉଭୟଙ୍କ ନିକଟରୁ ଜାଲ ଭାରତୀୟ ମୁଦ୍ରା ନୋଟ, ସ୍କର୍ପିଓ ଓ ୨ଟି ମୋବାଇଲ ପୋଲିସ ଜବତ କରିଥିବା ଏସ୍‌ପି କହିଛନ୍ତି। ଏ ନେଇ ସୋନପୁର ଥାନାରେ ଏକ ମାମଲା(ନଂ.୧୨୬/୨୬) ରୁଜୁ ହୋଇଛି। ଏହି ଜାଲ୍ ନୋଟ କାରବାରରେ ବରଗଡ ଓ ଛତିଶଗଡ଼ର ଲିଙ୍କ୍ ମିଳିଛି। ଅଧିକ ତଦନ୍ତ ଜାରି ରହିଛି। ଏସ୍‌ଆଇ ସୁକାନ୍ତ ଜେନା ମାମଲାର ତଦନ୍ତ କରୁଛନ୍ତି। ଏସ୍‌ପି ନାୟକ କହିଛନ୍ତି, ଜାଲ୍‌ନୋଟ କାରବାର ସମ୍ପର୍କରେ ଗୋଇନ୍ଦା ସୂତ୍ରରୁ ସୂଚନା ମିଳିଥିଲା। ତଦନୁଯାୟୀ ସହରରେ ପୋଲିସ ପାଟ୍ରୋଲିଂ କଡାକଡି କରାଯାଇଥିଲା। ଏହି ରାକେଟ୍‌ରେ ଅନ୍ୟ କେଉଁମାନେ ସମ୍ପୃକ୍ତ ଅଛନ୍ତି ଓ ବଜାରକୁ କେତେ ପରିମାଣର ଜାଲ୍ ନୋଟ ଛଡାଯାଇଛି ସେ ନେଇ ଅଧିକ ତଦନ୍ତ ଜାରି ରହିଛି। ଜବତ ନୋଟଗୁଡ଼ିକୁ ପରୀକ୍ଷା ପାଇଁ ଆର୍‌ବିଆଇର କୋଲକାତାସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟକୁ ପଠାଯିବ ବୋଲି ଏସ୍‌ପି କହିଛନ୍ତି। ତେବେ ଜିଲାର ବିଭିନ୍ନ ସ୍ଥାନରୁ ଜାଲ୍ ନୋଟ ଜବତ ହେବା ସାଧାରଣ ଲୋକଙ୍କୁ ଚିନ୍ତାରେ ପକାଇଛି। ଏହି ସମ୍ମିଳନୀରେ ଅତିରିକ୍ତ ଏସ୍‌ପି କେ.କେ.ହରିପ୍ରସାଦ ଉପସ୍ଥିତ ଥିଲେ।

# ୨୯ରେ ରାଜ୍ୟବ୍ୟାପୀ ବିକ୍ଷୋଭ କରିବ ୟୁଜେଏ

ତାଳଚେର,୧୫।୪(ମନୋଜ ନନ୍ଦ)

ଖବରଦାତାମାନଙ୍କ ଅଧିକାର ପାଇଁ ଆନ୍ଦୋଳନକୁ ଜୋର୍‌ଦାର କରିବା ବୋଲି ଉତ୍କଳ ସାମ୍ବାଦିକ ସଂଘ (ୟୁଜେଏ) ବୁଧବାର ଘୋଷଣା କରିଛି। ଅନୁଗୋଳ ଜିଲା ତାଳଚେରଠାରେ ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଯୋଗଦେଇ ରାଜ୍ୟ ସଭାପତି ବିଭୂତି ଭୂଷଣ କର ଏହି ଘୋଷଣା କରିଛନ୍ତି। ସେ କହିଛନ୍ତି, ବିଭିନ୍ନ ରାଜ୍ୟରେ ଖବରଦାତାମାନଙ୍କୁ ଆର୍ଥିକ ଏବଂ ସାମାଜିକ ସୁରକ୍ଷା ଯୋଗାଇ ଦିଆଯାଇଥିବାବେଳେ ଓଡ଼ିଶା ସରକାର ଏ ଦିଗରେ ଅଣଦେଖା ନୀତି ଆପଣାଇଛନ୍ତି। ମାସିକ ୧୫ ହଜାର ଟଙ୍କା ପେନ୍‌ସନ, ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ, ରାଜ୍ୟ ଓ ଜିଲାସ୍ତରୀୟ ଅଧିସ୍ୱୀକୃତି କମିଟି ଗଠନ ଆଦି ଦାବି ନେଇ ଗତ ୭ ଫେବୃଆରୀ ୨୦୨୪ରେ ବିଧାନସଭା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ରାଜ୍ୟ ସରକାରଙ୍କ ୨ ବର୍ଷ ପୂରଣ ହେବାକୁ ଯାଉଥିବା ବେଳେ ଏଯାବତ୍ ଖବରଦାତାମାନଙ୍କ ଦାବି ପୂରଣ ଦିଗରେ କୌଣସି ପଦକ୍ଷେପ ନିଆଯାଇ ନାହିଁ। ବିଗତ ବିଧାନସଭାରେ ବିଧାୟକଙ୍କ ଦ୍ୱାରା ପଚରା ଯାଇଥିବା କିଛି ପ୍ରଶ୍ନରେ ସରକାର ଖବରଦାତାମାନଙ୍କ କୌଣସି ଦାବି ବିଚାରାଧୀନ ନାହିଁ ବୋଲି ଉତ୍ତର ରଖିଥିଲେ। ସରକାରଙ୍କ ଏହି ଅଣଦେଖା ନୀତି ବିରୋଧରେ ଉତ୍କଳ ସାମ୍ବାଦିକ ସଂଘ ଆସନ୍ତା ୨୯ ତାରିଖରେ ସମସ୍ତ ଜିଲାରେ ଏକଘଣ୍ଟାର ପ୍ରତିକାତ୍ମକ ପ୍ରତିବାଦ ପ୍ରଦର୍ଶନ କରିବ। ମେ ୧ ତାରିଖରେ ରାଜ୍ୟବ୍ୟାପୀ କଳାବ୍ୟାଜ୍ ପରିଧାନ କରାଯିବ ବୋଲି ରାଜ୍ୟ ସଭାପତି କର ପ୍ରକାଶ କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା, କାର୍ଯ୍ୟକାରୀ ସଭାପତି ହାରାଧନ ବାର୍ନାଜୀ ଓ ପୂର୍ଣ୍ଣଚନ୍ଦ୍ର ନାୟକ, କୋଷାଧ୍ୟକ୍ଷ ରାଜେନ ଚୌଧୁରୀ, ଉପସଭାପତି ରଶ୍ମିରଞ୍ଜନ ମିଶ୍ର ଓ ସତ୍ୟ ନାରାୟଣ ମିଶ୍ର, ଉପଦେଷ୍ଟା ପବିତ୍ର ମହାରଥା, ବିଶ୍ୱଜିତ ପଟ୍ଟନାୟକ, ଜିଲା ସଭାପତି ଲୋକନାଥ ଦଳେଇ, ପୂର୍ଣ୍ଣଚନ୍ଦ୍ର ସାହୁ, ଶ୍ରୀକାନ୍ତ ଖଟେଇ, ଦେବାଶିଷ ପୁରୋହିତ, ସତ୍ୟବ୍ରତ ଦାସ ଓ ହରିହର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

ପୌରପରିଷଦ କାର୍ଯ୍ୟାଳୟ : ଜୟପୁର
**OFFICE OF THE MUNICIPAL COUNCIL : JEYPORE**
Phone No. : 06854-231098, e-Mail : ulbjeypore@gmail.com
Letter No. : 1959 Date : 09.04.2026
**QUOTATION CALL NOTICE FOR SUPPLY OF PRINTING MATERIALS FOR THE YEAR 2026-27**
No.13001/178/2627 : Sealed quotations are invited from local suppliers/dealers/ manufacturers for supply of Printing Materials to be used in office of the Municipal Council Jeypore for official purposes.
The terms & conditions are detailed below:
1. The Quotationer may purchase from office of Jeypore Municipality on payment of Rs. 600/- (Rupees six hundred, Non-Refundable) from dated 11/04/2026 to 28/04/2026 only on working hours.
2. The Quotationer may submit His/her quotation in aforesaid quotation paper only being accompanied with Money receipt GST and other Tax clearance certificate, Aadhar card, PAN Card and other relevant documents if any.
3. The quotation should be inclusive of all applicable Taxes, duties and other charges.
4. The supplier should ensure that the quality of the Printing Materials is of high standard and meets our requirements.
5. Delivery of the Printing Materials should be made within 05 days from date of issue of Purchase orders.
6. The supplier should provide warranty for any defective Printing Materials supplied.
7. The supplier should provide a sample of the Printing Materials for our inspection if required.
8. The Quotationer has to deposit Rs-3000 (Rupees three thousand only) towards security deposit which is refundable.
9. The quotations should reach the undersigned through Registered Speed Post/ Courier by 29/04/2026 11.00 AM. which will be opened in presence of Quotationer or his/her authorized representative on 29/04/2026 at 12:30pm
10. The quotations received after stipulated date and time shall not be entertained.
11. The undersigned reserves the right to reject any or all quotations without assigning any reason thereof.

Sd./- Executive Officer
Jeypore Municipality
OIPR-13001/13079/1/26-27/0003

GOVERNMENT OF ODISHA
DEPARTMENT OF WATER RESOURCES
**OFFICE OF THE ADDITIONAL CHIEF ENGINEER**
**DRAINAGE CIRCLE, BALASORE**
Email id: sedcbls@yahoo.com
"e" PROCUREMENT NOTICE NO.ACEDCBLS-01/2026-27
No.32001/64/2627

| | | |
|---|---|---|
| 1 | Name of Works:- | Drainage works (Under D.I.P. Scheme) |
| 2 | Total No. of Project:- | 1 Nos. of Individual work |
| 3 | Estimated cost of individual works:- | Rs.6,73,59,877/- (Excluding G.S.T.) |
| 4 | Period of Completion:- | 18 (Eighteen) Calendar Months |
| 5 | Bid Identification Number:- | ACEDCBLS/DDJPR-01-01/2026-27 |
| 6 | Date & Time of availability of Bid document in the Portal:- | From Dt.16.04.2026 at 10.00 hours to Dt.30.04.2026 at 17.00 hours |
| 7 | Date & Time for receipt of bid document in the Portal:- | From Dt.16.04.2026 at 10.00 hours to Dt.30.04.2026 at 17.00 hours |
| 8 | Date of Opening of Technical Bid:- | Dt.02.05.2026 at 11.30 hours in the Office of the Additional Chief Engineer, Drainage Circle, Balasore |
| 9 | Date of Opening of Financial Bid:- | To be uploaded in portal |
| 10 | Cost of Tender Paper | Rs.10,000.00 |
| 11 | Procurement Officer/ Name & address of the Officer inviting Bids:- | Additional Chief Engineer, Drainage Circle, Balasore |

Further details can be seen from the Govt. website www.tendersorissa.gov.in.
Sd./- Additional Chief Engineer
Drainage Circle, Balasore
OIPR-32001/32128/1/26-27/0001

# ଏୟାର ଇଣ୍ଡିଆର କ୍ଷତି ୨୨,୦୦୦ କୋଟି

**ନୂଆଦିଲ୍ଲୀ, ୧୫।୪**

ଏୟାର ଇଣ୍ଡିଆ କମ୍ପାନୀର କ୍ଷତି କମିବା ନାଁ ଧରୁ ନାହିଁ। ପୂର୍ବରୁ ଏକ ରାଷ୍ଟ୍ରାୟତ୍ତ କମ୍ପାନୀ ଭାବେ ଏୟାର ଇଣ୍ଡିଆ ବିପୁଳ କ୍ଷତିର ସମ୍ମୁଖୀନ ହେବା ପରେ ଏହାର ଘରୋଇକରଣ ସହ ୨୦୨୨ରେ ଏହାକୁ ଟାଟା ଗ୍ରୁପ୍ ହାତକୁ ନେଇଥିଲା। ଏହାପରେ ମଧ୍ୟ କମ୍ପାନୀର କ୍ଷତି ବଢ଼ି ଚାଲିଛି। ୨୦୨୫-୨୬ ଆର୍ଥିକ ବର୍ଷରେ ଭାରତର ଦ୍ୱିତୀୟ ବୃହତ ଏୟାରଲାଇନ୍ସ



କମ୍ପାନୀ ଭାବେ ଏୟାର ଇଣ୍ଡିଆର କ୍ଷତି ପରିମାଣ ୨୨ ହଜାର କୋଟି ଟଙ୍କା(୨.୪ ବିଲିୟନ ଡଲାର)ରେ ପହଞ୍ଚିଛି। ବିଭିନ୍ନ କାରଣକୁ ନେଇ ଏହି ବର୍ଷରେ କମ୍ପାନୀର କ୍ଷତି ୧.୭ ବିଲିୟନ ଡଲାର ରହିବ ବୋଲି ଆକଳନ କରାଯାଇଥିଲେ ହେଁ କ୍ଷତି ପରିମାଣ ଏହାଠାରୁ ଯଥେଷ୍ଟ ଅଧିକ ରହିଛି। ୨୦୨୫ରେ ପାକିସ୍ତାନ ସହ ଯୁଦ୍ଧରେ ଏୟାରସ୍ପେଶକୁ ନେଇ ଉପୁନ୍ନ ସମସ୍ୟା ସହିତ ଏହି ବର୍ଷ ଏୟାର ଇଣ୍ଡିଆର ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ଏବଂ ପରବର୍ତ୍ତୀ ସମୟରେ ବିମାନ ଇନ୍ଧନ ମୂଲ୍ୟ ବୃଦ୍ଧି ବିପୁଳ କ୍ଷତିର କାରଣ ହୋଇଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏଥିପାଇଁ ଏୟାର ଇଣ୍ଡିଆ ଏବଂ ଏହାର ସହଯୋଗୀ କମ୍ପାନୀ ସିଙ୍ଗାପୁର ଏୟାର ଲାଇନ୍ସ ବେଲ୍ଆଉଟ୍ ପ୍ୟାକେଜ ପାଇଁ ଯୋଜନା ଚଳାଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଏୟାର ଇଣ୍ଡିଆ କମ୍ପାନୀରେ ଟାଟା ଗ୍ରୁପ୍‌ର ୭୪.୯ ପ୍ରତିଶତ ଅଂଶଧନ ରହିଥିଲାବେଳେ ସିଙ୍ଗାପୁର ଏୟାରଲାଇନ୍ସର ଅଂଶଧନ ୨୫.୧ ପ୍ରତିଶତ ରହିଛି। ବର୍ତ୍ତମାନ ଭାରତୀୟ ବିମାନ ଚଳାଚଳ କ୍ଷେତ୍ରରେ ଏୟାର ଇଣ୍ଡିଆର ମାର୍କେଟ ଶେୟାର ୨୫% ରହିଥିଲାବେଳେ ଇଣ୍ଡିଗୋ ଏୟାର ଲାଇନ୍ସର ଶେୟାର ସର୍ବାଧିକ ଭାବେ ୬୪ ପ୍ରତିଶତ ରହିଛି।


**ମେଘନା ମହାନ୍ତିଙ୍କ Ph.D. ପ୍ରାପ୍ତ**



ମେଘନା ମହାନ୍ତି ଝାଡ଼ଖଣ୍ଡ ସ୍ଥିତ Capital University, Kodermaରେ Psychology Enrollment No. 7161811977014111 ଦ୍ୱାରା ସମ୍ମାନ ସୂଚକ ପିଏଚ୍.ଡି. ଉପାଧି ଲାଭ କରିଛନ୍ତି। ତାଙ୍କର ଗବେଷଣାତ୍ମକ ନିବନ୍ଧର ବିଷୟବସ୍ତୁ ଥିଲା "Role of Government & NGO in Reducing Depression among Hearing Impaired Adolescents in Odisha". Dr. Meghna, Prof. Archana Krishnaଙ୍କ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ ଏବଂ ଉଚ୍ଚ ପ୍ରଶଂସିତ ହୋଇଛନ୍ତି। Dr. Meghna Mohanty ବାଲେଶ୍ୱର ନିବାସୀ, ସୁଧାଂଶୁ ଶେଖର ମହାନ୍ତି ଓ ଲୋପାମୁଦ୍ରା ମହାନ୍ତିଙ୍କର ଏକମାତ୍ର କନ୍ୟା ଅଟନ୍ତି। ସେ ତାଙ୍କର ଏହି ସମ୍ମାନ ଏବଂ ସଫଳତାର ଶ୍ରେୟ ମା' ଦୁର୍ଗା ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଅର୍ପଣ କରିବା ସହିତ ନିଜ ପିତାମାତା, ସ୍ୱାମୀ, ଶ୍ୱଶୁର, ଶାଶୁ, ସମସ୍ତ ପରିବାରବର୍ଗ, ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ସମସ୍ତ ସହକର୍ମୀ ଏବଂ ବନ୍ଧୁମାନଙ୍କୁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଛନ୍ତି। ବର୍ତ୍ତମାନ Dr. Meghna Mohanty, Utkal Balashram, Balasore Psychologist ଭାବରେ କାର୍ଯ୍ୟ କରୁଛନ୍ତି। ଧ-୧୦୮


# ଜିଡିପି ର‌୍ୟାଙ୍କିଙ୍ଗ୍‌ରେ ପୁଣି ଭାରତକୁ ଟପିଲା ବ୍ରିଟେନ

## ୬ଷ୍ଠ ସ୍ଥାନରେ ଭାରତ

**ନୂଆଦିଲ୍ଲୀ, ୧୫।୪**

ବିଶ୍ୱ ସ୍ତରରେ ଅର୍ଥନୈତିକ କ୍ଷେତ୍ରରେ ଭାରତର ସ୍ଥାନ ତଳକୁ ଖସିଛି। ବିଶ୍ୱର ୫ମ ବୃହତ୍ ଅର୍ଥନୀତି ଭାବେ ଏବେ ବ୍ରିଟେନ୍ ଭାରତକୁ ଅତିକ୍ରମ କରିଛି। ପୂର୍ବରୁ ଭାରତ ଅର୍ଥନୀତି କ୍ଷେତ୍ରରେ ବ୍ରିଟେନକୁ ଟପି ୫ମ ସ୍ଥାନରେ ରହିଥିଲା। କିନ୍ତୁ ଏବେ ବିଭିନ୍ନ କାରଣକୁ ନେଇ ଭାରତର ସ୍ଥାନ ତଳକୁ ଖସି ୬ରେ ରହିଛି। ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍ଏଫ୍) ରିପୋର୍ଟ ଅନୁସାରେ ବ୍ରିଟେନ ବିଗତ ଦିନରେ ଏହାର ଅର୍ଥନୀତିରେ ସୁଧାର ଆଣିବା ସହ ନିଜର ପୂର୍ବ ସ୍ଥାନ ହାସଲ




କରିବାକୁ ସକ୍ଷମ ହୋଇଛି। ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କା ମୂଲ୍ୟରେ କ୍ରମାଗତ ଅବମୂଲ୍ୟାନ ଯୋଗୁ ସାମଗ୍ରିକ ଅର୍ଥନୀତି କ୍ଷେତ୍ରରେ ପରିବର୍ତ୍ତନ ଘଟିବା ସହ ଜିଡିପି ମଧ୍ୟ ପ୍ରଭାବିତ ହୋଇଛି ବୋଲି ଆଇଏମ୍ଏଫ୍ କହିଛି। ଚଳିତ ବର୍ଷ ପ୍ରାରମ୍ଭରେ ଡଲାର ତୁଳନାରେ ଟଙ୍କା ମୂଲ୍ୟ ୮୯.୯୧ ରହିଥିଲା। କିନ୍ତୁ ଏହା ମଧ୍ୟରେ ଡଲାର-ଟଙ୍କା ବିନିମୟ ମୂଲ୍ୟ ୯୩.୪୦ରେ ପହଞ୍ଚିଛି। ଏହାକୁ ନେଇ ଭାରତର ସାମଗ୍ରିକ ଅର୍ଥନୈତିକ ସ୍ଥିତି ତଳକୁ ହୋଇଛି ବୋଲି କୁହାଯାଇଛି। ଡଲାର ତୁଳନାରେ ଟଙ୍କା ମୂଲ୍ୟର ହ୍ରାସ ଯୋଗୁ ଭାରତର ଜିଡିପି ହ୍ରାସ ପାଇଥିଲାବେଳେ ଜିଡିପି 'ବେସ୍ ଇୟର'ରେ ପରିବର୍ତ୍ତନ ଅନ୍ୟତମ କାରଣ ବୋଲି କୁହାଯାଇଛି। ପୂର୍ବରୁ ୨୦୧୧-୧୨ ଆର୍ଥିକ ବର୍ଷକୁ ବେସ୍ ଇୟର ଭାବେ ଗଣନା କରାଯାଇଆସୁଥିଲା। କିନ୍ତୁ ଏବେ ୨୦୨୨-୨୩କୁ ବେସ୍ ଇୟର ଭାବେ ଗଣନା କରାଯାଉଛି। ଆଇଏମଏଫ୍ ରିପୋର୍ଟ ଅନୁସାରେ ୨୦୨୫-୨୬ ଆର୍ଥିକ ବର୍ଷରେ ଭାରତର ଜିଡିପି ୩.୯୨ ଟ୍ରିଲିୟନ ଡଲାର ରହିବା ସହ ୨୦୨୬-୨୭ ବର୍ଷରେ ଏହା ୪.୧୫ ଟ୍ରିଲିୟନ ଡଲାରରେ ପହଞ୍ଚିବ ବୋଲି ଆକଳନ କରାଯାଇଛି। ଅନ୍ୟପକ୍ଷରେ ୨୦୨୫-୨୬ରେ ବ୍ରିଟେନ ଜିଡିପି ୪ ଟ୍ରିଲିୟନ ଡଲାର ଏବଂ ୨୦୨୬-୨୭ ବର୍ଷରେ ଏହା ୪.୨୬ ଟ୍ରିଲିୟନ ଡଲାର ଛୁଇଁବ ବୋଲି ଆକଳନ କରାଯାଇଛି। ୨୦୨୪ରେ ଭାରତ ବ୍ରିଟେନ ଅର୍ଥନୀତିକୁ ଟପି ୫ମ ସ୍ଥାନରେ ରହିଥିଲା। ଏହି ବର୍ଷ ବ୍ରିଟେନର ଜିଡିପି ୩.୪ ଟ୍ରିଲିୟନ ରହିଥିଲାବେଳେ ଭାରତର ଜିଡିପି ୩.୫ ଟ୍ରିଲିୟନ ଡଲାରରେ ପହଞ୍ଚିଥିଲା। ବିଶ୍ୱର ସର୍ବବୃହତ୍ ଅର୍ଥନୀତି ଭାବେ ଆମେରିକାର ଜିଡିପି ୩୦.୮ ଟ୍ରିଲିୟନ ଡଲାର ରହିଛି। ଏହା ପଛକୁ ଚାଇନା ଜିଡିପି ୧୯.୬ ଟ୍ରିଲିୟନ ଡଲାର, ଜର୍ମାନୀ ୪.୭୦ ଟ୍ରିଲିୟନ, ଜାପାନ ଜିଡିପି ୪.୪୪ ଟ୍ରିଲିୟନ ଡଲାର ରହିଛି।



ବିଏସ୍ଇ ସେନ୍‌ସେକ୍ସ
୭୮, ୧୧୧ (+୧୨୬୪)



**୧ ଡଲାର = ୯୩.୨୬ ଟଙ୍କା**



**ବ୍ରେଣ୍ଟ କ୍ରୁଡ୍ ଅଏଲ୍ (ପ୍ରତି ବ୍ୟାରେଲ୍) ୯୫.୬୭ ଡଲାର**

## ସେନ୍‌ସେକ୍ସରେ ୧୨୬୪ ପଏଣ୍ଟ ବୃଦ୍ଧି

**ମୁମ୍ବାଇ, ୧୫।୪**

ବୁଧବାର ଉଭୟ ବିଏସ୍ଇ ଏବଂ ଏନ୍ଏସଇ ତାଲିକାଭୁକ୍ତ କମ୍ପାନୀଗୁଡ଼ିକର କାରବାରରେ ଉନ୍ନତି ଘଟିଛି। ଯୁଦ୍ଧ ବନ୍ଦକୁ ନେଇ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ଲାଗି ଉଭୟ ଆମେରିକା ଏବଂ ଇରାନ ସହମତ ହେବା ପରେ ଅନ୍ତର୍ଜାତୀୟ ବଜାରରେ ତୈଳ ଦର ୧୦୦ ଡଲାର ତଳକୁ ଖସିବାରୁ ନିବେଶକ ମହଲରେ ଆଶ୍ୱସ୍ତି ପ୍ରକାଶ ପାଇଛି। ଏହାକୁ ନେଇ ବିଏସ୍ଇ ସେନ୍‌ସେକ୍ସରେ ୧୨୬୪ ପଏଣ୍ଟ ବୃଦ୍ଧି ଘଟିଥିଲାବେଳେ କାରବାର ଶେଷ ସୁଦ୍ଧା ଏହା ୭୮,୧୧୧ ପଏଣ୍ଟରେ ବନ୍ଦ ରହିଛି। ସେହିପରି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ ସୂଚକାଙ୍କ ନିଫ୍ଟିରେ ମଧ୍ୟ ୩୮୮ ପଏଣ୍ଟ ବୃଦ୍ଧି ଘଟି ଏହା ୨୪,୨୩୧ ପଏଣ୍ଟରେ ବନ୍ଦ ରହିଛି।

# ମାଲାବାରର 'ଚିତ୍ରାଙ୍ଗୀ' କଲେକ୍ସନ ଉନ୍ମୋଚିତ

## ଅକ୍ଷୟ ତୃତୀୟା ଅଫର ଘୋଷଣା

**ଭୁବନେଶ୍ୱର, ୧୫।୪ (ଅନୁରାଧା ମହାରଣା)**

ପବିତ୍ର ଅକ୍ଷୟ ତୃତୀୟା ପର୍ବ ପାଖେଇ ଆସୁଥିବାବେଳେ ସୁନାରୁପା ଆଦି କିଣିବାକୁ ଗ୍ରାହକ ପ୍ରସ୍ତୁତ ହେଉଛନ୍ତି। ଏହା ମଧ୍ୟରେ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ପକ୍ଷରୁ ନିଆରା ଗହଣା କଲେକ୍ସନ 'ଚିତ୍ରାଙ୍ଗୀ'ର ଉନ୍ମୋଚନ କରାଯାଇଛି। ବୁଧବାର ଭୁବନେଶ୍ୱର ଶହୀଦନଗରସ୍ଥିତ ଷ୍ଟୋରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏହାର ଉନ୍ମୋଚନ ସହ ଅକ୍ଷୟ ତୃତୀୟା ଅଫର ମଧ୍ୟ ଘୋଷଣା କରାଯାଇଛି। ପୂର୍ବ ଭାରତୀୟ ଐତିହ୍ୟରୁ ଅନୁପ୍ରାଣିତ 'ଚିତ୍ରାଙ୍ଗୀ' କଲେକ୍ସନରେ ସୂକ୍ଷ୍ମ




କାରୁକାର୍ଯ୍ୟ ପୂର୍ଣ୍ଣ ଅଳଙ୍କାର ରହିଛି। ଓଡ଼ିଶା ଓ ପଶ୍ଚିମବଙ୍ଗର ପାରମ୍ପରିକ ଓ ଆଧୁନିକ ଛାପ ଏହି ଅଳଙ୍କାରରେ ଦେଖିବାକୁ ମିଳୁଛି। ସୁନା ଗହଣା, ଅନକଟକ ଏବଂ ଜେମ୍‌ଷ୍ଟୋନ୍ ଜୁଏଲେରିର ଗଢ଼ା ମଜୁରିରେ ୩୦% ପର୍ଯ୍ୟନ୍ତ ରିହାତି ଘୋଷଣା କରାଯାଇଥିବାବେଳେ ଡାଇମଣ୍ଡ ଭାଲ୍ୟୁ ଉପରେ ମଧ୍ୟ ୩୦% ପର୍ଯ୍ୟନ୍ତ ରିହାତି ରହିଛି। ଏହି ଅବସରରେ ମାଲାବାରର ଗ୍ରାହକ ତଥା ମଡେଲମାନେ ଅଳଙ୍କାର ପ୍ରଦର୍ଶନ ପୂର୍ବକ ର‌୍ୟାମ୍ପୱାକ୍ କରିଥିଲେ। କାର୍ଯ୍ୟକ୍ରମରେ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍‌ର ମାର୍କେଟିଂ ମ୍ୟାନେଜର ସିଦ୍ଧେଶ୍ୱର ରଥ, ଅନ୍ୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ୨୦ରେ ଟ୍ରେଡ୍ ଡିଲ୍ ଆଲୋଚନା

**ନୂଆଦିଲ୍ଲୀ, ୧୫।୪**

ଆମେରିକା ସହ ହୋଇଥିବା ଅନ୍ତରୀଣ ଟ୍ରେଡ୍ ଡିଲକୁ ନେଇ ଆସନ୍ତା ୨୦ରୁ ୨୨ ମଧ୍ୟରେ ପୁଣି ଆଲୋଚନା ହେବ। ଏଥିନେଇ ଭାରତରୁ ଏକ ଉଚ୍ଚ ପ୍ରତିନିଧି ଦଳ ଆମେରିକା ଯାଇ ସେମାନଙ୍କ ପ୍ରତିପକ୍ଷଙ୍କ ସହ ଆଲୋଚନା କରିବେ। ଆମେରିକା ସୁପ୍ରିମକୋର୍ଟ ଡୋନାଲ୍ଡ ଟ୍ରମ୍ପ ପ୍ରଶାସନର ଟାରିଫ୍ ନୀତି ଉପରେ ରୋକ୍ ଲଗାଇବା ପରେ ଏବେ ଟାରିଫ୍ ବ୍ୟବସ୍ଥା କ'ଣ ରହିବ ତାହାକୁନେଇ ଦ୍ୱନ୍ଦ୍ୱ ଲାଗିରହିଛି। ଏବେ ଚୂଡ଼ାନ୍ତ ଆଲୋଚନା ହେବ ବୋଲି କୁହାଯାଇଛି।


# Classified Everyday
0674-2580101, 9692975378




**REAL ESTATE**
**SALE**

**Prime location 3BHK fully furnished premium flat 1550sqft. including garage, 3rd Floor in powerful address Bjb Nagar "Surya Apartment" for sell Dr. Sanjay-7077144498.** D-250




All types of physiotherapy and massage. Contact: 9556924059 / 7656969134. D-109

All types hair cutting/ massage by smart female, one hour 700/- , - Room services available. Contact: 9937833100. D-76308

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com

## LOST

I, Minakshi Pattanaik, 64 years, W/o.- Lalatendu Pattanaik, resident at Plot No.- 6/16, BDA Colony, Chandrasekharpur, Bhubaneswar, Dist- Khurda, Odisha, PIN-751016 have lost the original sale deed No.126 dtd.- 07.01.1995 somewhere in the name of Minakshi Pattanaik in Bhubaneswar court premises at the time registration. Property situated Mouza- Bijipur, Tamando, Bhubaneswar. If anybody found the same document please contact the above address or call-7019789637. D-109

I, Bhikari Sahoo, S/o.- Late Maheswar Sahoo, Choudwar, Cuttack hereby declare that my Sale Deed No.10432150114, Dated 11.01.2021 is (Khata No.- 859/5023) missing, I have lodged a FIR/ Dairy No.- 02 Dated 09.04.2026. D-110

## AFFIDAVIT

By virtue of an affidavit sworn before Executive Magistrate, Bhubaneswar, dated 10.04.2026, I, Baijayanti Munda, W/o.- Ramsingh Munda, Address: At- Munda Basti, Palasuni Cenal Bandha, P.O.- Rasulgarh, P.S.- Mancheswar, Bhubaneswar- 751010, Dist.- Khordha, Odisha declare that I have changed my name and date of birth from Laxmidhar Munda (DOB- 15.03.2011) to Akash Munda (DOB- 15.03.2013). Henceforth, I shall be known as Akash Munda (DOB- 15.03.2013) for all purposes. D-106

## LEGAL NOTICE

IN THE COURT OF THE CIVIL JUDGE, (SR. DIV.), RANPUR. CIVIL SUIT NO. 155 /2017(F.D.)

Bhramar @ Bhramarbar Nayak ...........Plaintif

Versus

Subasini Nayak and others ........... Defendants.

NOTICE U/O 5(Five) RULE- 20(Twenty) OF C.P. CODE 1908.

Whereas it has been proved to the satisfaction of the Court that the defendants/respondents namely 1. Subasini Nayak, aged about 65 years, W/o- Late Biranchi Nayak, 2. Pravat Samantaray, aged about 46 years, 3. Akshaya Samantaray, aged about 42 years, 4. Santosh Samantaray, aged about 40 years, 5. Basant Kumar Samantaray, aged about 35 years, Sl. No. 2 to 5 are S/o- Late Biranchi Nayak, All are of Vill.- Radhamohanpur, P.O.- Taria, P.S.- Ranpur, Dist.- Nayagarh, 6. Santi Swain, aged about 52 years, W/o- Late Ghanashyam Swain of Vill./P.O.- Khairapalli, P.S.- Ranpur, Dist.- Nayagarh. 7. Tofani Dei (Dead), 7.A) Prakash Khuntia, aged about 45 years, S/o- Late Maheswar Khuntia of Vill.-Adal, P.O.- Sarangadharpur, P.S.- Ranpur, Dist.- Nayagarh, 7.B) Mini Dei, aged about 47 years, D/o- Late Maheswar Khuntia, W/o- Ramachandra Barada of Vill.- Nuapalli, P.O.- Deuli, P.S.- Begunia, Dist.- Khordha, 7.C) Tuna Dei, aged about 42 years. D/o- Late Maheswar Khuntia, W/o- Biranchinarayan Parida of Vill.- Gopimohanpur, P.O.- Sarangadharpur, P.S.- Ranpur, Dist.- Nayagarh, 7.D) Nayana Dei, aged about 40 years, D/o- Late Maheswar Khuntia of Vill.- Tulasi Berana, P.O.- Deuli, P.S.- Begunia, Dist.- Khordha, 8. Hula Dei, aged about 74 years. W/o- Daitari Mohanty of Vill.- Binodpada, P.O.- Narendrapur, P.S.- Ranpur, Dist.- Nayagarh above named cannot be served in the ordinary way of service. Hence, this proclamation under order 5 rule 20 CPC is hereby issued against them and should appear personally or through their counsel on 06.05.2026 at 7 A.M.

Take notice that, in default of his/their appearance on the day before mentioned, the above said case will be heard and determined in his/their absence according to law.

SCHEDULE OF PROPERTY (Schedule-A)

Mauza- Radhamohanpur, Tahasil/P.S.- Ranpur, Dist.- Nayagarh

Khata No.- 79: Plot No.- 221, 240, 241, 146, 147, Area- Ac.0.20dec., Ac.0.20dec, Ac.0.17dec, Ac 0.12dec., Ac 0.13dec, Total- Ac0.82dec., Kisam- Gharabari, Sa. Due, Sa. Due, Sa. one, Sa. one.

(Schedule-B)

Mauza- Radhamohanpur, Tahasil/P.S.- Ranpur, Dist.- Nayagarh

Khata No.- 86: Plot No.- 84, 228, 237, 258, 59, Area- Ac.0.29dec., Ac.0.36dec., Ac.0.14dec., Ac.0.44dec., Ac 0.23dec., Total- Ac.1.46dec., Kisam- Sa. Due., Sa. Due., Sa. Due., Sa. one, Sa. one.

Mauza- Adal, Khata No.86

Plot No.- 1413, 1411, Area- Ac.0.29dec., Ac.0.39dec., Total- Ac.0.68dec., Kisam- Sa. Due., Sa. Due.

Given under my hand and the seal of the Court on 7th. April, 2026

Sd./- Civil Judge. (Sr.D.), Ranpur

D-107


# ସୁନାରୁ ବିପୁଳ ଫାଇଦା ଉଠାଇଛନ୍ତି ନିବେଶକ

**ନୂଆଦିଲ୍ଲୀ, ୧୫।୪**

ବିଶ୍ୱର ଅନ୍ୟ ଯେକୌଣସି ଦେଶ ତୁଳନାରେ ସୁନା ପ୍ରତି ଭାରତୀୟଙ୍କ ମୋହ ସବୁଠୁ ବେଶି। କେବଳ ସୌନ୍ଦର୍ଯ୍ୟ ବୃଦ୍ଧି କିମ୍ବା ଆଭୂଷଣ ପାଇଁ ନୁହେଁ, ସୁନାରେ ନିବେଶ କରିବା ଭାରତୀୟମାନଙ୍କ ଏକ ପାରମ୍ପରିକ ଅଭ୍ୟାସ। ବିବାହ,ବ୍ରତଠାରୁ ଆରମ୍ଭ କରି ଅକ୍ଷୟ ତୃତୀୟା ଭଳି ସ୍ୱତନ୍ତ୍ର ତିଥିରେ ଲୋକମାନେ ସୁନା କିଣିବା ଏବଂ ଏଥିରେ ନିବେଶ କରିବା ପ୍ରଥାକୁ ସମୃଦ୍ଧିର ସଙ୍କେତ ବୋଲି ଅନୁଭବ କରିଥାଆନ୍ତି। ଏହି କ୍ରମରେ ପ୍ରତିବର୍ଷ ଅକ୍ଷୟ ତୃତୀୟାରେ ଭାରତରେ ଟନ୍ ଟନ୍ ସୁନା ବିକ୍ରି ହୋଇଥାଏ। କିନ୍ତୁ ସାମ୍ପ୍ରତିକ ନିବେଶ ଦୃଶ୍ୟପଟରେ କେବଳ ଭାରତୀୟ ନୁହନ୍ତି, ବିଦେଶୀମାନେ ମଧ୍ୟ ସୁନାରେ ନିବେଶ କରିବାକୁ ଅଗ୍ରାଧିକାର ଦେଇଛନ୍ତି। ବିଶେଷକରି ଗତ କିଛି ବର୍ଷ ଧରି ବିଶ୍ୱସ୍ତରରେ ଭୂ-ରାଜନୈତିକ ସ୍ତରରେ ପରିବର୍ତ୍ତନ ଏବଂ ଏହାକୁ ନେଇ

## ବର୍ଷକରେ ୬୦% ବଢ଼ିଛି ମୂଲ୍ୟ



ପୁଞ୍ଜିବଜାରରେ ଲାଗି ରହିଥିବା ଅସ୍ଥିରତାକୁ ନେଇ ନିବେଶକମାନେ ସୁନାରେ ଅଧିକ ନିବେଶ କରିବାକୁ ଶ୍ରେୟ ମଣିଛନ୍ତି। ଏହି ଧାରା ପ୍ରାୟ ୨ ବର୍ଷ ତଳୁ ଆରମ୍ଭ ହୋଇଥିଲାବେଳେ ବର୍ଷକ ମଧ୍ୟରେ ନିବେଶକମାନେ ସୁନାରୁ ପର୍ଯ୍ୟାପ୍ତ ଫାଇଦା ଉଠାଇଛନ୍ତି। କାରଣ ବର୍ଷକ ମଧ୍ୟରେ ସୁନା ମୂଲ୍ୟରେ ଅନ୍ୟୂନ ୬୦ ପ୍ରତିଶତ ବୃଦ୍ଧି ଘଟିଛି। ଗତ ବର୍ଷ ଅକ୍ଷୟ ତୃତୀୟା ଏବଂ ଚଳିତ ବର୍ଷ ଅକ୍ଷୟ ତୃତୀୟା ମଧ୍ୟରେ ସୁନା ମୂଲ୍ୟରେ ୬୦ ପ୍ରତିଶତ ବୃଦ୍ଧି ଘଟିଛି। କେବଳ ଏହି ବର୍ଷକର କଥା ନୁହେଁ, ଲଗାତର ୯ ବର୍ଷ ହେଲା ସୁନାରୁ ନିବେଶକମାନେ ଭଲ ଲାଭ ଉଠାଇଛନ୍ତି। ୨୦୨୫ ଏପ୍ରିଲରେ ୧୦ ଗ୍ରାମ ପିଛା ସୁନା ମୂଲ୍ୟ ପାଖାପାଖି ୯୬,୦୦୦ ଟଙ୍କା ରହିଥିଲା। କିନ୍ତୁ ୨୦୨୬ରେ ଏହା ୧ ଲକ୍ଷ ୫୦ ହଜାର ଟଙ୍କାରରେ ପହଞ୍ଚିଛି। ଚଳିତବର୍ଷ ଜାନୁଆରୀରେ ସୁନା ମୂଲ୍ୟ ସର୍ବାଧିକ ସ୍ତରରେ ପହଞ୍ଚିବା ସହ ୧୦ ଗ୍ରାମ ମୂଲ୍ୟ ୧ ଲକ୍ଷ ୮୦ ହଜାର ଟଙ୍କାରେ ପହଞ୍ଚିଥିଲା। କିନ୍ତୁ ବିଭିନ୍ନ କାରଣକୁ ନେଇ ବର୍ତ୍ତମାନ ସୁଦ୍ଧା ମୂଲ୍ୟରେ ୧୬ ପ୍ରତିଶତ(ପ୍ରାୟ ୩୦ ହଜାର ଟଙ୍କା) ହ୍ରାସ ଘଟିଛି। ଏହାସତ୍ତ୍ୱେ ସୁନାରେ ନିବେଶ କରିବାର ମୋହରୁ ନିବେଶକମାନେ ବର୍ତ୍ତିନାହାନ୍ତି। ଚଳିତ ବର୍ଷ ଅକ୍ଷୟ ତୃତୀୟାରେ ସର୍ବଭାରତୀୟ ସ୍ତରରେ ଗତ ବର୍ଷଠାରୁ ବି ଅଧିକ କାରବାର ହେବ ବୋଲି ବ୍ୟବସାୟୀମାନେ ଆକଳନ କରିଛନ୍ତି।

# ବାଣିଜ୍ୟ ନିଅଣ୍ଟ ୧୧୯ ବିଲିୟନ ଡଲାର

**ନୂଆଦିଲ୍ଲୀ, ୧୫।୪**

## ରପ୍ତାନି ତୁଳନାରେ ଆମଦାନୀ ଅଧିକ

୨୦୨୪-୨୫ ଆର୍ଥିକ ବର୍ଷ ତୁଳନାରେ ଦେଶର ବାଣିଜ୍ୟ ନିଅଣ୍ଟ ପରିମାଣ ଗତ ଆର୍ଥିକ ବର୍ଷ(୨୦୨୫-୨୬)ରେ ବୃଦ୍ଧି ପାଇଛି। ୨୦୨୪-୨୫ରେ ବାଣିଜ୍ୟ ନିଅଣ୍ଟ ରାଶି ୯୪.୬୬ ବିଲିୟନ ଡଲାର ରହିଥିଲାବେଳେ ୨୦୨୫-୨୬ରେ ଏହା ୧୧୯.୩୦ ବିଲିୟନ ଡଲାରକୁ ବୃଦ୍ଧି ପାଇଛି। ଏହି ବର୍ଷରେ ରପ୍ତାନି ତୁଳନାରେ ଆମଦାନୀ ଯଥେଷ୍ଟ ଅଧିକ ରହିଥିବାରୁ ବାଣିଜ୍ୟ ନିଅଣ୍ଟ ରାଶିରେ ଏଭଳି ପାର୍ଥକ୍ୟ ଦେଖାଯାଇଛି। କେନ୍ଦ୍ର ବାଣିଜ୍ୟ ସଚିବ ରାଜେଶ ଅଗ୍ରୱାଲ ଦେଇଥିବା ସୂଚନା ଅନୁସାରେ ୨୦୨୪-୨୫ ଆର୍ଥିକ ବର୍ଷରେ ଭାରତର ମୋଟ ରପ୍ତାନି ରାଶି ୮୨୫.୨୪ ବିଲିୟନ ଡଲାର ରହିଥିଲା। ୨୦୨୫-୨୬ରେ ରପ୍ତାନିରେ ୪.୨୨ ପ୍ରତିଶତ ଅଭିବୃଦ୍ଧି ସହ ମୋଟ ରପ୍ତାନି ରାଶି ୮୬୦.୦୯ ବିଲିୟନ ଡଲାରରେ ପହଞ୍ଚିଥିଲା। ଅନ୍ୟପକ୍ଷରେ ୨୦୨୪-୨୫ରେ ଦେଶର ଆମଦାନୀ ରାଶି ୯୧୯.୯୨ ବିଲିୟନ ଡଲାର ରହିଥିଲାବେଳେ ୨୦୨୫-୨୬ରେ ଏଥିରେ ୬.୪୭ ପ୍ରତିଶତ ବୃଦ୍ଧି ଘଟି ମୋଟ ଆମଦାନୀ ରାଶି ୯୭୦ ବିଲିୟନ ଡଲାରରେ ପହଞ୍ଚିଛି। ଏହାଯୋଗୁ ଦେଶର ବାଣିଜ୍ୟ ନିଅଣ୍ଟ ରାଶି ପୂର୍ବ ତୁଳନାରେ ବୃଦ୍ଧି ପାଇଥିବା କୁହାଯାଇଛି। ୨୦୨୫-୨୬ ବର୍ଷରେ ବିଭିନ୍ନ ଶ୍ରେଣୀର ପଣ୍ୟଦ୍ରବ୍ୟ ସମେତ ସୁନା, ରୁପା ଏବଂ ସେବା କ୍ଷେତ୍ରରେ ଆମଦାନୀ ବୃଦ୍ଧି ହୋଇଛି।


**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ**



**୰ଇଂ. ସହଦେବ ମିଶ୍ର**
ଝାରପଡ଼ା, ଭୁବନେଶ୍ୱର
ଆବିର୍ଭାବ: ୧୨.୦୪.୧୯୪୭
ତିରୋଧାନ: ୦୬.୦୪.୨୦୨୬

ତୁମର ଆକସ୍ମିକ ବିୟୋଗ ଆମମାନଙ୍କୁ ମର୍ମାହତ କରିଅଛି। ତୁମର ନୀତି, ଆଦର୍ଶ ଆମର ପାଥେୟ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

**ଶୋକସନ୍ତପ୍ତ:** ପୁତ୍ରବଧୂ, ଝିଅ-ଜ୍ୱାଇଁ, ଝିଆରୀ-ପୁତୁରା, ନାତି-ନାତୁଣୀ, ଭଣଜା-ଭାଣିଜୀ, ଆତ୍ମୀୟସ୍ୱଜନ, ବନ୍ଧୁ ଓ ପରିବାରବର୍ଗ

ଧ-୧୧୨


# ହିଣ୍ଡାଲ୍‌କୋ ପକ୍ଷରୁ ବସୁଧା ପ୍ରକଳ୍ପରେ ବାୟୋ ଗ୍ୟାସ୍ ୟୁନିଟ୍ ବଣ୍ଟନ

**ଭୁବନେଶ୍ୱର, ୧୫।୪ (ଅନୁରାଧା ମହାରଣା)**

ହିଣ୍ଡାଲ୍‌କୋ ହୀରାକୁଦର ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ପକ୍ଷରୁ ଜୀବନ-ଜୀବିକା ଉନ୍ନତୀକରଣ କାର୍ଯ୍ୟକ୍ରମ ପ୍ରକଳ୍ପ-ବସୁଧା ଅନ୍ତର୍ଗତ ସମନ୍ୱିତ ନବୀକରଣୀୟ ଉର୍ଜା ଏବଂ ସ୍ଥାୟୀ କୃଷ ଯୋଜନା ମାଧ୍ୟମରେ ବାୟୋ ଗ୍ୟାସ୍ ୟୁନିଟ୍ ପ୍ରଦାନ କରାଯାଇଛି। ଏହି କ୍ରମରେ ବୁଧବାର ସିଲିପଥର ଗ୍ରାମର ଚାଷୀ ଟି. ରାଣୀ, ରାନୀ ବନ୍ଧ ଗ୍ରାମର ଗୁଣନିଧି କିଲେଇ ଓ ହୀରାକୁଦ କାଲୁପଡାର ଅର୍ଜୁନ ସିଂଙ୍କୁ ବାୟୋ ଗ୍ୟାସ୍ ୟୁନିଟ୍ ପ୍ରଦାନ କରାଯାଇଛି। ହିଣ୍ଡାଲ୍‌କୋ ହୀରାକୁଦ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ଓ ବିଏଆଇଏଫ୍ ମିଳିତ ଉଦ୍ୟମରେ କାର୍ଯ୍ୟକାରୀ ହେଉଥିବା ବସୁଧା କାର୍ଯ୍ୟକ୍ରମ ମାଧ୍ୟମରେ ପୂର୍ବରୁ ନୂଆଯାମଡା ଓ ମୋହମ୍ମଦପୁର ଗ୍ରାମର ୨ଜଣ ଚାଷୀଙ୍କୁ ଦୁଇଟି ବାୟୋ ଗ୍ୟାସ୍ ୟୁନିଟ୍ ପ୍ରଦାନ କରାଯାଇଥିଲା। ଏହି



ୟୁନିଟ୍‌ଗୁଡ଼ିକ ଦ୍ୱାରା ଚାଷୀମାନେ ଦୈନନ୍ଦିନ ରନ୍ଧନ କାର୍ଯ୍ୟ ସହଜରେ କରିପାରୁଥିବା ସହ ଗୋବର ଖତ ଉତ୍ପାଦନ ହେଉଛି, ଯାହା ଜୈବିକ ଚାଷ ପାଇଁ ଅତ୍ୟଧିକ ସହାୟକ ସାବ୍ୟସ୍ତ ହେଉଛି। ହିଣ୍ଡାଲ୍‌କୋ ସିଏସ୍ଆର୍ ପ୍ରବନ୍ଧକ ଆନନ୍ଦ ଚକ୍ରବର୍ତ୍ତୀ, ଉପଦେଷ୍ଟା ସୁକାନ୍ତ କୁମାର ମହାପାତ୍ର ବିଏଆଇଏଫ୍‌ର ଶାଖା ମୁଖ୍ୟ ରବିନ ଖାନ, ଏଆଇ ଟେକ୍ନୋସିଆନ୍ ଜୟନ୍ତ ପ୍ରଧାନ ଓ ଗ୍ରାମର ବହୁ ଚାଷୀ ଉପସ୍ଥିତ ଥିଲେ।



‘ଭୂତ ବଙ୍ଗଲା’ ଫିଲ୍ମରେ ଅକ୍ଷୟ କୁମାର

# ଶେଷ ହେଲା ଅପେକ୍ଷା

ଯାହାହେଉ ସବୁ କଳ୍ପନାଜଳ୍ପନାର ପରିସମାପ୍ତି ଘଟିବାକୁ ଯାଉଛି। ବହୁ ପ୍ରତୀକ୍ଷିତ ହିନ୍ଦୀ ସିନେମା ‘ଭୂତ ବଙ୍ଗଲା’ ଚଳିତ ମାସ ୧୭ ତାରିଖରେ ମୁକ୍ତିଲାଭ କରିବାକୁ ଯାଉଛି। ଏଥିରେ ଅକ୍ଷୟ କୁମାରଙ୍କୁ ଦର୍ଶକ ଏକ ଭିନ୍ନ ଧରଣର ଭୂମିକାରେ ଦେଖିବାକୁ ପାଇବେ। ଅନ୍ୟପକ୍ଷରେ ଏଭଳି ଏକ ରୋଲ୍ ଦର୍ଶକଙ୍କୁ ନିଶ୍ଚୟ ପ୍ରଭାବିତ କରିବ ବୋଲି ଦୃଢ଼ ଆଶା ବାନ୍ଧି ବସିଛନ୍ତି ଅକ୍ଷୟ। ସବୁଠାରୁ ଖାସ୍ କଥା ହେଲା ଚିତ୍ରଟିର ନିର୍ଦ୍ଦେଶନା ଦେଇଛନ୍ତି ବିଶିଷ୍ଟ ନିର୍ଦ୍ଦେଶକ ପ୍ରିୟଦର୍ଶନ। ଫିଲ୍ମ ବିଷୟରେ ଅକ୍ଷୟ କୁମାର କହନ୍ତି, ‘‘ଏହାର କାହାଣୀରେ ରହସ୍ୟ-ରୋମାଞ୍ଚ ଭରି ରହିଛି। ଅନ୍ୟପକ୍ଷରେ ଏଥିରେ ଦର୍ଶକ କମେଡିର ମଜା ମଧ୍ୟ ନେଇପାରିବେ। ଏଥିରେ ମୁଁ ମୁଖ୍ୟ ଭୂମିକାରେ ଅଭିନୟ କରିଛି। ମୋତେ ମିଳିଥିବା ଏକ ଭିନ୍ନ ଧରଣର ଭୂମିକାକୁ ଶତ ପ୍ରତିଶତ ଜଷ୍ଟିସ ଦେବାକୁ ଚେଷ୍ଟା କରିଛି। ବାକି ସବୁ ଦର୍ଶକଙ୍କ ଉପରେ ନିର୍ଭର କରେ।’’ ଏହାର କାହାଣୀ ରଚନା କରିଛନ୍ତି ଆକାଶ କୌଶିକ। ଫିଲ୍ମଟିକୁ ପ୍ରଯୋଜନା କରିଛନ୍ତି ଅକ୍ଷୟ କୁମାର, ଏକତା କପୁର ଏବଂ ଶୋଭା କପୁର। ସଂଳାପ ରଚନା ଦାୟିତ୍ୱ ତୁଲାଇଛନ୍ତି ରୋହନ ଶଙ୍କର। ଅକ୍ଷୟ କୁମାରଙ୍କ ବ୍ୟତୀତ ଏଥିରେ ତବୁ, ପରେଶ ରାୱଲ ଏବଂ ରାଜପାଲ୍ ଯାଦବ ପ୍ରମୁଖ ଅଭିନୟ କରିଛନ୍ତି। ଏହାର ସିନେମାଟୋଗ୍ରାଫି କାମ ତୁଲାଇଛନ୍ତି ଦିବାକର ମଣି। ଗୀତଗୁଡ଼ିକୁ ସ୍ୱରରେ ସଜାଇଛନ୍ତି ଆଗଧାଡ଼ିର ସ୍ୱର ସଂଯୋଜକ ପ୍ରୀତମ। ୧୬୪ ମିନିଟ୍ ଅବଧିବିଶିଷ୍ଟ ଏହି ଫିଲ୍ମଟି କେବଳ ହିନ୍ଦୀ ଭାଷାରେ ହିଁ ପ୍ରସ୍ତୁତ କରାଯାଇଛି।

# ପ୍ରସ୍ତୁତ ହେଉଛନ୍ତି କାର୍ତ୍ତିକ



କାର୍ତ୍ତିକ

କାର୍ତ୍ତିକ ଆର୍ଯ୍ୟନ ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିଦେଲେଣି। ହେଲେ କ’ଣ ପାଇଁ ଜାଣିବେନି! କଥା କ’ଣ କି ସେ ଏକ ନୂଆ ସିନେମାରେ ଅଭିନୟ କରିବାକୁ ଯାଉଛନ୍ତି, ଯାହାର ନିର୍ଦ୍ଦେଶନା ଦେବେ ଲଭ୍ ରଞ୍ଜନ। ଏହାପୂର୍ବରୁ ଲଭ୍‌ଙ୍କ ନିର୍ଦ୍ଦେଶିତ ‘ପ୍ୟାର୍ କା ପଞ୍ଚନାମା’ରେ କାର୍ତ୍ତିକ ଅଭିନୟ କରିଥିଲେ ଏବଂ ଫିଲ୍ମଟି ହିଟ୍ ସାବ୍ୟସ୍ତ ହୋଇଥିଲା। ଏହି ଫିଲ୍ମଟି ଥିଲା କାର୍ତ୍ତିକଙ୍କ ଅଭିନୀତ ପ୍ରଥମ ସିନେମା। ବର୍ତ୍ତମାନ ସେ ଅଭିନୟ କରିବାକୁ ଯାଉଥିବା ନୂଆ ସିନେମାର ପ୍ରାରମ୍ଭିକ କାମ ଚାଲୁ ରହିଛି। ଏପରି କି ଏହି ଚିତ୍ରର ଟାଇଟଲ ଫାଇନାଲ ହୋଇନାହିଁ। ଏ ବିଷୟରେ କାର୍ତ୍ତିକ କହନ୍ତି, ‘‘ଯେତେବେଳେ ମୋତେ ଲଭ୍ ସାର୍ ଫୋନ୍ କରି ଏକଥା ଜଣାଇଲେ, ସେତେବେଳେ ମୁଁ ଖୁସିରେ ଉଚ୍ଛୁଳି ଉଠିଥିଲି। କାରଣ କିଛି ବର୍ଷ ପରେ ପୁଣି ଥରେ ତାଙ୍କ ଫିଲ୍ମରେ କାମ କରିବାର ସୁଯୋଗ ମିଳିଛି। ଏଥିରେ ମୁଁ ଏକ ରୋମାଣ୍ଟିକ କ୍ୟାରେକ୍ଟରରେ ଅଭିନୟ କରିବି। ଆଉ ସେଥିରେ ଇମୋଶନ ଏବଂ ଟ୍ରାଜେଡି ମଧ୍ୟ ରହିଛି। ତେଣୁ ସେଭଳି ଏକ ଚରିତ୍ରକୁ ସଫଳ କରିବା ଲାଗି ମୁଁ ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିଦେଇଛି। ଆଶା ରଖିଛି ଏହି ଫିଲ୍ମର ଏକ ସୁଇଟେବୁଲ ଟାଇଟଲ ଫାଇନାଲ ହେବ।’’ ବର୍ତ୍ତମାନ କାର୍ତ୍ତିକ ଅଭିନୟ କରୁଥିବା ଦୁଇଟି ସିନେମାର ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ପ୍ରଥମ ଚିତ୍ରଟିର ନିର୍ଦ୍ଦେଶନା ଅନୁରାଗ ବସୁ ଦେଉଥିବା ବେଳେ ଦ୍ୱିତୀୟ ଫିଲ୍ମଟିର ଏହି ଦାୟିତ୍ୱ ତୁଲାଉଛନ୍ତି କବୀର ଖାନ୍। ଲଭ୍‌ଙ୍କ ନିର୍ଦ୍ଦେଶିତ ନୂଆ ସିନେମାର ଶୁଟିଂ ଚଳିତବର୍ଷ ଅକ୍ଟୋବରରୁ ଆରମ୍ଭ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

# କାହାକୁ ଡରନ୍ତି ଜାହ୍ନବୀ

ଜାହ୍ନବୀ କପୁର କାହାକୁ ଡରନ୍ତି? ଏହାର ଉତ୍ତର କ’ଣ ଜାଣିବାକୁ ଅନେକଙ୍କ ମନରେ ଉତ୍ସୁକତା ଭରିଯିବଣି। ସେ କେବଳ ଗୋଟିଏ ଜିନିଷକୁ ଭାରି ଭୟ କରନ୍ତି। ତାହା ହେଲା ସାମ୍ବାଦିକମାନଙ୍କୁ। କାରଣ ଏମାନଙ୍କର ଅଡୁଆ ତଡୁଆ ପ୍ରଶ୍ନରେ ସେ ନର୍ଭସ୍ ହୋଇଯାଆନ୍ତି। ଏ ବିଷୟରେ ସେ କହନ୍ତି, ‘‘ସତ କଥା କହିବାକୁ ଗଲେ ମୋତେ ସାମ୍ବାଦିକମାନଙ୍କୁ ବେଶି ଡର ଲାଗେ। ସେମାନେ ଆମର ପ୍ରମୋଶନ କରନ୍ତି-ଏକଥା ସତ, ହେଲେ ବେଳେବେଳେ ସେମାନେ ଏପରି ପ୍ରଶ୍ନ ପଚାରନ୍ତି, ଯାହାର ଉତ୍ତର ଦେବାକୁ ଆମକୁ ନାକେଦମ୍ ହେବାକୁ ପଡ଼ିଥାଏ। ତେଣୁ ସାମ୍ବାଦିକଟିଏ ଦେଖିଦେଲେ ମୋତେ ଟିକେ ଭୟ ଲାଗେ। ତଥାପି ସେମାନଙ୍କୁ ମୁଁ ବେଶ୍ ସମ୍ମାନ ଦେଇଥାଏ। କାରଣ ଆମର ପ୍ରଚାର ପ୍ରସାରରେ ସେମାନେ ହେଉଛନ୍ତି ପ୍ରମୁଖ କର୍ଣ୍ଣଧାର। ଏବେ ନିଜ କ୍ୟାରିୟର ବିଷୟରେ କିଛି ସୂଚନା ଦେବି। ବର୍ତ୍ତମାନ ନିଜ ଅଭିନୟ ଜୀବନକୁ ନେଇ ମୁଁ ବେଶ ସିରିୟସ। ନିକଟରେ ମୋତେ ୨-୩ଟି ଅଫର ମିଳିଥିଲା। କିନ୍ତୁ କାହାଣୀଗୁଡ଼ିକ ମୋତେ ପ୍ରଭାବିତ କରିପାରିଲା ନାହିଁ। ତେଣୁ ବାଧ୍ୟ ହୋଇ ସେହି ସୁଯୋଗଗୁଡ଼ିକୁ ‘ନା’ କହିଥିଲି। ଏଣୁ ତେଣୁ ଗୁଡ଼ାଏ ଫିଲ୍ମରେ ଅଭିନୟ କରି କେବଳ ଫିଲ୍ମ ସଂଖ୍ୟା ବଢ଼ାଇଲେ କିଛି ଲାଭ ନାହିଁ। ଏଭଳି ସିନେମାରେ ଅଭିନୟ କରିବି, ଯାହା ଦର୍ଶକଙ୍କୁ ଶତ ପ୍ରତିଶତ ପ୍ରଭାବିତ କରୁଥିବ। ତେଣୁ ଏ ନେଇ ଆଗକୁ ନିଶ୍ଚୟ ସଚେତନ ରହିବି।’’ ଜାହ୍ନବୀଙ୍କ ଆକ୍ଟିଂ ଜୀବନ ଆରମ୍ଭ ହୋଇଥିଲା ୨୦୧୮ରୁ ଆଉ ସେ ଅଭିନୟ କରିଥିବା ପ୍ରଥମ ସିନେମାଟି ଥିଲା ‘ଧଡ଼କ’। ୪୧କୋଟି ବଜେଟରେ ପ୍ରସ୍ତୁତ ଏହି ଚିତ୍ର ବକ୍ସ ଅଫିସରେ ୧୦୧କୋଟି ଆୟ କରିବାରେ ସକ୍ଷମ ହୋଇଥିଲା। ସେ ଅଭିନୟ କରିଥିବା ପ୍ରମୁଖ ସିନେମାଗୁଡ଼ିକ ମଧ୍ୟରେ ରହିଛି-‘ଗୁଞ୍ଜନ ସକ୍‌ସେନା : ଦ କାରଗିଲ ଗର୍ଲ’, ‘ମିଲି’, ରକି ଔର ରାନୀ କି ପ୍ରେମ କାହାନୀ’, ‘ମିଷ୍ଟର ଆଣ୍ଡ ମିସେସ ମାହି’, ‘ଉଲ୍‌ଝା’ ଏବଂ ‘ପ୍ରେମ ସୁନ୍ଦରୀ’। ବର୍ତ୍ତମାନ ସେ ଏକ ତେଲୁଗୁ ଫିଲ୍ମ ‘ପିଚ୍ଚି’ରେ ଅଭିନୟ କରୁଛନ୍ତି। ବୁଚି ବାବୁ ସାନାଙ୍କ ନିର୍ଦ୍ଦେଶନାରେ ଏହି ଫିଲ୍ମରେ ତାଙ୍କର ନାୟକ ସାଜିଛନ୍ତି ରାମ ଚରଣ। ଏହି ଫିଲ୍ମଟି ଚଳିତ ମାସ ୩୦ରେ ରିଲିଜ ହେବାକୁ ଯାଉଛି।



ଜାହ୍ନବୀ

# ପ୍ରଥମେ ଦୀପିକା, ପରେ ସୋନମ



ବଲିଉଡ୍‌ର ଅନ୍ୟତମ ନାମୀ ନିର୍ଦ୍ଦେଶକ ହେଉଛନ୍ତି ସଞ୍ଜୟ ଲୀଳା ଭଁସାଲି। ତାଙ୍କ ନିର୍ଦ୍ଦେଶିତ ସିନେମାଗୁଡ଼ିକ ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରିଥାଏ। ଯେତେବେଳେ ସେ ‘ସାୱରିୟାଁ’ର କାଷ୍ଟିଂ ବିଷୟରେ ଚିନ୍ତା କଲେ, ସେତେବେଳେ ତାଙ୍କ ମନକୁ ଜଣେ ଅଭିନେତ୍ରୀଙ୍କ କଥା ଆସିଥିଲା। ଆଉ ସେ ଥିଲେ ଦୀପିକା ପାଦୁକୋନ। କିନ୍ତୁ କିଛି ଦିନରେ ଚକ ଓଲଟି ଯାଇଥିଲା। ଏହାର ଷ୍ଟାରକାଷ୍ଟରୁ ଦୀପିକା ବାଦ୍ ପଡିଥିଲେ ଆଉ ତାଙ୍କ ସ୍ଥାନରେ ନବାଗତା ସୋନମ କପୁରଙ୍କୁ ସାଇନ୍ କରାଯାଇଥିଲା। ଏ ବିଷୟରେ ଦୀପିକା କହନ୍ତି, ‘‘ସଞ୍ଜୟ ଲୀଳା ଭଁସାଲିଙ୍କ ପରି ନିର୍ଦ୍ଦେଶକଙ୍କ ଫିଲ୍ମରେ କାମ କରିବାକୁ ଅନେକ ଚାହିଁ ବସିଥାଆନ୍ତି। ମୋତେ ଯେତେବେଳେ ‘ସାୱରିୟାଁ’ ଅଫର ମିଳିଲା ମୁଁ ଭାରି ଖୁସି ହୋଇଯାଇଥିଲି। କିନ୍ତୁ ପରେ କ’ଣ ହେଲା କେଜାଣି ଏହାର କାଷ୍ଟିଂରୁ ମୁଁ ବାଦ୍ ପଡ଼ିଥିଲି। ଏହା ପଛରେ କି କାରଣ ଥିଲା ତାହା ମୁଁ ଜାଣିବାକୁ ମଧ୍ୟ ଚାହିଁ ନ ଥିଲି। ଏକଥା ଭାବି ମନକୁ ବୁଝାଇ ଦେଇଥିଲି ଯେ, ହୁଏତ ଏଭଳି ଜଣେ ନିର୍ଦ୍ଦେଶକଙ୍କ ଫିଲ୍ମରେ କାମ କରିବାର ଭାଗ୍ୟ ମୋର ନାହିଁ।’’ ଦୀପିକା ନାୟିକା ଭାବରେ ପ୍ରଥମେ ‘ଓମ୍ ଶାନ୍ତି ଓମ୍’ରେ ଅଭିନୟ କରିଥିଲେ। ହେଲେ ଏହି ଫିଲ୍ମ ପାଇଁ ତାଙ୍କର ଭଏସ୍ ଡବିଂ କରାଯାଇଥିଲା। ୨୦୦୯ରେ ନିର୍ମିତ ‘ଚାନ୍ଦିନୀ ଚୌକ୍ ଟୁ ଚାଇନା’ରେ ଦୀପିକା କେତୋଟି ଷ୍ଟଣ୍ଟ ଶଟ୍ ଦେଇଥିଲେ। ଏଥିପାଇଁ ତାଙ୍କୁ ଜାପାନିଜ ମାର୍ଶଲ ଆର୍ଟ ଫର୍ମ ‘ଜୁଜୁତ୍ସୁ’ ଶିଖିବାକୁ ପଡିଥିଲା।

ଦୀପିକା

## ପରଦାରେ...

# ବିନ୍ଦୁସାଗର



‘ବିନ୍ଦୁସାଗର’ ଫିଲ୍ମର ଏକ ପୋଷ୍ଟର

ନୂଆ ଓଡ଼ିଆ ଚଳଚ୍ଚିତ୍ର ‘ବିନ୍ଦୁସାଗର’ ଚଳିତ ମାସ ୧୭ରେ ମୁକ୍ତିଲାଭ କରିବାକୁ ଯାଉଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ପ୍ଲାଟୁନ ୱାନ୍ ଫିଲ୍ମସ ବ୍ୟାନରରେ ଏହା ହେଉଛି ପ୍ରଥମ ଓଡ଼ିଆ ଫିଲ୍ମ। ଆମ ରାଜ୍ୟର ଚାଲିଚଳନ ଏବଂ ଓଡ଼ିଆ ଭାବନାର ଝଲକ ଏଥିରେ ଦେଖିବାକୁ ମିଳିବ। ଉକ୍ତ ଚିତ୍ରଟିର ପ୍ରଯୋଜନା କରିଛନ୍ତି ଶିଳାଦିତ୍ୟ ବୋରା। ବେଶ୍ କେତୋଟି ବଲିଉଡ୍ ସିନେମା ନିର୍ମାଣ କରିବା ପରେ ସେ ପ୍ରଥମ ଥର ପାଇଁ ଓଲିଉଡ୍‌ରେ ଏଣ୍ଟ୍ରି କରିଛନ୍ତି। ନିର୍ଦ୍ଦେଶନା ଦେଇଛନ୍ତି ଅଭିଷେକ ସ୍ୱାଇଁ। ଏହାର ମୁଖ୍ୟ ଭୂମିକାରେ ଦ୍ୱୀପନୀତ ଦାସ ମହାପାତ୍ର ଅଭିନୟ କରିଥିବା ବେଳେ ତାଙ୍କର ନାୟିକା ସାଜିଛନ୍ତି ପ୍ରକୃତି ମିଶ୍ର। ଏହି ଫିଲ୍ମ ସମ୍ପର୍କରେ ଶିଳାଦିତ୍ୟ କହନ୍ତି, ‘‘ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପ ଖୁବ୍‌ଶୀଘ୍ର ନୂଆ ଉଚ୍ଚତାରେ ପହଞ୍ଚିବାକୁ ଯାଉଛି। ଆମେ ଏଭଳି ଏକ ଫିଲ୍ମ ନିର୍ମାଣ କରିବାକୁ ଯାଉଛୁ ଯାହା ସମାନୁରୂପେ ଯୁବବର୍ଗ, କର୍ମଜୀବୀ ଓ ବିଦେଶରେ ରହୁଥିବା ପ୍ରବାସୀ ଓଡ଼ିଆମାନଙ୍କୁ ଆକର୍ଷିତ କରିବ। ‘ବିନ୍ଦୁସାଗର’ର କାହାଣୀରେ ଭିନ୍ନତା ରହିଛି। ଏହାର ଶୁଟିଂ ସମୟରେ କାହାଣୀକୁ କିପରି ଠିକ୍ ଭାବରେ ପ୍ରେଜେଣ୍ଟେଶନ କରାଯାଇପାରିବ, ସେ ନେଇ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଛି। ଅନ୍ୟପକ୍ଷରେ ନିଜ ନିଜ ଭୂମିକାକୁ କଳାକାରମାନେ ଠିକ୍ ଭାବରେ ତୁଲାଇଛନ୍ତି।’’

# ଶିକାର ପଛର ରହସ୍ୟ



‘ଶିକାର’ ଫିଲ୍ମରେ ଅମ୍ଳାନ-ସୁପ୍ରିୟା

ହଠାତ୍, ଗୋଟିଏ ପରିବାରରେ ଏକ ମର୍ଡର ହୋଇଯାଏ। ତେବେ କିଏ ଏହି ମର୍ଡର କରିଛି? ଏହା ପଛରେ କି କାରଣ ରହିଛି? ତେବେ ଏଭଳି ଏକ ରହସ୍ୟମୟ ହତ୍ୟାକାଣ୍ଡର ଗୁମର ଖୋଲିବାକୁ କାହାଣୀରେ ପ୍ରୟାସ କରାଯାଇଛି। ରହସ୍ୟ-ରୋମାଞ୍ଚଭରା ଏପରି କାହାଣୀକୁ ଆଧାର କରି ପ୍ରସ୍ତୁତ ହେଉଛି ଓଡ଼ିଆ ସିନେମା ‘ଶିକାର’। ଏହାର ଶୁଟିଂ ନିକଟରେ ଶେଷ ହୋଇଛି। ଚିତ୍ରଟି ଚଳିତ ବର୍ଷ ରଜରେ ମୁକ୍ତିଲାଭ କରିବାର ଯୋଜନା ରହିଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଫିଲ୍ମଟିର ପ୍ରଯୋଜନା କରିଛନ୍ତି ଶଶିକାନ୍ତ ଜେନା। ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ମୃତ୍ୟୁଞ୍ଜୟ ସାହୁ (ବାପି)। ଏହାର କାହାଣୀ, ଚିତ୍ରନାଟ୍ୟ ଏବଂ ସଂଳାପ ରଚନା କରିଛନ୍ତି ପ୍ରିୟବ୍ରତ ପଣ୍ଡା। ଡା. ନିର୍ମଳ ନାୟକଙ୍କ ରଚିତ ଗୀତଗୁଡ଼ିକୁ ସ୍ୱରରେ ସଜାଇଛନ୍ତି ବୈଦ୍ୟନାଥ ଦାଶ। ନିକଟରେ ଏହାର ‘ହାଣ୍ଡିଆ ବାଇ’ ଗୀତଟି ବେଶ୍ ଭାଇରାଲ ହୋଇଛି। ଚିତ୍ରଟିର ବିଭିନ୍ନ ଭୂମିକାରେ ଅମ୍ଳାନ, ଏଲିନା ସାମନ୍ତରାୟ ସୁପ୍ରିୟା, ଅଙ୍କିତ, ଜ୍ଞାନ ହୋତା, ତାପସ ସରଘରିଆ, ପୁଷ୍ପା ପଣ୍ଡା, ଶୁଭାଶିଷ ଶର୍ମା (ମଣ୍ଟୁ), ବବି ମିଶ୍ର, ପ୍ରଦ୍ୟୁମ୍ନ ଲେଙ୍କା ଏବଂ ଲିପିକା ଅଭିନୟ କରିଛନ୍ତି।

# କସ୍ତୁରୀ



‘କସ୍ତୁରୀ’ ଫିଲ୍ମରେ (ବାମରୁ) ସଞ୍ଜୟ-କୁକିଜ-ଦୁଷ୍ମନ୍ତ

ଏକ ଭିନ୍ନ ଧରଣର କାହାଣୀକୁ ଆଧାର କରି ପ୍ରେମଲତା ସିନେ ପ୍ରଡକସନ୍ସ ବ୍ୟାନରରେ ପ୍ରସ୍ତୁତ ଏବଂ ସଂଗ୍ରାମ ମହାନ୍ତିଙ୍କ ନିର୍ଦ୍ଦେଶିତ ଓଡ଼ିଆ ଫିଲ୍ମ ‘କସ୍ତୁରୀ’ ଗତ ବର୍ଷ ପରଦା ଉପରକୁ ଆସି ଦର୍ଶକାଦୃତ ହୋଇଥିଲା। ନିକଟରେ ଏହି ଚଳଚ୍ଚିତ୍ରଟି ଲକ୍ଷ୍ନୌ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ଫେଷ୍ଟିଭାଲରେ ପ୍ରଦର୍ଶିତ ହେବାକୁ ତାଲିକାଭୁକ୍ତ ହୋଇଛି। ଏଥିପାଇଁ ସର୍ବଭାରତୀୟ ସ୍ତରରେ ମୋଟ ୩୩୪୦ଟି ଫିଲ୍ମକୁ ଚୟନ କରାଯାଇଛି। ଏ ବିଷୟରେ ସେ କହନ୍ତି, ‘‘ଯେତେବେଳେ ଏହାର କାହାଣୀ ଫାଇନାଲ ହେଲା ସେତେବେଳେ ମୋର ଦୃଢ଼ ବିଶ୍ୱାସ ଥିଲା ଯେ ଯଦି ଏହାକୁ ଠିକ୍ ଭାବରେ ପିକ୍ଚରାଇଜେଶନ କରାଯାଇ ପାରିବ ତେବେ ତାହା ନିଶ୍ଚୟ ଦର୍ଶକଙ୍କୁ ପ୍ରଭାବିତ କରିପାରିବ। ଶେଷରେ ମୋ ଆକଳନ ସତ ହୋଇଥିଲା। ଭବିଷ୍ୟତରେ ଏଭଳି ଆହୁରି ଭଲ ଭଲ କାହାଣୀକୁ ନେଇ ସିନେମା ନିର୍ମାଣ କରିବାର ଯୋଜନା ରହିଛି।’’ ଏହାକୁ ପ୍ରଯୋଜନା କରିବା ସହ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ସଞ୍ଜୟ କୁମାର ପାତ୍ର। କୁକିଜ ସାଇଁ, ଦୁଷ୍ମନ୍ତ ପଣ୍ଡା, ଅଶ୍ରୁମୋଚନ ମହାନ୍ତି, ବିଜୟନୀ ମିଶ୍ର, ପ୍ରଦ୍ୟୁମ ଲେଙ୍କା, ପ୍ରତିଭା ପଣ୍ଡା, ପୃଥ୍ୱୀରାଜ ମହାନ୍ତି, ସୁମନ ମହାରଣା, ଓମ୍ ପ୍ରସାଦ ପଟେଲ, ମାମୁନି ପ୍ରମୁଖ ଏହି ଫିଲ୍ମର ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି।





# ବିଜୟ ସହ ଶୀର୍ଷରେ ଆରସିବି

**ବେଙ୍ଗାଲୁରୁ,୧୫।୪**

ରିଶକ ସଲାମ ଦାରଙ୍କ ଘାତକ ବୋଲିଂ ବଳରେ ଏଠାରେ ଖେଳାଯାଇଥିବା ଆଇପିଏଲ ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ୫ ଉଇକେଟରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ(ଏଲ୍‌ଏସ୍‌ଜି)କୁ ପରାସ୍ତ କରିଛି। ପଞ୍ଚମ ମ୍ୟାଚ୍‌ରେ ୪ ବିଜୟ ସହ ଆର୍‌ସିବି ପଏଣ୍ଟ ଟେବୁଲ ଶୀର୍ଷକୁ ଉଠିଥିବା ବେଳେ ଏଲ୍‌ଏସ୍‌ଜି ତୃତୀୟ ପରାଜୟ ସହ ସପ୍ତମ ସ୍ଥାନରେ ରହିଛି। ଏହି ମ୍ୟାଚ୍ ଜରିଆରେ କୃନାଲ ପାଣ୍ଡ୍ୟା ଆଇପିଏଲ୍‌ରେ ୧୦୦ ଉଇକେଟ ପୂରଣ କରିଛନ୍ତି। ପ୍ରଥମେ ବ୍ୟାଟିଂ କରିଥିବା ଲକ୍ଷ୍ନୌ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ନିର୍ଦ୍ଧାରିତ ୨୦ ଓଭରରେ ୧୪୬ ରନରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପାଇଁ ମିଚେଲ ମାର୍ଶ ୩୨ ବଲରେ ୪୦ (୩ ଚୌକା ଓ ୨ ଛକା), ଆୟୁଷ ବଦୋନୀ ୨୪ ବଲରେ ୩୮ (୪ ଚୌକା ଓ ୧ ଛକା) ଓ ମୁକୁଲ ଚୌଧାରୀ ୨୮ ବଲରେ ୩୯ (୩ ଚୌକା ଓ ୨ ଛକା) ରନ କରିଥିଲେ। ଆର୍‌ସିବି ପକ୍ଷରୁ ରସିଖ ସଲାମ ୪, ଭୁବନେଶ୍ୱର କୁମାର ୩ ଓ କୃନାଲ ପାଣ୍ଡ୍ୟା ୨ ଉଇକେଟ ହାତେଇଥିଲେ। ଜବାବରେ ଆର୍‌ସିବି ଆରମ୍ଭରୁ ଫିଲ ସଲ୍ଟ (୭)ଙ୍କ ଉଇକେଟ ହରାଇଥିଲା। ଦେବଦତ୍ତ ପଡିକଲ(୧୦)ଙ୍କ ସହ ବିରାଟ କୋହଲି ଦ୍ୱିତୀୟ ଉଇକେଟରେ ୫୭ ରନ ଯୋଡ଼ି ଦଳକୁ ଦୃଢ଼ ମୂଳଦୁଆ ପ୍ରଦାନ କରିଥିଲେ। ଅର୍ଦ୍ଧଶତକ ଆଡ଼କୁ ଅଗ୍ରସର ହେଉଥିବା କୋହଲି ୩୪ ବଲରେ ୪୯ (୬ ଚୌକା ଓ ୧ ଛକା) ରନ କରି ଆଉଟ୍ ହୋଇଥିଲେ। ଏହାପରେ ଅଧିନାୟକ ରଜତ ପଟିଦାର ୧୩ ବଲରେ ୨୭ (୧ ଚୌକା ଓ ୩ ଛକା) ଓ ଜୀତେଶ ଶର୍ମା ୯ ବଲରେ ୨୩ (୨ ଚୌକା ଓ ୨ ଛକା) ରନ କରି ପାଭିଲିଅନ ଫେରିଥିଲେ। ଟିମ୍ ଡେଭିଡ୍ (୧୪) ଓ ରୋମାରିଓ ଶେଫର୍ଡ (୧୪) ମ୍ୟାଚ୍ ଫିନିଶ୍ କରିଥିଲେ। ଆର୍‌ସିବି ମାତ୍ର ୧୫.୧ ଓଭରରେ ୫ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଲକ୍ଷ୍ନୌ ପାଇଁ ପ୍ରିନ୍ସ ଯାଦବ ୩ ଓ ଆଭେଶ ଖାନ ୨ ଉଇକେଟ ନେଇଥିଲେ। ଜୋସ୍ ହାଜେଲ୍‌ଉଡ୍ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।


ଉଇକେଟ ନେବାପରେ ଖୁସି ମୁହୂର୍ତ୍ତରେ ରସିଖ ସଲାମ।


ବିରାଟ କୋହଲି

**ସଂକ୍ଷିପ୍ତ ସ୍କୋର**

ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ: ୨୦ ଓଭରରେ ୧୪୬/ଅଲଆଉଟ୍ (ମୁକୁଲ ଚୌଧାରୀ-୩୯, ମିଚେଲ ମାର୍ଶ-୪୦, ରସିଖ ସଲାମ ଦାର-୪/୨୪, ଭୁବନେଶ୍ୱର କୁମାର-୩/୨୭, କୃନାଲ ପାଣ୍ଡ୍ୟା-୨/୩୮)। ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ: ୧୫.୧ ଓଭରରେ ୧୪୯ /୫ (ବିରାଟ କୋହଲି-୪୯, ରଜତ ପଟିଦାର-୨୭, ପ୍ରିନ୍ସ ଯାଦବ-୩/୩୨, ଆଭେଶ ଖାନ-୨/୨୩)।

### ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ)
ମୁମ୍ବାଇ
ବନାମ ପଞ୍ଜାବ
ସ୍ଥାନ: ମୁମ୍ବାଇ
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବାତିଲ | ପଏଣ୍ଟ | ରନ ହାର |
|---|---|---|---|---|---|---|
| ରୟାଲ ଚ୍ୟାଲେଞ୍ଜର୍ସ | ୫ | ୪ | ୧ | ୦ | ୮ | +୧.୫୦୩ |
| ରାଜସ୍ଥାନ ରୟାଲ୍ସ | ୫ | ୪ | ୧ | ୦ | ୮ | +୦.୮୮୯ |
| ପଞ୍ଜାବ କିଙ୍ଗ୍ସ | ୪ | ୩ | ୦ | ୧ | ୭ | +୦.୭୨୦ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୫ | ୨ | ୩ | ୦ | ୪ | +୦.୫୭୬ |
| ଦିଲ୍ଲୀ କ୍ୟାପିଟାଲ୍ସ | ୪ | ୨ | ୨ | ୦ | ୪ | +୦.୩୨୨ |
| ଗୁଜରାଟ ଟାଇଟନ୍ସ | ୪ | ୨ | ୨ | ୦ | ୪ | -୦.୦୨୯ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୫ | ୨ | ୩ | ୦ | ୪ | -୦.୮୦୪ |
| ଚେନ୍ନାଇ ସୁପର କିଙ୍ଗ୍ସ | ୫ | ୨ | ୩ | ୦ | ୪ | -୦.୮୪୬ |
| ମୁମ୍ବାଇ ଇଣ୍ଡିଆନ୍ସ | ୪ | ୧ | ୩ | ୦ | ୨ | -୦.୭୭୨ |
| ନାଇଟ ରାଇଡର୍ସ | ୫ | ୦ | ୪ | ୧ | ୧ | -୧.୩୮୫ |

## ସିବିଆଇର ସ୍ୱତନ୍ତ୍ର ନିର୍ଦ୍ଦେଶକଙ୍କୁ ଭେଟିଲେ ୱାଡା ମୁଖ୍ୟ

**ନୂଆଦିଲ୍ଲୀ,୧୫।୪(ପି.ଟି.)**

ଭାରତ ଗସ୍ତରେ ଥିବା ୱାର୍ଲ୍ଡ ଆଣ୍ଟି-ଡୋପିଂ ଏଜେନ୍ସି(ୱାଡା) ସଭାପତି ୱିଟୋଲ୍ଡ ବାଙ୍କା ବୁଧବାର ସିବିଆଇର ସ୍ୱତନ୍ତ୍ର ନିର୍ଦ୍ଦେଶକ ମନୋଜ ଶଶିଧରଙ୍କୁ ଭେଟିଛନ୍ତି। ଏହି ଅବସରରେ ସଂଗଠିତ ଡୋପିଂ ଓ ଏହା ପଛରେ ଥିବା ଆପରାଧିକ ନେଟ୍‌ୱର୍କ ଭଳି ସମସ୍ୟାର ମୁକାବିଲା ଲାଗି ସହଯୋଗ ସମ୍ପର୍କରେ ଆଲୋଚନା ହୋଇଛି। ଏ ନେଇ ବାଙ୍କା ଏକ୍ସ'ରେ ପୋଷ୍ଟ ଜରିଆରେ ସୂଚନା ଦେଇଛନ୍ତି। ଭାରତରେ ଖେଳର ଅଖଣ୍ଡତାକୁ ସୁରକ୍ଷିତ ରଖିବା ପାଇଁ ଜରୁରୀ ଓ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଲାଗି ବାଙ୍କା ଗତ ସୋମବାର ନ୍ୟାଶନାଲ ଆଣ୍ଟି-ଡୋପିଂ ଏଜେନ୍ସି(ନାଡା) ଅଧିକାରୀଙ୍କୁ ଭେଟିଥିଲେ। ଗୁରୁବାର ହେବାକୁ ଥିବା ଖବରଦାତା ସମ୍ମିଳନୀରେ ବାଙ୍କା ଡୋପିଂରେ ଭାରତର ନୈରାଶ୍ୟଜନକ ପ୍ରଦର୍ଶନ ସମ୍ପର୍କରେ ପ୍ରକାଶ କରିବେ ବୋଲି ଆଶା କରାଯାଉଛି।

## ନାଡାର ଆର୍‌ଟିପିରେ ଅଭିଷେକ, ଅକ୍ଷର

**ନୂଆଦିଲ୍ଲୀ,୧୫।୪(ପି.ଟି.)**

ଭାରତର ଟି୨୦ ବିଶ୍ୱକପ୍ ବିଜୟୀ ଦଳର ଷ୍ଟାର ଅଭିଷେକ ଶର୍ମା ଓ ଅକ୍ଷର ପଟେଲଙ୍କୁ ଚଳିତ ବର୍ଷର ଦ୍ୱିତୀୟ କ୍ୱାର୍ଟରରେ ନ୍ୟାଶନାଲ ଆଣ୍ଟି-ଡୋପିଂ ଏଜେନ୍ସି (ନାଡା)ର ରେଜିଷ୍ଟର୍ଡ ଟେଷ୍ଟିଂ ପୁଲ୍(ଆର୍‌ଟିପି)ରେ ସାମିଲ କରାଯାଇଛି। ଏହି ତାଲିକାରେ ମୋଟ ୩୪୮ ଆଥଲେଟ୍ ସ୍ଥାନ ପାଇଛନ୍ତି। ଅଭିଷେକ ଓ ଅକ୍ଷରଙ୍କୁ ତାଲିକାରେ ସ୍ମୃତି ମନ୍ଧାନା ଓ ଶ୍ରେୟସ ଆୟାରଙ୍କ ସ୍ଥାନରେ ସାମିଲ କରାଯାଇଛି। ଏହି ତାଲିକାରେ ସ୍ଥାନ ପାଇଥିବା ଖେଳାଳିଙ୍କୁ ନାଡା ସହ ସେମାନଙ୍କ ରହିବା ସ୍ଥାନ ବା ହୋୟାର ଏ ବାଉଟ୍ସ ଶେୟାର କରିବାକୁ ହୁଏ ଏବଂ ପ୍ରତ୍ୟେକ ଦିନ ଏକ ନିର୍ଦ୍ଦିଷ୍ଟ ସମୟରେ ଟେଷ୍ଟିଂ ଲାଗି ଉପଲବ୍ଧ ରହିବାକୁ ପଡ଼ିବ। ୩ ଥର ହୋୟାର ଏ ବାଉଟ୍ସ ଶେୟାର କରିବାରେ ବିଫଳତାକୁ ଡୋପିଂ ଉଲ୍ଲଂଘନ ବିବେଚନା କରାଯାଏ। ଆର୍‌ଟିପି ତାଲିକାରେ ସ୍ଥାନ ପାଇଥିବା ଅନ୍ୟ କ୍ରିକେଟରଙ୍କ ନାମରେ କୌଣସି ପରିବର୍ତ୍ତନ ହୋଇନାହିଁ। ଏଥିରେ ଟେଷ୍ଟ ଓ ଦିନିକିଆ ଅଧିନାୟକ ଶୁବମନ ଗିଲ୍, ଯଶସ୍ୱୀ ଜୟସ୍ୱାଲ, ହାର୍ଦ୍ଦିକ ପାଣ୍ଡ୍ୟା, ରିଷଭ ପନ୍ତ, ଯଶପ୍ରୀତ ବୁମ୍‌ରା, ଲୋକେଶ ରାହୁଲ, ଅର୍ଶଦୀପ ସିଂ ଓ ତିଳକ ବର୍ମା ରହିଛନ୍ତି।

## ଜିମ୍ନାଷ୍ଟିକ୍ସ ଏଚ୍‌ପିସିରେ ଏଲିଟ୍ କୋଚିଂ ପ୍ରୋଗ୍ରାମ

**ଭୁବନେଶ୍ୱର, ୧୫।୪(ତପନ ସ୍ୱାଇଁ)**

ସମଗ୍ର ଏସିଆରେ ଜିମ୍ନାଷ୍ଟିକ୍ସ କୋଚିଂ ମାନକୁ ଉନ୍ନତ କରିବା ପାଇଁ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ହାଇପରଫର୍ମାନ୍ସ ସେଣ୍ଟର (ଏଚ୍‌ପିସି) ପକ୍ଷରୁ କଳିଙ୍ଗ ଷ୍ଟାଡିୟମରେ ବିଶ୍ୱ ଜିମ୍ନାଷ୍ଟିକ୍ସ ଏକାଡେମୀ- ଆର୍ଟିଷ୍ଟିକ୍ ଲେଭଲ-୧ ପ୍ରଶିକ୍ଷକ ଶିକ୍ଷା କାର୍ଯ୍ୟକ୍ରମ ଆୟୋଜନ କରିଛି। ପ୍ରଥମଥର ପାଇଁ ଏପରି ଏକ ବିଶ୍ୱସ୍ତରର କୋଚିଂ ପ୍ରୋଗ୍ରାମ କରି ଏଚ୍‌ପିସି ଏକ ମାଇଲଖୁଣ୍ଟ ସ୍ଥାପନ କରିଛି। ୫ ଦିନିଆ କାର୍ଯ୍ୟକ୍ରମରେ ସମଗ୍ର ଏସିଆରୁ ପାଖାପାଖି ୫୦ ପ୍ରଶିକ୍ଷକଙ୍କୁ ଏକତ୍ର କରାଯାଇଥିଲା, ଯେଉଁମାନେ ବିଶ୍ୱ ଜିମ୍ନାଷ୍ଟିକ୍ସ ଦ୍ୱାରା ପରିଚାଳିତ ଅନ୍‌ଲାଇନ୍ ପରୀକ୍ଷା ମାଧ୍ୟମରେ ପାଠ୍ୟକ୍ରମ ପାଇଁ ମନୋନୀତ ହୋଇଥିଲେ। ଓଡ଼ିଶାରୁ ମନୋନୀତ ୯ ପ୍ରଶିକ୍ଷକଙ୍କ ମଧ୍ୟରୁ ୫ ଜଣ ଅଙ୍କିତା ବୈଦ୍ୟ, ମୋହିତ ମାନରୋ, ବରିନ୍ଦ୍ରିତା ରାୟ, ସଚିନ ଶର୍ମା ଏବଂ ପାରେଶ୍ୱର ପୁଷ୍ଟାଳକ ହେଉଛନ୍ତି ଜିମ୍ନାଷ୍ଟିକ୍ସ ହାଇପରଫର୍ମାନ୍ସ ସେଣ୍ଟରର। ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତ ଏଫ୍‌ଆଇଜି ଏକାଡେମୀ ବିଶେଷଜ୍ଞ ଫ୍ରାନ୍ସର ପୁରୁଷ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ବିଶେଷଜ୍ଞ ଡାମିଏନ୍ ମିଲୋଟ୍ (କୋର୍ସ ଲିଡର), ବେଲ୍‌ଜିୟମର ଜୋନାଥନ୍ ମାର୍ଟିନ୍‌ଙ୍କ ସହିତ ପୋଲାଣ୍ଡର ମହିଳା ଆର୍ଟିଷ୍ଟିକ ଜିମ୍ନାଷ୍ଟିକ୍ସ ବିଶେଷଜ୍ଞ ଆଣ୍ଡ୍ରେ ଲେଭିଟ୍ ଏବଂ ଆର୍ଜେଣ୍ଟିନାର ମୋନିକା କାଲାବ୍ରୋ ଏହି ପ୍ରୋଗ୍ରାମର ନେତୃତ୍ୱ ନେଇଥିଲେ। ଏଚ୍‌ପିସିର ସମସ୍ତ ୫ ପ୍ରଶିକ୍ଷକ ଲେଭଲ-୧ ପ୍ରମାଣପତ୍ର କାର୍ଯ୍ୟକ୍ରମକୁ ସଫଳତାର ସହିତ ସମାପ୍ତ କରିଛନ୍ତି।

## ରାହାନେଙ୍କୁ ଜରିମାନା

**ଚେନ୍ନାଇ,୧୫।୪(ପି.ଟି.)**

ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ବିପକ୍ଷରେ ମଙ୍ଗଳବାର ଖେଳାଯାଇଥିବା ଆଇପିଏଲ୍ ମ୍ୟାଚ୍‌ରେ ଧିମା ବୋଲିଂହାର ପାଇଁ କୋଲ୍‌କାତା ନାଇଟ୍ ରାଇଡର୍ସ (କେକେଆର୍) ଅଧିନାୟକ ଅଜିଙ୍କ୍ୟ ରାହାନେଙ୍କୁ ୧୨ ଲକ୍ଷ ଟଙ୍କାର ଜରିମାନା କରାଯାଇଛି। ଚଳିତ ସିଜନରେ ଏହା ଦଳର ପ୍ରଥମ ତ୍ରୁଟି ହୋଇଥିବାରୁ କେବଳ ଅଧିନାୟକ ରାହାନେଙ୍କୁ ଆଇପିଏଲ୍ କୋଡ୍ ଅଫ୍ କଣ୍ଡକ୍ଟର ଧାରା ୨.୨୨ ଅନୁଯାୟୀ ଦଣ୍ଡିତ କରାଯାଇଛି। ସିଏସ୍‌କେଠାରୁ ୩୨ ରନ୍‌ରେ ପରାସ୍ତ ହୋଇଥିବା କେକେଆର୍ ପଏଣ୍ଟ ଟେବୁଲର ଅନ୍ତିମ ସ୍ଥାନରେ ରହିଛି। କେକେଆର୍ ଆସନ୍ତା ଶୁକ୍ରବାର ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ଗୁଜରାଟ ଟାଇଟନ୍ସକୁ ଭେଟିବ।

## ତନ୍ମୟଙ୍କ ଘାତକ ସ୍ପେଲ ; ବାଲେଶ୍ୱର ବିଜୟୀ

**କଟକ,୧୫।୪(କୁମାରଶ୍ରୀ)**

### ୧୬ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ

ଓସିଏ ଆନୁକୂଲ୍ୟରେ ୧୬ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ କଟକ ଏବଂ ଭୁବନେଶ୍ୱରର ବିଭିନ୍ନ ଗ୍ରାଉଣ୍ଡରେ ଜାରି ରହିଛି। ରେଭେନ୍ସା ଗ୍ରାଉଣ୍ଡ-୨ରେ ମଙ୍ଗଳବାର ଅନୁଷ୍ଠିତ ଏକ ଲୋସ୍କୋରିଂ ମ୍ୟାଚ୍‌ରେ ବାଲେଶ୍ୱର ୪୭ ରନ୍‌ରେ ସମ୍ବଲପୁର-ଏ'କୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ବାଲେଶ୍ୱର ମାତ୍ର ୯୨ ରନ୍‌ରେ ଅଲ୍‌ଆଉଟ ହୋଇଥିଲା। ତନ୍ମୟ ପାଢ଼ୀ ସର୍ବାଧିକ ୨୨ ରନ୍ କରିଥିବା ବେଳେ ସମ୍ବଲପୁର-ଏ' ପକ୍ଷରୁ ରେଶବ ଶର୍ମା ୧୯ ରନ୍ ବିନିମୟରେ ୪ଟି ଉଇକେଟ ଅକ୍ତିଆର କରିଥିଲେ। ତେବେ ମାତ୍ର ୯୩ ରନ୍‌ର ବିଜୟଲକ୍ଷ୍ୟକୁ ପିଛା କରୁଥିବା ସମ୍ବଲପୁର-ଏ' ବାଲେଶ୍ୱରର ଡାହାଣହାତୀ ସ୍ପିନର ତନ୍ମୟ ପାଢ଼ୀଙ୍କ ଘାତକ ସ୍ପେଲ୍‌ରେ ଧରାଶାୟୀ ହୋଇଥିଲା। ଦଳ ସମସ୍ତ ଉଇକେଟ ହରାଇ ମାତ୍ର ୪୫ ରନ୍ କରିବାକୁ ସକ୍ଷମ ହୋଇଥିଲା। ତନ୍ମୟ ୮.୫ ଓଭର ବୋଲିଂ କରି ୮ ରନ୍ ବିନିମୟରେ ୫ଟି ଉଇକେଟ ଅକ୍ତିଆରକରି ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ମଙ୍ଗଳବାର ଖେଳାଯାଇଥିବା ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ସୁନ୍ଦରଗଡ଼ ୯ ଉଇକେଟରେ ଅନୁଗୋଳକୁ, ଗଞ୍ଜାମ ୨୧୨ ରନ୍‌ରେ ମୟୂରଭଞ୍ଜକୁ, କଟକ-ଏ' ୨୫୦ ରନ୍‌ରେ ମାଲକାନଗିରିକୁ, ଯାଜପୁର ୧୩୨ ରନ୍‌ରେ କୋରାପୁଟକୁ ଏବଂ ନବରଙ୍ଗପୁର ୩ ଉଇକେଟରେ ବୌଦ୍ଧକୁ ହରାଇଛି।


ତନ୍ମୟ ପାଢ଼ୀ

## ବୈଶାଳୀ ଜିତିଲେ କ୍ୟାଣ୍ଡିଡେଟ୍ସ ଚେସ୍ ଟାଇଟଲ

**ପାଫୋସ (ସାଇପ୍ରସ), ୧୫।୪(ପି.ଟି.)**

ଭାରତୀୟ ଚେସ୍‌ର ଅନ୍ୟତମ ସଫଳ ନାୟିକା ଆର. ବୈଶାଳୀ ନିଜ ସଫଳ କ୍ୟାରିୟରରେ ଆଉ ଏକପାଦ ଆଗକୁ ବଢ଼ିଛନ୍ତି। ଚାପ ସ୍ଥିତିରେ ମନକୁ ଶାନ୍ତ ରଖି ସେ ସଫଳ ପ୍ରତ୍ୟାବର୍ତ୍ତନ କରିବା ସହ ସେ ମହିଳା କ୍ୟାଣ୍ଡିଡେଟ୍ସ ମାଷ୍ଟର ଟାଇଟଲ ହାସଲ କରିଛନ୍ତି। ବୁଧବାର ଅନୁଷ୍ଠିତ ପ୍ରତିଯୋଗିତାର ଅନ୍ତିମ ରାଉଣ୍ଡରେ ସେ କାଟରିନା ଲଗ୍ନୋଙ୍କୁ ପରାସ୍ତ କରି ଏହି ସଫଳତା ପାଇଛନ୍ତି। ପୂର୍ବରୁ ସାନଭାଇ ଆର. ପ୍ରଜ୍ଞାନନ୍ଦଙ୍କ ସଫଳତାରେ ପରିଚିତ ହେଉଥିବା ବୈଶାଳୀ ଏବେ ନିଜପାଇଁ ସ୍ୱତନ୍ତ୍ର ପଥ ପ୍ରସ୍ତୁତ କରିଛନ୍ତି। ଚଳିତ ବର୍ଷ ଶେଷ ଭାଗରେ ହେବାକୁଥିବା ମହିଳା ଚେସ୍‌ର ସବୁଠାରୁ ବଡ଼ ପ୍ରତିଯୋଗିତା ବିଶ୍ୱ ଚାମ୍ପିୟନଶିପ୍‌ରେ ସେ ଚାଇନାର ଜୁ ୱେନଜୁନଙ୍କୁ ଭେଟିବେ। ଭାରତରେ ମହିଳା ଚେସ୍‌କୁ ଏକ ନୂଆ ପରିଚୟ ଦେଇଥିଲେ କୋନେରୁ ହମ୍ପି। ବୈଶାଳୀ କ୍ୟାଣ୍ଡିଡେଟ୍ସ ଟୁର୍ଣ୍ଣାମେଣ୍ଟରେ ମୋଟ ୮.୫ ପଏଣ୍ଟ ହାସଲ କରି ତାଙ୍କ ପଦାଙ୍କ ଅନୁସରଣ କରିଛନ୍ତି। ପୂର୍ବରୁ ଓପନ ବର୍ଗରେ ଉଜବେକିସ୍ତାନର ଜାଭୋଖିର ସିଣ୍ଡାରୋଭ କ୍ୟାଣ୍ଡିଡେଟ୍ସ ଟାଇଟଲ ହାସଲ କରି ସାରିଛନ୍ତି। ସେ ବିଶ୍ୱ ଚାମ୍ପିୟନଶିପ୍‌ରେ ବର୍ତ୍ତମାନର ବିଶ୍ୱ ଚାମ୍ପିୟନ ଭାରତର ଡି. ଗୁକେଶଙ୍କ ଚ୍ୟାଲେଞ୍ଜର ହେବେ।

ମହିଳା ବର୍ଗରେ ଆର. ବୈଶାଳୀଙ୍କ ପଛକୁ ୮ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛନ୍ତି କାଜାଖସ୍ତାନର ବିବିସାରା ଆସୁଆବାୟେଭା। ଚାଇନାର ଝୁ ଜିନେର ୭ ପଏଣ୍ଟ ସହିତ ତୃତୀୟ ସ୍ଥାନରେ ରହିଛନ୍ତି। ପ୍ରତିଯୋଗିତାରେ ଭାଗ ନେଇଥିବା ଅନ୍ୟତମ ଭାରତୀୟ ଦିବ୍ୟା ଦେଶମୁଖ ୬ ପଏଣ୍ଟ ସହିତ ଅଭିଯାନ ଶେଷ କରିଛନ୍ତି।

### ବିଶ୍ୱ ଚାମ୍ପିୟନଶିପ୍‌ରେ ୱେନଜୁନଙ୍କୁ ଭେଟିବେ


କ୍ୟାଣ୍ଡିଡେଟ୍ସ ଚେସ୍ ଟାଇଟଲ ବିଜୟିନୀ ଆର. ବୈଶାଳୀ।

## ହ୍ୟାଣ୍ଡବଲ କୋଚ୍ ଗୌରୀଶଙ୍କର ସମ୍ମାନିତ


ଗୌରୀଶଙ୍କର ମିଶ୍ର (ଡାହାଣ)।

**ଭୁବନେଶ୍ୱର, ୧୫।୪(ତପନ ସ୍ୱାଇଁ)**

ଲକ୍ଷ୍ନୌରେ ଅନୁଷ୍ଠିତ ଉତ୍ତରପ୍ରଦେଶ ପ୍ରୋ ହ୍ୟାଣ୍ଡବଲ ଲିଗ୍‌ର ପ୍ରଥମ ସଂସ୍କରଣ ଅବସରରେ ଓଡ଼ିଶାର ପ୍ରଥମ ଅନ୍ତର୍ଜାତୀୟ କୋଚ୍ ଗୌରୀଶଙ୍କର ମିଶ୍ରଙ୍କୁ ସମ୍ମାନିତ କରାଯାଇଛି। ଉତ୍ତରପ୍ରଦେଶ ପ୍ରୋ ହ୍ୟାଣ୍ଡବଲ ଲିଗ୍ ପ୍ରତିଷ୍ଠାତା ସିଇଓ ଅମିତ କିସାନ ପାଣ୍ଡେ ଫଳକ ଦେଇ ଗୌରୀଶଙ୍କରଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ସୂଚନା ଯେ, ପ୍ରତିଯୋଗିତାର ଫାଇନାଲରେ ଗୋରଖପୁରକୁ ୧୦-୦ରେ ହରାଇ ମଥୁରା ବ୍ରିଜ୍‌ଷ୍ଟର ଚାମ୍ପିୟନ ହୋଇଛି। ଉତ୍ତରପ୍ରଦେଶ ପ୍ରୋ-ହ୍ୟାଣ୍ଡବଲ ଲିଗ୍‌ରେ ଗୌରୀଶଙ୍କର ଟେକ୍ନିକାଲ ଅଫିସର ନିଯୁକ୍ତ ହୋଇଥିଲେ। ଗତମାସରେ ଉଜ୍‌ବେକିସ୍ତାନର ସମରକାନ୍ଦରେ ଅନୁଷ୍ଠିତ ସେଣ୍ଟ୍ରାଲ ଏସିଆନ୍ ହ୍ୟାଣ୍ଡବଲ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ୍ ପଦକ ବିଜୟୀ ଭାରତୀୟ ଦଳର ସେ କୋଚ୍ ଥିଲେ।

## ବ୍ୟାଡ୍‌ମିଣ୍ଟନ ଷ୍ଟାର ଆକ୍ସେଲସେନ୍‌ଙ୍କ ଅବସର

**ନୂଆଦିଲ୍ଲୀ,୧୫।୪(ପି.ଟି.)**

ଦୁଇଥରର ଅଲିମ୍ପିକ୍ ଓ ୱାର୍ଲ୍ଡ ଚାମ୍ପିୟନ ଡେନ୍‌ମାର୍କର ମହାନ୍ ବ୍ୟାଡ୍‌ମିଣ୍ଟନ ଖେଳାଳି ଭିକ୍ଟର ଆକ୍ସେଲସେନ୍ ବୁଧବାର ଅବସର ଘୋଷଣା କରିଛନ୍ତି। ବାରମ୍ବାର ଆହତ ସମସ୍ୟାର ସମ୍ମୁଖୀନ ହେବା କାରଣରୁ ସେ ଏଭଳି ନିଷ୍ପତ୍ତି ନେଇଛନ୍ତି। ଏହି ୩୨ ବର୍ଷୀୟ ଶଟଲର ଗତବର୍ଷ ଅକ୍ଟୋବରଠାରୁ ଅଣ୍ଟାଜନିତ ସମସ୍ୟା କାରଣରୁ କୋର୍ଟରୁ ଦୂରେଇ ରହିଛନ୍ତି। ଅଣ୍ଟା ସମସ୍ୟାରୁ ମୁକୁଳିବା ପାଇଁ ତାଙ୍କୁ ଅସ୍ତ୍ରୋପଚାରର ସମ୍ମୁଖୀନ ହେବାକୁ ପଡ଼ିଥିଲା।

ସଭିଙ୍କୁ ଜଣା ଯେ, ମୁଁ ଦୀର୍ଘଦିନ ହେଲା ଅଣ୍ଟା ସମସ୍ୟା ଦେଇ ଗତି କରୁଛି। ଗତ ଏପ୍ରିଲରେ ସର୍ଜରି ପରେ ମୁଁ ଲମ୍ବା ରେହାବିଲିଟେଶନ ପ୍ରକ୍ରିୟାର ସମ୍ମୁଖୀନ ହୋଇଥିଲି। ଦୁର୍ଭାଗ୍ୟବଶତଃ, ଗତ ଅକ୍ଟୋବରରେ ମୋ ପ୍ରଦର୍ଶନ ନୈରାଶ୍ୟଜନକ ରହିଥିଲା। ସେହି ଟୁର୍ଣ୍ଣାମେଣ୍ଟ ପରେ ମୁଁ ନା ଆବଶ୍ୟକ ସ୍ତରରେ ଟ୍ରେନିଂ କରିପାରୁଛି ନା ଖେଳିପାରୁଛି। ଯନ୍ତ୍ରଣା କାରଣରୁ ଟ୍ରେନିଂ କରିବା ସମ୍ଭବ ହେଉନାହିଁ। ଏଥିଯୋଗୁ ମୋତେ ବାଧ୍ୟହୋଇ ଅତ୍ୟନ୍ତ କଷ୍ଟକର ନିଷ୍ପତ୍ତି ନେବାକୁ ପଡୁଛି। ଗତବର୍ଷ ସର୍ଜରି କରିଥିବା ଡାକ୍ତର ଓ ମୋ ସହ କାମ କରୁଥିବା ଡାକ୍ତରଙ୍କ ପରାମର୍ଶ ପରେ ମୁଁ ଏହି ନିଷ୍ପତ୍ତି ନେଇଛି ବୋଲି ଆକ୍ସେଲସେନ୍ କହିଛନ୍ତି। ସେ ତାଙ୍କ କ୍ୟାରିୟରରେ ୧୮୩ ସପ୍ତାହ ଧରି ୱାର୍ଲ୍ଡ ନଂ.୧ ରହିଥିଲେ, ଯାହାକି ସର୍ବକାଳୀନ ତୃତୀୟ ସର୍ବାଧିକ। କ୍ୟାରିୟରରେ ଆଜମା ସହ ସଂଘର୍ଷ କରିଥିବା ଆକ୍ସେଲସେନ ଟୋକିଓ ଓ ପ୍ୟାରିସ୍ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିବା ସହ ୨୦୧୭ ଓ ୨୦୨୨ ୱାର୍ଲ୍ଡ ଚାମ୍ପିୟନଶିପ୍‌ରେ ଶୀର୍ଷ ସ୍ଥାନ ଅଧିକାର କରିଥିଲେ।


ଭିକ୍ଟର ଆକ୍ସେଲସେନ୍

### ବ୍ୟାଡ୍‌ମିଣ୍ଟନ ତୁମକୁ ସର୍ବକାଳୀନ ମହାନ୍ ଖେଳାଳି ଭାବେ ମନେରଖିବ

ଆକ୍ସେଲସେନ୍‌ଙ୍କ ଅବସର ଘୋଷଣା ପରେ ଭାରତୀୟ ଶଟଲର ଲକ୍ଷ୍ୟ ସେନ୍ ସୋସିଆଲ ମିଡିଆରେ ଏକ ଭାବବିହ୍ୱଳ ପୋଷ୍ଟ କରିଛନ୍ତି। 'ତୁମକୁ ପାଇ ବ୍ୟାଡ୍‌ମିଣ୍ଟନ ଭାଗ୍ୟବାନ୍ ଓ ଏହା ତୁମକୁ ସର୍ବକାଳୀନ ମହାନ୍ ଖେଳାଳି ଭାବେ ମନେରଖିବ। କିନ୍ତୁ ତୁମକୁ ତୁମ ଚାମ୍ପିୟନଶିପ୍ ନୁହେଁ, ବରଂ ତୁମ ବ୍ୟକ୍ତିତ୍ୱ ଅନ୍ୟମାନଙ୍କଠାରୁ ଭିନ୍ନ କରୁଛି, ଯାହାକି ମ୍ୟାଚ୍ ଓ ପଦକଠାରୁ ଊର୍ଦ୍ଧ୍ୱରେ' ବୋଲି ଲକ୍ଷ୍ୟ ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରିଛନ୍ତି।


4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ